ବର୍ଷ-୪୮ : ସଂଖ୍ୟା-୧୦ ଅକ୍ଟୋବର, ୨୦୧୭ ♦ ପନ୍ଦର ଟଙ୍କା

# ନବପ୍ରକାଶ

ଶ୍ରୀଅରବିନ୍ଦଙ୍କ ଅତିମାନସ ସତ୍ୟ-ଆଧାରିତ ଶିଶୁ, ଛାତ୍ର ଓ ଯୁବ-ଜୀବନର
ସର୍ବାଙ୍ଗୀଣ ବିକାଶର ବାର୍ତ୍ତାବହ ମାସିକ ପତ୍ରିକା

ନବଜ୍ୟୋତି କାର୍ଯ୍ୟାଳୟ, ପବ୍ଲିକେସନ୍ ଡିପାର୍ଟ୍‌ମେଣ୍ଟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ–୨

# ଏ ସଂଖ୍ୟାର ଲେଖା ଓ ଲେଖକ

ନବପ୍ରକାଶ • ଅକ୍ଟୋବର, ୨୦୧୭


| | | | | |
|---|---|---|---|---|
| ଏକମାତ୍ର ସତ୍ୟ | ... | ... | ... | ୩ |
| ପ୍ରାର୍ଥନା | ... | ଶ୍ରୀମା | ... | ୪ |
| ମାତୃବାଣୀ | ... | ଶ୍ରୀମା | ... | ୭ |
| ମନ୍ତ୍ରମୟୀ ସାବିତ୍ରୀ | ... | ଶ୍ରୀଅରବିନ୍ଦ | ... | ୮ |
| ଏକମାତ୍ର ପଥ | ... | ଶ୍ରୀମା | ... | ୯ |
| ଶ୍ରୀଅରବିନ୍ଦ : ମହାଯୋଗୀଙ୍କ ଜୀବନ ଏବଂ ଯୁଗ (ପରିଚ୍ଛେଦ : ୫୯) ଭୀଷଣ ପଥର ଯାତ୍ରୀ (୨) | ... | ମନୋଜ ଦାସ | ... | ୧୦ |
| ଅତିମାନସର ସାଧନଚୟ (୧) | ... | ପୂର୍ଣ୍ଣଚନ୍ଦ୍ର ମହାପାତ୍ର | ... | ୧୩ |
| ବିବର୍ତ୍ତନରେ ଯୁଗ-ସନ୍ଧି (୧) | ... | ନଳିନୀକାନ୍ତ ଗୁପ୍ତ | ... | ୧୭ |
| ଧ୍ୟାନ (୧୦) | ... | ମାଧବ ପଣ୍ଡିତ | ... | ୨୦ |
| ପଣ୍ଡିଚେରୀରେ ଶ୍ରୀଅରବିନ୍ଦ (୫୭) | ... | ... | ... | ୨୨ |
| ସମୁଦ୍ର ନିଧନ ଅଭିଯାନ | ... | ... | ... | ୨୫ |
| ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା (୧୨) | ... | ମହେନ୍ଦ୍ର ନାଥ ସ୍ୱାଇଁ | ... | ୨୭ |
| ଆଦର୍ଶ ମାତାପିତା (୧୧) | ... | ଶ୍ରୀମା | ... | ୩୦ |
| ପ୍ରତିଭୂ ସେ ଦିବ୍ୟଜନନୀର (କବିତା) | ... | ଧର୍ମ କୁମାର ଶତପଥୀ | ... | ୩୨ |
| ଶ୍ରୀକୃଷ୍ଣ କାହାଣୀ (୨) | ... | ମନୋଜ ଦାସ | ... | ୩୩ |
| ଶ୍ରୀଅରବିନ୍ଦଙ୍କ ପତ୍ର ସମ୍ପଦ (୪୨) | ... | ସାହାନା ଦେବୀ | ... | ୩୬ |
| ନିରାମୟତାର ଶକ୍ତି ସଞ୍ଚାରକ – ମନ୍ତ୍ର (୧) | ... | ସୂର୍ଯ୍ୟକାନ୍ତି ମହାନ୍ତି | ... | ୩୭ |
| ଜାପାନରେ ଶ୍ରୀମାଙ୍କ ଆଗମନୀର ଶତବାର୍ଷିକୀ ସମ୍ବତ୍ସର ପାଳନ | ... | ଜ୍ୟୋତ୍ସ୍ନା ପଟ୍ଟନାୟକ | ... | ୪୦ |
| ଗଙ୍ଗାଧର (୫) | ... | ... | ... | ୪୪ |
| ଆମ ସ୍ୱାସ୍ଥ୍ୟ (୨୫) | ... | ଭୋଳେଶ୍ୱର ଭୂୟାଁ | ... | ୪୬ |
| ମୁକ୍ତ-ପ୍ରଗତି-ଭିତ୍ତିକ ଶିକ୍ଷା | ... | ... | ... | ୪୯ |
| ସମର୍ପଣ (କବିତା) | ... | ହୃଷୀକେଶ ପଣ୍ଡା | ... | ୫୨ |
| ନୂଆ ହେବାର ବେଳାରେ (କବିତା) | ... | ଯଦୁନନ୍ଦନ ସାମଲ | ... | ୫୨ |
| ମହାନନ୍ଦର ପରିମାପ | ... | ଆର୍ତ୍ତତ୍ରାଣ ମିଶ୍ର | ... | ୫୩ |
| ଜିଜ୍ଞାସୁର ପୃଷ୍ଠା | ... | ରାମକୃଷ୍ଣ ଦାସ | ... | ୫୪ |
| ଆସ ସତ୍ୟକୁ ଖୋଜିବା (କବିତା) | ... | ଦୀପ୍ତି ମିଶ୍ର | ... | ୫୬ |
| ୨୦୧୭ ପାଇଁ ସୀତା ଓ ସକ୍ରେଟିସ୍‌ଙ୍କ ଚେତାବନୀ ! | ... | ମନୋଜ ଦାସ | ... | ୫୭ |


❖




# ଏକମାତ୍ର ସତ୍ୟ

**– ଶ୍ରୀମା**



ସତ୍ୟକଥନ ଆମ ମନକୁ ପରିଚ୍ଛନ୍ନ ରଖେ, ସଚେତନ ତଥା ଅଚେତନ ଗ୍ଲାନିବୋଧରୁ ମୁକ୍ତ ରଖେ –ଯାହା ଫଳରେ ଆମ ଆଚରଣ ଓ ଉଚ୍ଚାରଣ ସମେତ ସମଗ୍ର ଜୀବନ-ଶୈଳୀରେ ସ୍ୱସ୍ତି ବିରାଜମାନ କରେ – ଏହା ତତ୍ତ୍ୱ ଭାବରେ ଆମକୁ ଜଣା ।

ନିକଟ ଅତୀତରେ ମନସ୍ତାତ୍ତ୍ୱିକ ଗବେଷଣା ଆହୁରି ଆଗକୁ ବଢ଼ି ପ୍ରତିପାଦିତ କରିଛି ଏକ ନୂତନ ତଥ୍ୟ : ଯେଉଁମାନେ ମିଥ୍ୟା ବଚନରୁ ବିରତ ରହନ୍ତି, ସେମାନଙ୍କଠାରୁ ଅନେକ ପ୍ରକାର ଶାରୀରିକ ବ୍ୟାଧି ମଧ୍ୟ ଦୂରେଇ ରହେ ।

ସତ୍ୟହିଁ ଅମୃତ ତଥା ଅମର । ମିଥ୍ୟା-ନିର୍ଭର ଯାବତୀୟ କର୍ମ ଓ କୌଶଳ ବିଷମୟ ଏବଂ ଅସ୍ଥାୟୀ । ତଥାପି ଆମ ଅଜ୍ଞାନ ଆମକୁ ମିଥ୍ୟା ପ୍ରତି ଆକୃଷ୍ଟ କରିଥାଏ; ଆଶୁ ସଫଳତା ସକାଶେ ଅଥବା ଆମ ଅହଂର ଆପାତ-ତୃପ୍ତି ସକାଶେ ଆମେ ଅସତ୍ୟ ପ୍ରଭାବିତ ହୋଇଥାଉ – କେବେ ଜ୍ଞାତସାରରେ ତ କେବେ ଅଜ୍ଞାତସାରରେ ।

ହେ ଦିବ୍ୟଜନନି ! 'ନବପ୍ରକାଶ' ତା'ର ୪୮ତମ ଜନ୍ମ ଦିବସରେ ତୁମ ସମ୍ମୁଖରେ ପ୍ରଣତ ଓ କରୁଣାପ୍ରାର୍ଥୀ : କ୍ରମାଗତଭାବେ ସତ୍ୟ ପ୍ରତି ଅଧିକରୁ ଅଧିକ ଉନ୍ମୁଖ ହେବାର ପ୍ରେରଣା ଆମେ ଅନୁଭବ କରି ଚାଲିଥିବୁ – ସହସ୍ର ସହସ୍ର ପାଠକଙ୍କ ସହ ପ୍ରକାଶନ ସମ୍ପୃକ୍ତ ସଭିଙ୍କୁ ଦିଅ ଏହି ଆଶୀର୍ବାଦ । ❑

# ପ୍ରାର୍ଥନା

ହେ ଦିବ୍ୟ ପ୍ରଭୁ, ତୁମ ଉପରେ ଅଭିନିବେଶଗତ ପ୍ରଶାନ୍ତ ନିରବତା ଭିତରେ, ପ୍ରକୃତି ସୁରକ୍ଷିତ ଏବଂ ନବ-ବିନ୍ୟସ୍ତ । ବ୍ୟକ୍ତିକୈନ୍ଦ୍ରିକତାର ସମସ୍ତ ନୀତି ଅତିକ୍ରାନ୍ତ, ସେ ନିମଗ୍ନ ତୁମ ଅସୀମତାରେ, ଯାହା ବିନା ବିଭ୍ରାଟମୟତା, ବିନା ବିଶୃଙ୍ଖଳାରେ ସବୁ କ୍ଷେତ୍ରରେ ଏକତାର ଉପଲବ୍ଧି ସମ୍ଭବ କରେ । ଯାହାର ସମନ୍ୱିତ ସଂହତି ଅବ୍ୟାହତ, ଯାହା ପ୍ରଗତିପଥୀ ଏବଂ ଯାହା ଶାଶ୍ୱତ ସ୍ଥିତ, ତାହା ଅଳ୍ପ ଅଳ୍ପ ମାତ୍ରାରେ ପୂର୍ଣ୍ଣତା ପ୍ରାପ୍ତି କରି ଚାଲିଛି, ସର୍ବଦା ଅଧିକ ଜଟିଳ, ଅଧିକ ପ୍ରସାରିତ ଏବଂ ଅଧିକ ମହତ୍ ଭାରସାମ୍ୟତା ମଧ୍ୟରେ । ଏବଂ ଜୀବନର ଏହି ତିନି ଧାରାର ପାରସ୍ପରିକ ବିନିମୟତା ଅଭିପ୍ରକାଶର ପ୍ରାଚୁର୍ଯ୍ୟ ପାଇଁ ସୁଯୋଗ ଦିଏ ।

ଏହି ମୁହୂର୍ତ୍ତରେ ବେଦନା ଓ ଅନିୟମିତତା ଭିତରେ ଅନେକେ ତୁମର ସନ୍ଧାନରେ ବ୍ରତୀ । ମୁଁ ଯେପରି ତୁମ ସମୀପରେ ସେମାନଙ୍କ ମଧ୍ୟସ୍ଥ ହୋଇପାରେଁ – ଯାହା ଦ୍ୱାରା ତୁମ ଆଲୋକ ସେମାନଙ୍କୁ ଦୀପ୍ୟମାନ କରିବ, ତୁମ ଶାନ୍ତି ପରିତୃପ୍ତ କରିବ । ମୋ ସତ୍ତା ବର୍ତ୍ତମାନ କେବଳ ମାତ୍ର ତୁମରି କ୍ରିୟାର ସହାୟତା ନିମନ୍ତେ ବିନ୍ଦୁଟିଏ ଏବଂ ତୁମ ଚେତନାର ଏକ କେନ୍ଦ୍ର । କାହିଁ ବର୍ତ୍ତମାନ ସେହି ସୀମାବଦ୍ଧତା ସବୁ, କୁଆଡ଼େ ପଳାତକ ବାଧାବିଘ୍ନମାନ ? ତୁମେହିଁ ତୁମ ରାଜ୍ୟର ସାର୍ବଭୌମ ପ୍ରଭୁ ।

ଅକ୍ଟୋବର ୫, ୧୯୧୪ — ଶ୍ରୀମା



# ମାତୃବାଣୀ

It is quite certain that to be able to tell the truth without difficulty, it is best always to act in such a way that we have no need to conceal anything we do. And for that, in our actions of every moment, we should remember that we are in the presence of the Divine.

(CWM, Vol. 2 p. 218) – The Mother

ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ ବିନା ଆୟାସରେ ସତ୍ୟ କହିବା ପାଇଁ ସମର୍ଥ ହେବାକୁ ହେଲେ ପ୍ରକୃଷ୍ଟ ପନ୍ଥା ହେଉଛି ଯେ ଆମେ ସବୁବେଳେ ଏପରି କାର୍ଯ୍ୟ କରୁଥିବା, ଯେଉଁଥିରେ କି ଆମର କୌଣସି କାମକୁ ଗୋପନ କରି ରଖିବା ଲାଗି ଆଦୌ କିଛି ପ୍ରୟୋଜନହିଁ ନଥିବ । ଏବଂ ସେଥିଲାଗି, ଆମକୁ ପ୍ରତିଟି ମୁହୂର୍ତ୍ତର କାର୍ଯ୍ୟକ୍ରମ ମଧ୍ୟରେ ନିରନ୍ତର ମନେ ରଖିବାକୁ ପଡ଼ିବ ଯେ ଆମେ ପରମ ଦିବ୍ୟସତ୍ତାଙ୍କର ଦୃଷ୍ଟି ସମକ୍ଷରେହିଁ ଉପସ୍ଥିତ ରହିଛୁ ।

– ଶ୍ରୀମା



# ମନ୍ତ୍ରମୟୀ ସାବିତ୍ରୀ

## ଦ୍ୱିତୀୟ ପର୍ବ : ସପ୍ତମ ସର୍ଗ, ମହା-ରାତ୍ରି ମଧ୍ୟକୁ ଅବତରଣ

## (The Descent into Night)

(୬୬)

**ଶ୍ରୀଅରବିନ୍ଦ**

Too sweet and too harmonious to excite
In this regime that soiled the being's core,
Beauty was banned, the heart's feeling dulled to sleep
And cherished in their place sensation's thrills;
The world was probed for jets of sense-appeal.

ଏହି ରାଜ୍ୟର ଶାସନ ପଦ୍ଧତି, ଯାହା ସତ୍ତାର ମର୍ମସ୍ଥଳକୁ କଳୁଷିତ କରି ପକାଉଥିଲା, ତା' ଭିତରେ ଅତ୍ୟନ୍ତ ମଧୁର ଓ ଅତୀବ ସୁସମଞ୍ଜସ ଭାବ ମଧ୍ୟ ଉଦ୍ଦୀପନା ଆଣିଦେବାକୁ ଅସମର୍ଥ ଥିଲା । ସୌନ୍ଦର୍ଯ୍ୟ ସେଠାରେ ନିଷିଦ୍ଧ ହୋଇ ରହିଥିଲା, ହୃଦୟର ଅନୁଭବ ନିସ୍ତେଜ ପାଲଟି ଘୋର ନିଦ୍ରା ଅବସ୍ଥାରେ ବୁଡି ଯାଇଥିଲା, ଏବଂ ସେସବୁ ସ୍ଥାନରେ ସାଦର ଲାଳିତ ହେଉଥିଲେ ଇନ୍ଦ୍ରିୟର ପୁଲକପ୍ରଦ ସ୍ପର୍ଶସକଳ; ଇନ୍ଦ୍ରିୟ-ସୁଖଭୋଗର ନିର୍ଗମ ଉତ୍ସ ସନ୍ଧାନରେ ସଂସାରଟା ଯାକ ଖୋଳତାଡ଼ କରାଯାଉଥିଲା ।

Here cold material intellect was the judge
And needed sensual prick and jog and lash
That its hard dryness and dead nerves might feel
Some passion and power and acrid point of life.

ଏଠାରେ ହୃଦୟହୀନ ଜଡ଼ବୁଦ୍ଧିହିଁ ଥିଲା ବିଚାରକ ଏବଂ ତାହା ଆବଶ୍ୟକ କରୁଥିଲା ଇନ୍ଦ୍ରିୟ-ଉତ୍ତେଜକ ଦଂଶନ, ମୃଦୁମନ୍ଦ ଧକ୍କା ଏବଂ କଶାଘାତ, ଯଦ୍ଦ୍ୱାରା ତାହାର ସୁକଠୋର ଶୁଷ୍କତା ଓ ମୃତ ସ୍ନାୟୁମାନ ଅନୁଭବ କରିପାରିବେ କିଞ୍ଚିତ୍ ଆବେଗ ଓ ଶକ୍ତି ତଥା ଜୀବନର ସୁତୀବ୍ର ତୀକ୍ଷ୍ଣତା ।

A new philosophy theorised evil's rights,
Gloried in the shimmering rot of decadence,
Or gave to a python Force persuasive speech
And armed with knowledge the primaeval brute.

ନୂତନ ଏକ ଦର୍ଶନ ଅମଙ୍ଗଳର ଅଧିକାର ସବୁକୁ ନେଇ ତତ୍ତ୍ୱ ପ୍ରବର୍ତ୍ତନ କରୁଥିଲା, ଅବକ୍ଷୟର କମ୍ପିତ କ୍ଷୀଣପ୍ରଭ ପଚନରେ ଗୌରବ ଅନୁଭବ କରୁଥିଲା, ଅଥବା ଏକ ବିଶାଳ ସରୀସୃପ (ଅଜଗର) ଶକ୍ତିକୁ ପ୍ରରୋଚନାସମର୍ଥ ବାଣୀ ପ୍ରଦାନ କରୁଥିଲା ଏବଂ ଜ୍ଞାନର ଆୟୁଧରେ ବଳୀୟାନ୍ କରୁଥିଲା ଆଦିମ ପଶୁକୁ ।

Over life and Matter only brooding bowed,
Mind changed to the image of a rampant beast;
It scrambled into the pit to dig for truth
And lighted its search with the subconscient's flares.

ଜୀବନ ଓ ଜଡ଼ଜଗତ୍ ଉପରେ ଆନତ ହୋଇ ଆସିଥିଲା କେବଳ ବିଷଣ୍ଣ ଚିନ୍ତନ, ମନ ପରିବର୍ତ୍ତିତ ହୋଇ ଗ୍ରହଣ କରିଥିଲା ଏକ ନିରଙ୍କୁଶ ପଶୁର ପ୍ରତିରୂପ; ସତ୍ୟକୁ ଖନନପୂର୍ବକ ସନ୍ଧାନ କରିବା ନିମନ୍ତେ ଏହା ଗହ୍ୱରର ଗଭୀରକୁ ଗୁରୁଣ୍ଡିଗୁରୁଣ୍ଡି ଅନୁପ୍ରବେଶ କରୁଥିଲା ଏବଂ ଅବଚେତନର ଉଜ୍ଜ୍ୱଳ ଆଲୋକମାଳାରେ ଆପଣାର ଅନ୍ୱେଷଣକୁ ସଂଦୀପ୍ତ କରୁଥିଲା ।

Thence bubbling rose sullying the upper air,
The filth and festering secrets of the Abyss:
This it called positive fact and real life.

ଊର୍ଦ୍ଧ୍ୱଦେଶର ବାୟୁମଣ୍ଡଳକୁ କଳୁଷିତ କରି ସେଇଠାରୁହିଁ ଉଠିଆସୁଥିଲା ବୁଦ୍‌ବୁଦ, ରସାତଳର ଯେତେ ଆବିଳତା ଓ ଗଳିତ ଗୁପ୍ତ ରହସ୍ୟ : ଏହାକୁହିଁ ସେ କହୁଥିଲା ସୁନିଶ୍ଚିତ ସତ୍ୟ ଓ ବାସ୍ତବ ଜୀବନ ।

(କ୍ରମଶଃ)

ଗଦ୍ୟାନୁବାଦ : ରବୀନ୍ଦ୍ରନାଥ ପାଢ଼ୀ

❑❑❑

# ଏକମାତ୍ର ପଥ

## ଶ୍ରୀମା

### (୧)

ତୁମ ପାଇଁ ଗୋଟିଏ ମାତ୍ର ବାଟ ଅଛି । ଏହାହେଲା ସମଗ୍ରଭାବେ, ସଂପୂର୍ଣ୍ଣ ରୂପେ, ବିନା ସର୍ତ୍ତରେ ପ୍ରଭୁଙ୍କ ପାଖରେ ନିଜକୁ ସମର୍ପଣ କରିବା । ମୁଁ କହିବା ପାଇଁ ଚାହେଁ, କେବଳ ଯେ ତୁମେ ତୁମର ସକଳ କର୍ମ, ଗତିବୃତ୍ତି, ଅଭିଳାଷ, ଆକାଙ୍କ୍ଷା ଇତ୍ୟାଦି ଅର୍ପଣ କରିଦେବ ଖାଲି ସେତିକି ନୁହେଁ, ତହିଁ ସଙ୍ଗେ ସଙ୍ଗେ ତୁମର ସକଳ ଅନୁଭବକୁ ମଧ ତାଙ୍କଠାରେ ଅର୍ପଣ କରିଦେବ, ଏହି ଅର୍ଥରେ ଯେ ତୁମେ ଯାହାସବୁ କରୁଛ, ତୁମେ ସ୍ୱୟଂ ଯାହା, ସେ ସମସ୍ତ କେବଳ ଭଗବାନଙ୍କ ନିମନ୍ତେହିଁ ଉଦ୍ଦିଷ୍ଟ । ତା'ହେଲେ ଯାଇ ତୁମେ ଅନୁଭବ କରିବ ଯେ ତୁମ ଚାରିପଟେ ଚାଲିଥିବା ମାନବିକ ପ୍ରତିକ୍ରିୟାଗୁଡ଼ିକର ଊର୍ଦ୍ଧ୍ୱରେ ତୁମେ ରହିଛ । କେବଳ ସେଗୁଡ଼ିକର ଊର୍ଦ୍ଧ୍ୱରେ ନୁହେଁ ପରନ୍ତୁ ଭଗବତ୍ କୃପାର ପ୍ରାଚୀର ତୁମକୁ ଘେରି ରହିଛି ଓ ସେସବୁରୁ ରକ୍ଷା କରୁଛି । ଥରେ ଯଦି ତୁମେ କାମନା ବାସନାରୁ ମୁକ୍ତ ହେବ, ଆସକ୍ତିରୁ ମୁକ୍ତ ହେବ ଏବଂ ମଣିଷମାନଙ୍କଠାରୁ, ସେମାନେ ଯିଏ ହୁଅନ୍ତୁ ନା କାହିଁକି – କୌଣସି ପ୍ରକାର ପୁରସ୍କାର ପାଇବାର ଆବଶ୍ୟକତାବୋଧକୁ ଥରେ ଯଦି ତ୍ୟାଗ କରିବ, ଯେତେବେଳେ ତୁମେ ଜାଣିବ ଯେ, ଯାହାକିଛି ତୁମକୁ ମିଳିବା କଥା, ତାହା ସେଇ ଈଶ୍ୱରହିଁ ଦେବେ, ଏବଂ ସେ କେବେ ନିରାଶ କରିବେ ନାହିଁ – ବାହାରର କୌଣସି ବ୍ୟକ୍ତି ବା ବସ୍ତୁ ସହିତ ଯେତେବେଳେ ତୁମେ ସବୁପ୍ରକାର ଆସକ୍ତି ତ୍ୟାଗ କରିବ, ସେତିକିବେଳେହିଁ ତୁମେ ଅନୁଭବ କରିବ ଯେ, ତୁମ ହୃଦୟରେ ସ୍ୱୟଂ ପରମ ବିରାଜମାନ ହୋଇ ରହିଛନ୍ତି, ସେତିକିବେଳେହିଁ ତୁମେ ଜାଣିପାରିବ ଯେ ତାଙ୍କର ଶକ୍ତି, ତାଙ୍କର ପ୍ରେମ ଓ କରୁଣା ସର୍ବଦା ତୁମ ସଙ୍ଗେ ସଙ୍ଗେ ରହିଛି ।

ଏହାଛଡ଼ା ଆଉ କିଛି ଉପାୟ ନାହିଁ । ଏହାହିଁ ବ୍ୟକ୍ତି ନିର୍ବିଶେଷରେ **ସମସ୍ତଙ୍କ ପାଇଁ** ଏକମାତ୍ର ବାଟ ।

### (୨)

ଯେଉଁମାନେ ଦୁଃଖ ଭୋଗନ୍ତି, ସେମାନଙ୍କ ସମ୍ବନ୍ଧେ ଗୋଟିଏ କଥା କୁହାଯିବ : ସବୁପ୍ରକାର ଦୁଃଖ ଭୋଗ ଜଣେଇଦିଏ ଯେ ସମର୍ପଣ ସଂପୂର୍ଣ୍ଣ ନୁହେଁ । ତା'ପରେ, ଯେତେବେଳେ ତୁମେ ତୁମ ଭିତରେ 'ଧକ୍କା'ଟିଏ ଖାଇଲା ଭଳି ଅନୁଭବ କର, ସେତେବେଳେ ତୁମେ କହିବା ଉଚିତ ନୁହଁ ଯେ, ''ଓହୋ, ଏଇଟା ଖରାପ ବା ପରିସ୍ଥିତି ବଡ଼ କଷ୍ଟକର ।'' ତା' ବଦଳରେ ତୁମେ ବରଂ କୁହ ''ମୋ ସମର୍ପଣ ସଂପୂର୍ଣ୍ଣ ହୋଇ ନାହିଁ ।'' ତା'ପରେ ସବୁ ଠିକ୍ ହୋଇଯିବ । ତା'ପରେ ତୁମେ ଈଶ୍ୱରଙ୍କ କରୁଣା ଅନୁଭବ କରିଥାଅ । ତାହାହିଁ ତୁମକୁ ସାହାଯ୍ୟ କରେ ଓ ବାଟ କଢ଼େଇ ନେଇଥାଏ ଓ ତୁମେ ଆଗକୁ ଗତି କର । ତା'ପରେ ଦିନ ଆସିବ, ତୁମେ ଏପରି ଏକ ଶାନ୍ତି ଭିତରେ ଅବସ୍ଥାନ କରିବ, ଯାହାକୁ କିଛି ବି ବ୍ୟାଘାତ କରିପାରିବ ନାହିଁ । ସେତେବେଳେ ସବୁପ୍ରକାର ବିରୁଦ୍ଧାତ୍ମକ ଶକ୍ତିକୁ, ବିପରୀତ ଗତିବୃତ୍ତିକୁ, ବିରୋଧୀ ଆକ୍ରମଣକୁ, ଭୁଲ ବୁଝାମଣାକୁ ଓ ସମସ୍ତ ଅସଦିଚ୍ଛାକୁ ସେଇ ଏକପ୍ରକାର ସ୍ମିତହାସ୍ୟର ସହ ଉତ୍ତର ଦେଇ ପାରିବ, ଯେଉଁ ସ୍ମିତହାସ୍ୟଟି ଭଗବାନଙ୍କ କୃପା ଉପରେ ସମ୍ପୂର୍ଣ୍ଣ ଆସ୍ଥା ଭିତରୁ ଆସିଥାଏ । ଏବଂ ଏହାହିଁ ଉଦ୍ଧାର ପାଇବାର **ଏକମାତ୍ର** ବାଟ, ଆଉ ଅନ୍ୟ ବାଟ ନାହିଁ ।

ଏହି ସଂସାର ହେଉଛି ଏକ ଦ୍ୱନ୍ଦ୍ୱସଂକୁଳ, ଯନ୍ତ୍ରଣାଦାୟକ, ନାନା ଅସୁବିଧାରେ ପରିପୂର୍ଣ୍ଣ ଏବଂ ନାନା ବାଧାବିଘ୍ନରେ ଆକ୍ରାନ୍ତ କଷ୍ଟଦାୟକ ସଂସାର । ଏହି ସଂସାର ଏହି ସବୁଥିରେ ତିଆରି ହୋଇଛି । ଏହା ଏପର୍ଯ୍ୟନ୍ତ ପରିବର୍ତ୍ତିତ ହୋଇ ନାହିଁ । ଏହା ପରିବର୍ତ୍ତିତ ହେବାକୁ କିଛି ସମୟ ନେବ । ଏବଂ ଏହା ଭିତରୁ ବାହାରି ଯିବା ପାଇଁ ପ୍ରତ୍ୟେକ ବ୍ୟକ୍ତିର ନିଶ୍ଚୟ ସମ୍ଭାବନା ରହିଛି । ତୁମେ ଯଦି ପରମେଶ୍ୱରଙ୍କ କୃପା ଉପରେ ନିର୍ଭର କରିବ, ତେବେ ତାହାହିଁ ମୁକ୍ତି ପାଇବା ପାଇଁ **ଏକମାତ୍ର** ବାଟ ।

(The Great Adventure
*A Diary for All Times* ପୁସ୍ତିକାରୁ)
ଅନୁବାଦ : ମହାପାତ୍ର ନୀଳମଣି ସାହୁ

❑❑❑

# ଶ୍ରୀଅରବିନ୍ଦ :
# ମହାଯୋଗୀଙ୍କ ଜୀବନ ଏବଂ ଯୁଗ

## (ପରିଚ୍ଛେଦ : ୫୯)

## ଭୀଷଣ ପଥର ଯାତ୍ରୀ (୨)

## ମନୋଜ ଦାସ

କଂଗ୍ରେସର ସୁରତ ଅଧିବେଶନକୁ ବାରୀନ୍ଦ୍ର କୁମାର ଏହି ଆଶା ନେଇ ଯାଇଥିଲେ ଯେ ସେଠାରେ ପ୍ରତିନିଧିମାନଙ୍କ ଭିତରେ ସେ ନିଶ୍ଚୟ କେତେକ ବିପ୍ଳବପନ୍ଥୀଙ୍କୁ ଭେଟିବେ । ସେମାନଙ୍କ ସହ ଆଲୋଚନା କରି ଦେଶବ୍ୟାପୀ ଏକ ମିଳିତ କାର୍ଯ୍ୟକ୍ରମର ବ୍ୟବସ୍ଥା କରାଯାଇ ପାରିବ । କିନ୍ତୁ ଯୁବକ ହତାଶ ହେଲେ । ବିପ୍ଳବପନ୍ଥୀମାନେ ସେସବୁ ଖୋଲା ସଭାସମିତିକୁ ଯାଉ ନଥିଲେ । ବାରୀନ୍ଦ୍ର କୁମାର ବି ହଠାତ୍ ଆବେଗ ଚାଳିତ ହୋଇ ଚାଲି ଯାଇଥିଲେ । ସେ ଯାହାହେଉ, ବହୁ ସୂକ୍ଷ୍ମ ସନ୍ଧାନ ଅନ୍ତେ ସେ ଯେଉଁ କେତେ ଜଣଙ୍କୁ ଧରି ଗୋଟାଏ ଗୋପନ ବୈଠକ କଲେ, ସେମାନଙ୍କ ଭିତରେ ଜଣେ ଗୁପ୍ତଚର ଥିଲା ବୋଲି ପରେ ଜଣାପଡ଼ିଲା ![୧]

ସୁରତର ଅଭିଜ୍ଞତା କିନ୍ତୁ ବାରୀନ୍ଦ୍ରଙ୍କୁ ହତାଶ କରିବା ପରିବର୍ତ୍ତେ ତାଙ୍କ ସଂକଳ୍ପକୁ ଦୃଢ଼ୀଭୂତ କଲା । ଦେଶବ୍ୟାପୀ ବୈପ୍ଳବିକ କାର୍ଯ୍ୟକ୍ରମ ଚାଲୁ କରିବାକୁ ଅପେକ୍ଷା ନକରି ନିଜ ସୀମିତ ବଳ ଯୋଗେ ସେ ସୀମିତ କ୍ଷେତ୍ରରେହିଁ କାର୍ଯ୍ୟାରମ୍ଭ କରିବାକୁ ମନସ୍ଥ କଲେ ।

ପୂର୍ବରୁ ମାନିକତଲା ଉଦ୍ୟାନ ଭୂମି କଥା କୁହାଯାଇଛି । ତତ୍କାଳୀନ ମହାନଗରୀର ଉପକଣ୍ଠବର୍ତ୍ତୀ ସେ ଉଦ୍ୟାନ ବାସ୍ତବରେ ଅରଣ୍ୟହିଁ ଥିଲା । ସେଠି ବହୁଦିନରୁ ଅବହେଳିତ ରହିଥିବା ଦ୍ୱିତଳ ଗୃହ ଚାହୁଁ ଚାହୁଁ ଜୀବନ୍ୟାସ ପାଇଗଲା । ଅଳ୍ପଦିନ ପରେ ସାରା ଭାରତରେ ଚାଞ୍ଚଲ୍ୟ ସୃଜନ କରିଥିବା ସେ ପ୍ରତିଷ୍ଠାନ ସମ୍ପର୍କରେ କିଛି ପ୍ରତ୍ୟକ୍ଷ ଅଭିଜ୍ଞତା ପ୍ରସୂତ ବିବରଣୀ ପ୍ରତି ଦୃଷ୍ଟି ଦିଆଯାଉ । ସେ ବିସ୍ମୃତ ଯୁଗର ବିପ୍ଳବୀ ତରୁଣମାନଙ୍କ ଚିନ୍ତାଧାରା ଓ ଜୀବନଶୈଳୀ ସମ୍ପର୍କରେ ମଧ୍ୟ ଏ ଉଦ୍ଧୃତିରୁ ବିଶେଷ ସୂଚନା ମିଳିବ । ଏହା ନଳିନୀକାନ୍ତ ଗୁପ୍ତଙ୍କ ସ୍ମୃତିଚାରଣ । (ସଂକ୍ଷେପିତ) ସେତେବେଳେ ତାଙ୍କ ବୟସ ପନ୍ଦର, ଷୋହଳ :

''ଅବଶେଷରେ ସିଦ୍ଧାନ୍ତ ନେଲି – ଆନ୍ଦୋଳନ ଭିତରକୁ ଲମ୍ଫ ଦେବି; ମୁରାରିପୁକୁର ବା ମାନିକତଳା ଉଦ୍ୟାନରେ ଯୋଗ ଦେବି; କଲେଜ ଜୀବନ ଓ ସଂସାର ଜୀବନରୁ ଇସ୍ତଫା !...

''ପ୍ରାୟ ବର୍ଷକ ତଳେ ପ୍ରତିଜ୍ଞା କରିଥିଲି – ଏକ ଗୁପ୍ତ ଅନୁଷ୍ଠାନରେ ମଧ୍ୟରାତ୍ରରେ – କାଳୀଙ୍କ ଚିତ୍ର ସମ୍ମୁଖରେ – ଛାତିର ରକ୍ତରେ ଲେଖି – ଯେ ଦେଶମାତାଙ୍କର ଏକନିଷ୍ଠ ସେବକ ହେବି, ପ୍ରାଣପଣ କରି ।...

''ଦିନେ ଡାକ ଆସିଲା, ମୋତେ ବାରୀନ୍-ଦା' ଦେଖିବେ । ଯେମିତି ଚାକିରି ସକାଶେ ସାକ୍ଷାତ୍‌କାର ।... ବାରୀନ୍-ଦା'ଙ୍କ ସହ ତାହାହିଁ ମୋର ପ୍ରଥମ ସାକ୍ଷାତ୍ । ସେ ମୋତେ ଖୁବ୍ ଆଦର ସହକାରେ ସ୍ୱାଗତ କଲେ ଓ ପାଖରେ ବସାଇଲେ । କ'ଣ କଥାବାର୍ତ୍ତା ହେଲା ମନେ ନାହିଁ; ବିଶେଷ ମନେ ରଖିବା ଭଳି ନୁହେଁ । ତେବେ ଗୋଟାଏ ବିଷୟ ମନେ ଅଛି । ମୁଁ 'ଗୀତା' ପଢ଼ିଛି କି ନାହିଁ ବୋଲି ସେ ଜିଜ୍ଞାସା କଲେ । କହିଲି 'କିଛି ପଢ଼ିଛି ।' ସେ ଖଣ୍ଡିଏ 'ଗୀତା' ମୋତେ ଧରେଇ ଦେଇ କହିଲେ, 'ପଢ଼ିଲ ଦେଖିବା !' ମୁଁ ଆରମ୍ଭ କଲି, 'ଧର୍ମ କ୍ଷେତ୍ରେ'... ବିଲକୁଲ ଗୌଡ଼ୀୟ ଶୈଳୀରେ । ମୋତେ ସେ ଚୁପ୍ କରାଇ ଦେଇ କହିଲେ, 'ଏଠି ଏମିତି ବଙ୍ଗଳା ଶୈଳୀରେ ଗୀତା ପାଠ ଚାଲିବ ନାହିଁ ।' ତା'ପରେ ସେ ପଢ଼ି ଶୁଣାଇଲେ ହିନ୍ଦୀ ରୀତିରେ – ଅର୍ଥାତ୍ ଭାରତର ଅନ୍ୟସବୁ ସ୍ଥାନରେ ଯେଉଁ ଉଚ୍ଚାରଣ ଶୈଳୀ ପ୍ରଚଳିତ ।

''ପରେ ସ୍ୱୟଂ ଶ୍ରୀଅରବିନ୍ଦଙ୍କଠାରୁ ମୁଁ କେତେଥର ଶୁଣିଛି ବିଶୁଦ୍ଧ ସଂସ୍କୃତ ଉଚ୍ଚାରଣ – ଶୁଣିଛି ବେଦ, ଉପନିଷଦ୍ ଓ ଗୀତାରୁ ତାଙ୍କ ଆବୃତ୍ତି । ଆଜି ଆଉ ମୁଁ ବଙ୍ଗଳା ଶୈଳୀରେ ସଂସ୍କୃତ ଉଚ୍ଚାରଣ କରେ ନାହିଁ ।...

''ସ୍ଥିର ହେଲା, ମୁଁ ସେ ସଂଗଠନରେ ଯୋଗଦାନ କରିବି । ତେବେ ମେସ୍‌ରେ ଥିବା ମୋ କୋଠରିଟି ତ୍ୟାଗ କଲି

ନାହିଁ । କଲେଜ ମଧ୍ୟ ଗଲି – ମଧ୍ୟେ ମଧ୍ୟେ । ଆଗ୍ରହ ନଥିଲା...

''ସେତିକିବେଳେ ମୁଁ ଆଉ ଗୋଟାଏ ପିଲାଳିଆ କାମ କରିବାକୁ ଯାଉଥିଲି – ବୋମା ତିଆରି ନେଇ । ମୁଁ ପ୍ରେସିଡ଼େନ୍ସି କଲେଜର ଛାତ୍ର । ସ୍ୱନାମଧନ୍ୟ ଜଗଦୀଶଚନ୍ଦ୍ର ବସୁ ସେତେବେଳେ ପ୍ରଫେସର । ତାଙ୍କ ଗବେଷଣାଗାରରେ କାମ କରିବାର ସୁଯୋଗ ମିଳନ୍ତା ନାହିଁ ? ମିଳିଲେ ବୋମା ପ୍ରସ୍ତୁତ କାର୍ଯ୍ୟ ସହଜ ହୁଅନ୍ତା । ତାଙ୍କୁ କେମିତି ଧରିବି ? କଳ୍ପନା କଲି – ଭଗିନୀ ନିବେଦିତା ଆମ ଶୁଭାକାଂକ୍ଷୀ ମହଲର ଜଣେ । ତେବେ ସେ ଦିଗରେ ଆଉ ଅଗ୍ରସର ହେବା ନୋହିଲା । ଏଣେ ଉଦ୍ୟାନରେ ଅନ୍ୟାନ୍ୟ ଯୋଜନା ପ୍ରସ୍ତୁତ ହେଉଥାଏ ।...

''ଉଦ୍ୟାନରେ ଆମ ଜୀବନଧାରା ଯେ ବେଶ୍ ଶୃଙ୍ଖଳିତ ଥିଲା ସେକଥା କହି ହେବ ନାହିଁ । ସଂଗଠନଟି ନୂଆ । ପ୍ରାୟ ବାର, ଚଉଦ ଜଣ ଥିଲୁଁ । ବାହାରୁ କେବେ କେବେ ଦୁଇ, ଚାରି ଜଣ ଆସୁଥିଲେ, କିନ୍ତୁ ରହୁ ନଥିଲେ । ଦିନେ, ଦୁଇ ଦିନ ପାଇଁ ନରେନ୍ ଗୋସାଇଁ ଆସିଥିଲା । ସେମିତି ଆସିଥିଲା ଭବଭୂଷଣ – ଯିଏ ପରେ ସନ୍ନ୍ୟାସୀ ହୋଇ ଯାଇଥିଲା । ପ୍ରଥମେ ଗୀତାପାଠ ଆରମ୍ଭ ହେଲା । ତାହା ଥିଲା ନିୟମିତ; ପ୍ରାୟ ସମସ୍ତେ ଯୋଗ ଦେଉଥା'ନ୍ତି । ଏପରିକି ଏ ବ୍ରହ୍ମଚାରୀମାନଙ୍କ ସହ ଗୀତାପାଠ କରିବା ନିମନ୍ତେ ସ୍ଥାନୀୟ ପୁଲିସ ଇନ୍ସପେକ୍ଟର୍ ଇଚ୍ଛା ପ୍ରକାଶ କଲେ । ତେବେ ସେ ପାଇଁ ଭଦ୍ରଲୋକଙ୍କୁ ଶାସ୍ତି ପାଇବାକୁ ହୋଇଥିଲା । ସେ ଜାଣୁ ନଥିଲେ ଯେ ଏହା ଗୀତା ପାଠ ନୁହେଁ; ବୋମା ବିଦ୍ୟାର ଆବରଣ ମାତ୍ର । ପରେ ତାଙ୍କୁ ପଦଚ୍ୟୁତ କରାଯାଇଥିଲା । ବିଚରା ଟିକିଏ ପୁଣ୍ୟକର୍ମ କରିବାକୁ ଆସିଥିଲେ; ତାହା ହୋଇଉଠିଲା କର୍ତ୍ତୃପକ୍ଷ ଆଖିରେ ଦୁଷ୍କର୍ମ ।

''କଲେଜ ଜୀବନର ଶେଷ ପର୍ଯ୍ୟାୟରେ ଆମ ପାଠ୍ୟ-ପୁସ୍ତକ 'King John' ବା 'Faerie Queene' ପରିବର୍ତ୍ତେ ମୁଁ ମାଜୀନିଙ୍କ ଜୀବନୀ ଓ ଆଭିମୁଖ୍ୟ ଅଧ୍ୟୟନ କରୁଥାଏଁ । ହଠାତ୍ ଦିନେ ଦେଖିବା ବେଳକୁ ପାଠାଗାରରୁ ମାଜୀନିଙ୍କ ସମ୍ପର୍କରେ ବହି ତଥା ପ୍ଲାଟୋଙ୍କ ଲିଖିତ 'Life and Death of Socrates' ବହି ଅନ୍ତର୍ହିତ । ଏସବୁ ବହି ଭାରତୀୟ ଛାତ୍ରମାନଙ୍କ ମୁଣ୍ଡ କାଳେ ବିଗିଡ଼େଇ ଦେବ !...

''ବର୍ତ୍ତମାନ ଆମ ଶିବିର ପ୍ରସଙ୍ଗକୁ ଫେରି ଆସୁଛି । ଇତସ୍ତତଃ ହିଂସାଚରଣ କରି ବ୍ରିଟିଶକୁ ତଡ଼ି ଦିଆଯାଇ ପାରିବ – ଏଭଳି ସିଦ୍ଧାନ୍ତ ଉପରେ ଆମର ଆସ୍ଥା ନଥିବା ହେତୁ ଏକ ସାମରିକ ବାହିନୀ ଗଠନ ସଙ୍ଗେ ସଙ୍ଗେ ସରକାରୀ ସାମରିକ ବାହିନୀ ଭିତରେ ଦେଶସେବା ଓ ବ୍ରିଟିଶ ବିରୋଧୀ ଆଦର୍ଶ ଜାଗରୂକ କରିବାର କାର୍ଯ୍ୟକ୍ରମ ସ୍ଥିର ହୋଇଥିଲା । ମୋର ମନେ ଅଛି, ରଂପୁରଠାରେ ଅବସ୍ଥାପିତ ଏକ ସାମରିକ ବାହିନୀର ସେନାଧ୍ୟକ୍ଷ ଏ ଆଦର୍ଶରେ ଉଦ୍‌ବୁଦ୍ଧ ହୋଇସାରିଥିଲେ । ପରିଣତି କ'ଣ ହୋଇଥା'ନ୍ତା ଜାଣେନା ।...

''ସେ ଯାହାହେଉ, ପରିସ୍ଥିତି ଦୃଷ୍ଟିରୁ ପୁଣି ସାମରିକ ସଂଗଠନ ଓ ଅଭ୍ୟୁତ୍ଥାନ ପ୍ରସ୍ତାବ ସ୍ଥଗିତ ରଖି ଆମେ ବିଦେଶୀ ଶାସକକୁଳଙ୍କୁ ଭୟଭୀତ କରିବା ପ୍ରଚେଷ୍ଟାରେ ମନ ଦେଲୁଁ । ଦେଶବ୍ୟାପୀ ଇଂରେଜ ଅତ୍ୟାଚାର ବିରୋଧରେ ବ୍ୟାପକ ଜନମତ ସୃଷ୍ଟି ହୋଇଥିବା ସ୍ଥଳେ, ଅତ୍ୟାଚାର କ୍ରମାଗତ ବଢ଼ି ଚାଲିଥିବା ସତ୍ତ୍ୱେ ଆମେ ନିଶ୍ଚେଷ୍ଟ ରହିବା କ'ଣ ଯଥାର୍ଥ ? ପ୍ରଥମେ ବଡ଼ ବଡ଼ ଆସନରେ ବସି ଯଥେଚ୍ଛା ଅନ୍ୟାୟ କରୁଥିବା ଶାସକମାନଙ୍କ ଉପରେ ପ୍ରତିଶୋଧ ନେବା ନିମନ୍ତେ ଆମେ ପ୍ରସ୍ତୁତ ହେଲୁଁ । ଗଭର୍ଣ୍ଣର ଆଣ୍ଡ୍ରୁ ଫ୍ରେଜାର୍, ଦୁଇ ଜିଲ୍ଲା ମାଜିଷ୍ଟ୍ରେଟ୍ ଆଲେନ୍ ଏବଂ କିଂସ୍‌ଫୋର୍ଡ଼, ଚନ୍ଦନନଗରର ଫରାସୀ ମେୟର ଟାଡ଼ିଭେଲ୍ – ଏହିମାନେ ହେଲେ ଆମର ଲକ୍ଷ୍ୟ । କିନ୍ତୁ ପ୍ରାଥମିକ ପର୍ଯ୍ୟାୟରେ ଆମ ଆକ୍ରମଣ ପ୍ରଚେଷ୍ଟା ଅଧିକାଂଶ କ୍ଷେତ୍ରରେ ବିଫଳ ହେଲା ।...

''ଆମ ଉଦ୍ୟାନରେ ଆମେ ପିସ୍ତଲ ଯୋଗେ ଲକ୍ଷ୍ୟାଭ୍ୟାସ କରୁଥାଉଁ । ଗୋଟାଏ ଆମ୍ବ ଗଛରେ ବିଦ୍ଧ ଥାଏ ପର୍ଯ୍ୟାପ୍ତ ଗୁଳି । ଯଥା ସମୟରେ ପୁଲିସ ସହଜରେ ତାହା ଆବିଷ୍କାର କଲା । ମନେ ପଡ଼େ ପ୍ରଫୁଲ୍ଲ ଚାକି କଥା । ସେ ଘୋଷଣା କରୁଥାଏ, 'ମୁଁ କଦାପି ଶତ୍ରୁ ହାତରେ ମରିବି ନାହିଁ । ସେମାନେ ମୋତେ ଯନ୍ତ୍ରଣା ଦେବେ, ସେ ସୁଯୋଗ ସେମାନଙ୍କୁ ଦେବି ନାହିଁ କି ସେମାନେ ମୋତେ ନାନାଦି ପ୍ରଲୋଭନ ଦେଖାଇ ବଶୀଭୂତ କରିବେ, ସେମିତି କିଛି ହେବାକୁ ମଧ୍ୟ ଦେବି ନାହିଁ ।' ଏହା କହି ସେ ଟ୍ରିଗର୍ ଉପରେ ଅଙ୍ଗୁଳି ରଖି ପିସ୍ତଲ ଆପଣା ଆଡ଼େ ଉଦ୍ୟତ କରି ତା' କର୍ତ୍ତବ୍ୟକର୍ମର ସୂଚନା ଦେଉଥାଏ । ବାସ୍ତବରେ ସେ ତାହାହିଁ କଲା । ମୁଜାଫର୍‌ପୁର ବୋମା ବିସ୍ଫୋରଣ ଅନ୍ତେ ଯେତେବେଳେ ସେ ପୁଲିସ କବଳରୁ ଖସି ଯିବାର ସମସ୍ତ ପଥ ଅବରୁଦ୍ଧ ଦେଖିଲା, ସେ ନିଜ ପିସ୍ତଲ ନିଜ ଉପରେ ବ୍ୟବହାର କଲା । ଏହାକୁ ଆତ୍ମହତ୍ୟା କୁହାଯାଇ ପାରିବ ନାହିଁ । ସେ ସହିଦ ହେଲା ।

''ମୋ କଥା । ମୁଁ କଦାଚ ମାମୁଲି ସାମାଜିକ ପ୍ରାଣୀଟିଏ

ହୋଇ ରହିବା ସପକ୍ଷରେ ନଥିଲି । ମୁଁ ଚାହୁଁଥିଲି ଜଣେ ଯୋଦ୍ଧା ହେବି । ସେଦିଗରେ ମୋର ଦକ୍ଷତା କେତେ ଦୂର, ତା'ର ପ୍ରମାଣ ଦେବା ଆବଶ୍ୟକ । ଗୋଟାଏ ଅସଲି ପିସ୍ତଲ ନେଇ ମୋତେ ଜଲପାଇଗୁଡ଼ିରେ ଏକ ଠିକଣାରେ ପହଞ୍ଚାଇବାକୁ ପଡ଼ିବ । ଏଭଳି ପରୀକ୍ଷା କଥା ଶୁଣି ଆଜି ହୁଏତ ଅନେକେ ହସିବେ । କିନ୍ତୁ ସେତେବେଳର ପରିସ୍ଥିତି ଆଜି କେହି କଳ୍ପନା କରିପାରିବେ ନାହିଁ । ପୁଲିସ ଗୁପ୍ତଚର ସର୍ବତ୍ର ଛାଇ ରହିଥିଲେ । ତୁମେ ଯଦି ତରୁଣଟିଏ ହୋଇଥିବ, ଯଦି ତୁମ ବେଶ ପୋଷାକ, ହାବଭାବ, ଚାଲିଚଳନରେ ସାଧାରଣ ଯୁବକମାନଙ୍କଠାରୁ ସାମାନ୍ୟ ଭିନ୍ନତା ପରିଲକ୍ଷିତ ହେବ ତେବେ ତୁମକୁ ତଲାସ କରିବା ପାଇଁ ପୁଲିସ ପକ୍ଷରେ ତାହାହିଁ ଯଥେଷ୍ଟ ଯୁକ୍ତି । ଆଉ ଯଦି ସେ ତଲାସିର ଫଳ ହେଲା ତୁମଠିଁ ପିସ୍ତଲ ଆବିଷ୍କାର, ତେବେ ଅତିକମରେ ସାତବର୍ଷ କାରାବାସ ନିଶ୍ଚିତ ।

''ମୁଁ କିନ୍ତୁ ଅବଲୀଳାକ୍ରମେ, ଅତି ସ୍ୱାଭାବିକ ରୀତିରେ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲି । ସେତେବେଳେ ବିଭିନ୍ନ କେନ୍ଦ୍ରକୁ ଅସ୍ତ୍ର ଯୋଗାଇଦେବା ଥିଲା ଏକ ବିଶେଷ କାର୍ଯ୍ୟକ୍ରମ ।...

''ଆମ ଉଦ୍ୟାନ ଶିବିରର ଜୀବନଯାତ୍ରା ଥିଲା ଅତ୍ୟନ୍ତ ସରଳ । ଦିନକରେ ଥରେ ମାତ୍ର ରୋଷେଇ ହେଉଥିଲା – ପ୍ରାୟଶଃ ଖିଚୁଡ଼ି । ନୈଶାହାର ନିମନ୍ତେ ଅଳ୍ପ କିଛି ବଜାରରୁ କିଣି ଆଣୁଥିଲୁ । ରୋଷେଇବାସ ଆମେହିଁ କରୁଥିଲୁଁ ଏବଂ ମୃତ୍ତିକାନିର୍ମିତ ବାସନକୁସନ ପୋଖରୀରେ ପରିଷ୍କାର କରୁଥିଲୁ ।... ପୋଖରୀରେ ପାଣି ତୁଳନାରେ ଅଧିକ ଥିଲା କାଦୁଅ ଏବଂ ଜଳୀୟ ଗୁଳ୍ମ । ଥିଲେ ପ୍ରଚୁର ବେଙ୍ଗ, ମାଛ ଓ ଅନ୍ୟାନ୍ୟ ଜଳଜୀବ ।

''ସେସବୁର ଅନ୍ତର୍ଭୁକ୍ତ ଥିଲେ ପ୍ରଚୁର ସଂଖ୍ୟକ ସାପ । କିନ୍ତୁ ଆମ ପାଇଁ ସେ ପୋଖରୀ ଥିଲା ଯଥେଷ୍ଟ । ଆନନ୍ଦରେ ଆମେ ତହିଁ ଅବଗାହନ କରୁଥିଲୁ । ସେଇଥିରେ ମୋର ସନ୍ତରଣ ଶିକ୍ଷା ।... ଯାହା ଉଦ୍ୟାନ ନାମ ବହନ କରୁଥିଲା, ତାହା ଥିଲା ଗୋଟାଏ ପ୍ରାଗୈତିକ ବଣ । ଓତପ୍ରୋତ ଜଡ଼ିତ ଗଛଲତାର ନିବିଡ଼ତା ଭିତରେ ଅସଂଖ୍ୟ କୀଟପତଙ୍ଗ ଏବଂ ସରୀସୃପ ଗୋତ୍ରୀୟ ପ୍ରାଣୀ । ଆମ ବାସଗୃହ ଥାଏ ଧ୍ୱଂସମୁଖୀ । କିନ୍ତୁ ସ୍ଥାନଟିର ପରିବେଶ ଥିଲା ନିସ୍ତବ୍ଧ । ତା'ର କାରଣ ଏହା ଥିଲା ସହର ବାହାରେ । ଅସ୍ୱାସ୍ଥ୍ୟକର ପରିବେଶ ଓ ବିଶୃଙ୍ଖଳ ଜୀବନଯାତ୍ରା ସତ୍ତ୍ୱେ ଆଶ୍ଚର୍ଯ୍ୟର କଥା ହେଲା ଆମେ ଅସୁସ୍ଥ ହେଉ ନଥିଲୁ । ଆମ ପ୍ରାଣୋଚ୍ଛଳତା, ଉତ୍ସାହ ଏବଂ ଆନନ୍ଦ ଭେଦ କରିପାରୁ ନଥିଲା ରୋଗବ୍ୟାଧିର ଆକ୍ରମଣ ।''(୨)

(କ୍ରମଶଃ)

❑❑❑

**ତଥ୍ୟ ନିର୍ଦ୍ଦେଶିକା**


୧. ରବୀନ୍ଦ୍ର କୁମାର ଘୋଷ : ''ଆତ୍ମକାହାଣୀ'' (ବଂଗଳା) : ଡି.ଏମ. ଲାଇବ୍ରେରି, କଲିକତା ।

୨. ନଳିନୀକାନ୍ତ ଗୁପ୍ତ : ''ରଚନା ସଂଗ୍ରହ'' (ବଙ୍ଗଳା ପଞ୍ଚମ ଖଣ୍ଡ) ଏବଂ *Collected Works, Vol. VII.*

ଯୋଗସମନ୍ୱୟ (୭୭)

# ଅତିମାନସର ସାଧନଚୟ

## (୧)

[ମହାଯୋଗୀ ଶ୍ରୀଅରବିନ୍ଦଙ୍କ ରଚିତ **'The Synthesis of Yoga'** (ଯୋଗସମନ୍ୱୟ) ଗ୍ରନ୍ଥର ଉତ୍ତରାର୍ଦ୍ଧର ଚତୁର୍ଥ-ଭାଗ ''ଆତ୍ମପରିପୂର୍ଣ୍ଣତାର ଯୋଗ''ର ତ୍ରୟୋବିଂଶ ଅଧ୍ୟାୟ – ''ଅତିମାନସର ସାଧନଚୟ – ଭାବନାପ୍ରକ୍ରିୟା'' (**The Synthesis of Yoga, Part - IV, The Yoga of Self-Perfection, Chapter - XXIII "The Supramental Instruments - Thought-process"**ର ଅବଲମ୍ୱନରେ ।]

## ପୂର୍ଣ୍ଣଚନ୍ଦ୍ର ମହାପାତ୍ର

ଅତିମାନସ ମନର ଗୋଚର ନହେଲେ ବି ଏହା ଆମର ସାମ୍ପ୍ରତିକ ଚେତନାର ବିଜାତୀୟ ନୁହେଁ । ଏହା ବିଜ୍ଞାନମୟ ହେଲେ ମଧ୍ୟ ଆମ ଆତ୍ମାର ଉଚ୍ଚସ୍ତରୀୟ ନୈମିତ୍ତିକତା । ମନ ଅତିମାନସର ଏକ ବିଭୂତି । ଅତିମାନସ ପ୍ରକୃତିର ଏହା ଏକ ବିକୃତି । ଅତିମାନସ ଭୂମିକୁ ମନ ଉନ୍ନିତ ହେଲେ ସେ ହୁଏ ତା'ର ଦିବ୍ୟ-ସାଧନ ବା କରଣ । ମନ ପ୍ରକାଶ ପାଏ ଦିବ୍ୟ-ସ୍ୱଧର୍ମରେ । ଏଣୁ ଏଥିରେ ନାନା ଐଶ୍ୱର୍ଯ୍ୟ ପ୍ରକାଶ ପାଏ । ସେ ଅତିମାନସର ସାଧନ ହୋଇଯିବା ସହ ହୋଇଯାଏ ତା'ର ଯନ୍ତ୍ର ।

ବିଜ୍ଞ ପାଠକବନ୍ଧୁମାନଙ୍କୁ ସ୍ମରଣ କରାଇ ଦିଏ ଯେ ଆମ ସାଧନାରେ ଯେଉଁ ଯନ୍ତ୍ରାବଳୀ ବା କରଣମାନଙ୍କୁ ବ୍ୟବହାର କରାଯାଏ ସେସବୁ ମୂଳରେ ଅଛି ଅତିମାନସ । ବ୍ୟକ୍ତି ମାଧ୍ୟମରେ ଅତିମାନସହିଁ ନିଜକୁ ପ୍ରକଟ କରୁଛି । ଏଣୁ ଅତିମାନସ ତା'ର ଶୁଦ୍ଧତମ କ୍ରିୟାରେ ମନ ପରି ଏହିସବୁ ଯନ୍ତ୍ରାବଳୀକୁ ଅଦରକାରୀ ବୋଲି ପ୍ରତ୍ୟାଖ୍ୟାନ କରି ନୂତନ ଯନ୍ତ୍ରାବଳୀ ବ୍ୟବହାର କରିବ ନାହିଁ । କାରଣ ଏସବୁର ମୂଳରେ ଅଛି ଅତିମାନସ । ଅତିମାନସ ମାନବୀୟ ଚେତନାରେ କାର୍ଯ୍ୟାରମ୍ଭ କଲେ, ବ୍ୟକ୍ତି ବିଶେଷର ପ୍ରକୃତି ବଦଳାଇ ଦେଇ ଏକ ପ୍ରକାର ରୂପାନ୍ତର ଘଟାଇବ । ପରେ ବ୍ୟକ୍ତିକୁ ଆପଣାର ପ୍ରତ୍ୟକ୍ଷ ଯନ୍ତ୍ର ଭାବେ ବ୍ୟବହାର କରି ଅତିମାନସର ଧର୍ମ ଓ ପ୍ରକୃତି ଧାରଣ କରିବାରେ ସାହାଯ୍ୟ କରିବ । ବର୍ତ୍ତମାନ ଆମ ମଧ୍ୟରେ ସଂଗୁପ୍ତ ଓ ଅବ୍ୟବହୃତ ହୋଇ ବହୁ ସାମର୍ଥ୍ୟ ଅଛି । ଏସବୁ ସୂକ୍ଷ୍ମ, ସୂକ୍ଷ୍ମାତିସୂକ୍ଷ୍ମ ଅବମାନସ (Subliminal) ସ୍ତରର ବିଷୟ । ପ୍ରାୟଶଃ ଅଜଣା ଶକ୍ତିମାନଙ୍କୁ ଅତିମାନସ ଏବେ କର୍ମର ମାଧ୍ୟମଭାବେ ବ୍ୟବହାର କରି ଚାଲିବ ।

ମନର ଗତି ଆରୋହ ଧାରାରେ, ଆଉ ଅତିମାନସର ଗତି ଅବରୋହ ଧାରାରେ କ୍ରିୟା କରିଥାଏ । ମନ ପାଇଁ ଯାହା ସାଧ୍ୟ, ଅତିମାନସ ପାଇଁ ତାହା ସିଦ୍ଧ । ମନ ବୋଧିକୁ ନେଇ ହୁଏ ଆରୋହଣ ଧର୍ମୀ । ଏଣୁ ସେ ଇନ୍ଦ୍ରିୟ ପ୍ରତ୍ୟୟର ବନ୍ଧନରୁ ହୁଏ ମୁକ୍ତ । ବିଶୁଦ୍ଧ ଭାବମୟ ଜ୍ଞାନ ପ୍ରାକୃତ ମନୋବୃତ୍ତିର ଚରମ ଉତ୍କର୍ଷରୁ ଲାଭ ହୁଏ ମାତ୍ର ମନୋଭୂମିରେ ଏପରି ଜ୍ଞାନ ଅସ୍ପଷ୍ଟ । ଅଥଚ ଅତିମାନସ ଭୂମିରେ ଏହା ସ୍ପଷ୍ଟ । ଆତ୍ମପ୍ରତ୍ୟୟ ଯେତେ ସ୍ପଷ୍ଟ ଓ ତୀକ୍ଷ୍ଣ ହୁଏ ମାନସ ଜ୍ଞାନ ସେତେ ସ୍ପଷ୍ଟ ହୋଇଉଠେ ।

ଶୁଦ୍ଧ ଭାବନାତ୍ମକ ଜ୍ଞାନର ମାନସିକ କ୍ରିୟା ଯେତେ ଉଚ୍ଚତର ସୋପାନକୁ ଆରୋହଣ କରେ ସେତେ ସେ ଯଥାର୍ଥ ଅତିମାନସ ଭାବନା, ଜ୍ଞାନ ଓ ଦୃଷ୍ଟିର ସାମର୍ଥ୍ୟ ଓ ଅତିମାନସ ତାଦାତ୍ମ୍ୟ ଜ୍ଞାନରେ ରୂପାନ୍ତରିତ ହୋଇଯାଏ । ଏହି ଅବସ୍ଥାରେ ମନ ପାଇଁ ଯାହା ସର୍ବୋଚ୍ଚ ଓ କଷ୍ଟକର, ଅତିମାନସରେ ସେହି କ୍ରିୟା ସ୍ୱାଭାବିକ । ଅତିମାନସର କ୍ରିୟା ହୁଏ ଉପରୁ ତଳକୁ ମାତ୍ର ମନର କ୍ରିୟା ତା'ର ବିପରୀତ । ଉଚ୍ଚସ୍ତରର କ୍ରିୟା ନିମ୍ନସ୍ତରର କ୍ରିୟା ଉପରେ ନିର୍ଭରଶୀଳ ନୁହେଁ ମାତ୍ର ନିମ୍ନସ୍ତରର କ୍ରିୟା ଉଚ୍ଚସ୍ତରର କ୍ରିୟା ଉପରେ ନିର୍ଭରଶୀଳ । ରୂପାନ୍ତର ଘଟିଲେ ନିମ୍ନର ମନୋଗତ କ୍ରିୟାର ରୂପସବୁ ପରିବର୍ତ୍ତିତ ହୋଇ ଉଚ୍ଚସ୍ତରର ଅଧୀନ ହୋଇପଡ଼ନ୍ତି ।

ମନର ସ୍ୱାଭାବିକ ଭାବନାତ୍ମକ କ୍ରିୟା ତିନୋଟି ଗତି ଦ୍ୱାରା ଗଠିତ । ପ୍ରଥମଟି ବସ୍ତୁଗତ, ଦ୍ୱିତୀୟଟି ପ୍ରାଣଗତ ଓ ତୃତୀୟଟି ଭାବନାଗତ । ପ୍ରଥମଟି ହେଲା ଅଭ୍ୟାସଗତ ଯନ୍ତ୍ରବତ୍ ଚାଳିତ ମନ (Habitual thought mind), ଯାହା ଇନ୍ଦ୍ରିୟଦତ୍ତ ତଥ୍ୟାବଳୀ ଏବଂ ବାହ୍ୟ ଅନୁଭୂତି, ଆବେଗ, ଶିକ୍ଷା, ପରିବେଶ

ଏବଂ ବାହ୍ୟ ବସ୍ତୁଗତ ଜୀବନ ଦ୍ୱାରା ସଙ୍ଗଠିତ । ଏହାର ଦୁଇଟି ଧାରା ରହିଛି । ଶରୀର, ମନ, ପ୍ରାଣ, ବାସ୍ତବତା ଏବଂ ବୌଦ୍ଧିକତା ସମ୍ବଳିତ ପ୍ରଥମ ପର୍ଯ୍ୟାୟର ଧାରା ଯାହା ବାରଂବାର ଯନ୍ତ୍ରବତ୍ ଚାଳିତ ହେଉଥାଏ । ଏହା Habitual thought mind । ଏହା ସ୍ଥୂଳମନ (Physical mind) ଯାହା ଯାନ୍ତ୍ରିକ ମନ ବା Mechanical Mind ଓ ଘଣ୍ଟାପରି ଘୂରିଚାଲେ । ଦ୍ୱିତୀୟଟି ମନ ଉପରେ ପଡୁଥିବା ସଂସ୍କାରଗତ ସବୁ କିଛିର ଧାରା । ଜଣେ ସାଧାରଣ ମଣିଷର ମନଶ୍ଚାରଣା ଏହି ସଂସ୍କାର ପ୍ରଭାବିତ ମନ ଦ୍ୱାରା ସୀମାବଦ୍ଧ ଯାହାକି ମନର ଅଭ୍ୟାସଗତ ଚିନ୍ତା ।

ସ୍ଥୂଳମନର ଉର୍ଦ୍ଧ୍ୱରେ Pragmatic thought mind । ଆମେ ଏଥିରୁ ଯାହା ତଥ୍ୟ ପାଉ ତାହାକୁ ବିଚାର କରୁ ଜୀବନ ପାଇଁ ତାହା କେତେ ଆବଶ୍ୟକ ଓ ଏହାର କେତେ ମୂଲ୍ୟ (Utility) ରହିଛି ତାହା ନିର୍ଣ୍ଣୟ କରୁ । ଭାବନାଗତ କ୍ରିୟାର ଦ୍ୱିତୀୟ ସ୍ତର ଜୀବନରେ ଅପ୍ରକଟ ଓ ପ୍ରକଟିତ ସତ୍ୟ ମଧ୍ୟରେ ଏକ ସେତୁ ଯାହା ପ୍ରାଣ ସ୍ତରର ଉର୍ଦ୍ଧ୍ୱରେ ଓ ବିଚାର ଶକ୍ତି ମଧ୍ୟରେ । ଏହା ଜୀବନ ମଧ୍ୟରୁ ଆପଣାର ଅନୁଭୂତି ସଂଗ୍ରହ କରେ ଏବଂ ମନୋମୟ ଭୂମିରୁ ନୂତନ ଭାବନା ଓ ଅନୁଭୂତି ଗ୍ରହଣ କରେ । ଏହାର ସକଳ ପ୍ରବୃତ୍ତି କର୍ମ ଓ ଅନୁଭୂତି ଦିଗରେ ପରିଚାଳିତ ଯାହାକି ଏହାର ମୂଲ୍ୟ ବୋଧ ନିରୂପଣ କରୁଥିବା Pragmatic mindର ଉର୍ଦ୍ଧ୍ୱରେ । ଆମେ ଏଠି ତଥ୍ୟଗୁଡ଼ିକର ସତ୍ୟତା ବିଚାର କରୁ ।

ଭାବନାର ତୃତୀୟ ସୋପାନ ଆମ ବିଚାରଣାତ୍ମକ ମନକୁ ଉନ୍ମୋଚିତ କରିଦିଏ । ଏହା ଅନାସକ୍ତଭାବେ ବିଚାର କରିବା ସହିତ ଇନ୍ଦ୍ରିୟ ପ୍ରେରିତ ତଥ୍ୟ ଓ ଉଚ୍ଚସ୍ତରର ଆନ୍ତର ଅନୁଭୂତିଗୁଡ଼ିକୁ ଓ ଜୀବନର ସୃଜନାତ୍ମକ କ୍ରିୟାକୁ ନିରୀକ୍ଷଣ କରୁଥାଏ । ସେ ସକଳ ସତ୍ୟର ଅନୁସରଣକାରୀ । ନିଜକୁ, ବିଶ୍ୱକୁ ଓ ଏ ସକଳ ପଶ୍ଚାତରେ ଥିବା କ୍ରିୟାକୁ ଜାଣିବାକୁ ସେ ସଚେଷ୍ଟ ଥାଏ । ଏଥିରେ ସେ ପାଏ ଆନନ୍ଦ ଓ ବାସ କରେ ସତ୍ୟରେ; ଇନ୍ଦ୍ରିୟଗତ ତଥ୍ୟକୁ ଏବଂ ଅନ୍ତରର ଅନୁଭୂତିକୁ ମଧ୍ୟ ସେ ନିରୀକ୍ଷଣ କରେ । ତା'ର ଉଦ୍ଦେଶ୍ୟ ତଥ୍ୟ ସଂଗ୍ରହ ଏବଂ ତଥ୍ୟ ପଶ୍ଚାତରେ କି ସତ୍ୟ ଅଛି ତାକୁ ଜାଣି ତା' ମଧ୍ୟରୁ ପ୍ରକୃତ ସତ୍ୟକୁ ଆବିଷ୍କାର କରିବା । ଏହି ତଥ୍ୟ ସଂଗ୍ରହ କରୁଥିବା ମନ, ବୁଦ୍ଧିର ସର୍ବୋଚ୍ଚ ସ୍ତର ।

ବୁଦ୍ଧିର ଏହି ତିନୋଟି ଗତିଧାରାକୁ ଏକତ୍ର ଓ ସଂହତି ସମ୍ପନ୍ନ କରିବା ସାଧାରଣ ମନୁଷ୍ୟର ମନ ପାଇଁ ଦୁରୂହ ବ୍ୟାପାର । ସାଧାରଣ ମନ ମୁଖ୍ୟତଃ ସଂସ୍କାରାଶ୍ରିତ ଓ ଅଭ୍ୟାସଗତ ତଥା ଯନ୍ତ୍ରବତ୍ । ଏହାର କ୍ରିୟାତ୍ମିକା ଶକ୍ତି କ୍ଷୀଣ ।

ତେବେ ଆମେ ଜୀବନ କ୍ଷେତ୍ରରେ କ'ଣ ଦେଖିବାକୁ ପାଉ ? ବର୍ତ୍ତମାନ ପ୍ରାକୃତ ମନର ତିନୋଟି ଧାରା ସମ୍ପର୍କରେ ଆଲୋଚନା କରିବା । ପ୍ରଥମ ସ୍ତର ବିଷୟରେ ପୂର୍ବେ ସୂଚନା ଦିଆଯାଇଛି । ଏହା ଇନ୍ଦ୍ରିୟ ନିର୍ଭର, ସଂସ୍କାରାଚ୍ଛନ୍ନ, ଚେତନାର ପୌନଃପୁନିକତାରେ ଅଭ୍ୟସ୍ତ । ଏହା ନୂତନ ବସ୍ତୁ ସୃଷ୍ଟି ପାଇଁ ଅକ୍ଷମ, ଗତାନୁଗତିକ, ଯନ୍ତ୍ରବତ୍ ଓ ତାମସିକ ।

ଦ୍ୱିତୀୟ ସ୍ତରର ମନ ହେଉଛି କ୍ରିୟାକାରୀ (Pragmatic) ମନ । ଏହା ଭିତରେ, ବାହାରେ ଏବଂ ସର୍ବତ୍ର କିଛି ନୂତନ ବସ୍ତୁ ସୃଷ୍ଟି ପାଇଁ ଚେଷ୍ଟିତ । ଏହା ସୃଷ୍ଟି ପାଇଁ ଉନ୍ମୁଖ ମାତ୍ର ଏହାର ଲକ୍ଷ୍ୟ ଅସ୍ପଷ୍ଟ, ଅସ୍ୱଚ୍ଛ । ଚେତନାର ଉନ୍ନୟନ ଏଥିରେ କିନ୍ତୁ ଅନୁପଲବ୍ଧ । ଏହା ରାଜସିକ ମନ । ତୃତୀୟ ସ୍ତରରେ ମନ ବିଶୁଦ୍ଧ ଭାବନାର ବାହକ ଯେକି ବୁଦ୍ଧିକୁ ଗ୍ରହଣ କରେ; ଏହା ଜିଜ୍ଞାସୁ ଓ ସାତ୍ତ୍ୱିକମନ ।

ଏଣୁ ଆମେ ଦେଖୁ ତିନୋଟି ସ୍ତରରେ ମନର ତିନିପ୍ରକାର ପ୍ରବୃତ୍ତି । ପ୍ରଥମଟି ବସ୍ତୁକୁ ନେଇ, ଦ୍ୱିତୀୟଟି ପ୍ରାଣକୁ ନେଇ ଓ ତୃତୀୟଟି ଭାବନାକୁ ନେଇ କାର୍ଯ୍ୟ କରନ୍ତି । ଅଖଣ୍ଡ ଜୀବନାୟନ ପାଇଁ ଏହି ତିନୋଟି ଆବଶ୍ୟକ । କିନ୍ତୁ ପ୍ରାକୃତ ମନରେ ପ୍ରକଟ ହୁଏ ଏକଦିଗଦର୍ଶିତା । ଏଣୁ ପ୍ରକୃତିର ଐକାନ୍ତିକତା ଓ ସଂହତି ସମ୍ଭବ ହୁଏ ନାହିଁ କିଂବା ଐକ୍ୟ ମଧ୍ୟ ରହେ ନାହିଁ ।

"The supermind in its completeness reverses the whole order of the mind's thinking." (*The Synthesis of Yoga, p. 844*)

ଅତିମାନସର ପୂର୍ଣ୍ଣ ପ୍ରକାଶରେ ତା'ର ପ୍ରବୃତ୍ତି ମନର ପ୍ରବୃତ୍ତିର ସମ୍ପୂର୍ଣ୍ଣ ବିପରୀତ । ଅତିମାନସର ଗତି ଭାବରୁ ବସ୍ତୁ ଦିଗରେ । ଭାବ ଏଠି ଆଚ୍ଛନ୍ନ ନୁହେଁ, ବାସ୍ତବ । ମନର ଚିନ୍ତାଧାରାରୁ ଅତିମାନସର ଧାରା ବିପରୀତ ଦିଗରେ । ମନର ଦୃଷ୍ଟିରେ ଏହା ବସ୍ତୁ ଭାବରେ ପ୍ରତିବିମ୍ବିତ ଯାହା ସ୍ୱଭାବର ବିଭାବ । ଏଇ ସ୍ୱଭାବର ବୋଧ ହୁଏ କିପରି ? ଆତ୍ମଭାବନାରେ । ଆତ୍ମଭାବନା ଆସେ ଅନ୍ତରାବୃତ୍ତି ଯୋଗୁଁ । ଆତ୍ମଭାବନା ଗଭୀର ହେଲେ ଦୃକ୍‌ଶକ୍ତିର ରୂପାନ୍ତର ସମ୍ଭବ ହୁଏ, ଯାହା ଫଳରେ ବସ୍ତୁର ସ୍ୱଭାବ ପ୍ରତ୍ୟକ୍ଷ ହୁଏ । ଆତ୍ମଜ୍ଞାନ ସର୍ବଜ୍ଞାନର ମୂଳ ଉତ୍ସ । ନିଜକୁ ଜାଣିଲେ ଆମେ ଜଗତକୁ ଜାଣିବା । ମନ ଓ ଇନ୍ଦ୍ରିୟ ଦ୍ୱାରା ଆତ୍ମାକୁ ଜାଣିହୁଏ ନାହିଁ ଏହା ଉପନିଷଦ୍ କହନ୍ତି ।

ବୋଧଶକ୍ତିର ଜାଗରଣ ହେଲେ ଆତ୍ମଜ୍ଞାନ ହୁଏ । ଜ୍ଞାନ ତିନିପ୍ରକାର – ଆତ୍ମଜ୍ଞାନ, ବିଶ୍ୱଜ୍ଞାନ ଓ ବିଶ୍ୱାତୀତ ଜ୍ଞାନ । ଇନ୍ଦ୍ରିୟ ମାଧ୍ୟମରେ ଯେଉଁ ଜ୍ଞାନର ଜନ୍ମ ହୁଏ ତାହା ବାହ୍ୟଜ୍ଞାନ ମାତ୍ର । ବିଷୟକୁ ଆତ୍ମବଳରେ ଜାଣିବା, ତାକୁ ଆତ୍ମାରୂପେ ଉପଲବ୍ଧି କରିବା ପରେ ତା' ମଧ୍ୟରେ ଆତ୍ମଦର୍ଶନ ସମ୍ଭବ ହୁଏ । ଅତିମାନସର ଏହା ଜ୍ଞାନର ତ୍ରିପୁଟୀ ଅବସ୍ଥା । ଏପରି ଜ୍ଞାନ ଏଥିରେ ସ୍ଫୁରିତ । ଏ ସମ୍ପର୍କରେ ବୃହଦାରଣ୍ୟକ ଉପନିଷଦସ୍ଥ (୪.୪.୨୩) ମନ୍ତ୍ରଟି ସ୍ମରଣୀୟ – ''ଆତ୍ମନ୍ୟେବ ଆତ୍ମାନଂ ପଶ୍ୟତି ସର୍ବମାତ୍ମାନଂ ପଶ୍ୟତି ବ୍ରାଣୋ ଭବତି ।''

ଅତିମାନସ ଭାବନାର ସ୍ୱତନ୍ତ୍ରତା କ'ଣ ? ଏଠାରେ ଘଟେ ଅନନ୍ତର ସ୍ୱତଃସ୍ଫୂର୍ତ୍ତ ବିଳାସ । ମନ ପାଇଁ ଅନନ୍ତ ଏକ ଶବ୍ଦ ମାତ୍ର । ତା'ର ଏପରି ଦୃଷ୍ଟି ନାହିଁ କି ଅନୁଭବ ନାହିଁ, ଅଛି ଅନୁମାନ ମାତ୍ର, ଏହା କଥାର କଥା । କାରଣ ତା'ର ଭାବବୋଧ ସୀମିତ । ପରମଙ୍କୁ ଜାଣିବାକୁ ମନ 'ନେତି, ନେତି'ର ବିଚାର କରି ବସେ । ତା' ପାଖରେ 'ଇତି' ପ୍ରତ୍ୟୟ ନଥାଏ । ସେ ଏହା ନୁହେଁ, ଏହା ନୁହେଁ ଭାବିଚାଲେ । ସମସ୍ତ ନେତିର ଶେଷ ଫଳ 'ଶୂନ୍ୟ' । ମନ ଏହାକୁ ତା'ର ପରମାର୍ଥ ଧରିନିଏ । ଆପଣାର ପରିପୂର୍ଣ୍ଣ ଅବସ୍ଥାରେ ଅତିମାନସ ମନୋଭୂମିଗତ ଭାବନାର ସମୁଦାୟ ରୀତିଟିକୁ ସମ୍ପୂର୍ଣ୍ଣଭାବେ ଓଲଟାଇ ଦିଏ, ଏହା ପୂର୍ବେ ସୂଚାଇ ଦେଇଛୁ । ଅତିମାନସ ପ୍ରାତିଭାସିକ ଭୂମିରେ ଅବସ୍ଥାନ କରେ ନାହିଁ । ଅବସ୍ଥାନ କରେ ମର୍ମଗତ ସାର ଭୂମିରେ ଅର୍ଥାତ୍ ଆତ୍ମସତ୍ତା ମଧ୍ୟରେ । ତେଣୁ ସେସବୁକୁ ତା'ର ସତ୍ତା, ସାମର୍ଥ୍ୟ, ରୂପାୟଣ ଓ ସ୍ପନ୍ଦନ ରୂପେ ଅନୁଭବ କରେ ଓ ପ୍ରତ୍ୟକ୍ଷ କରେ । ଏହାର ଯାବତୀୟ ମୂଳଭୂତ ବିଚାରଣା ସକଳ ସତ୍ତା ସହ ତାଦାତ୍ମିକତ୍ୱ ଭାବରେ କ୍ରିୟାରତ । ଏଣୁ ଏଥିରେ ଆଧ୍ୟାତ୍ମିକ ଜ୍ଞାନ ଓ ତଦନୁରୂପ ଦୃଷ୍ଟି ସାମର୍ଥ୍ୟ ପ୍ରକଟିତ । ତା'ର ଭାବନା ଶାଶ୍ୱତ ସତ୍ୟର ଶକ୍ତିମତ୍ତା ମଧ୍ୟରୁ ପ୍ରକାଶ ପାଏ । ଏହା ଆତ୍ମସତ୍ତାର ଚେତନା, ଅନନ୍ତ ଶକ୍ତି ସମ୍ପନ୍ନତା, ଆନନ୍ଦ ମଧ୍ୟରେ ବିଚରଣ କରୁଥାଏ ।

ପୂର୍ବେ କହିଛୁ ମନର ଗତି 'ନେତି ନେତି' ଦିଗରେ । ଶେଷ ତା'ର ଶୂନ୍ୟତା । ଅତିମାନସର ଧାରା ତା'ର ବିପରୀତ । ମନର ଗତି ସାନ୍ତରୁ ଅନନ୍ତ ଦିଗରେ । ଏଣୁ ସେ ହୁଏ ଦିଗହରା । ମାତ୍ର ଅତିମାନସ ଆନନ୍ତ୍ୟର ଋତଛନ୍ଦ ବୃହତ୍ ସତ୍ୟରୁ ଅବଲୀଳା କ୍ରମେ ବିଚ୍ଛୁରିତ କରେ ସାନ୍ତର ସ୍ଫୁଲିଙ୍ଗ । ଏଠାରେ ଶୂନ୍ୟ ନୁହେଁ ଶକ୍ତିହିଁ ପ୍ରକାଶ ପାଏ । ଅବ୍ୟକ୍ତ ସେଠାରେ ବ୍ୟକ୍ତର ଉତ୍ସ । ଆତ୍ମବିଚ୍ଛୁରଣ ବା ସୃଷ୍ଟି ହେଉଛି ଅତିମାନସର ଶକ୍ତିରୂପ । ତା'ର ଋତମ୍ଭରା ଶକ୍ତି ଅର୍ଥ କ୍ରିୟାକାରିତା । ତା'ର ଗୋଟିଏ ମେରୁ ଯଦି ସୂର୍ଯ୍ୟମଣ୍ଡଳ ପରି ଚିଦ୍‌ଘନ ଓ ତେଜୋମୟ, ଅନ୍ୟ ମେରୁରେ ସେଇ ପୁଞ୍ଜିତ ତେଜଃରହିଁ ଅନନ୍ତ ବୈଚିତ୍ର୍ୟ ବିଚ୍ଛୁରଣ ପ୍ରକଟିତ । ତା'ର ସେହି ସହସ୍ର ରଶ୍ମିହିଁ ପୃଥିବୀ ଉପରେ ତା'ର ଭାବ, ପ୍ରାଣ, ରୂପ ଭାବେ ପ୍ରକାଶିତ ହୁଏ । ମନ ପାଇଁ ଏହା ବିରୂପ । ଅତିମାନସ ସର୍ବତ୍ର ସ୍ୱରୂପର ଉଲ୍ଲାସ, ବ୍ରହ୍ମର ''ଜ୍ଞାନମୟ ତପଃ'' । ସବୁ ଏଠି ଋତଛନ୍ଦ । ଖଣ୍ଡତା ଏଠି ଅଖଣ୍ଡ, ବିଧୃତ । ଏଠାରେ ଚାଲେ କାଳାତୀତର ତରଙ୍ଗ ଭଙ୍ଗର ଲୀଳାଖେଳା । ମନ ଦେଖେ ସବୁକୁ ଖଣ୍ଡ ଖଣ୍ଡ କରି ଖଣ୍ଡିତ ରୂପରେ । ତା' ବାହାରେ କ'ଣ ଅଛି ତାହା ତା'ର ଅଗମ୍ୟ, ଅବୋଧ, ଅଦୃଶ୍ୟ । ଏହା ତା'ର ଅବିଦ୍ୟା । ଏକାନ୍ତ ଅଭିନିବେଶ (exclusive concentration) ପାଇଁ ଏହା ପ୍ରୟୋଜନ । ଅଭିନିବେଶ ଯୋଗୁଁ ଅଖଣ୍ଡ ହୁଏ ଖଣ୍ଡିତ । ଏକ ମଧ୍ୟରେ ଅନୁଭୂତ ହୁଏ ବହୁ । ଆମ ଦେହରେ ଅନେକ ଅଙ୍ଗ-ପ୍ରତ୍ୟଙ୍ଗ ଥାଏ । ପ୍ରାଣର ଅନୁଭବରେ ଏଥିରେ ଅନୈକ୍ୟ ନଥାଏ, ଥାଏ ଐକ୍ୟ । ସେହିପରି ଅତିମାନସର ରୀତି ଓ ଦୃଷ୍ଟି । ସେ ଅଖଣ୍ଡକୁ ଦେଖେ, ତଥାପି ଖଣ୍ଡକୁ ବି ଜାଣେ । ତା' ଅର୍ଥ ତା'ର ଦୃଷ୍ଟି ପରିପୂର୍ଣ୍ଣ । ଅତିମାନସରେ ସବୁ ସଂହତ । ତା'ର ଗତି ସଂହତିରୁ ବୃହତ୍ତର ସଂହତି ଦିଗରେ । ତା'ର ଭିତ୍ତି ଆତ୍ମା ।

ମନ ନିକଟରେ କାଳର ଗୋଟିଏ ଅଂଶ ବ୍ୟକ୍ତ, ତାହା ବର୍ତ୍ତମାନ । ମାତ୍ର ଅତିମାନସ ନିକଟରେ ଅନନ୍ତ କାଳ, ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ୍ ସବୁକିଛିହିଁ ବ୍ୟକ୍ତ । ଗୋଟିଏ କ୍ଷଣରେ ତ୍ରିକାଳ ଦୃଷ୍ଟି ସେଠାରେ ସ୍ପଷ୍ଟ ।

ମନର ଗୋଟିଏ ଦିଗ ଜଡ଼ ଦିଗରେ ପ୍ରସାରିତ । ଏଣୁ ତା' ଉପରେ ଜଡ଼ ଧର୍ମର ସଂକ୍ରମଣ ହୁଏ । ଜଡ଼ର ଧର୍ମ ମନରେ ଅଭିନିବେଶ ଓ ବିକ୍ଷେପ ଆକାରରେ ପ୍ରକାଶ ପାଏ । ଜଡ଼ ଧର୍ମର ଅଭିନିବେଶ ଯୋଗୁଁ ସମଗ୍ରତାକୁ ସେ ଧାରଣ କରିବାରେ ଅସମର୍ଥ । ଏକ ଅଂଶକୁ ଏକାନ୍ତଭାବେ ମନ ଜାଣିବା ବେଳେ ଅନ୍ୟ ଅଂଶଟି ବିଷୟରେ ତା'ର ଐକାନ୍ତିକ ଜ୍ଞାନ ମଧ୍ୟ ସ୍ଥାୟୀ ହୋଇପାରେ ନାହିଁ । ପରମୁହୂର୍ତ୍ତରେ ମନ ତହିଁରୁ ବିଚ୍ୟୁତ ହୋଇ ଅନ୍ୟ ଏକ ଅଂଶରେ ଅଭିନିବିଷ୍ଟ ହୁଏ । ସର୍ବଦା ମନ ଅସଂଖ୍ୟ ଚିନ୍ତାରେ ବିକ୍ଷୁବ୍ଧ । ଜୀବନ ଓ ଜଗତ୍ ସମ୍ପର୍କରେ ସେ ସ୍ୱଚ୍ଛ ଓ ଗଭୀର ଭାବେ କିଛି ବୁଝିପାରେ ନାହିଁ । ମନ କେଉଁ ଦିଗରୁ କେଉଁ ଦିଗକୁ ଯାଏ, ତାହା ସେ ଜାଣେ ନାହିଁ । କାରଣ ତା'ର

ଲକ୍ଷ୍ୟ ଅସ୍ପଷ୍ଟ । ତା' ପଛରେ ଏକ ଶାଶ୍ୱତ ସତ୍ୟର କ୍ରିୟାକାରିତାର ଆବେଶ ଅଛି ଯାହା ମନର ଅଗୋଚର । ଏହା ତା'ର ଚେତନାର ସଙ୍କୋଚନ । ଏଣୁ ଏଠାରେ ପ୍ରକାଶ ପାଏ ଅନିଶ୍ଚିତତା ଓ ଅସ୍ପଷ୍ଟତା ।

ଅତିମାନସରେ ଏପରି ଅନିଶ୍ଚିତତା, ଅଧଃପତନ, ହ୍ରାସ ନାହିଁ । କାରଣ ତା'ର ଭିତ୍ତି ଊର୍ଦ୍ଧ୍ୱରେ, ସେ ଊର୍ଦ୍ଧ୍ୱ ଜଗତରୁ ସତ୍ୟ ଗ୍ରହଣ କରେ, ମନ ପରି ନିମ୍ନରୁ ନୁହେଁ । ସମ୍ବୋଧି (intuition) ଇନ୍ଦ୍ରିୟ ମନ ଓ ଅତିମନ (supermind) ମଧ୍ୟରେ ସଂଯୋଗର ସେତୁ । ସେହିପରି ସାଧାରଣ ମନ ଓ ସମ୍ବୋଧି ମନ ମଧ୍ୟରେ ସଂଯୋଗର ସେତୁ ହେଲା ବୁଦ୍ଧି । ଆମ ଉପରେ ଊର୍ଦ୍ଧ୍ୱରୁ ସମ୍ବୋଧିର ଚାପ, ନିମ୍ନରୁ ପ୍ରାଣଗତ ମନ ଓ କାମନାର ଚାପ ପଡ଼ିଥାଏ । ପ୍ରାଣର ପ୍ରଭାବ ହେତୁ ବୁଦ୍ଧି ତା' ସ୍ୱ-ଧାରାରେ କାର୍ଯ୍ୟ କରିପାରେ ନାହିଁ, ଆମ ଉପରେ ତିନୋଟି ଶକ୍ତିର ପ୍ରଭାବ ପଡ଼େ – ଊର୍ଦ୍ଧ୍ୱରୁ ସଂବୋଧି, ନିମ୍ନରୁ ପ୍ରାଣିକ ମନ ଏବଂ ବୁଦ୍ଧି । ଅତିମନର ଆଲୋକ ମନ ଉପରେ ପଡ଼ିଲେ ପ୍ରାଣିକ ମନର କାମନା-ବାସନାର ଚାପର ପ୍ରଭାବ ସମ୍ପୂର୍ଣ୍ଣ ବାଧା ପାଏ । ମନର ଆବିଳତା, ଅପମିଶ୍ରଣ ଦୂର ହୁଏ । ବୁଦ୍ଧି ଶୁଦ୍ଧ ଓ ବିସ୍ତାରିତ ହୁଏ । ବୁଦ୍ଧି ପଶ୍ଚାତରେ ଅଛି ଅତିମାନସିକ ବୁଦ୍ଧି । ବୁଦ୍ଧି ରୂପାନ୍ତରିତ ହୁଏ । ସେ କେବଳ ବାହ୍ୟ ବସ୍ତୁର ବିଚାରକ ନହୋଇ ଅତିମାନସ ପ୍ରଭାବରେ ଅନ୍ତର୍ଦୃଷ୍ଟି ଲାଭକରି ଆନ୍ତର ତଥ୍ୟାବଳୀର ବିଚାର କରିପାରେ । ଏବେ ବୁଦ୍ଧି ସ୍ଥୂଳ ଜଗତ୍ ପଶ୍ଚାତରେ ଥିବା ସୂକ୍ଷ୍ମ (occult) ଜଗତର ତଥ୍ୟାବଳୀର ବିଶ୍ଳେଷଣ କରିପାରେ । ଏହି ଚେତନା ଅନେକ ଜଗତରେ ସକ୍ରିୟ ହୋଇପଡ଼େ । ଏବେ ଯାହା ସବୁ ବିଚାର ହୁଏ ତାହା ଅଧିକ ସତ୍ୟଭିତ୍ତିକ ଓ ଏଥିରେ ଥାଏ ନୈଶ୍ଚିତ୍ୟବୋଧ । ଅତିମାନସ ବୁଦ୍ଧି ପ୍ରତ୍ୟେକ ସ୍ଥଳରେ ଏକତ୍ୱ ମଧ୍ୟରେ ବହୁକୁ ଅନୁଭବ ଓ ବିଚାର କରିପାରେ । ଯାହା ବିଶାଳ ଓ ବିଶ୍ୱମୟ । ଏଠାରେ ଦ୍ରଷ୍ଟା ଓ ଦୃଶ୍ୟ ଅଭିନ୍ନ ।

ବୁଦ୍ଧି ପରେ ସ୍ମୃତି (memory) କଥା ବିଚାର୍ଯ୍ୟ । ସ୍ମୃତି ଦୁଇ ପ୍ରକାର – ଗୋଟିଏ ବ୍ୟକ୍ତିଗତ, ଅନ୍ୟଟି ଗୋଷ୍ଠୀଗତ (race-memory) । ଏହି ଗୋଷ୍ଠୀଗତ ସ୍ମୃତି ପ୍ରକୃତିଗତ (instinct), ଏହା ବହିପାଠ ନୁହେଁ । ଏହା ସ୍ୱତଃସ୍ଫୂର୍ତ୍ତ, ପ୍ରତ୍ୟେକ ମାନବଗୋଷ୍ଠୀ (human race)ର ସ୍ମୃତି ଭିନ୍ନ ଭିନ୍ନ । ପାଶ୍ଚାତ୍ୟ ଦେଶ ଲୋକଙ୍କର ଏହି ଗୋଷ୍ଠୀଗତ ସ୍ମୃତି, ପ୍ରାଚ୍ୟମାନଙ୍କଠାରୁ ଭିନ୍ନ । ବ୍ୟକ୍ତିଗତ, ପରିବେଶଗତ (environmental) ଏବଂ ଗୋଷ୍ଠୀଗତ ସ୍ମୃତି ଜ୍ଞାନଲାଭର ସହାୟକ । ଅତିମାନସ ଆଲୋକରେ ଏହା ପ୍ରଭାବିତ ହୁଏ ।

ଏହା ପରେ ବିଚାର୍ଯ୍ୟ ମଣିଷର ବିଚାରଧାରା (judgement) । ସାଧାରଣ ମଣିଷର ମନ ସବୁ ଦିଗରୁ ତଥ୍ୟ ସଂଗ୍ରହ କରି ତା'ର ଏକତ୍ରୀକରଣ ପରେ ତା' ଉପରେ ଯେଉଁ ବିଚାର କରେ ତାହା ସର୍ବଦା ଯଥାର୍ଥ ସତ୍ୟର ପ୍ରକାଶକ ନୁହେଁ । ମାତ୍ର ଅତିମାନସ ପ୍ରଭାବ ଦ୍ୱାରା ମନର ପୂର୍ଣ୍ଣାଙ୍ଗ ସତ୍ୟ ଦୃଷ୍ଟିର ବିଚାରରେ ସାମାନ୍ୟ ତ୍ରୁଟି ବା ଭ୍ରମ ରହେ ନାହିଁ । ବିନା ଇନ୍ଦ୍ରିୟ ବ୍ୟବହାରରେ ଅତିମାନସ ପ୍ରଭାବିତ ମନ ବିଚାର କରିପାରେ ।

ମନର ଗତି ଚଞ୍ଚଳ । ତା'ର ପଶ୍ଚାତରେ ଯେ ଏକ ଶାଶ୍ୱତ ସତ୍ୟର କ୍ରିୟାକାରିତାର ଆବେଶ ଅଛି ତାହା ତା'ର ଅଗୋଚର । ଚେତନାର ଏପରି ସଙ୍କୋଚନ ଓ ଅନିଶ୍ଚିତତା ତଥା ଆବେଗ ଅତିମାନସରେ ଅନୁପଲବ୍ଧ । ତା' ମଧ୍ୟରେ ଯେଉଁ ସତ୍ୟ ଅବସ୍ଥିତ ତାହା ସେ ପ୍ରକାଶ କରିଚାଲେ । ଏହା ତା'ର ଋତମ୍ଭରା ପ୍ରଜ୍ଞାର ପ୍ରତ୍ୟୟ । ଅତିମାନସର ଦୃଷ୍ଟି ସମଗ୍ର ସୃଷ୍ଟିର ସମଧର୍ମୀ । ଏଠାରେ ସତ୍ୟର ଦୃଷ୍ଟି ଚିନ୍ମୟ ।

ଅତିମାନସର ଭାବନା ଓ ଚେତନା ଯେତେବେଳେ ବ୍ୟବହାରିକ ଜଗତରେ କିଛି ସୃଷ୍ଟି କରି ବସେ ସେତେବେଳେ ମନେହୁଏ ଯେପରି ପ୍ରାକୃତିକ ମନର କ୍ରିୟା । କିନ୍ତୁ ଏହା ମନର ସୃଜନ କ୍ରିୟାର ବିପରୀତ । ଯେପରି ଆକାଶ ଓ ପାତାଳ । ଅତିମାନସରେ ଅଛି ସଂହତି (harmony) ଓ ଛନ୍ଦୋମୟ ଆବର୍ତ୍ତନ । ମନରେ କିନ୍ତୁ ଏହାର ଅଭାବ ଦେଖାଯାଏ, ବରଂ ଏଥିରେ ଥାଏ ପୌନଃପୁନିକତା । ଅତିମାନସର ସଂକଳ୍ପ ଓ ଭାବନା ଅନନ୍ତ ସହ ନିତ୍ୟଯୁକ୍ତ । ଏଣୁ ତା' ମଧ୍ୟରେ ଅଛି ସର୍ବଗ୍ରାହୀ ଓ ସର୍ବାବଗାହୀ ବ୍ୟାପ୍ତି ତଥା ସାବଲୀଳତା । ସବୁକୁ ସେ ଆପଣାର କରିପାରେ । ଅଧିଷ୍ଠାନ-ଚୈତନ୍ୟର ଆବେଶ ତା'ର ସାମର୍ଥ୍ୟର ଉତ୍ସ । ତା' ମଧ୍ୟରେ ଶକ୍ତି ଓ ଜ୍ୟୋତିଃର ଅଫୁରନ୍ତ ସାମର୍ଥ୍ୟ ଅଛି ।

ଅତିମାନସ ବୃହତ୍ ସଙ୍ଗେ ନିତ୍ୟଯୁକ୍ତ । ଏଣୁ ଏହା ବୈଚିତ୍ର୍ୟ ସଙ୍ଗେ ସୌଷମ୍ୟ ରକ୍ଷା କରିବାକୁ ସମର୍ଥ । ମନ ପକ୍ଷରେ ଏହା ସମ୍ଭବ ନୁହେଁ । ମନ ମଧ୍ୟରେ ସାଧନା ଅବିଦ୍ୟାର ଦୁରାଗ୍ରହ ମଧ୍ୟରେ ଓ ବହୁ ଦ୍ୱନ୍ଦ୍ୱ ମଧ୍ୟରେ ଘଟିଥାଏ ।

(କ୍ରମଶଃ)

❑❑❑

# ବିବର୍ତ୍ତନରେ ଯୁଗ-ସନ୍ଧି

## (୧)

## ନଳିନୀକାନ୍ତ ଗୁପ୍ତ

ପ୍ରକୃତି ମଧ୍ୟରେ 'ବିବର୍ତ୍ତନ' ଅର୍ଥାତ୍ କ୍ରମପରିଣାମ ଚାଲିଛି – ଏ ସତ୍ୟଟି ଆଜିକାଲି ପ୍ରାୟ ସର୍ବବାଦିସମ୍ମତ । ପ୍ରଶ୍ନ ଉଠୁଛି – ବିବର୍ତ୍ତନ ବା କ୍ରମପରିଣାମର ଅର୍ଥ କ'ଣ ? ଅଳ୍ପ ବା ସଂକ୍ଷେପରେ କହିଲେ ଜିନିଷଟି ଏଇୟା – ବର୍ତ୍ତମାନ ସୃଷ୍ଟିର ଯେଉଁ ସ୍ୱରୂପ ତାହା ଚିରକାଳ ଧରି ଏପରି ନଥିଲା । କେବଳ ପୃଥିବୀର କଥା କହିଲେ, ଯେତେ ଅତୀତକୁ ଯାଉ, ଦେଖୁ ପୃଥିବୀର ରୂପ, ପୃଥିବୀର ଅଧିବାସୀମାନଙ୍କର ଆକାର-ପ୍ରକାର, ସମାବେଶ ବଦଳି ବଦଳି ଯାଇଛି; ଅବଶ୍ୟ ବର୍ତ୍ତମାନ ଦେଖୁଛୁ ପୃଥିବୀ ମନୁଷ୍ୟରେ ପରିପୂର୍ଣ୍ଣ – ଅର୍ଥାତ୍ କୋଟି କୋଟି ମନୁଷ୍ୟ ରହିଛନ୍ତି । କିନ୍ତୁ ଦିନ ଥିଲା, ହୁଏତ କେତେ ଲକ୍ଷ ବର୍ଷ ପୂର୍ବର କଥା – ଯେତେବେଳେ ମନୁଷ୍ୟ ବୋଲି କୌଣସି ଜୀବର ଅସ୍ତିତ୍ୱ ବି ନଥିଲା – ହୁଏତ ଥିଲେ ଖୁବ୍ ଜୋର୍‌ରେ ବଣମଣିଷ ଆଉ ଜନ୍ତୁ-ଜାନୁଆର ବା ପଶୁ-ପକ୍ଷୀ । ଆହୁରି ଅତୀତକୁ ଯଦି ଯାଉ ତା'ହେଲେ ଦେଖୁ ପଶୁମାନଙ୍କ ମଧ୍ୟରେ ହାତୀ, ଘୋଡ଼ା, ସିଂହ, ବ୍ୟାଘ୍ର କେହି ନାହାନ୍ତି, ଆକାଶରେ ଡେଣାଯୁକ୍ତ ଜୀବ କିଛି ଦେଖା ଦେଇଛନ୍ତି ସତ, କିନ୍ତୁ ସ୍ଥଳଭାଗରେ କେବଳ ବିପୁଳ ଅତିକାୟ ସରୀସୃପ (ସାପଜାତୀୟ ବଡ଼ ବଡ଼ ଜୀବ) । ଆହୁରି ପଛକୁ ଗଲେ ଦେଖୁ ସ୍ଥଳଭାଗ ଖୁବ୍ ଅଳ୍ପ, ସେଥିରେ ଜୀବ ଅତି ବିରଳ,– କେବଳ ଥିଲେ ଜଳଜ ଜୀବ, ମତ୍ସ୍ୟ, କୂର୍ମ ବା ସେମାନଙ୍କର ପୂର୍ବପୁରୁଷ । ଆହୁରି ଅଧିକ ଅତୀତକୁ ଗଲେ ଜୀବଙ୍କର ଆଉ ସାକ୍ଷ୍ୟ ମିଳେନି, ପୃଥିବୀଟା କେବଳ ଗଛପତ୍ର, ଲତାଗୁଳ୍ମରେ ପରିପୂର୍ଣ୍ଣ । ପୁଣି ତା'ର ଆହୁରି ପଛକୁ ଗଲେ ବୃକ୍ଷଲତା ବା ସବୁଜ, ସଜୀବ କିଛି ନାହିଁ – କେବଳ ଆଖିରେ ପଡ଼େ ଜଡ଼ପଦାର୍ଥର, ସ୍ଥୂଳ ଭୌତିକ ବସ୍ତୁର ସମାରୋହ ଆଉ କ୍ରିୟା-ପ୍ରତିକ୍ରିୟା ।

ଏଇ କାଳର ପ୍ରବାହରେ ସ୍ତର ପରେ ସ୍ତର, ଶ୍ରେଣୀ ପରେ ଶ୍ରେଣୀର ଯେ ଏକ କ୍ରମିକ ଆବିର୍ଭାବ ହୋଇଛି ତା' ମଧ୍ୟରେ ତିନିଗୋଟି ସୀମା ବା ସନ୍ଧିସ୍ଥଳ ଖୁବ୍ ସ୍ପଷ୍ଟ – ପ୍ରଥମଟି ହେଲା ମନୁଷ୍ୟ ଓ ପଶୁ ମଧ୍ୟରେ, ଦ୍ୱିତୀୟଟି ପଶୁ ବା ଜୀବ ଓ ଉଦ୍ଭିଦ ମଧ୍ୟରେ, ଆଉ ତୃତୀୟଟି ହେଲା ଉଦ୍ଭିଦ ଓ ଜଡ଼ ପଦାର୍ଥ ମଧ୍ୟରେ । ବିବର୍ତ୍ତନ-ତତ୍ତ୍ୱ କହେ, ଜଡ଼ ପରେହିଁ ଉଦ୍ଭିଦ ଦେଖା ଦେଇଛି, ଉଦ୍ଭିଦ ପରେ ଜୀବର ଉଦ୍ଭବ ହୋଇଛି, ନିମ୍ନତନ ଜୀବ ବା ପ୍ରାଣୀଙ୍କ ପରେ ମନୁଷ୍ୟ ଆବିର୍ଭୂତ ହୋଇଛି । ଏ ସିଦ୍ଧାନ୍ତ ସମ୍ବନ୍ଧରେ କୌଣସି ସନ୍ଦେହ ଆଉ ହୁଏତ ଉଠି ନପାରେ – କିନ୍ତୁ ବିବର୍ତ୍ତନ-ତତ୍ତ୍ୱ ଆହୁରି କହିବାକୁ ଚାହିଁଛି ଯେ, 'ଜଡ଼'ର ''ପରେ'' କେବଳ ନୁହେଁ, 'ଜଡ଼'ରୁହିଁ ପ୍ରାଣ ଓ ଉଦ୍ଭିଦ ଜନ୍ମ ନେଇଛି, ସେହିପରି ଉଦ୍ଭିଦର ପରେ ନୁହେଁ ଉଦ୍ଭିଜ୍ଜ-ସତ୍ତା (ବା ଉଦ୍ଭିଦ ମଧ୍ୟସ୍ଥ ସତ୍ତା) ମଧ୍ୟରୁ ଜୀବ ପ୍ରକଟ ହୋଇଛି, ପୁଣି ଇତର ଜୀବ-ଜନ୍ତୁ-ଜାନୁଆରଙ୍କର ପରେ କେବଳ ନୁହେଁ, ସେମାନଙ୍କର ପୂର୍ବପୁରୁଷଙ୍କ ଜଠର (ଗର୍ଭ)ରୁହିଁ ପ୍ରଥମ ମଣିଷ ଭୂମିଷ୍ଠ ହୋଇଛି । ଏଇ ଶେଷ ସିଦ୍ଧାନ୍ତଟିରେ ସକଳେ ସବୁ-ସମୟରେ ସମ୍ପୂର୍ଣ୍ଣ ସମ୍ମତି ଦେଇ ପାରନ୍ତି ନାହିଁ; ଏହାର କାରଣ ରହିଛି । ବିବର୍ତ୍ତନର ଧାରାଟି ସାଧାରଣଭାବେ, ପୂରାପୂରି ଗ୍ରହଣ କଲେ ଏହା ଜଣାଯାଏ ଯେ, ଏଇ ଜଡ଼ ପରିବର୍ତ୍ତିତ ହେଉ ହେଉ ଏକ ସମୟରେ ପ୍ରାଣରେ ପରିଣତ ହୋଇଛି – ଅକ୍ସିଜେନ୍, ନାଇଟ୍ରୋଜେନ୍ ଓ କାର୍ବନ୍ ପ୍ରଭୃତି ଜଡ଼ ଉପକରଣ ବା ଉପାଦାନ ମଧ୍ୟରୁହିଁ ସେତେବେଳେ ଦେଖାଦେଲା ଶୈବାଳଜାତୀୟ ଆଦିମ ଉଦ୍ଭିଦ । ଉଦ୍ଭିଦ – [ଅବଶ୍ୟ ବର୍ତ୍ତମାନର ପୂର୍ଣ୍ଣ-ପରିଣତ ବଟ-ଅଶ୍ୱତ୍ଥ (ବର-ଓସ୍ତ) ବୃକ୍ଷ ନୁହେଁ, ଉଦ୍ଭିଦର ଏକ ଆଦିପୁରୁଷ, କେତେଯୁଗ ଧରି ଭ୍ରୂଣରୂପ] ପରିବର୍ତ୍ତିତ ହେଉ ହେଉ ପ୍ରାଣୀରେ ପରିଣତ ହେଲା, ସେହି ପ୍ରକାରେ ପୁଣି ପ୍ରାଣୀ ବା ପଶୁ ବି କ୍ରମଶଃ ପରିବର୍ତ୍ତିତ ହୋଇ ମନୁଷ୍ୟରେ ପରିଣତ ହେଲା । ସୁତରାଂ ବର୍ତ୍ତମାନ ପ୍ରଶ୍ନ ଉଠୁଛି – ପରିବର୍ତ୍ତନର ଏ ପ୍ରକାର ନିରବଚ୍ଛିନ୍ନ ଧାରାବାହିକତା ବାସ୍ତବରେ ଦେଖାଯାଏ ନା ନାହିଁ ?– ମୋଟାମୋଟିଭାବେ ହୁଏତ ଦେଖାଯାଏ, କିନ୍ତୁ ପୁଙ୍ଖାନୁପୁଙ୍ଖଭାବେ ନଜର ଦେଲେ ଦେଖାଯାଏନି, ବୈଜ୍ଞାନିକମାନେ ଏଇ କଥା କହିଛନ୍ତି : ପରିବର୍ତ୍ତନର ଧାରାରେ, ପ୍ରତି ସ୍ତରରେ ପ୍ରକୃତରେ ଫାଙ୍କ ରହିଯାଇଛି । ପ୍ରଥମେ ପ୍ରଥମେ କୁହାଯାଉଥିଲା ଏହିସବୁ ସନ୍ଧି ବା ସଂଯୋଗର ନିଦର୍ଶନ ମିଳେ ନାହିଁ; ତାହା କାଳର

ପ୍ରକୋପରେ ନଷ୍ଟ ହୋଇ ଯାଇଛି କି ନା ତାହା ହୁଏତ ଅନେକ ଅନୁସନ୍ଧାନ ପରେ ଭବିଷ୍ୟତରେ ଦିନେ ମିଳିବ । – କିନ୍ତୁ ଏଇ ଶେଷୋକ୍ତ ଆଶା ଏପର୍ଯ୍ୟନ୍ତ ଯଥେଷ୍ଟ ଫଳବତୀ ହୋଇନି । ଆଉ ପ୍ରଥମୋକ୍ତ ସିଦ୍ଧାନ୍ତ ସମ୍ବନ୍ଧରେ ପ୍ରଶ୍ନ ହେଲା – ଠିକ୍ କେଉଁ ନିୟମର ଚାପରେ ସନ୍ଧିସ୍ଥଳଗୁଡ଼ିକ ନଷ୍ଟ ହୋଇଗଲା ? ବହୁ ଅନ୍ୱେଷଣ-ବିଶ୍ଳେଷଣ, ପରୀକ୍ଷଣର ପରେ 'ମିସିଂ ଲିଙ୍କ୍' (Missing Link) ବା ହୃତ ସନ୍ଧିସ୍ଥଳ ବା ହଜିଯାଇଥିବା ସଂଯୋଜକ ଭଳି ଅନେକ କିଛି ଆବିଷ୍କୃତ ହେଲା ସତ, କିନ୍ତୁ ଠିକ୍ ଠିକ୍ ଜିନିଷଟି ଏଯାଏ ମିଳିନି ।

ସମସ୍ୟା ହେଲା ଏଇୟା – ଜଡ଼ ଓ ଉଦ୍ଭିଦ ମଧ୍ୟରେ ଏପରି କିଛି ପଦାର୍ଥ ବା ବସ୍ତୁ ଅଛି ଯାହା କି ପୂରାପୂରି ଜଡ଼ ନୁହେଁ କି ସଂପୂର୍ଣ୍ଣ ଉଦ୍ଭିଦ ନୁହେଁ;– କିଛି ଜଡ଼ କିଛି ଉଦ୍ଭିଦ ? ତାହା ତ ଠିକ୍ ଦେଖୁ ନାହୁଁ । ଜଡ଼ରେ ଯେତେବେଳେ ପ୍ରାଣ ଦେଖାଦେଲା ସେତେବେଳେ ଉଭୟ ମଧ୍ୟରେ ଏକ ବିଚ୍ଛେଦ ଘଟି ଯାଇଛି । ଉଭୟ ମଧ୍ୟରେ କ୍ରମିକ ଅବସ୍ଥିତି କିଛି ନାହିଁ । ସେହିଭଳି ପୁଣି ଉଦ୍ଭିଦ ବି ଯେତେବେଳେ ପ୍ରାଣୀ-ସ୍ତରକୁ ଉଠିଯାଇଛି ସେତେବେଳେ ଉଦ୍ଭିଦ ଓ ପ୍ରାଣୀର ଧର୍ମ ଏକ ସଙ୍ଗେ ମିଳିମିଶି ରହିଥିବା ଏପରି କିଛି ସତ୍ତାର ସନ୍ଧାନ ମିଳେ କି ? ଏଠାରେ ବି ସେଇ ଏକହିଁ ଉତ୍ତର । ପ୍ରାଣୀ ଓ ମନୁଷ୍ୟର ମଧ୍ୟବର୍ତ୍ତୀ କୌଣସି ଜୀବ ସମ୍ବନ୍ଧରେ ଅନ୍ୟ ଉତ୍ତର ନାହିଁ ବୋଲି ମନେ ହୁଏ ।

ସବୁଠାରୁ ପୁରାତନ ମନୁଷ୍ୟର ନମୁନା ଯାହା ପ୍ରାପ୍ତ ହୋଇଛି, ଆଉ ସବୁଠାରୁ ପରବର୍ତ୍ତୀ ଯେଉଁ ବଣମଣିଷ ଦେଖୁ ସେ ଉଭୟଙ୍କ ମଧ୍ୟରେ ଶାରୀରିକ ଗଠନ ଦୃଷ୍ଟିରୁ ଅନେକ ସାଦୃଶ୍ୟ ଅଛି ସତ; ହେଲେ ତଥାପି ମଣିଷ ମଣିଷ, ଆଉ ବଣମଣିଷ ବଣମଣିଷ ତାଙ୍କ ଭିତରେ ପାର୍ଥକ୍ୟଟି ରହି ଯାଇଛି । ଯେଉଁ 'ବା-ନର'ରୁ 'ନର'ର ଉଦ୍ଭବ ହୋଇଛି, ତା'ର ଯେ ବୁଦ୍ଧି-ଶକ୍ତି ନଥିଲା ତା' ନୁହେଁ, ଏପରିକି ବୁଦ୍ଧିର ଚାତୁର୍ଯ୍ୟରେ ମନୁଷ୍ୟକୁ ଗୋଟାଏ ଦି'ଟା କ୍ଷେତ୍ରରେ ସେ ହରାଇ ବି ଦେଇପାରେ, ହେଲେ ତା'ର ଗୋଟିଏ ଜିନିଷ ନାହିଁ – ସେଇଥିପାଇଁ ସେ ପଶୁ ଆଉ ସେଇ ଜିନିଷଟି ଅଛି ବୋଲି ମଣିଷ ମଣିଷ । (ସେ ଜିନିଷଟି ଏଠାରେ ଉଲ୍ଲେଖ କରାଯାଇପାରେ, ତାହା ହେଲା 'ଆତ୍ମସମ୍ବିତ୍' ଅର୍ଥାତ୍ ନିଜକୁ ନିଜେ ଦେଖିବା, ନିରୀକ୍ଷଣ କରିବା ।) ତେଣୁ ବୈଜ୍ଞାନିକମାନେ ମନୁଷ୍ୟକୁ ମୂଳରୁହିଁ ଏକ ପୃଥକ୍ ଶ୍ରେଣୀର ଅନ୍ତର୍ଭୁକ୍ତ କରି କହିଛନ୍ତି – 'ହୋମୋ ସାପିଏନ୍ସ୍' (Homo sapiens) ବା ସଜ୍ଞାନ, ସଚେତନ ମନୁଷ୍ୟ । ଆଉ ତା'ର ନିକଟସ୍ଥ ଯେଉଁ ଶ୍ରେଣୀ ତା'ର ନମୁନା ''ନେୟାଣ୍ଡାରଟାଲ୍'' ମଣିଷ ଯିଏ ବଣ ମଣିଷର ଅନ୍ତର୍ଗତ ।

ଏଠାରେ ଆହୁରି ଗୋଟିଏ କୌତୂହଳର ବିଷୟ ରହିଛି । କେଉଁ ବିଶେଷ ବଣ ମଣିଷଠାରୁ ଯେ ମଣିଷର ଉତ୍ପତ୍ତି ହୋଇଛି, ବୈଜ୍ଞାନିକମାନେ ତାହା ଆବିଷ୍କାର କରି ପାରି ନାହାନ୍ତି । ସେମାନେ କହନ୍ତି ଗୋଟିଏ ବଂଶର ଧାରାରେ ବା ବଂଶାନୁକ୍ରମିକଭାବେ ପିତାପୁତ୍ରର ଅନୁକ୍ରମରେ ଏକ ସରଳ ରେଖାରେ ବିବର୍ତ୍ତନ ଚାଲେ ନାହିଁ । ନୂତନ ଏକ ପ୍ରାଣୀର ଜନ୍ମ ହେଲା ଏକ ନିର୍ବାଚନ-ପ୍ରକ୍ରିୟା; ମୂଳ ଏକ ଶ୍ରେଣୀର ବୀଜରୁ ଅନେକ ରୂପ ଭେଦ ଦେଖାଦିଏ, ସେଗୁଡ଼ିକ ଭିତରୁ ଗୋଟିଏ ହୁଏ ନୂତନର ଜନ୍ମଦାତା । କିନ୍ତୁ ଆହୁରି ଆଶ୍ଚର୍ଯ୍ୟର କଥା ହେଲା, ସମୟ ସମୟରେ ଏପରି ବି ହୁଏ ଯେ, ଯେଉଁ ରୂପ ଭେଦଟି ସବୁଠାରୁ ଦୂରବର୍ତ୍ତୀ, ଯା' ସହିତ ସାଦୃଶ୍ୟ ସବୁଠାରୁ କମ୍ ଠିକ୍ ତା'ଠାରୁହିଁ ନୂତନର ଜନ୍ମ । ଅନେକ ବୈଜ୍ଞାନିକଙ୍କ ମତରେ ମନୁଷ୍ୟ ବେଳକୁ ଠିକ୍ ଏଇକଥାହିଁ ଘଟିଛି । ସୁତରାଂ ଏଠାରେ ପଶୁ ଓ ମନୁଷ୍ୟଙ୍କ ସନ୍ଧିସ୍ଥଳରେ ଫାଙ୍କଟା ଖୁବ୍ ବେଶୀ ବଡ଼ ହୋଇଯାଇଛି – ପ୍ରକୃତି ଏଠାରେ ସତେଯେପରି ଉଲ୍ଲଙ୍ଘନ ଦେଇଛନ୍ତି, ଡେଇଁ ପଡ଼ିଛନ୍ତି ।

ତା'ପରେ ଅର୍ଥାତ୍ ତା' ପୂର୍ବରୁ ପଶୁ ବା ଜୀବ ଓ ଉଦ୍ଭିଦର ସନ୍ଧିସ୍ଥଳଟି ଧରାଯାଉ । ପଶୁ ସ୍ତରର ସବୁଠାରୁ ନିମ୍ନତନ ପ୍ରାଣୀ, ଜୀବର ପ୍ରଥମ ପ୍ରକାଶ ହେଲା ଜୀବାଣୁ ବା ବୀଜାଣୁ । ରୋଗବୀଜାଣୁ ଜାତୀୟ ସତ୍ତା ଏବଂ ଉଦ୍ଭିଦବୀଜାଣୁ ସହିତ ପାର୍ଥକ୍ୟ ଅବଶ୍ୟ ରହିଛି । ଏକ ଆଦି ଜୀବ ଯାହା ଉଦ୍ଭିଦର ଖୁବ୍ ପାଖାପାଖି ତା' ହେଲା 'ସ୍ପଞ୍ଜ୍' । ବହୁଦିନ ପର୍ଯ୍ୟନ୍ତ 'ସ୍ପଞ୍ଜ୍'କୁ ଉଦ୍ଭିଦଜାତୀୟ ବୋଲିହିଁ ଧରାଯାଇଥିଲା; କିନ୍ତୁ ଆହୁରି ଅଭିନିବେଶର ସହିତ ପର୍ଯ୍ୟବେକ୍ଷଣ ପରେ ଦେଖାଯାଇଛି ଯେ, 'ସ୍ପଞ୍ଜ୍' ହେଲା ପ୍ରାଣୀ, ଉଦ୍ଭିଦ ନୁହେଁ, ତା'ର ଅଣ୍ଡା ରହିଛି, ତା'ର ଶିଶୁରୂପ (larva) ମଧ୍ୟ ରହିଛି – ଏସବୁ ପ୍ରାଣୀର ବୈଶିଷ୍ଟ୍ୟ* । ଅନେକଟା 'ସ୍ପଞ୍ଜ୍' ପରି, ମନେ ହୁଏ ଏକ

* ଏ ବିଷୟରେ ବିଶଦ ବିବରଣ ଦେବା ଏଠାରେ ସମ୍ଭବ ନୁହେଁ । ମତାନୈକ୍ୟ ବା ମତ ପାର୍ଥକ୍ୟ ବି ରହିଛି । ତେବେ ମୋର ପ୍ରମାଣ ହେଲେ J. A. Thomson : 'Biology of Everyman'.

ପ୍ରକାରର, ଆମେ ଯାହାକୁ କହୁ ଛତୁ (କାଳିଦାସଙ୍କର ''ଶିଳୀନ୍ଧ୍ର'') — ବଙ୍ଗଳାରେ କହନ୍ତି ''ବ୍ୟାଙ୍ଗେର ଛାତା''— ଅଥଚ ତାହା ହେଲା ଉଦ୍ଭିଦ । ଉଦ୍ଭିଦର ଶେଷ ଏବଂ ପ୍ରାଣୀର ଅଗ୍ର, ଏଇ ଦୁଇଟି (ସ୍ପଞ୍ଜ ଓ ଛତୁ) ଅନେକଟା ଏକା ପରି । ହେଲେ ଏଇ ସାଦୃଶ୍ୟ ଓ ଐକ୍ୟର ପ୍ରାଚୁର୍ଯ୍ୟ ସତ୍ତ୍ୱେ ଏ ଦୁଇଟି ଭିତରେ ରହିଛି ଏକ ବିଚ୍ଛେଦ ବା ପାର୍ଥକ୍ୟ ।

ଆହୁରି ନିମ୍ନକୁ ଖସି ଆସିଲେ, ଯଦି ଜଡ଼ ଓ ପ୍ରାଣର ସଂଯୋଗସ୍ଥଳକୁ ନିରୀକ୍ଷଣ କରୁ, ତେବେ ସେଠାରେ ଦେଖୁ ଏଇ ବୈଷମ୍ୟ ଓ ବୈରୂପ୍ୟ ବେଶ୍ ପରିସ୍ଫୁଟ । ପ୍ରାଣର ପ୍ରଥମ ରୂପ ହେଲା ଜୈବସାର (protoplasm); ଆଉ ଜଡ଼, ସ୍ଥୂଳଭୂତ ହୋଇ ପରିବର୍ତ୍ତିତ ହେଉ ହେଉ ଶେଷରେ ଯେଉଁ ରୂପ ଗ୍ରହଣ କରେ ତା'ହେଲା ଲେହ (colloid) ଓ ଶ୍ୱେତସାର (albumenoid) । କିନ୍ତୁ ଲେହ ବା ଶ୍ୱେତସାର କେବେ ଏବଂ କି ପ୍ରକାରେ ଯେ ଜୈବସାରରେ ରୂପାନ୍ତରିତ ହୁଏ ତା'ର ଇତିହାସ ମିଳେ ନାହିଁ ।

ତେଣୁ ବର୍ତ୍ତମାନର ସିଦ୍ଧାନ୍ତ ହେଲା ଏଇୟା ସାଧାରଣତଃ ପ୍ରକୃତି ଯେତେ ସମ୍ଭବ ଚାଲିଚାଲିହିଁ ଯାଆନ୍ତି, କିନ୍ତୁ ମଝିରେ ମଝିରେ ପୁଣି ଲମ୍ଫ ପ୍ରଦାନ ବି କରନ୍ତି । ଛୋଟମୋଟ ଉଲ୍ଲମ୍ଫନ ତ ପ୍ରାୟହିଁ ଘଟେ । ତା'ଫଳରେ ହୁଏ ଶ୍ରେଣୀ ବା ଜାତି ମଧ୍ୟରେ ନୂଆ ପ୍ରକାରର ବିଶେଷ ବିଶେଷ ବୈଚିତ୍ର୍ୟର ଉଦ୍ଭବ । ଏପରିକି ଏ ଧରଣର ମତବାଦ ବି ଦେଖା ଦେଇଛି ଯେ ପ୍ରକୃତିର ଗତି ଟଣା ଯାଇଥିବା ରେଖାରେ ବା ନିର୍ଦ୍ଦିଷ୍ଟ ସରଳ ରେଖାରେ ଆଦୌ ଚାଲେ ନାହିଁ, ପଦେ ପଦେ ଉଲ୍ଲମ୍ଫନ ଅର୍ଥାତ୍ ପ୍ଲୁତଗତିହିଁ ହେଲା ତା'ର ସ୍ୱାଭାବିକ ସ୍ୱଧର୍ମ । ତେବେ ଏସବୁ ମଧ୍ୟରେ ତିନି (ବା ଚାରୋଟି) ଉଲ୍ଲମ୍ଫନ ଖୁବ୍ ବଡ଼ ଜୋର୍‌ରେ ହୋଇଛି ଯାହା ଫଳରେ କେବଳ ଜାତିର ପରିବର୍ତ୍ତନ ନୁହେଁ, ଗୋଟାଏ ଜଗତର ରୂପାନ୍ତର ହୋଇଛି — ତା' ହେଲା ବିବର୍ତ୍ତନର ଗୋଟିଏ ଧାପରୁ ବା ସ୍ତରରୁ ଆଉ ଏକ ଧାପ ବା ସ୍ତରକୁ ଉତ୍ତରଣ । ଏହିପରି ଜଡ଼ର ମୂଳ ଗଢ଼ଣ ଓ ଗତି ସମ୍ବନ୍ଧରେ ଆଜିକାଲି ଯେଉଁ 'ଅଣୁ-ବ୍ୟଷ୍ଟିତତ୍ତ୍ୱ' ପ୍ରତିଷ୍ଠିତ ହୋଇଛି ତା' ସହିତ ପ୍ରାଣଶକ୍ତିର ମୂଳ ଗଢ଼ଣ ଓ ଗତି ସ୍ୱାଜାତ୍ୟ ଅର୍ଜନ କରିଛି । ସେ ଯାହାହେଉ, ବିବର୍ତ୍ତନର ଆକସ୍ମିକ ପରିବର୍ତ୍ତନ ଓ ବିପର୍ଯ୍ୟୟ ଆସିଛି ସେତେବେଳେ, ଯେତେବେଳେ ପ୍ରାଣବସ୍ତୁ ପୁଣି ମାନସବସ୍ତୁରେ ପରିଣତ ହୋଇଛି, ତୃତୀୟ ବିପର୍ଯ୍ୟୟ ଘଟିଛି ମନ ଯେତେବେଳେ ବୁଦ୍ଧିରେ ପରିଣତ ହୋଇଛି — ପ୍ରଥମେ ଧାତୁପ୍ରସ୍ତର, ତା'ପରେ ବୃକ୍ଷଲତା, ତା'ପରେ ପ୍ରାଣୀ ବା ଜନ୍ତୁ, ଆଉ ସର୍ବଶେଷରେ ମନୁଷ୍ୟ ।

(କ୍ରମଶଃ)

[ମୂଳ ବଙ୍ଗଳା ରଚନାବଳୀ, ସପ୍ତମ ଖଣ୍ଡରୁ ଭାଷାନ୍ତରିତ]

ଭାଷାନ୍ତର : ରାମଚନ୍ଦ୍ର ପାଣି ❑

ଶ୍ରୀଅରବିନ୍ଦ ପୃଥିବୀପୃଷ୍ଠକୁ ଆସିଥିଲେ ଲୋକମାନଙ୍କୁ ଏହି ସତ୍ୟ ସମ୍ବନ୍ଧେ ଶିକ୍ଷା ଦେବା ନିମନ୍ତେ । ସେ ସେମାନଙ୍କୁ କହିଲେ ଯେ ମନୁଷ୍ୟ ହେଉଛି ମାନସିକ ଚେତନା ବିଶିଷ୍ଟ କେବଳ ଏକ ମଧ୍ୟବର୍ତ୍ତିକାଳୀନ ଜୀବ, କିନ୍ତୁ ଏକ ନୂତନ ଚେତନା, ସତ୍ୟ ଚେତନାକୁ ଲାଭ କରି ପାରିବାର ସମ୍ଭାବନା ତା'ର ରହିଛି ଏବଂ ସାମର୍ଥ୍ୟ ରହିଛି ଏକ ପରିପୂର୍ଣ୍ଣ ସଙ୍ଗତିଭରା, ମଙ୍ଗଳମୟ, ସୁନ୍ଦର, ସୁଖକର ଓ ପୂର୍ଣ୍ଣ ସଚେତନ ଜୀବନ ଯାପନ କରି ପାରିବାର । ପୃଥିବୀପୃଷ୍ଠରେ ତାଙ୍କର ସମଗ୍ର ଜୀବନକାଳ ମଧ୍ୟରେ ଶ୍ରୀଅରବିନ୍ଦ ତାଙ୍କର ସମସ୍ତ ସମୟ ବିନିଯୋଗ କରିଥିଲେ ଏହି ଚେତନାକୁ, ଯାହାକୁ ସେ ଅତିମାନସ ନାମରେ ନାମିତ କରିଥିଲେ, ନିଜ ମଧ୍ୟରେ ପ୍ରତିଷ୍ଠିତ କରିବା ନିମନ୍ତେ ଓ ତାଙ୍କ ଚାରିପଟେ ଯେଉଁମାନେ ସମବେତ ହୋଇଥିଲେ ସେହି ଚେତନାର ଉପଲବ୍ଧି ଲାଗି ସେମାନଙ୍କୁ ସାହାଯ୍ୟ କରିବା ନିମନ୍ତେ ।

— ଶ୍ରୀମା

# ଧ୍ୟାନ

## (୧୦)

## ମାଧବ ପଣ୍ଡିତ

### ପୂର୍ଣ୍ଣଯୋଗରେ ଧ୍ୟାନ

ଏସବୁ ହେଲା ଧ୍ୟାନର ସାଧାରଣ ନିୟମ ଏବଂ ପ୍ରଶସ୍ତ ସୀମାରେଖା ଯାହା ଉପରେ ସାଧାରଣତଃ କାର୍ଯ୍ୟ କରାଯାଏ । ବସ୍ତୁତଃ ଧ୍ୟାନ କ୍ଷେତ୍ରରେ ସେମାନଙ୍କର ପ୍ରୟୋଗ ବିଧି ଭିନ୍ନ ଭିନ୍ନ ଯୋଗରେ ଭିନ୍ନ ଭିନ୍ନ ହୁଏ ଯାହା ଅନୁସରଣ କରାଯାଉଥିବା ଲକ୍ଷ୍ୟ ଉପରେ ନିର୍ଭର କରିଥାଏ । ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କର ପୂର୍ଣ୍ଣଯୋଗରେ, ଯାହା ମାନବର ପରିପୂର୍ଣ୍ଣ ବିକାଶ ସାଧନର ଏବଂ ତା'ର ସମଗ୍ର ମାନବୀୟ ଚେତନାକୁ ଦିବ୍ୟ-ଚେତନାରେ ରୂପାନ୍ତରିତ କରିବାର ଚେଷ୍ଟା କରେ, ଯେଉଁଠି ଧ୍ୟାନ ମୁଖ୍ୟ ଭୂମିକା ଗ୍ରହଣ କରିପାରେ । କିନ୍ତୁ ଏହା ଏକମାତ୍ର ବା ସମ୍ପୂର୍ଣ୍ଣ ଉପାୟ ନୁହେଁ । ଏହି ଯୋଗରେ ଧ୍ୟାନର ଶାରୀରିକ ଓ ଶାରୀରିକ ମାନସ ଚେତନାର ଧାରାକୁ ନିଆଯାଇ ତା' ସ୍ଥାନରେ ଏକ ଉଚ୍ଚତର ବିଧାନ ଅବସ୍ଥାପିତ କରାଯାଇଛି । ଏହି ଉଚ୍ଚତର ବିଧାନ ହେଲା ଏକ ଆଧ୍ୟାତ୍ମିକ ମୁକ୍ତିର କ୍ରିୟାଧାରା ଯାହା ସମସ୍ତ ନିମ୍ନତର କର୍ମକୁ ପ୍ରଭାବିତ କରେ କିନ୍ତୁ ଅଧିକତର ଚରମ ଭଙ୍ଗୀରେ ।

ଏହି ଯୋଗର କେନ୍ଦ୍ରୀୟ ସତ୍ୟ ହେଲା ଚେତନାର ପରିବର୍ତ୍ତନ ଏବଂ ଏହା ସାଧିତ ହୁଏ ଭାଗବତୀ ଶକ୍ତିଙ୍କ ନିକଟରେ କ୍ରମ-ଆତ୍ମନିବେଦନ ଫଳରେ । ଭଗବଦ୍ ଆସ୍ପୃହା ଦିଗରେ ଯେଉଁ ବହିରାଗତ ବାଧାସବୁ ଥାଏ ଆସ୍ପୃହା ଓ ପ୍ରତ୍ୟାଖ୍ୟାନ ରୂପକ ଚକ ଦ୍ୱାରା ଚାଳିତ ହୋଇ ଏହି ସମର୍ପଣ ଆଗକୁ ଆଗକୁ ଅଗ୍ରସର ହୁଏ । ଏହି ଭାଗବତୀ ଶକ୍ତିଙ୍କ ପ୍ରତି ବ୍ୟକ୍ତି ନିଜକୁ ଖୋଲି ଧରିଥାଏ – ମନରେ, ହୃଦୟରେ, ସତ୍ତାର ଅନ୍ୟ ସକଳ ଅଂଶରେ । ଯେଉଁଠି କିଛି ଉନ୍ମୀଳନ ଥାଏ ଏହି ଶକ୍ତି ସେଠାକୁ ସଞ୍ଚାରିତ ହୁଏ, ନିଜକୁ ପ୍ରତିଷ୍ଠିତ ତଥା ପ୍ରସାରିତ କରି ଚାଲେ । ଏହି ଶକ୍ତିସକଳର କାର୍ଯ୍ୟ ପାଇଁ ଗୋଟିଏ ସର୍ତ୍ତ ହେଲା – ବ୍ୟକ୍ତି ଏଥିପ୍ରତି ସଚେତ ରହିବ, ଗ୍ରହଣଶୀଳ ହେବ ଏବଂ ସଚେତନ ଭାବେ ଏହା ସହ ସହଯୋଗ କରିବ । ଜଣେ କିପରି ଏହା ସାଧନ କରିବ ତାହା ତା'ର ମନୋବୃତ୍ତି, ଶିକ୍ଷା ଓ ପ୍ରକୃତି ଉପରେ ନିର୍ଭର କରେ । ବାସ୍ତବରେ ଏହା ଧ୍ୟାନ ଦ୍ୱାରା ସାଧିତ ହୋଇପାରେ ମାତ୍ର କେବଳ ଏକ ସୀମାରେଖା ପର୍ଯ୍ୟନ୍ତ । ଏକାଗ୍ରତା ଧ୍ୟାନ, ଧାରଣା ଓ ସମାଧି ଦ୍ୱାରା ସାଧକ ନିଜକୁ ସମସ୍ତ ବାହ୍ୟ ଗତିବୃତ୍ତିରୁ ପ୍ରତ୍ୟାହାର କରିଆଣେ ଓ ଚେତନାର ଗଭୀରତର ଓ ଉର୍ଦ୍ଧ୍ୱତର ସ୍ତର ମଧ୍ୟକୁ ଲମ୍ଫ ପ୍ରଦାନ କରେ ଯେଉଁଠାରେ ଭାଗବତୀ ଶକ୍ତି ଅଧିକତର ପ୍ରତ୍ୟକ୍ଷଭାବେ କାର୍ଯ୍ୟ କରିପାରନ୍ତି ଏବଂ ତା'ର ଆନ୍ତର ସତ୍ତାକୁ ନିଜର ପରିସର ମଧ୍ୟକୁ ନେଇ ଯାଆନ୍ତି । ଚେତନାର ଏହିସବୁ ଶୁଦ୍ଧତର ଓ ଗଭୀରତର ସ୍ତରମାନଙ୍କରେ ଯାହା କେବଳ ସମାଧି ଅବସ୍ଥାରେ ଉନ୍ମୀଳିତ ହୁଏ, ଗୋଟିଏ ନିବିଡ଼ ସାମୀପ୍ୟ, ଗୋଟିଏ ଅନ୍ତରଙ୍ଗ ଅନୁଭୂତି, ଏପରିକି ଭଗବାନଙ୍କ ସହ ଏକ ପ୍ରକାର ଏକାତ୍ମତା ତାଙ୍କର ବହୁବ୍ୟକ୍ତ ସ୍ୱରୂପରେ ହେଉ କିଂବା ତାଙ୍କ ସତ୍ତାର ଏକତ୍ୱରେ ହେଉ ଉପଲବ୍ଧ ହୁଏ । କିନ୍ତୁ ଏହା ସର୍ବୋଚ୍ଚ ଶିଖର ନୁହେଁ । ଏହି ପଥରେ ଆନ୍ତର ଅନୁଭବକୁ ବହିର୍ଦେଶରେ ପ୍ରସାରିତ କରିବାକୁ ହେବ । ଏହାର ଅର୍ଥ ଆତ୍ମାର ସ୍ଥିତିର ପରିବର୍ତ୍ତନ । ଆନ୍ତର ସତ୍ତାକୁ ବାହ୍ୟ ପ୍ରକୃତିରେ ପଦାର୍ପଣ କରିବାକୁ ହେବ, ଏହା ଅନ୍ତରର ଗଭୀରରେ ବା ସତ୍ତାର ସର୍ବୋଚ୍ଚ ଉଚ୍ଚତାରେ ରହିଲେ ଚଳିବ ନାହିଁ ଯଦି ଆମେ ଚାହୁଁଥାଉ ମାନବର ଭାଗବତ ସ୍ୱରୂପରେ ସମ୍ପୂର୍ଣ୍ଣ ରୂପାନ୍ତର ସାଧନ । ସେଥିପାଇଁ ଧ୍ୟାନର କ୍ରିୟା ଓ ଫଳାଫଳକୁ ପରିପୂରଣ ଓ ଅନୁପୂରଣ କରିବା ପାଇଁ ଅନ୍ୟ କିଛି ପଦ୍ଧତି ସଂଯୋଗର ଆବଶ୍ୟକତା ରହିଛି । ଏହି ଯୋଗରେ ସାଧକକୁ ପବିତ୍ରୀକରଣ, ପ୍ରଗାଢ଼ୀକରଣ ଓ ଚେତନାର ଅଗ୍ରଗତିର ଉପଲବ୍ଧିକୁ ନିମ୍ନତର ସୀମିତ ଯନ୍ତ୍ରର ମାନସିକତା ପରିବର୍ତ୍ତେ ଏକ ଉର୍ଦ୍ଧ୍ୱତର ଜ୍ଞାନର କ୍ରିୟା ମଧ୍ୟକୁ ଏବଂ ଏକ ଆଲୋକମୟ ଇଚ୍ଛାର ପ୍ରେରଣା ଓ ସଂସାଧନ ମଧ୍ୟକୁ ପରିଚାଳିତ କରିବାକୁ ହୁଏ । ହୃଦୟ ଓ ମନର ଭାବପ୍ରବଣତା ଓ ଅନ୍ୟାନ୍ୟ ଗତି ଧାରାକୁ ବେଦର ''ପବିତ୍ରତା'' ମଧ୍ୟକୁ ଉଠେଇ ନେବାକୁ ହୁଏ । ସେହି ଚେତନାର ସ୍ତରସମୂହ ଯାହା ଅତିଚେତନର ସ୍ପନ୍ଦନରେ ସୁପରିଷ୍କୃତ ଓ ଆଲୋକିତ, ଯେଉଁ ଅତିଚେତନ ମଧ୍ୟକୁ ଜଣେ ଧ୍ୟାନ ସମୟରେ ନିଜକୁ ଉନ୍ମୁକ୍ତ କରେ ଏବଂ ଏଗୁଡ଼ିକୁ ସେମାନଙ୍କର ରୂପାନ୍ତରିତ ଶକ୍ତି ସହ ବାହାରକୁ

ଢାଳିଦିଏ । ଧ୍ୟାନ ସମୟରେ ଆନ୍ତର ସତ୍ତାରେ ପ୍ରତିଷ୍ଠିତ ନିଶ୍ଚଳତା ଓ ପ୍ରଶାନ୍ତି ବହିଃ ଅଂଶସବୁରେ ମଧ୍ୟ ନିଶ୍ଚିତରୂପେ ପ୍ରସାରିତ ଏବଂ ସ୍ୱାଭାବିକ ହୋଇଉଠିବା ଉଚିତ । ଏପରିକି ସ୍ଥୂଳ ଶରୀର ହୋଇଉଠିବା ଉଚିତ ଶାନ୍ତିର ଏକ ସ୍ତମ୍ଭ । ଏହି ଆନ୍ତର ବର୍ଦ୍ଧିଷ୍ଣୁ, ଆଧ୍ୟାତ୍ମିକ ପରିପୂର୍ଣ୍ଣତାର ଗତିଶୀଳତା ଏବଂ ମାନବ ଚେତନାର ସକଳ ସ୍ତରର ଦିବ୍ୟ-ଅତିଚେତନା ମଧ୍ୟକୁ ଏକ ଧୀର ରୂପାନ୍ତର, ଏକ କ୍ରିୟାତ୍ମିକା ଯୋଗଶକ୍ତି ସାହାଯ୍ୟରେ ପ୍ରତ୍ୟକ୍ଷ ଭାବରେ ସାଧିତ ହୁଏ, ଯେଉଁଥିରେ ଧ୍ୟାନ ସବୁ କ୍ଷେତ୍ରରେ, ସବୁ ସ୍ତରରେ ଆବଶ୍ୟକ ହୋଇପାରେ ନହୋଇ ପାରେ ମଧ୍ୟ । ଧ୍ୟାନ ଏବଂ ତାହାର ଚରମ ଅବସ୍ଥା ସମାଧି ଖୁବ୍ ବେଶୀରେ ଦିବ୍ୟଶକ୍ତିକୁ ସଫଳ ଭାବେ କାର୍ଯ୍ୟ କରିବାକୁ ଓ ସତ୍ତାରେ ପ୍ରତିଷ୍ଠିତ ହେବାକୁ ଗୋଟିଏ ମାନସିକ ଅବସ୍ଥା, ପରିବେଶ ଓ ଭାବ ଯୋଗାଇ ଦେଇଥା'ନ୍ତି । ଭିତ୍ତି ସ୍ଥାପିତ ହୁଏ ଏବଂ ବ୍ୟକ୍ତି-ଚେତନା ଉଚ୍ଚତର ଚେତନାର ସ୍ପନ୍ଦନରେ ପରିସ୍ପନ୍ଦିତ ହୋଇଉଠିବା, ଗ୍ରହଣ କରିବା ଏବଂ ଏହାର ବିଶୁଦ୍ଧତମ ସତ୍ୟକୁ ଆତ୍ମସାତ୍ କରିବା ଶିକ୍ଷାକରେ । କିନ୍ତୁ ଏହା ଅନ୍ୟ ଉପାୟରେ ମଧ୍ୟ କରାଯାଇପାରେ । ସେହି ଉପାୟସବୁ କ'ଣ ଓ ସେସବୁ କିପରି କାର୍ଯ୍ୟ କରନ୍ତି ସେମାନେ ନିଜେ ସବୁ ଗୋଟିଏ ଗୋଟିଏ ଭିନ୍ନ ଭିନ୍ନ ଅଧ୍ୟାୟ ଯାହା ହୁଏତ ଆମକୁ ବର୍ତ୍ତମାନର ଅଧ୍ୟୟନର ପରିସର ବାହାରକୁ ନେଇଯିବ ।

(ସମାପ୍ତ)

(ଇଂରାଜୀ *Dhyana* ପୁସ୍ତକରୁ)

ଅନୁବାଦ : ରଜନୀକାନ୍ତ ମିଶ୍ର

❑❑❑


**At last a pimple / acne treatment that *REALLY* works !!**

People from more than 16 countries have said that Tarika Pimple Remover has worked for their stubborn pimples and acne.

**Now eliminate your stubborn pimples / acne completely and safely. Results visible in 10 days!!**

*Tarika Ayurvedic Pimple Remover has been tested by doctors in Gopabandhu Ayurved Mahavidyala, Puri who have found the product to be extremely effective and very safe. The clinical trial report can be seen on www.ayurlabsindia.com.*

tarika

**Ayurvedic Pimple / Acne Remover**

100% Herbal - Chemical Free
No side effects
*Exported to over 16 countries*

Bhubaneswar Contact
Phone/Whatsapp: 9937786512

Mfr: **Ayurlabs India,** Pondicherry 605001.Ph: 0413-2224935,2339477 Email: ayurlabs@gmail.com

ପୃଥିବୀ-ଚେତନା ପାଇଁ ସାଧନା :

# ପଣ୍ଡିଚେରୀରେ ଶ୍ରୀଅରବିନ୍ଦ

## (୫୭)

### କେତୋଟି ବିଶିଷ୍ଟ ଘଟଣା :

***୬ ଜାନୁଆରୀ ୧୯୨୪***

ଆନ୍ଧ୍ର ପ୍ରଦେଶର କାକିନାଡ଼ା କଂଗ୍ରେସ ଅଧିବେଶନର ପରିସମାପ୍ତି ପରେ ସେଠାରୁ କେତେକ ବ୍ୟକ୍ତି ପଣ୍ଡିଚେରୀ ଆଶ୍ରମକୁ ଦର୍ଶନାର୍ଥୀ ହିସାବରେ ଆସିଥିଲେ । ସଂଖ୍ୟାରେ ସେମାନେ ବେଶ୍ ଅନେକ ଥିଲେ । ଆଶ୍ରମର ପ୍ରଧାନ ଦରଜା ପାଖରେ ସାଧାରଣତଃ ସି. ଆଇ. ଡି. ପୁଲିସର କଡ଼ା ନଜର ରହିଥାଏ । ସେଦିନ ଡିଉଟିରେ ଥିବା ପୁଲିସ ଜଣଙ୍କ ଦର୍ଶନାର୍ଥୀମାନଙ୍କୁ ଫରାସୀ-ଭାରତ ନିୟମ ସମ୍ବନ୍ଧରେ ସଚେତନ କରାଇ ଦେଇ ସେମାନଙ୍କ ପରିଚୟର ଏକ ଲିଖିତ ବିବରଣ ଦେବାକୁ କହିଲେ । ସଦ୍ୟ କଂଗ୍ରେସ ଅଧିବେଶନରୁ ଫେରିଥିବାରୁ ସେମାନେ ଫରାସୀ-ଭାରତ ନିୟମର ଦାବି ପୂରଣ କରିବାର ବା ଆତ୍ମସମର୍ପଣ କରିବାର ମିଜାଜରେ ନଥିଲେ । ତେଣୁ ସେମାନେ ସମୁଦ୍ରକୂଳ ଆଡ଼କୁ ଆଗେଇଲେ ଏବଂ କହିବା ବାହୁଲ୍ୟ ଯେ ସେତେବେଳକୁ ସେମାନଙ୍କ ସହିତ ଆଶ୍ରମର କେତେକ ଅନ୍ତେବାସୀ ମଧ୍ୟ ଯୋଗ ଦେଇଥିଲେ । ରାସ୍ତାରେ ପୁଲିସ ବିଭାଗୀୟ ପୋଷାକରେ ଥିବା ପଣ୍ଡିଚେରୀ ପୁଲିସ ସେମାନଙ୍କୁ ଅଟକାଇ ପୁଲିସ ଷ୍ଟେସନକୁ ଯାଇ ନିଜ ନିଜର ପରିଚୟ ଘୋଷଣା କରନ୍ତୁ ବୋଲି କହିଲେ । କିନ୍ତୁ ସେମାନେ ଓଲଟି ପୁଲିସ ସହିତ ଯୁକ୍ତିତର୍କ ଆରମ୍ଭ କରିଦେଲେ ଏବଂ କେତେକ ମାତ୍ରାରେ ଧସ୍ତାଧସ୍ତି ବି ଆରମ୍ଭ ହୋଇଗଲା ଏବଂ ପୁଲିସର ଏମିତି ବ୍ୟବହାରରେ କ୍ରୋଧାନ୍ୱିତ ହୋଇ ସେମାନେ ତା' ବ୍ୟବହାର କଥା କୋର୍ଟରେ ସାବ୍ୟସ୍ତ କରିବାକୁ ଚାହିଁଲେ । ଯେହେତୁ ଏହି ଦର୍ଶନାର୍ଥୀମାନେ ଆଶ୍ରମ ପରିଦର୍ଶନରେ ଆସିଥିଲେ ଏବଂ ଗଣ୍ଡଗୋଳ ଉପୁଜିଥିବା ସ୍ଥାନରେ ଆଶ୍ରମର କେତେକ ଅନ୍ତେବାସୀ ମଧ୍ୟ ସେମାନଙ୍କ ସହିତ ରହିଥିଲେ, ତେଣୁ ସ୍ୱଭାବତଃ ଏହି ଦୁର୍ନାମ ସହିତ ଆଶ୍ରମ ସଂଶ୍ଳିଷ୍ଟ ହୋଇ ପଡ଼ିବ । ଏବଂ ଯେହେତୁ ଏହାର ପ୍ରଭାବ ପ୍ରତ୍ୟକ୍ଷ ଭାବରେ ଆଶ୍ରମ ଉପରେ ପଡ଼ିବ, ତେଣୁ ଶ୍ରୀଅରବିନ୍ଦଙ୍କୁ ସମସ୍ତ କଥା ଜଣାଇ ଦିଆଗଲା । ସେ ସବୁ ଶୁଣି ମନ୍ତବ୍ୟ ଦେଲେ : ''ସେମାନେ କୋର୍ଟକୁ ନଯାଇ ସିଧା ପୁଲିସ କମିଶନରଙ୍କ ନିକଟରେ ନିଜକୁ ସାବ୍ୟସ୍ତ କରି ସମସ୍ୟାର ସମାଧାନ କରନ୍ତୁ ।''

କିନ୍ତୁ ସେମାନଙ୍କ ମଧ୍ୟରୁ କେତେକେ କୋର୍ଟକୁ ଯିବାକୁ ଚାହୁଁଥିଲେ । ଶ୍ରୀଅରବିନ୍ଦଙ୍କୁ ଏହି ଖବର ମଧ୍ୟ ଜଣାଇ ଦିଆଗଲା । ଶ୍ରୀଅରବିନ୍ଦ ସାଧାରଣତଃ ଅପରାହ୍ଣ ଗୋଟାଏରୁ ସାଢ଼େ ଚାରିଟା ମଧ୍ୟରେ ନିଜ ପ୍ରକୋଷ୍ଠରୁ ବାହାରକୁ ବାହାରୁ ନଥିଲେ । ସେଦିନ ସମସ୍ୟାଟି ଜରୁରୀ ହୋଇଥିବାରୁ ସେ ତିନିଟାବେଳେ ତଳକୁ ଓହ୍ଲାଇଆସି ଅନ୍ତେବାସୀଙ୍କୁ ଏହି ମର୍ମରେ କହିଲେ :

''ଏସବୁ କ'ଣ ହେଉଛି ? ମୁଁ ଏଠାରେ ଏତେ ଦିନ ଧରି ରହି ଆସୁଛି ଏବଂ ଫରାସୀ ସରକାରଙ୍କ ସହିତ ମୋର ନିଜସ୍ୱ ଏକ ସମ୍ମାନାସ୍ପଦ ସମ୍ପର୍କ ରହିଛି । ସେମାନେ ମୋତେ ଯେ କେବଳ ସୁରକ୍ଷା ଦେଇଛନ୍ତି, ତା' ନୁହେଁ, ମୋତେ ସମ୍ମାନ ବି ଦିଅନ୍ତି, ମୋ ସହିତ ଯଥେଷ୍ଟ ଭଦ୍ର ଭାବରେ ବ୍ୟବହାର ବି କରନ୍ତି ।*

* ଏଠାରେ ପାଠକମାନଙ୍କର ବେଶ୍ ସ୍ମରଣରେ ଥିବ ଜୁଲାଇ ୧୯୧୨ରେ ସ୍ୱୟଂ ଇନ୍‌ଭେଷ୍ଟିଗେଟିଙ୍ଗ୍ ମାଜିଷ୍ଟ୍ରେଟ ଶ୍ରୀଅରବିନ୍ଦଙ୍କ ବାସଭବନ ଖାନତଲାସି କରିବାକୁ ଆସିଥିଲେ, ଏବଂ ତାଙ୍କ ସାଥିରେ ଥିଲେ ପୁଲିସ ଚିଫ୍ ଓ ପବ୍ଲିକ ପ୍ରସିକ୍ୟୁଟର । ବାସଭବନରେ ତ କିଛି ସନ୍ଦେହଜନକ ପଦାର୍ଥ ପାଇ ନଥିଲେ । କିନ୍ତୁ ଶ୍ରୀଅରବିନ୍ଦଙ୍କ ପ୍ରକୋଷ୍ଠରେ ପ୍ରବେଶ କରି ସେମାନେ ଯେତେବେଳେ ଦେଖିଲେ ଯେ ଗ୍ରୀକ୍ ଓ ଲାଟିନ୍ ଗ୍ରନ୍ଥମାନ ରହିଛି ଏବଂ ମାଜିଷ୍ଟ୍ରେଟ ଜାଣିଲେ ଯେ ଶ୍ରୀଅରବିନ୍ଦ କେବଳ ଗ୍ରୀକ୍ ଓ ଲାଟିନ୍ ନୁହେଁ, କେତେକ ଇଉରୋପୀୟାନ ଭାଷା ବି ଜାଣନ୍ତି ଓ ଲେଖାଲେଖି ବି କରି ପାରନ୍ତି, ସେଇଠୁ ସେ ଶ୍ରୀଅରବିନ୍ଦଙ୍କୁ ଗଭୀର ସମ୍ମାନ ପ୍ରଦର୍ଶନ କରିଥିଲେ ଏବଂ ତାଙ୍କ ପ୍ରକୋଷ୍ଠକୁ ଯିବା ସକାଶେ ଆମନ୍ତ୍ରଣ କରିଥିଲେ । ଶ୍ରୀଅରବିନ୍ଦ ମଧ୍ୟ ତାଙ୍କର ଅନୁରୋଧ ରକ୍ଷା କରିଥିଲେ । ଏହା ପରଠୁ ସେମାନଙ୍କ ସହିତ ଶ୍ରୀଅରବିନ୍ଦଙ୍କର ଏକ ଉଚ୍ଚକୋଟୀର ଓ ସମ୍ମାନାସ୍ପଦ ସମ୍ପର୍କ ଗଢ଼ି ଉଠିଥିଲା ।

ଯଦି ଦର୍ଶନାର୍ଥୀମାନେ କୋର୍ଟକୁ ଯାଇ ମକଦମା କରିବାକୁ ଚାହାନ୍ତି, ତେବେ ସେଥିପାଇଁ ସେମାନେ ନିଜେ ପ୍ରସ୍ତୁତ ରହିବା ଉଚିତ । କିନ୍ତୁ ମୁଁ କୌଣସି ମକଦମା କରିବାକୁ ଚାହେଁ ନାହିଁ । ଆମର ସମ୍ପର୍କ ଉଚ୍ଚପଦସ୍ଥ କର୍ମଚାରୀଙ୍କ ସହିତ, ପୁଲିସ ସହିତ ନୁହେଁ । ଯଦି ଆମକୁ ଏଥିପାଇଁ କିଛି କରିବାକୁ ହୁଏ, ତେବେ ଆମେ ଅଫିସରଙ୍କୁ ଖବର ଦେବୁ, ପୁଲିସକୁ ନୁହେଁ । ମୋ ମତରେ କୋର୍ଟକୁ ଯିବା କଥାଟା ଚିନ୍ତା କରିବାହିଁ ଏକେବାରେ ଅଯୌକ୍ତିକ, ଅସଙ୍ଗତ ଏବଂ ମୂଢ଼ତାର ପରିଚୟ ଦିଏ ମାତ୍ର । ମୁଁ ବ୍ରିଟିଶ ସରକାରଙ୍କର କେବଳ ଜଣେ ଅସହଯୋଗୀ ବ୍ୟକ୍ତି ନୁହେଁ, ତାଙ୍କର ଜଣେ ଶତ୍ରୁ ('ଅତ୍ୟନ୍ତ ବିପଜ୍ଜନକ ଶତ୍ରୁ') । ଦର୍ଶନାର୍ଥୀମାନଙ୍କ ମଧ୍ୟରୁ ଯେଉଁମାନେ ଅସହଯୋଗୀ, ସେମାନେ ଯଦି ମକଦମା କରିବାକୁ ଇଚ୍ଛୁକ, ତେବେ ସେଇଟି ସମ୍ପୂର୍ଣ୍ଣ ରୂପେ ସେମାନଙ୍କର ନିଜସ୍ୱ ବ୍ୟାପାର ।''

ଏହାପରେ ଶ୍ରୀଅରବିନ୍ଦ ଉପସ୍ଥିତ ଦୁଇଜଣ ଶିଷ୍ୟଙ୍କୁ ନିର୍ଦ୍ଦେଶ ଦେଇ କହିଲେ, ''ତୁମେ ଦୁହେଁ ପୁଲିସ କମିଶନରଙ୍କ ନିକଟକୁ ଯାଇ ସମସ୍ୟାଟି ବିଷୟରେ ତଦନ୍ତ କର ଏବଂ ଆଶ୍ରମର ଅବସ୍ଥିତିକୁ ନିରାପଦ ରଖିବା ସକାଶେ ତାଙ୍କୁ ଏହି କଥା କହି ଆସ : 'ଆମେ ଦର୍ଶନାର୍ଥୀମାନଙ୍କୁ ଆମନ୍ତ୍ରଣ କରି ନାହୁଁ; ତେଣୁ ସେମାନଙ୍କ ଉପରେ ଉଚିତ ପଦକ୍ଷେପ ନେବା ପୁଲିସର ବ୍ୟାପାର । କିନ୍ତୁ ଆଶ୍ରମର କୌଣସି ଅନ୍ତେବାସୀ ସେହି ସମାନ ଧାରାରେ ବ୍ୟବହାର ନପାଇବା ଉଚିତ ।' ''

ତା' ପରଦିନ ଶ୍ରୀଅରବିନ୍ଦ ଉପସ୍ଥିତ ସମସ୍ୟାଟି ଉପରେ ନିଜର ଦୃଷ୍ଟିକୋଣ ସମ୍ବନ୍ଧରେ ଅନ୍ତେବାସୀଙ୍କୁ ବୁଝାଇ କହିଲେ : ''ମୁଁ ଏଠାରେ ଦୀର୍ଘ ଦିନ ଧରି ଅତ୍ୟନ୍ତ କଷ୍ଟ ସ୍ୱୀକାର ପୂର୍ବକ ଯେଉଁ ଶାନ୍ତ, ଅଚଞ୍ଚଳ ପରିବେଶ ସୃଷ୍ଟି କରିବାରେ ସକ୍ଷମ ହୋଇ ପାରିଛି, ସେଇଟିକୁ ଭଙ୍ଗ କରିବା ସକାଶେ ଏହା ପୁଣି ଥରେ ଏକ ପ୍ରଚେଷ୍ଟା । ଏଠାରେ ବିରୋଧିଶକ୍ତିଗୁଡ଼ିକ ଅନବରତ ଆପ୍ରାଣ ଚେଷ୍ଟା ଚଳାଇଛନ୍ତି ସେଇ ପୁରୁଣା ରାଜନୈତିକ ପରିସ୍ଥିତି ସୃଷ୍ଟି କରିବାକୁ । ମୁଁ ଯେତେବେଳେ ଏଠାରେ ପଦାର୍ପଣ କଲି, ଏଠାକାର ପରିସ୍ଥିତି ବେଶ୍ ପ୍ରତିକୂଳ ଥିଲା । ଏବେ କିନ୍ତୁ ଫରାସୀ-ସରକାରଙ୍କ ସହିତ ଆମର ସମ୍ପର୍କ ସ୍ୱତନ୍ତ୍ରଭାବେ ଏବଂ ସମ୍ପୂର୍ଣ୍ଣ ରୂପେ ସୁସଙ୍ଗତ ଓ ରୀତିସମ୍ମତ ହୋଇଉଠିଛି; କହିବାକୁ ଗଲେ ଭାବନାଶୂନ୍ୟ ଭାବରେ ସ୍ୱୟଂଚାଳିତ ।

''ଏହିସବୁ ଦର୍ଶନାର୍ଥୀ ଏଠାକୁ ଆସିବା ବେଳେ ନିଜ ସାଥିରେ ବିଭିନ୍ନ ଧରଣର ସମସ୍ୟାମୂଳକ ଉପାଦାନ ନେଇ ଆସିଥା'ନ୍ତି ଏବଂ ଏଠାରେ ବାସ କରୁଥିବା ବ୍ୟକ୍ତିଙ୍କ ଉପରେ ସେସବୁକୁ ସ୍ୱଭାବତଃ ନିକ୍ଷେପ କରିଥା'ନ୍ତି । (କେତେକ କ୍ଷେତ୍ରରେ ସେମାନଙ୍କ ଅଜାଣତରେ ଏହିସବୁ କ୍ରିୟା ଘଟିଥାଏ ।) ଏସବୁକୁ ସେମାନଙ୍କର ଦୋଷତ୍ରୁଟି ବୋଲି ମୁଁ କହିବାକୁ ଚାହେଁ ନାହିଁ । କିନ୍ତୁ ଆମର ଉଚିତ କର୍ତ୍ତବ୍ୟ ହେଉଛି ସେମାନଙ୍କଠାରୁ ବା ସେସବୁ ଉପାଦାନଠାରୁ ଦୂରରେ ରହିବା ।''

### ୧୦ ଜାନୁଆରୀ ୧୯୨୪

ଆଜି ସକାଳେ ଜଣେ ଯୁବକ ଆଶ୍ରମ ଭିତରକୁ ପ୍ରବେଶ କରି କାହାକୁ କିଛି ନପଚାରି ସିଧା ଶିଡ଼ି ଚଢ଼ି ଉପରକୁ ଉଠିଯାଉଥିବା ବେଳେ ଜଣେ ଅନ୍ତେବାସୀ ତାକୁ ବାଧାଦେଇ 'କଥା କ'ଣ ?' ବୋଲି ପଚାରିଲେ । ସେଇଠୁ ଯୁବକଟି କହିଲା ଯେ ସେ ତିରୁନେର୍‌ଭେଲିରୁ ଆସିଛି । ତାକୁ 'ପରାଶକ୍ତି' ଆଜ୍ଞା ଦେଇଛନ୍ତି ଶ୍ରୀଅରବିନ୍ଦଙ୍କୁ ଦର୍ଶନ କରିବା ପାଇଁ, ଶ୍ରୀଅରବିନ୍ଦ ଯିଏକି ସ୍ୱୟଂ ଭଗବାନ୍ । ସେ ଏଥିସକାଶେ ବେଶ୍ କେତେ ଦିନ ଉପବାସ କରିଛି ଏବଂ ଶ୍ରୀଅରବିନ୍ଦଙ୍କୁ ଅର୍ପଣ କରିବା ସକାଶେ ସାଥିରେ କିଛି ଫଳ ବି ଆଣିଛି । ସେ ସଂସ୍କୃତ ଜାଣେ ।

ଯୁବକଟିକୁ ତଳେ ବସାଇ ଅନ୍ତେବାସୀ ଜଣଙ୍କ ଉପରକୁ ଯାଇ ଶ୍ରୀଅରବିନ୍ଦଙ୍କୁ ସବୁ କଥା ଜଣାଇବା ପରେ କହିଲେ –

**ଶିଷ୍ୟ :** ଆଗରୁ ଆସିଥିବା ଜଣେ ବ୍ୟକ୍ତିଙ୍କ ସଦୃଶ ଏହି ଯୁବକଟିକୁ ରମଣ ମହର୍ଷିଙ୍କ ନିକଟକୁ ପଠାଇଦେବୁ କି ?

**ଶ୍ରୀଅରବିନ୍ଦ :** ହୁଏତ ସେ ସେଠାକୁ ଯିବନି; କାରଣ 'ପରାଶକ୍ତି' ତାଙ୍କୁ ସେଠାକୁ ଯିବାକୁ ଆଜ୍ଞା କରି ନାହାନ୍ତି ! ବଡ଼ ଅସୁବିଧାଜନକ 'ପରାଶକ୍ତି' ! ସିଏ ତ ତାକୁ ଏଠାକୁ ଆସିବାକୁହିଁ ଆଦେଶ ଦେଇଛନ୍ତି !

ଦୁଇଟି ଉପାୟ ରହିଛି – ଗୋଟିଏ ହେଉଛି ତାକୁ 'କ' (ଶ୍ରୀଅରବିନ୍ଦଙ୍କର ଜଣେ ଶିଷ୍ୟ)ଙ୍କ ନିକଟକୁ ପଠାଇ ଦିଅ ।

**ଶିଷ୍ୟ :** ମୁଁ ଏବେ 'ଖ'ଙ୍କୁ ତାଙ୍କ ପାଖକୁ ପଠାଇଛି । ତାଙ୍କ ସହିତ 'ଖ'ଙ୍କର ବାକ୍ୟାଳାପ ଏବେ ବି ଶେଷ ହୋଇନି ।

**ଶ୍ରୀଅରବିନ୍ଦ :** (ଉପସ୍ଥିତ ଅନ୍ୟ ଜଣେ ଶିଷ୍ୟଙ୍କୁ) ଆଜି ଫେରାଇ ଦେଲେ ଯଦି ଯୁବକଟି କାଲି ପୁଣି ଆସି ଏଠାରେ ପହଞ୍ଚେ, ତେବେ ତୁମେ କ'ଣ କରିବ ?

**ଶିଷ୍ୟ :** ମୁଁ ତାକୁ କହିବି ଯେ ଆପଣଙ୍କୁ ଏବେ ସାକ୍ଷାତ୍ କରିବା ଅସମ୍ଭବ ।

**ଶ୍ରୀଅରବିନ୍ଦ :** ସେ ପ୍ରକୃତରେ କ'ଣ ପାଇଁ ମୋତେ ସାକ୍ଷାତ୍ କରିବାକୁ ଚାହେଁ ?

**ଶିଷ୍ୟ :** ସେ କହୁଛି ଯେ ସେ ଆସିଛି ଆପଣଙ୍କଠାରୁ 'ମହାମନ୍ତ୍ର' ନେବା ସକାଶେ । ତା'ପରେ ମୁଁ ତାକୁ ପଚାରିଲି : 'ଶ୍ରୀଅରବିନ୍ଦ ତୁମକୁ ଯେଉଁସବୁ ନିର୍ଦ୍ଦେଶ ଦେବେ, ତୁମେ ସେସବୁକୁ ପାଳନ କରିବାକୁ ପ୍ରସ୍ତୁତ କି ?' ସେ ତତ୍କ୍ଷଣାତ୍ କହିଉଠିଲା, 'ହଁ' । ସେଇଠୁ ମୁଁ କହିଲି, 'ହୁଏତ ଶ୍ରୀଅରବିନ୍ଦ ତୁମକୁ ଘରକୁ ଫେରିଯିବାକୁ କହିପାରନ୍ତି !' ସେ କହିଲା, 'ଯଦି ଭଗବାନ୍ ଶ୍ରୀଅରବିନ୍ଦ ମୋତେ ଫେରିଯିବାକୁ କହନ୍ତି, ତେବେ ମୁଁ ନିଶ୍ଚୟ ଫେରିଯିବି । କିନ୍ତୁ ମୁଁ ଥରେ ମାତ୍ର ଦର୍ଶନ କରି ଫେରିଯିବି । — ମୁଁ ସଂସ୍କୃତରେ କଥା କହିପାରେ ।'

**ଶ୍ରୀଅରବିନ୍ଦ :** ଏହାର ଅର୍ଥ ସେ ମୋତେ ଦେଖା କରିବାକୁ ଚାହେଁ । ମୋର କିନ୍ତୁ ତା'ର ସଂସ୍କୃତ ଶୁଣିବାକୁ ସମୟ ନାହିଁ ।

*

୧୬ ଜାନୁଆରୀ ୧୯୨୪ରେ ସେହି ଯୁବକଟି ଶ୍ରୀଅରବିନ୍ଦଙ୍କର ଦର୍ଶନ ଲାଭ କଲା । ସାକ୍ଷାତ୍ ପରେ ଶ୍ରୀଅରବିନ୍ଦ ତାଙ୍କର ଉପରୋକ୍ତ ଶିଷ୍ୟଙ୍କୁ ତା' ସମ୍ବନ୍ଧେ ଏହି ମନ୍ତବ୍ୟ ଦେଇଥିଲେ : 'ଯୁବକଟିର ଶାରୀରିକ ଓ ପ୍ରାଣିକ ସତ୍ତା ଦୁର୍ବଳ ଏବଂ ତା'ର ମାନସିକ ସତ୍ତାରେ ନିଜର ବିଚାରାନୁଯାୟୀ କର୍ମ କରିବାର ସ୍ୱାଧୀନତାର ଅଭାବ ରହିଛି । ତେଣୁ ସେ ତାକୁ ଫେରିଯିବାକୁ କହିଛନ୍ତି ।'

ପୁନଶ୍ଚ କଥାଛଳରେ ଶ୍ରୀଅରବିନ୍ଦ ଏହି ମର୍ମରେ ଉଲ୍ଲେଖ କରିଥିଲେ : 'ଆମର ଏହିସବୁ ଅଂଶ— ଶାରୀରିକ, ପ୍ରାଣିକ ଓ ମାନସିକ ହେଉଛି ସାଧନାର ଭିତ୍ତି, ଆଧାର; ଭୂମିଟି ଯଦି ଠିକ୍ ଠିକ୍ କର୍ଷଣ ବା ପ୍ରସ୍ତୁତ ନ ହୋଇଥାଏ, ତା' ଉପରେ କୌଣସି କିଛି ଆକୃତି ବା ଢାଞ୍ଚା ନିର୍ମାଣ କରାଯାଇ ପାରିବ ନାହିଁ ।'

(Purani : 'Evening Talks' (E.T.) 2007, p. 46-48)

**୨୨ ଜାନୁଆରୀ ୧୯୨୪**

ଆଜି ଅପରାହ୍ଣ ସମବେତ ଧ୍ୟାନ ଏବଂ ସାନ୍ଧ୍ୟ-ବୈଠକ, ଦୁଇଟି ବନ୍ଦ ରହିଲା । ସମବେତ ଧ୍ୟାନ ଏହା ପରଠୁ ବନ୍ଦ ରହିବା ସମ୍ବନ୍ଧେ ଶ୍ରୀଅରବିନ୍ଦଙ୍କୁ ପଚାରିବାରୁ ସେ କହିଲେ : 'ଏହି ସମବେତ ଧ୍ୟାନ ସର୍ବଦା ଆବଶ୍ୟକ କରେ ଯେ ପ୍ରତ୍ୟେକ ବ୍ୟକ୍ତି ନିଜେ ଆବଶ୍ୟକ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି କରି ପାରୁଥିବ, ଏହା ସମବେତ ଧ୍ୟାନରେ ବସି ପ୍ରଚେଷ୍ଟା ଦ୍ୱାରା ସୃଷ୍ଟ ହୁଏ ନାହିଁ ।' ଏହି ଧ୍ୟାନ ବନ୍ଦ କରିଦିଆଯିବାର ଅନ୍ୟତମ କାରଣ ହେଉଛି — 'ଏହା ଦ୍ୱାରା ଶ୍ରୀଅରବିନ୍ଦ ସ୍ୱଚେତନାରୁ ନିମ୍ନ ସ୍ତରର ଚେତନାକୁ ଅବତରି ଆସିବାକୁ ବାଧ୍ୟ ହେଉଥିଲେ ।' ଶ୍ରୀଅରବିନ୍ଦ ତାଙ୍କର ଭୌତିକ ଚେତନାରେ ପୂର୍ଣ୍ଣାଙ୍ଗତା ଲାଭ କରିବାର ସାଧନା ସମ୍ପୂର୍ଣ୍ଣ କରିବା ଉଦ୍ଦେଶ୍ୟରେ ଏହି ବ୍ୟବସ୍ଥା ଅଧିକ ଶୁଭଙ୍କର ହେବ ବୋଲି ବିଚାରବନ୍ତ ଭାବରେ ନିଷ୍ପତ୍ତି ନିଆଗଲା ।

ଏହି ବ୍ୟବସ୍ଥା ଦ୍ୱାରା ଶ୍ରୀଅରବିନ୍ଦଙ୍କ ଉପରୋକ୍ତ ସାଧନାରେ ଉପକୃତ ହେବା ସକାଶେ ପ୍ରତ୍ୟେକ ସାଧକ ନିର୍ଦ୍ଦିଷ୍ଟ ମନୋଭାବ ପୋଷଣ କରିବାକୁ ଆଗଭର ହେବା ବିଧେୟ ।

ଅଧିକାଂଶ ସାଧକ ଏଥିରେ ଖୁବ୍ ବିଚଳିତ ହୋଇଉଠିଲେ, କାରଣ ଦୁଇଟି ସମବେତ ଗତିବିଧି — ଧ୍ୟାନ ଏବଂ ସାନ୍ଧ୍ୟ-ବୈଠକ — ବନ୍ଦ ହୋଇଗଲା ।

ମଙ୍ଗଳବାର ଏବଂ ଶନିବାର କେତେକଙ୍କୁ ଶ୍ରୀଅରବିନ୍ଦ ପୃଥକ୍ ଭାବେ ସମବେତ ଧ୍ୟାନରେ ସାହାଯ୍ୟ କରିବେ । ଅନ୍ୟମାନଙ୍କ ସକାଶେ ଶ୍ରୀଅରବିନ୍ଦଙ୍କ ସହିତ ବ୍ୟକ୍ତିଗତ ସାକ୍ଷାତ୍କାର ନିମନ୍ତେ ସକାଳଓଳି ସମୟଟି ନିର୍ଧାର୍ଯ୍ୟ କରାଗଲା । ସେମାନେ ହୁଏତ ଗୁରୁବାର ଓ ଶନିବାର ଆସିବେ, ନଚେତ୍ ସୋମବାର, ବୁଧବାର ଏବଂ ଶୁକ୍ରବାର ଦିନ ଆସିବେ ।

**୩୦ ଜାନୁଆରୀ ୧୯୨୪**

ଆଜିଠୁ ପୁନର୍ବାର ଅନ୍ତେବାସୀଙ୍କ ସହିତ 'ସାନ୍ଧ୍ୟ-ବୈଠକ' ଆରମ୍ଭ ହେଲା ।

(Purani 'Life....' (E.T.) 1978, p. 191-92)

(କ୍ରମଶଃ)

ସଂକଳନ ଓ ଭାଷାନ୍ତର : ଗୋପାଳଚନ୍ଦ୍ର ମାହାନା

❑❑❑

ଜାତକ ଗଳ୍ପ (ପୁନଃବିନ୍ୟାସ)

# ସମୁଦ୍ର ନିଧନ ଅଭିଯାନ

(ଅଢ଼େଇ ହଜାର ବର୍ଷ ତଳେ ବୁଦ୍ଧଙ୍କର ଜୀବଦ୍ଦଶାରେହିଁ ଜାତକ କାହାଣୀମାଳାର ପ୍ରବର୍ତ୍ତନ ହୋଇଥିଲା । କିଂବଦନ୍ତି ଅନୁସାରେ, ସ୍ୱୟଂ ବୁଦ୍ଧ ତାଙ୍କର କେତୋଟି ପୂର୍ବଜନ୍ମର ଅଭିଜ୍ଞତା କାହାଣୀ ରୂପେ ବିବୃତ କରିଥିଲେ । କୌଣସି ଏକ ତତ୍ତ୍ୱ ବା ନୀତିନିୟମର ବ୍ୟାଖ୍ୟା ଥିଲା ସେସବୁ କାହାଣୀର ଆଭିମୁଖ୍ୟ । ପରବର୍ତ୍ତୀ କାଳରେ ବୌଦ୍ଧଧର୍ମର ପ୍ରବକ୍ତାମାନେ ସେ ସଙ୍କଳନରେ ନୂଆ ନୂଆ କାହାଣୀ ସଂଯୋଗ କଲେ । ସେସବୁରୁ ବହୁ କାହାଣୀ ପୂର୍ବରୁ ଲୋକକଥା ଭାବରେ ପ୍ରଚଳିତ ଥିଲେ । ନାନାଦି ଅଭିଜ୍ଞତା, ମନସ୍ତାତ୍ତ୍ୱିକ ତତ୍ତ୍ୱ, ସାମାଜିକ ଜୀବନର ବହୁ ସମସ୍ୟା ଓ ସମାଧାନର ଝଲକରେ ଏସବୁ କାହାଣୀ ସମୃଦ୍ଧ । କୋତୋଟି କାହାଣୀ ପୁଣି ବିଦ୍ରୁପ-ଶାଣିତ; ମଣିଷର ଛଳନା ପ୍ରବଣତା ଏବଂ ମୂଢ଼ତା ଉପରେ ଟିପ୍ପଣୀ । ସେହି ଶ୍ରେଣୀର ଅନ୍ତର୍ଭୁକ୍ତ ନିମ୍ନୋକ୍ତ କାହାଣୀ । ସ୍ୱୟଂ ବୁଦ୍ଧ ଏହା ବିବୃତ କରିଥିବାର ସମ୍ଭାବନା ଏଡ଼ାଇ ଦିଆଯାଇ ପାରେନା ।)

ସେତେବେଳେ ଶ୍ରାବସ୍ତୀ ନଗରୀର ଅଦୂରବର୍ତ୍ତୀ ଜେତ ବନରେ ଅବସ୍ଥାନ କରୁଥିଲେ ବୁଦ୍ଧ । ସେ ଯେ ଜଣେ ମହାନ୍ ଆଧ୍ୟାତ୍ମିକ ଗୁରୁ, ଏ ବିଷୟରେ ଜନସାଧାରଣଙ୍କର ଆଉ ସନ୍ଦେହ ନଥିଲା ।

ସେ ନଗରୀରେ ବସବାସ କରୁଥିଲେ ବେଶ୍ କେତେଜଣ ବିଶିଷ୍ଟ ଧନୀ ବୃଦ୍ଧ । ଜୀବନରେ ବେପାର ବଣିଜ କରି ସେମାନେ ପ୍ରଚୁର ଅର୍ଥ ଉପାର୍ଜନ କରିଥା'ନ୍ତି । ବର୍ତ୍ତମାନ ସେସବୁ ଦାୟିତ୍ୱ ପୁତ୍ର, ପୌତ୍ରାଦିଙ୍କୁ ଅର୍ପଣ କରି ଅଳସଭାବରେ ଦିନ ଅତିବାହିତ କରୁଥିଲେ ସେମାନେ । ପ୍ରତ୍ୟହ ଅପରାହ୍ଣରେ ସଭିଏଁ ମିଳି ଗପସପ ହେଲା ବେଳେ ଦିନେ ସେମାନଙ୍କ ମୁଣ୍ଡକୁ ଆସିଗଲା ଗୋଟାଏ ନୂଆ ଯୋଜନା : ଅର୍ଥ ଉପାର୍ଜନ ଯଥେଷ୍ଟ ହୋଇଛି, ଏବେ ତ ହାତରେ କାମ କିଛି ନାହିଁ । କିଛି ପୁଣ୍ୟ ଉପାର୍ଜନ କଲେ କେମିତି ହୁଅନ୍ତା ?

ସେମାନେ ଯାଇ ବୁଦ୍ଧଙ୍କୁ ଭେଟି ଜଣାଇଲେ କି ସଂସାର ପ୍ରତି ସେମାନଙ୍କର କୌଣସି ଆକର୍ଷଣ ନାହିଁ । ସେମାନେ ତାଙ୍କ ଶିଷ୍ୟତ୍ୱ ଗ୍ରହଣ କରି ଭିକ୍ଷୁ ଭାବରେ ଜୀବନ ଅତିବାହିତ କରିବାକୁ ଆଗ୍ରହୀ ।

ବୁଦ୍ଧ ଅବଶ୍ୟ ସେମାନଙ୍କ ମତିଗତି ବୁଝୁଥିବେ, କିନ୍ତୁ ସେ ଅତୀବ କରୁଣାମୟ । ସମସ୍ତଙ୍କୁ ସୁଯୋଗ ଦେବାକୁ ତାଙ୍କର କୁଣ୍ଠା ନଥିଲା । ହୁଏତ ସେମାନଙ୍କ ଭିତରୁ ଜଣେ ହେଲେ କାହାରି ଚେତନାରେ ପ୍ରକୃତ ପରିବର୍ତ୍ତନ ଆସିପାରେ ! ସେମାନେ ଭିକ୍ଷୁ ବୋଲାଇବାରେ ସେ ଆପତ୍ତି କଲେ ନାହିଁ ।

ତେବେ ସେମାନଙ୍କର ତ ପ୍ରଚୁର ଧନସମ୍ପତ୍ତି ଥିଲା । ଅନ୍ୟ ଭିକ୍ଷୁମାନଙ୍କ ଛାଉଣୀରେ ନରହି ସେମାନେ ଜେତ ବନର ଏକ ପ୍ରାନ୍ତରେ ନିଜ ନିଜ ପାଇଁ ସ୍ୱତନ୍ତ୍ର ଗୋଟିଏ ଗୋଟିଏ ଆରାମଦାୟକ ବାସଗୃହ ବନାଇନେଲେ ।

ବୟସ ଓ ଅଭ୍ୟସ୍ତ ଜୀବନ ଶୈଳୀ ଦୃଷ୍ଟିରୁ ଶ୍ରମଣ ଧର୍ମ ଓ ଶୃଙ୍ଖଳା ପାଳନ ସେମାନଙ୍କ ପକ୍ଷରେ ସମ୍ଭବ ହେବା କଥା ନୁହେଁ । ସେ ଦିଗରେ ସେମାନେ ଚେଷ୍ଟା ମଧ୍ୟ କଲେ ନାହିଁ । 'ଭିକ୍ଷୁ' ରୂପେ ନୂତନ ପରିଚୟହିଁ ସେମାନଙ୍କ ପାଇଁ ଯଥେଷ୍ଟ । ପୂର୍ବରୁ ଯେମିତି ଗପସପରେ କାଳକ୍ଷେପଣ କରୁଥିଲେ, ଏବେ ମଧ୍ୟ ତାହାହିଁ କରି ଚାଲିଲେ ।

ଭିକ୍ଷୁ ହିସାବରେ ସେମାନେ ପ୍ରତ୍ୟହ ଭିକ୍ଷାର୍ଥେ ବାହାରି ସଂଗୃହୀତ ଆହାର ଦ୍ୱାରାହିଁ ତୁଷ୍ଟ ରହିବା କଥା । ସେ ବ୍ୟବସ୍ଥାରେ ସାମାନ୍ୟ ପରିବର୍ତ୍ତନ ସାଧନ କଲେ ସେମାନେ । ସେମାନଙ୍କ ପତ୍ନୀମାନଙ୍କ ଭିତରୁ ଜଣେ ଉଦ୍‌ଯୋଗୀ ମହିଳା ସ୍ୱାମୀମାନଙ୍କ ତରଫରୁ ପ୍ରତ୍ୟେକ ପରିବାରରୁ 'ଭିକ୍ଷା' – ଅର୍ଥାତ୍ ନାନାଦି ସୁଖାଦ୍ୟ – ସଂଗ୍ରହ କରି ସ୍ୱାମିଗଣଙ୍କ ଶିବିରରେ ପହଞ୍ଚାଇ ଦେଲେ । ସ୍ୱାମିଗଣଙ୍କ ପୁଣ୍ୟରୁ ପତ୍ନୀବର୍ଗଙ୍କୁ କିଛି ଅଂଶ ମିଳିବ ବୋଲି ସେମାନେ ନିଶ୍ଚିତ ଥିଲେ ।

ସବୁ ସୁରୁଖୁରୁରେ ଚାଲିଥିଲା । ଦିନେ ସେ ପ୍ରବୀଣା ହଠାତ୍ ପରଲୋକ ଗମନ କଲେ । ଭିକ୍ଷୁ ସ୍ୱାମୀମାନେ ପରସ୍ପର ବେକ ଜଡ଼ାଇଧରି କ୍ରନ୍ଦନରତ ରହିଲେ । କିଏ ଏଣିକି ନେତୃତ୍ୱ ନେଇ ସେମାନଙ୍କ ସକାଶେ ସଂଗ୍ରହ କରିବ ସୁସ୍ୱାଦୁ 'ଭିକ୍ଷା' ? ସେମାନେ କିପରି ପାଳନ କରିବେ ପ୍ରବ୍ରଜ୍ୟା ? ସେମାନଙ୍କ ସମବେତ କ୍ରନ୍ଦନରେ ଆସି ଯୋଗଦେଲେ ସେମାନଙ୍କ କୁଟୁମ୍ବଗଣ । କ୍ରନ୍ଦନାନୁଷ୍ଠାନ ବେଶ୍ ହୃଦୟ ବିଦାରକ ଓ ଦୀର୍ଘସ୍ଥାୟୀ ହେଲା । ପଥଚାରୀମାନେ କେହି କିଛି ନବୁଝି ଆହା-ଚୁ ଚୁ କରି ଚାଲିଯାଉଥା'ନ୍ତି ।

ବୁଦ୍ଧ ଏକଥା ଶୁଣିଲେ । ଆମୋଦିତ ମହାଭାଗ ତାଙ୍କର କେତେଜଣ ପ୍ରିୟ ଶିଷ୍ୟଙ୍କୁ ଶୁଣାଇଲେ ଉପରୋକ୍ତ ଘଟଣାର ଏହି ପଟଭୂମି :

ଏକଦା ସମୁଦ୍ର କୂଳରେ କେତେଜଣ ଲୋକ ସେମାନଙ୍କ ପ୍ରଥା ଅନୁସାରେ ନାଗପୂଜା କରୁଥିଲେ । ପୂଜା ସ୍ଥଳର ଅଦୂରରେ ସେମାନେ ରଖିଥିଲେ କ୍ଷୀର, ମିଷ୍ଟାନ୍ନ ତଥା ସୁରା । ଏକ କାକ ଦମ୍ପତି ନିକଟବର୍ତ୍ତୀ ବୃକ୍ଷରୁ ଉଡ଼ିଆସି ଲୋକେ ପୂଜାରେ ଲାଗିପଡ଼ିଥିବା ବେଳେ ସେ ଖାଦ୍ୟଦ୍ରବ୍ୟ ଏବଂ ସୁରା ଉଦରସ୍ଥ କଲେ । ଅବିଳମ୍ବେ ସୁରା ସେବନର ପ୍ରତିକ୍ରିୟା ଆରମ୍ଭ ହୋଇଗଲା । ଉନ୍ମତ୍ତ କାକ କାକୀ ଉଦ୍‌ବେଳ ଢେଉରେ ବୁଡ଼ ଦେବାକୁ ଲାଗିଲେ । ହଠାତ୍ ଗୋଟାଏ ପ୍ରଚଣ୍ଡ ଲହରୀ ଆସି କାକୀଟିକୁ ବୁଡାଇ ଧରି ସମୁଦ୍ର ଗର୍ଭକୁ ଟାଣି ନେଇଗଲା ।

କାକ ଛାଡ଼ିଲା ପ୍ରବଳ ରଡ଼ି । ଆଖପାଖରୁ ଆସି ଗଲେ ଶତାଧିକ କାକ । ସେମାନେ ମୃତଦାର କାକର ଶୋକରେ ଅଭିଭୂତ ହୋଇ ପରସ୍ପର ଡେଣା ଛନ୍ଦାଛନ୍ଦି ହୋଇ କାକୀୟ କ୍ରନ୍ଦନ କରିବାରେ ଲାଗିଲେ ।

କିୟତ୍‌କ୍ଷଣ ପରେ ନେତୃସ୍ଥାନୀୟ କାକବର୍ଗ ଏହି ସିଦ୍ଧାନ୍ତରେ ପହଞ୍ଚିଲେ : କାକୀର ଚହଟ ଚିକ୍କଣ ପକ୍ଷ, ତା'ର ନକ୍ଷତ୍ରନିଭ ନୟନ ଯୁଗଳ ତା'ର ନୃତ୍ୟ-ଛନ୍ଦମୟ ଗତି, ସର୍ବୋପରି ତା'ର ବୀଣା-ଜିଣା ସୁମଧୁର କଣ୍ଠ ସ୍ୱରରେ ମୁଗ୍ଧ ମୋହିତ ହୋଇ ସମୁଦ୍ର ତାକୁ ଅପହରଣ କରିଛି । ଏମନ୍ତ ଲମ୍ପଟ ସମୁଦ୍ରକୁ ତିଷ୍ଠି ରହିବାକୁ ଦେବା ଅନୁଚିତ ।

ବରିଷ୍ଠତମ କାକ ଶୁଣାଇ ଦେଲେ ସେମାନଙ୍କ ରାୟ : ସମୁଦ୍ରକୁ ମୃତ୍ୟୁ ଦଣ୍ଡରେ ଦଣ୍ଡିତ କରାଗଲା । ଅର୍ଥାତ୍ ଏହାକୁ ଶୁଖାଇ ଦିଆଯିବ ।

ଶତେକ ଉତ୍ତେଜିତ କାକ ସମୁଦ୍ର ପାଣି ଚଞ୍ଚୁଭୁକ୍ତ କରି ସେତକ ନେଇ କୂଳର ବାଲି ସ୍ତୂପମାନ ଉପରେ ନିକ୍ଷେପ କରିବାରେ ଲାଗିପଡ଼ିଲେ । ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ସେହି ରୀତିରେ ସମୁଦ୍ରନିଧନ କର୍ମରେ ବ୍ୟାପୃତ ରହି ଅବଶେଷରେ ସେମାନେ ତରଙ୍ଗମାଳା ଉପରେ ଉଡ଼ି କାକ ସଂପ୍ରଦାୟର କୃତିତ୍ୱ ଆକଳନ କଲେ – କିନ୍ତୁ ସାଫଲ୍ୟର ମାତ୍ରା ସମ୍ପର୍କରେ ନିଶ୍ଚିତ ହୋଇ ପାରିଲେ ନାହିଁ । ସେ ଯାହାହେଉ, ପ୍ରଭାତରେ ପୁନର୍ବାର ଅସମାପ୍ତ ଯୋଜନା ଚାଲୁ ରଖିବାର ସିଦ୍ଧାନ୍ତ ନେଇ ସେମାନେ ସମୁଦ୍ରକୁ ରାତିରେ ଆଉ ହଲାପଟା ନକରି ଦୂରକୁ ନଯାଇ ସେହି ସମୁଦ୍ର ତୀରରେହିଁ ବିଶ୍ରାମ ନେଲେ । ମୃତ୍ୟୁଦଣ୍ଡ ଭୟରେ ସମୁଦ୍ର କାଳେ ବିକଳରେ ପଳାଇଯିବ, ତାହାହିଁ ଥିଲା ସେମାନଙ୍କ ଆଶଙ୍କା । କ୍ଲାନ୍ତିବଶତଃ ସେମାନେ ନିଦ୍ରାଗଲେ ।

ସେ ଜନ୍ମରେ ବୋଧିସତ୍ତ୍ୱ ସମୁଦ୍ର ଦେବତା ସହ ଏକାତ୍ମ ହୋଇ ରହିଥିଲେ । ସେ ଦେଖିଲେ, ଅଳ୍ପ ସମୟ ଉତ୍ତାରୁ ଚନ୍ଦ୍ରାୟନ ଯୋଗୁଁ ସମୁଦ୍ରର ଲହରୀମାଳା ଉତ୍ତାଳ ହେବେ ଏବଂ ନିଦ୍ରିତ କାକବର୍ଗଙ୍କର ହେବ ସଲିଳସମାଧି । ସେ ଭୈରବ ରୂପ ଧରି ବଜ୍ର କଣ୍ଠରେ ଏଭଳି ହୁଙ୍କାର ଦେଲେ ଯେ କାକମାନେ ଉଠିପଡ଼ି ତତ୍‌କ୍ଷଣାତ୍ ଜନପଦ ଭିତରକୁ କଲେ ପଳାୟନ ।

ଏ ସ୍ମୃତିଚାରଣ ପରେ ବୁଦ୍ଧ ପ୍ରକଟ କଲେ ଯେ 'ଭିକ୍ଷୁ' ବନିଥିବା ସେ ବୃଦ୍ଧ ଜନେହିଁ ଏକଦା ଥିଲେ ସେହି କାକ ଗୋଷ୍ଠୀ । ବ୍ୟକ୍ତିଗତ ବିକାଶର ବିଧାନ ଅନୁସାରେ ସଂପ୍ରତି ମଣିଷ ଜନ୍ମ ଲାଭ କରିଥିଲେ ମଧ୍ୟ ସେମାନଙ୍କ ଚେତନାରୁ ସେହି ଅଜ୍ଞାନ ଆସକ୍ତି, ସ୍ୱାର୍ଥାନ୍ଧତା ତଥା ଅହଂ-ଚାଳିତ କାର୍ଯ୍ୟକଳାପର ଆତ୍ମଘାତୀ ପରିଣତି ବିଷୟରେ ମୂଢ଼ତାର ଅବସାନ ଘଟି ନାହିଁ !'

(ଉତ୍ସ : ''ଅଜଣାର ଅନ୍ୱେଷଣେ'' : ମନୋଜ ଦାସ)

❑❑❑

ମିଥ୍ୟାର ରାଜତ୍ୱ ଶେଷ ହେବାର ସମୟ ଆସିଯାଇଛି ।
ଏକମାତ୍ର ସତ୍ୟ ମଧ୍ୟରେ ରହିଛି ପରିତ୍ରାଣ ।

୨୫.୧୨.୭୧ — ଶ୍ରୀମା

# ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା

## (୧୨)

ମହେନ୍ଦ୍ର ନାଥ ସ୍ୱାଇଁ

**ରୂପାନ୍ତରର ଭିତିରି କଥା :**

ଜାନୁଆରୀ ୧୫, ୧୯୧୬ ପ୍ରାର୍ଥନାରେ "I" ଏବଂ "Thou" ଏହି ଶବ୍ଦ ଦ୍ୱୟକୁ ପାଠକମାନେ ଅନୁଧ୍ୟାନ କରିବାକୁ ଅନୁରୋଧ । ଉକ୍ତ ପ୍ରାର୍ଥନାଟି ଏକ ପ୍ରେମ କବିତା । ଏହିପରି ପ୍ରେମ-କବିତାର ମର୍ଯ୍ୟାଦା ଖୁବ୍ କ୍ୱଚିତ୍ ଦୃଷ୍ଟିଗୋଚର ହୁଏ । ଏହା ହେଉଛି ''ମୁଁ'' ଏବଂ ''ତୁମେ'' ଭିତରେ ଥିବା ସମ୍ପର୍କ (relationship)ର ଏକ ନୂତନ ଅଭିବ୍ୟକ୍ତି । ଏହି ପ୍ରାର୍ଥନାଟି ''ମୁଁ'' ଏବଂ ''ତୁମେ'' ଦୁଇଜଣଯାକ ଏକତ୍ର ବା ପରସ୍ପର ସହିତ ନିମଜ୍ଜିତ ହୋଇଯିବାର ଅବସ୍ଥାକୁ ସୂଚାଇ ଦେଉଛି । ମନୁଷ୍ୟ ଏକ ଅସନ୍ତୁଷ୍ଟ ଜୀବ । ମା'ଙ୍କର ଏହି ପ୍ରାର୍ଥନା-କବିତାଟି ଉକ୍ତ ଅସନ୍ତୁଷ୍ଟ ଜୀବର ଜୀବନରେ ସର୍ବଶେଷ ସନ୍ତୋଷ ଭରିଦେବା ପାଇଁ ଉଦ୍ଦିଷ୍ଟ ।

''ବିଶ୍ୱଗୁରୁ ରବୀନ୍ଦ୍ରନାଥ ଟାଗୋରଙ୍କ ଭାଷାରେ ମଣିଷ ହେଉଛି ଭାବପ୍ରବଣତାର ଏକପ୍ରକାର ଉଦ୍‌ବୃତ୍ତ ଅଂଶ । ସବୁ ଜୀବମାନଙ୍କ ମଧ୍ୟରେ ମନୁଷ୍ୟହିଁ ଏକମାତ୍ର ବୃହତ୍ ବ୍ୟବସାୟୀ ''big-merchant'' ଯାହାର ଏତାଦୃଶ ବଳକା ବା ଉଦ୍‌ବୃତ୍ତ ଭାବପ୍ରବଣତା ରହିଛି । ସେ ସର୍ବଦା ଏବଂ ସର୍ବଥା ଏହି ବଳକା ଭାବପ୍ରବଣତା ବା ସମ୍ବେଦନାକୁ ପ୍ରଦର୍ଶିତ କରାଇଥାଏ ।'' ଦିବ୍ୟ-ଜନନୀ ଶ୍ରୀମା ମାନୁଷୀ ତନୁରେ ଅବତାର ନେଇଛନ୍ତି । ତାଙ୍କ ଭିତରେ ବି ସମ୍ବେଦନା ରହିଛି । କିନ୍ତୁ ସେହି ବଳକା ସମ୍ବେଦନାକୁ କାହାରିକୁ ପ୍ରଦର୍ଶିତ କରାଇ ନାହାନ୍ତି । ସେ ଭାବପ୍ରବଣତାର ମୂଳ ଉତ୍ସକୁ ଚିହ୍ନଟ କରିଛନ୍ତି ଏବଂ ତାଙ୍କ ପାଖରେ ଥିବା ସମସ୍ତ ଉଦ୍‌ବୃତ୍ତ ସମ୍ବେଦନାକୁ ସେହି ଉତ୍ସକୁ ନୈବେଦ୍ୟରୂପେ ଅର୍ପଣ କରିଛନ୍ତି । କାରଣ ମା ଜାଣିଥିଲେ ଯେ ସେହି ମୂଳ ଉତ୍ସର ପ୍ରେମର ତରଙ୍ଗମାନେ ତାଙ୍କ ଆଡ଼କୁ ଅବତରଣ କରୁଛନ୍ତି ।

ଉକ୍ତ ପ୍ରାର୍ଥନାଟିରେ ମା "Thou" ଦଶଥର, "Thee" ପାଞ୍ଚଥର, "Thy" ଚାରିଥର ଏବଂ "Thyself"କୁ ଦୁଇଥର ଉଚ୍ଚାରଣ କରିଛନ୍ତି । ସର୍ବ ମୋଟ "Thou" ଶବ୍ଦ ସହିତ ସମ୍ପର୍କିତ ଉକ୍ତ ଶବ୍ଦମାନଙ୍କୁ ନେଇ ଏକୋଇଶ ଥର ସମ୍ବୋଧନ କରିଛନ୍ତି । ପାଠକମାନେ ଲକ୍ଷ୍ୟକଲେ ଦେଖିବେ "my" ତିନିଥର, "I" ଦୁଇଥର, "me" ଏବଂ "myself" ପ୍ରତ୍ୟେକେ ଥରେ ଲେଖାଏଁ ବ୍ୟବହୃତ ହୋଇଛନ୍ତି । ମା'ଙ୍କର ''ଧ୍ୟାନ ଓ ପ୍ରାର୍ଥନା'' ରୂପକ ଗୀତି କବିତାଗୁଡ଼ିକ ସ୍ୱଭାବତଃ ମୁକ୍ତ, ଖୋଲାଖୋଲି ଭାବରେ ପ୍ରବାହିତ । ପ୍ରାର୍ଥନାଟିର ଅଭ୍ୟନ୍ତରରେ ଯେଉଁ ଭାବପ୍ରବଣତାର ଅନ୍ତଃସ୍ରୋତର ମହକ (efflux) ରହିବା କଥା ସେଥିରେ କୌଣସି ପ୍ରକାରର କିଛି ବ୍ୟତିକ୍ରମ ସୃଷ୍ଟି ହୋଇ ନାହିଁ । ବରଂ ମା'ଙ୍କର ଗୀତି କବିତାଗୁଡ଼ିକ ଶ୍ରୀଅରବିନ୍ଦଙ୍କର ସେହିପ୍ରକାର କବିତାଠାରୁ ଅଧିକ ମୁକ୍ତ ଏବଂ ଭାବପ୍ରବଣ । ମା ଲେଖିଛନ୍ତି – ଏହା ଏକ ତୁଳନାତ୍ମକ ବକ୍ତବ୍ୟ ନୁହେଁ । ଶ୍ରୀଅରବିନ୍ଦ ''ମା'' ପୁସ୍ତକ ଏବଂ ମହାକାବ୍ୟ ''ସାବିତ୍ରୀ''ରେ ଦିବ୍ୟଜନନୀ ଶ୍ରୀମାଙ୍କୁ ସର୍ବୋଚ୍ଚ ସୋପାନରେ ପ୍ରତିଷ୍ଠା କରିଛନ୍ତି ।

"O Thou whom I may call my God, Thou who art the personal form of the Transcendent Eternal, the Cause, Source and Reality of my individual being, Thou who hast through the centuries and millenniums slowly and subtly kneaded this Matter, so that one day it could become consciously identified with Thee, and be nothing but Thee;..."

''ହେ ପ୍ରଭୁ ! ମୁଁ ଆପଣଙ୍କୁ ମୋର ପରମ ପ୍ରଭୁ ବୋଲି ସମ୍ବୋଧନ କରିପାରେ, ଆପଣ ଯିଏକି ଏହି ବିଶ୍ୱର ଉର୍ଦ୍ଧ୍ୱସ୍ଥ ଚିରନ୍ତନ ଜଗତର ପ୍ରଭୁ, କାରଣ ପୁରୁଷ, ଉତ୍ସ ଏବଂ ମୋର ବ୍ୟକ୍ତି ସତ୍ତାର ପ୍ରକୃତ ସ୍ୱରୂପ – କିନ୍ତୁ ଏହି ଜଗତରେ ଆପଣ ବ୍ୟକ୍ତିରୂପ ଗ୍ରହଣ କରିଛନ୍ତି; ଆପଣ ଯେ କି ଶତାବ୍ଦୀ ଏବଂ ସହସ୍ରାବ୍ଦମାନଙ୍କ ମଧ୍ୟ ଦେଇ ଏହି ଜଡ଼ ବସ୍ତୁମାନଙ୍କୁ ମନ୍ଥନ କରୁଛନ୍ତି ଫଳରେ ଦିନେ ନା ଦିନେ ଏମାନେ ଆପଣଙ୍କ ସହିତ ସଚେତନ ଭାବରେ ଏକାକାର ହୋଇଯିବେ, ଆପଣ ଏବଂ ସେମାନଙ୍କ ଭିତରେ କୌଣସି ତଫାତ ରହିବ ନାହିଁ ...''

ଏହିପରି ଭାବରେ ମା' ତାଙ୍କର ଭାବପ୍ରବଣତାର

ଉଦ୍‌ବୃତ୍ତାଂଶକୁ ପରମ ପ୍ରଭୁଙ୍କୁ ଫେରାଇ ଦେଇଛନ୍ତି । ନିବେଦିତ କରି ଦେଇଛନ୍ତି, ଏବଂ ସାମଗ୍ରିକ ପ୍ରଶାନ୍ତିକୁ ଅନ୍ୱେଷଣ କରିବାରେ ଲାଗିଛନ୍ତି; ତତ୍‌ସହିତ ବେଳେବେଳେ ମା "Thou" ତୁମେ ଏବଂ "I" ମୁଁର ରହସ୍ୟ ମଧ୍ୟ ଉନ୍ମୋଚନ କରିଛନ୍ତି । ବ୍ୟକ୍ତିସତ୍ତା ତା'ର ଉତ୍ସକୁ ଚିହ୍ନଟ କରିବାକୁ ସମର୍ଥ ହୋଇଛି । ଏକ ସଯତ୍ନ ନିରୀକ୍ଷଣରୁ ଏହା ଅନୁଭୂତ ହୁଏ ଯେ ବ୍ୟକ୍ତିସତ୍ତା ସହିତ ଘଟୁଥିବା ସକଳ ଘଟଣା "Thou" ବା ତୁମ ସହ ସମ୍ପର୍କିତ ଯେଉଁ "Thou" ସହିତ ଆମର ଏହି ଅସମ୍ପୂର୍ଣ୍ଣ "I" ବା 'ମୁଁ' ମିଳିତ ହେବାକୁ ସର୍ବଦା ଇଚ୍ଛା କରୁଛି । "I" ଏବଂ "Thou" ''ମୁଁ'' ଏବଂ ''ତୁମେ''ର ଏହି ସମ୍ପର୍କକୁ ଉକ୍ତ ଜାନୁଆରୀ ୧୫, ୧୯୧୬ ପ୍ରାର୍ଥନାଟିର ଦ୍ୱିତୀୟ ଅନୁଚ୍ଛେଦରେ ମା ମୁକ୍ତ କଣ୍ଠରେ ଘୋଷଣା କରିଛନ୍ତି । ତାହା ଏହିପରି :

"Or rather Thou art myself divested of all error and limitation. Have I become integrally this true self in all the atoms of my being? Wilt Thou bring about an overwhelming transformation, or will it still be a slow action in which cell after cell must be wrested from its darkness and its limits ?..."

''ବରଂ ଆପଣ ମୋତେ ସକଳପ୍ରକାର ଭ୍ରାନ୍ତି ଏବଂ ସୀମିତତାରୁ ନିବୃତ୍ତ କରିଛନ୍ତି । ମୁଁ କ'ଣ ପୂର୍ଣ୍ଣାଙ୍ଗଭାବରେ ମୋର ସତ୍ତାର ସମସ୍ତ ପରମାଣୁ ଭିତରେ ଏହି ପ୍ରକୃତ ସତ୍ୟ ସତ୍ତାଟିଏ ହୋଇ ଉଠିଛି କି ? ଆପଣ କ'ଣ ପରମ ଆନନ୍ଦରେ ଉଚ୍ଛୁଳି ଉଠୁଥିବା ଏକ ରୂପାନ୍ତର ପ୍ରକ୍ରିୟା ଅନୁଷ୍ଠିତ କରାଇବେ, ଅଥବା ଏହା ତଥାପି ଏହିପରି ମନ୍ଥର ପ୍ରକ୍ରିୟା ଦ୍ୱାରା ଚାଲିଥିବ, ଯେଉଁ ପ୍ରକ୍ରିୟା ଦ୍ୱାରା ଜୀବକୋଷ (cell)ମାନଙ୍କୁ ଗୋଟି ଗୋଟି କରି ସେମାନଙ୍କର ଅନ୍ଧକାର ଏବଂ ସୀମିତ ଭାବ ମଧ୍ୟରୁ ଜବରଦସ୍ତ ଟାଣି ଓଟାରି ରୂପାନ୍ତର ପ୍ରକ୍ରିୟା ମଧ୍ୟକୁ ଆପଣ ନେଇ ଆସିବେ ?''

ପ୍ରଶ୍ନଟି ହେଉଛି ଏହି ''ରୂପାନ୍ତର' କ୍ରିୟା ଆନନ୍ଦର ପ୍ରାଚୁର୍ଯ୍ୟ ମଧ୍ୟରେ ଖୁବ୍ ଶୀଘ୍ର ଅନୁଷ୍ଠିତ ହେବ ଅଥବା ପ୍ରତ୍ୟେକ ଜୀବକୋଷ ମନ୍ଥର ଗତିରେ ବଦଳିବେ ? ଏହାର ଉତ୍ତର ମିଳି ନାହିଁ । ସମ୍ଭବତଃ ମା' ଦ୍ୱିତୀୟଟିକୁ ବାଛି ନେବେ ଏବଂ ତାହାହିଁ ହେବ ପ୍ରତ୍ୟେକ ''ମୁଁ'' ବା ''I''ର ପସନ୍ଦ ଯେ କି ସାମଗ୍ରିକ ଭାବରେ ଆପଣଙ୍କ ବା ''Thou'' ସହିତ ନିମଜ୍ଜିତ ହୋଇଯିବାକୁ ଚାହେଁ । ବ୍ୟକ୍ତିସତ୍ତାର ରୂପାନ୍ତର କ୍ରିୟା ଗୋଟିଏ ରାତି ଭିତରେ ହେବା ସମ୍ଭବ ନୁହେଁ । ଗୋଟି ଗୋଟି କରି ପ୍ରତ୍ୟେକ ଜୀବକୋଷକୁ ପରିବର୍ତ୍ତନ କରାଇବା ହେଉଛି ଏକ ଦୀର୍ଘ ପ୍ରକ୍ରିୟା । ସେହି ପରିବର୍ତ୍ତନ ନିମନ୍ତେ ଆପଣଙ୍କ ଉପରେ ନିର୍ଭର କରି ରହିବା ସୂଚାଇ ଦେଉଛି ଯେ ଆପଣଙ୍କ କୃପାହିଁ ସେହି କାର୍ଯ୍ୟଟି କରିପାରିବ ।

ବିଂଶ ଶତାବ୍ଦୀର ସପ୍ତ ଦଶକର ଶେଷ ଭାଗରେ ମୋନା ସରକାରଙ୍କର (ଆଶ୍ରମର ଜନୈକ ବରିଷ୍ଠ ସାଧକ) ମା'ଙ୍କ ସହିତ ଯେଉଁ ଭବ୍ୟ, ଚିତ୍ତାକର୍ଷକ କଥୋପକଥନ ହୋଇଥିଲା ତାହା '*The Supreme*' ନାମକ ପୁସ୍ତକରେ ପ୍ରକାଶିତ ହୋଇଛି । ଉକ୍ତ ପୁସ୍ତକରେ ୪୧ ପୃଷ୍ଠାର ଚତୁର୍ଥ ଅନୁଚ୍ଛେଦରେ ମା' ତାଙ୍କ ଶରୀରର ଜୀବକୋଷମାନଙ୍କୁ କିପରି ଗୋଟି ଗୋଟି କରି ରୂପାନ୍ତରିତ କରାଉଥିଲେ ତାଙ୍କର ସେହି ପ୍ରକ୍ରିୟାଟିକୁ ଅପୂର୍ବ ଭାଷାରେ ବର୍ଣ୍ଣନା କରିଛନ୍ତି । ତାହା ଏହିପରି –

"I take up one cell (Mother makes a gesture with Her fingers), it is a very small cell, like this, microscopic, which one cannot see with the naked eye, but I possess that power and that vision. Like this, I take up one tiny little cell and I open it to the transforming light of the Divine Consciousness. Then in it I infuse this immutable Divine Joy with an unwavering Peace, and I charge it with the Luminous Power of the Divine Reality. In this way it becomes complete in all the aspects of the Lord : the Light with His knowledge, the Joy that brings the Divine Love, the Peace with its Perfect Serenity, and the Power to endure eternally until it dissolves itself in the Supreme Will. This is how I work. And I charge each cell with this Divine Consciousness and then I take up another cell, and then another, and then another. I continue to charge them in the same way."

''ମୁଁ ଗୋଟିଏ ଜୀବକୋଷକୁ ଧରେ (ମା ଦୁଇ ଆଙ୍ଗୁଠି

ଟିପ ମଝିରେ କିଛି ଚିମୁଟି ଧରିବାର ମୁଦ୍ରା ଦେଖାଇଲେ), ଏହି ଅତି କ୍ଷୁଦ୍ର କୋଷଟିଏ, ଏହିପରି, ଅଣୁଟିଏ ପରି, ଖାଲି ଆଖିରେ କେହି ତାକୁ ଦେଖିପାରିବେ ନାହିଁ, କିନ୍ତୁ ମୋର ସେହି ଶକ୍ତି ଅଛି । ଦିବ୍ୟଦୃଷ୍ଟି ଅଛି । ଠିକ୍ ସେହିପରି, ମୁଁ ଗୋଟିଏ କ୍ଷୁଦ୍ର କୋଷ ନେଉଛି, ଏହାକୁ ଦିବ୍ୟ-ଚେତନାର ରୂପାନ୍ତରକାରୀ ମହାନ୍ ଆଲୋକ ଆଡ଼କୁ ଖୋଲି ଧରୁଛି । ତତ୍‌ପରେ ଏକ ଅବିଚଳିତ ପ୍ରଶାନ୍ତ ଅବସ୍ଥା ମଧ୍ୟରେ ଅପରିବର୍ତ୍ତନୀୟ ଦିବ୍ୟ-ଆନନ୍ଦକୁ ସେହି କୋଷ ଭିତରେ ପ୍ରବେଶ କରାଉଛି ଏବଂ ଜ୍ୟୋତିର୍ମୟ ପରମ-ସତ୍ୟ ଦ୍ୱାରା ଏହାକୁ ଉଦ୍ଦୀପିତ କରାଉଛି । ଏହିପରି ଭାବରେ ଜୀବକୋଷଟି ପରମପ୍ରଭୁଙ୍କ ସକଳ ବୈଭବ ଭିତରେ ବୁଡ଼ି ରହି ସମ୍ପୂର୍ଣ୍ଣ ହୋଇଉଠୁଛି । ପରମ ପ୍ରଭୁଙ୍କ ଜ୍ଞାନ ରୂପକ ଦିବ୍ୟାଲୋକ, ଦିବ୍ୟ-ପ୍ରେମକୁ ବହନକରି ଆଣୁଥିବା ଦିବ୍ୟ-ଆନନ୍ଦ, ପୂର୍ଣ୍ଣ ଆନନ୍ଦ ଯୁକ୍ତ ପ୍ରଶାନ୍ତି ଏବଂ ଏପରି ଏକ ଶକ୍ତି ଯାହା ପରମ-ଇଚ୍ଛା ଭିତରେ ନିମଜ୍ଜିତ ନହେଲା ପର୍ଯ୍ୟନ୍ତ ଅନନ୍ତ କାଳ ଧରି ସବୁକିଛିକୁ ସହ୍ୟ କରିପାରିବ ସେଥିପାଇଁ ମୁଁ ଏହିପରି କାର୍ଯ୍ୟ କରୁଛି । ମୁଁ ପ୍ରତ୍ୟେକ ଜୀବକୋଷକୁ ପରମ ଦିବ୍ୟ-ଚେତନା ଦ୍ୱାରା ସ୍ପନ୍ଦିତ କରିଦେଇଛି । ଗୋଟିଏ ସ୍ପନ୍ଦିତ ହୋଇ ସାରିଲାପରେ ଆଉ ଗୋଟିକୁ ଧରୁଛି... ତା'ପରେ ଆଉ ଗୋଟିଏ । ଏହିପରି ଭାବରେ ମୁଁ ସେମାନଙ୍କୁ ସ୍ପନ୍ଦିତ କରିଚାଲିଛି ।''

ପୁନଶ୍ଚ ମା କହୁଛନ୍ତି, ''ଏହି କୋଷମାନେ ଜ୍ୟୋତିର୍ମୟ ଚେତନା ଦ୍ୱାରା ସ୍ପନ୍ଦିତ ହେଉଛନ୍ତି ଏବଂ ଜ୍ୟୋତିଃ ବିକିରିତ କରୁଛନ୍ତି ମଧ୍ୟ । ଯେଉଁମାନେ ପ୍ରସ୍ତୁତ ହୋଇଯାଉଛନ୍ତି ସେମାନଙ୍କୁ ମୁଁ ନେଇ ଆସୁଛି । ପ୍ରସ୍ତୁତ ହୋଇ ନଥିବା ବା ସ୍ପନ୍ଦିତ ହୋଇ ନଥିବା କୋଷମାନଙ୍କ ପାଖରେ ରଖୁଛି । ସେହି ଦୁଇପ୍ରକାର କୋଷମାନଙ୍କୁ (ଯେଉଁମାନେ ସ୍ପନ୍ଦିତ ହୋଇ ଯାଇଛନ୍ତି ଏବଂ ଯେଉଁମାନେ ହୋଇ ନାହାନ୍ତି) ନିରୀକ୍ଷଣ କରୁଛି ।'' ସେମାନଙ୍କ ଭିତରେ ଆକାଶପାତାଳ ତଫାତ । ଯେଉଁ କୋଷମାନେ ସ୍ପନ୍ଦିତ ହୋଇ ଯାଇଛନ୍ତି ସେମାନେ ରୂପାନ୍ତର ଅବସ୍ଥାକୁ ଅନୁଭବ କରୁଛନ୍ତି ଏବଂ ଶରୀର ଆନନ୍ଦର ସ୍ମିତ ହାସ୍ୟରେ ଉତ୍‌ଫୁଲ୍ଲିତ ହୋଇଉଠୁଛି । ସଚେତନ ହୋଇଉଠୁଛି ।

ଉକ୍ତ ପ୍ରାର୍ଥନାଟିର ଶେଷ ଅନୁଚ୍ଛେଦ ଦୁଇଟିରେ ମା ରୂପାନ୍ତର ବିଷୟରେ ଏକ ସକାରାତ୍ମକ ଭାବର ସୂଚନା ପ୍ରଦାନ କରିଛନ୍ତି । ପରମ ପ୍ରଭୁ ହେଉଛନ୍ତି ସାର୍ବଭୌମ ଅଧିକାରୀ । ସେ ତାଙ୍କର ସୃଷ୍ଟିକୁ ନିଜ ଅଧିକାରକୁ ନେଇଯିବା ପାଇଁ ପ୍ରସ୍ତୁତ । କିନ୍ତୁ ମା କହୁଛନ୍ତି, ''ହେ ପ୍ରଭୁ ! ଆପଣ କ'ଣ ଭାବୁଛନ୍ତି ଆପଣଙ୍କର ସାମ୍ରାଜ୍ୟ ଆପଣଙ୍କ ନିକଟକୁ ଫେରି ଯିବାକୁ ତଥାପି ଯଥେଷ୍ଟ ପରିମାଣରେ ପ୍ରସ୍ତୁତ ହୋଇ ନାହିଁ ? ଆପଣଙ୍କ ସହିତ ଯୁକ୍ତ ହେବାପାଇଁ ଆବଶ୍ୟକୀୟ ସାମର୍ଥ୍ୟ ଲାଭ କରି ନାହିଁ ? ଆପଣଙ୍କ ସହିତ ମିଶିଯିବା ପାଇଁ ପ୍ରସ୍ତୁତ ହୋଇ ନାହିଁ ?''

ପରିଶେଷରେ ମା କହୁଛନ୍ତି ''ପୂର୍ଣ୍ଣାଙ୍ଗ ଦିବ୍ୟ-ଜୀବନର ମହାନ୍ ଅଲୌକିକ କଥାଟି ବ୍ୟକ୍ତି ଜୀବନରେ ପରିପ୍ରକାଶ ଲାଭ କରିବ ନାହିଁ କି ?''

ଏହିପରି ଭାବରେ "I"(ମୁଁ) "Thou"(ତୁମ)ଙ୍କୁ ପ୍ରଶ୍ନ ପଚାରି ଚାଲିଛି ଏବଂ ଏକଥା ନିଶ୍ଚିତ ଯେ ବାହୁଡ଼ା ଯାତ୍ରାକୁ ଆଉ କୌଣସି ଶକ୍ତି ରୋକି ପାରିବେ ନାହିଁ । ସେହିପରି ଶେଷ ଅନୁଚ୍ଛେଦ ଦ୍ୱୟରେ ମା ପ୍ରଶ୍ନବାଚୀର ସଘନ ଜାଲ ବୁଣି ଦେଇଛନ୍ତି । ଏହି ପ୍ରଶ୍ନଗୁଡ଼ିକ ସନ୍ଦେହ ସୃଷ୍ଟି କରୁ ନାହାନ୍ତି, ବରଂ ଘଟଣାଟି ଘଟିବ ବୋଲି ଦୃଢ଼ ଭାବରେ ଘୋଷଣା କରୁଛନ୍ତି ।

(କ୍ରମଶଃ)

❑❑❑

**ତଥ୍ୟ ନିର୍ଦ୍ଦେଶିକା**

(୧) ଧ୍ୟାନ ଓ ପ୍ରାର୍ଥନା - ଶ୍ରୀମା; (୨) Notes on The Prayers and Meditations : Goutam Ghosal

# ଆଦର୍ଶ ମାତାପିତା

## (୧୧)

## ଶ୍ରୀମା

**ହିଂସା ଓ ଦୁର୍ବଳତା :**

ଆମର ସାମାଜିକ ଚଳଣିରେ ଆମର ପାରସ୍ପରିକ ସମ୍ବନ୍ଧରେ ବହୁ ଦୁର୍ବଳତା ଭରିହୋଇ ରହିଥାଏ, ବହୁ ଦୁର୍ବଳତା; ଆଉ ବାସ୍ତବରେ ସେଥିଲାଗିହିଁ ଜଣେ ଅତି ଛୋଟ ଛୋଟ କଥାରେ ହଠାତ୍ ରାଗି ଉଠେ ଏବଂ ଏକେବାରେ କ୍ରୋଧାନ୍ଧ ହୋଇଯାଏ ଏବଂ ଯାହାସବୁ ପାଟିରେ ନପଶେ, ସେହି କଥାଗୁଡ଼ିକ କହି ପକାଏ । ଯଦି ଜଣେ ଦୁର୍ବଳ ହୋଇ ନଥାଏ, ତେବେ ସେ କେବେ ବି ହିଂସ୍ର ହୋଇଉଠିବ ନାହିଁ । ହିଂସା ଓ ଦୁର୍ବଳତା ଏ ଦୁହେଁ ଏକସଙ୍ଗେ ବାସ କରନ୍ତି । ଯେଉଁ ବ୍ୟକ୍ତି ପ୍ରକୃତରେ ଶକ୍ତ ଓ ସବଳ, ସେ କେବେହେଲେ ଉତ୍ତ୍ୟକ୍ତ ହୁଏ ନାହିଁ । ଏହି କଥାଟିକୁ ସମସ୍ତେ ସର୍ବଦା ମନେ ରଖିବା ଉଚିତ । ହିଂସା ହେଉଛି ସର୍ବଦା ଆମ ସତ୍ତାର କୌଣସି ଏକ ଅଂଶରେ ଦୁର୍ବଳତାର ଚିହ୍ନ । ଅବଶ୍ୟ ଆମେ ଦେଖୁ ଯେ ଏଡ଼େ ବଡ଼ ଫୁଲିଲା ଫୁଲିଲା ମାଂସପେଶୀରେ ଜଣେ ନିଜକୁ ବେଶ୍ ଶକ୍ତିଶାଳୀ କରି ଗଢ଼ି ତୋଳିଥାଏ; ନିଜର ସମସ୍ତ ବଳ ଖଟାଇ ଅନ୍ୟ ଜଣକୁ ଅନାୟାସରେ ତଳେ ଗଡ଼ାଇ ଦିଏ; ଏବଂ ସମସ୍ତେ କୁହନ୍ତି 'ସେ ଅତ୍ୟନ୍ତ ଶକ୍ତିମାନ୍' । ଏହା କିନ୍ତୁ ଆଦୌ ସତ୍ୟ ନୁହେଁ । ତାଙ୍କର ଅତ୍ୟନ୍ତ ଶକ୍ତ ମାଂସପେଶୀ ଥାଇପାରେ, ମାତ୍ର ସେ ନୈତିକ ଦୃଷ୍ଟିରୁ ଏକେବାରେ ଦୁର୍ବଳ ।

**ଉତ୍ସାହ :**

ଯେତେବେଳେ ସାନ ପିଲାଟି ମଧ୍ୟରେ ଉତ୍ସାହ ଭର୍ତ୍ତି ହୋଇ ରହିଛି, ସେତେବେଳେ ତୁମେ ତା'ର ଉତ୍ସାହ ଉପରେ କଦାପି ଥଣ୍ଡା ପାଣି ଢାଳିଦେବ ନାହିଁ । 'ତୁ ସିନା ଏପରି ହେଉଛୁ, କିନ୍ତୁ ବାସ୍ତବ ଜୀବନ କଦାପି ଏପରି ନୁହେଁ' ବୋଲି ତୁମେ ତାକୁ କଦାପି କହିବ ନାହିଁ । ତୁମେ ତାକୁ ସବୁ ବେଳେ ଉତ୍ସାହ ଦେଉଥିବ, ତାକୁ କହୁଥିବ 'ହଁ, ବର୍ତ୍ତମାନ ଘଟଣାଗୁଡ଼ାକ ଯେପରି ଘଟିଛି ତାହା ସର୍ବଦା ଏପରି ଘଟନ୍ତି ନାହିଁ, ବର୍ତ୍ତମାନ ସେଗୁଡ଼ିକ ଭାରି କୁତ୍ସିତ ଦେଖାଯାଉଛନ୍ତି, ମାତ୍ର ଏହା ପଛରେ ଏକ ସୌନ୍ଦର୍ଯ୍ୟ ନିହିତ ହୋଇ ରହିଛି, ଯାହା କି ନିଜର ଉପଲବ୍ଧି ଲାଗି ପ୍ରୟାସ କରିବାରେ ଲାଗିଛି । ତୁମେ ସେହି ସୌନ୍ଦର୍ଯ୍ୟକୁହିଁ ଭଲପାଅ, ତାହାକୁହିଁ ନିଜ ଆଡ଼କୁ ଆକର୍ଷିତ କର । ତାହାହିଁ ତୁମର ଯାବତୀୟ ସ୍ୱପ୍ନ ଏବଂ ଯାବତୀୟ ଉଚ୍ଚାଭିଳାଷରେ ତୁମର ଲକ୍ଷ୍ୟ ହୋଇ ରହିଥାଉ' ।

ଅତ୍ୟନ୍ତ ଅଳ୍ପ ବୟସ ହୋଇଥିବା ସମୟରେ ଯଦି ତୁମେ ଏହି କଥାଟିକୁ କରିପାରିବ, ତେବେ ତୁମକୁ ଅନେକ କମ୍ ପରିଶ୍ରମର ସମ୍ମୁଖୀନ ହେବାକୁ ପଡ଼ିବ । ମାତ୍ର ଅନ୍ୟ ପକ୍ଷରେ ଯଦି ତୁମର ପରବର୍ତ୍ତୀ ଅବସ୍ଥାରେ ଏକ ଅନିଷ୍ଟକାରୀ ଶିକ୍ଷାର ଅନିଷ୍ଟକାରୀ ପ୍ରଭାବଗୁଡ଼ିକରୁ ବିମୋଚିତ ହୋଇ ଆସିବାକୁ ପଡୁଥିବ, ତୁମକୁ ଜୀବନରୁ ଆଦୌ କୌଣସି ଭଲର ପ୍ରତ୍ୟାଶା ରଖିବାକୁ ଦେଉ ନଥିବା ସେହି ବୈଚିତ୍ର୍ୟହୀନ ଓ ରୁଚିବର୍ଜିତ ସମସ୍ତ ସାଧାରଣ ବୁଦ୍ଧିର ବଶତା ମଧ୍ୟରୁ ବାହାରି ଆସିବାକୁ ପଡ଼ିବ, ଜୀବନକୁ ଏକାନ୍ତ ସ୍ୱାଦହୀନ ଓ ନୀରସ କରି ଦେଉଥିବା ସମସ୍ତ ଆଶା ଓ ସୌନ୍ଦର୍ଯ୍ୟର ତଥାକଥିତ ସମସ୍ତ ଭ୍ରମର ବିରୋଧି ହୋଇ ସେହି ବଶତା ମଧ୍ୟରୁ ବାହାରି ଆସିବାକୁ ପଡ଼ିବ, ସେତେବେଳେ ତାହା ଅନେକ ଅଧିକ ସହଜ ହୋଇଯିବ ।

(CWM - Vol. 9, P. 162)

*

ଶୈଶବର ସ୍ୱପ୍ନସକଳ ପରିଣତ ବୟସର ବାସ୍ତବତାରେ ପରିଣତ ହୁଏ ।

(CWM - Vol. 8)

*

ବାଧ୍ୟବାଧକତା ଶିକ୍ଷାର ସର୍ବୋତ୍ତମ ବା ସର୍ବାଧିକ ଫଳପ୍ରଦ ନିୟମ ନୁହେଁ ।

ଯଥାର୍ଥ ଶିକ୍ଷା ବର୍ଦ୍ଧନଶୀଳ ସତ୍ତାମାନଙ୍କ ମଧ୍ୟରେ ସନ୍ନିହିତ ଗୁଣକୁ ଉନ୍ମୋଚିତ ଓ ପରିସ୍ଫୁଟ କରିବା ଆବଶ୍ୟକ । ଠିକ୍ ଯେପରି ସୂର୍ଯ୍ୟ କିରଣରେ ଫୁଲମାନେ ଫୁଟି ଉଠନ୍ତି ସେହିପରି

ଆନନ୍ଦରେ ପିଲାମାନେ ଫୁଟି ଉଠିବେ । ଏହା କହିବା ଅନାବଶ୍ୟକ ଯେ ଆନନ୍ଦ ଅର୍ଥ ଦୁର୍ବଳତା ନୁହେଁ, ବିଶୃଙ୍ଖଳା ନୁହେଁ କି ଦ୍ୱିଧାଗ୍ରସ୍ତତା ନୁହେଁ । ମାତ୍ର ଏହା ଏକ ଉଜ୍ଜ୍ୱଳ ସହାନୁଭୂତି ଯାହା କେବଳ ମଙ୍ଗଳମୟ ବସ୍ତୁକୁ ଉତ୍ସାହିତ କରେ ଏବଂ କେବେ ବି କଦର୍ଯ୍ୟ, କୁତ୍ସିତ ବସ୍ତୁ ଉପରେ କୌଣସି ଜୋର୍ ଦିଏ ନାହିଁ ।

(CWM - Vol. 12, P. 336)

## (ପରୀକ୍ଷାରେ ପିଲାମାନଙ୍କର ଠକାମି ବିଷୟକୁ ନେଇ)

*ପ୍ରଶ୍ନ : ଆମେ ଆଉ କ'ଣ କରିବୁ ? ଆମେ କ'ଣ ଆଉ ବାହାରେ ଯେମିତି ହେଉଛି ସେମିତି କରିବୁ ? – ସବୁ ରୁମ୍‌ରେ ତିନିଜଣ ଲେଖାଏଁ ଶିକ୍ଷକ ନିରୀକ୍ଷକରୂପେ ନିଯୁକ୍ତ କରିବୁ ? କିନ୍ତୁ ଆଶ୍ରମରେ ଏଭଳି କରିବାକୁ କୌଣସି ଶିକ୍ଷକଙ୍କୁ ଭଲ ଲାଗୁ ନାହିଁ ?...*

**ଶ୍ରୀମା** : ଏହାର କାରଣ ଅତି ସହଜ । ଏହା ଏହି କାରଣରୁ ଘଟୁଛି ଯେ ପିଲାମାନେ ପଢୁଛନ୍ତି, କାରଣ ସେମାନେ ଏଥିପାଇଁ ବାଧ୍ୟ ହେଉଛନ୍ତି – ସେମାନଙ୍କ ପରିବାର ଦ୍ୱାରା, ସାମାଜିକ ଚଳଣି ଦ୍ୱାରା ଓ ପ୍ରଚଳିତ ପ୍ରଥା ଦ୍ୱାରା; ସେମାନେ ଜ୍ଞାନାର୍ଜନ କରିବାକୁ ଏବଂ ଜାଣିବାକୁ ଚାହିଁ ପଢୁ ନାହାନ୍ତି । ଯେପର୍ଯ୍ୟନ୍ତ ପାଠ ପଢ଼ିବାର ଏହି ଦୃଷ୍ଟିକୋଣ ପରିବର୍ତ୍ତିତ ନହୋଇଛି, ଯେତେଦିନ ପର୍ଯ୍ୟନ୍ତ ସେମାନେ ଜାଣିବା ଲାଗି ପାଠ ନ ପଢ଼ିବେ ସେତେଦିନ ପର୍ଯ୍ୟନ୍ତ ସବୁପ୍ରକାର କୌଶଳ ଖଟାଇ ସେମାନେ ସେମାନଙ୍କ କାର୍ଯ୍ୟକୁ ସହଜରେ କରିବାକୁ ଚାହିଁବେ ଏବଂ ଅତି ଅଳ୍ପ ପରିଶ୍ରମରେ କିପରି ଅଧିକ ଫଳ ପାଇହେବ ସେହି ବାଟ ଖୋଜିବେ ।

(CWM - Vol. 12, P. 202)

## ପିଲାମାନଙ୍କୁ କେବେ ବି ଗାଳି ଦିଅ ନାହିଁ :

ପିଲାଙ୍କୁ କେବେ ବି ଗାଳି ଦିଅ ନାହିଁ । ଲୋକମାନେ ମୋତେ ଅଭିଯୋଗ କରି କହନ୍ତି ଯେ ମୁଁ କୁଆଡ଼େ ମାଆବାପାଙ୍କର ଦୁର୍ନାମ କରେ । ମାତ୍ର ମୁଁ ସେମାନଙ୍କ କାର୍ଯ୍ୟକଳାପ ଦେଖିଛି; ଯେତେବେଳେ ଗୋଟିଏ ପିଲା ଆସି ସ୍ୱତଃସ୍ଫୂର୍ତ୍ତ ଭାବରେ କରିଥିବା ଭୁଲ୍‌କୁ ସେମାନଙ୍କ ଆଗରେ ସ୍ୱୀକାର କରେ, ମୁଁ ଭଲଭାବରେ ଜାଣିଛି, ଶହେରୁ ନବେ ଭାଗ ମାତାପିତା ସେତେବେଳେ ପିଲାର କଥାକୁ ଧୈର୍ଯ୍ୟର ସହ ଶୁଣିବା ପରିବର୍ତ୍ତେ, ଭୁଲ୍‌ଟାର ମୂଳ କେଉଁଠି ତାହା ବୁଝାଇ ଦେବା ପରିବର୍ତ୍ତେ ସେମାନେ ପିଲାକୁ ଧମକ ଦେଇ ଆଖି ଦେଖାଇ କହନ୍ତି, 'ତୁ ଭାରି ଖେଚଡ଼, ଯା', ପଳା ଯା', ମୋର ତୋ କଥା ଶୁଣିବାକୁ ବେଳ ନାହିଁ । ଏବଂ ଯେଉଁ ପିଲାଟି ଏତେ ଖୁସୀ ମନରେ କେତେ ଆଶା ନେଇ ଆସିଥିଲା, ସେ ଏବେ ବିକ୍ଷୁବ୍ଧ ହୋଇ ଆନ୍ଦୋଳିତ ଚିତ୍ତରେ ଫେରିଗଲା । 'ମୋତେ କାହିଁକି ଏପରି ଖରାପ ବ୍ୟବହାର କରାଗଲା ?' ଏବଂ ତା'ପରେ ପିଲାଟି ଦେଖିବାକୁ ପାଏ ଯେ ମାଆବାପାମାନେ ବି ଦୋଷତ୍ରୁଟିରୁ ପୂର୍ଣ୍ଣ ମୁକ୍ତ ନୁହନ୍ତି – ଯାହାକି ସ୍ପଷ୍ଟ ଭାବରେ ବର୍ତ୍ତମାନ ସବୁ ଘଟୁଛି – ସେ ଯେତେବେଳେ ଦେଖେ ଯେ ତୁମେମାନେ ବି ଭୁଲ୍ କରୁଛ ଏବଂ ନିଜକୁ ସେ ତେଣୁ କହେ : 'ତେବେ ସେ କାହିଁକି ମୋତେ ଗାଳି ଦେଲେ !'

(CWM - Vol. 11, P. 28)

## ପିଲାଙ୍କୁ ମାରିବା ସମ୍ପୂର୍ଣ୍ଣ ନିଷେଧ :

ଗୋଟିଏ ନିୟମ କଡ଼ାକଡ଼ି ଭାବରେ ପାଳନ କରିବାକୁ ହେବ । ଛୋଟ ପିଲାଙ୍କୁ ମାରିବା ସମ୍ପୂର୍ଣ୍ଣ ନିଷେଧ । ଯେକୌଣସି ପ୍ରକାର ଆଘାତ ହେଉ ନା କାହିଁକି, ଏପରିକି ଗୋଟାଏ ଛୋଟ ଚଟକଣା ବା ପୂରା ପ୍ରଚଳିତ ଥାପୁଡ଼ାଟିଏ ମଧ୍ୟ ସମ୍ପୂର୍ଣ୍ଣ ନିଷେଧ । ଗୋଟିଏ ପିଲାକୁ ମାଡ଼ ଦେବା – କାରଣ ସେ ଅମାନିଆ ହେଉଛି ବା ପାଠ ପଢ଼େଇଲେ ବୁଝିପାରୁ ନାହିଁ ବା ଅନ୍ୟମାନଙ୍କୁ ହଇରାଣ କରୁଛି, ଯେକୌଣସି କାରଣ ଯୋଗୁଁ ହେଉ ପଛକେ ତାହା ତୁମର ଆତ୍ମସଂଯମ ଅଭାବର ପରିଚାୟକ ... ।

*

ଆଖି ଦେଖାଇବା ଫଳରେ ନୁହେଁ, ଆତ୍ମକର୍ତ୍ତୃତ୍ୱ ବଳରେହିଁ ପିଲାମାନେ ସଂଯତ ଓ ଶୃଙ୍ଖଳିତ ହେବେ ।

(Edn. Booklet - 11, P. 25)

*

*ପ୍ରଶ୍ନ : ସ୍ନେହମୟି ମା', ପିଲାମାନଙ୍କୁ ଦଣ୍ଡଦେବା କ'ଣ ଠିକ୍ ?*

**ଶ୍ରୀମା :** ଦଣ୍ଡ ଦେବା ? ଦଣ୍ଡ ଦେବା ଅର୍ଥ ତୁମେ କ'ଣ ବୁଝୁଛ ? ଯଦି ଶ୍ରେଣୀରେ ଗୋଟାଏ ପିଲା ବହୁତ ଗଣ୍ଡଗୋଳ କରେ ଏବଂ ଅନ୍ୟମାନଙ୍କ କାର୍ଯ୍ୟରେ ବାଧା ସୃଷ୍ଟିକରେ ତେବେ ତୁମେ ତାକୁ ଭଲ ବ୍ୟବହାର କରିବା ପାଇଁ କହିବା ଆବଶ୍ୟକ; ଏବଂ ଯଦି ସେ ସେହିଭଳି କରିଚାଲେ ତେବେ ତୁମେ ତାକୁ ଶ୍ରେଣୀରୁ ବାହାର କରିଦେଇ ପାରିବ । ଏହାକୁ ତ ଗୋଟିଏ ଦଣ୍ଡ ବୋଲି କୁହାଯିବ ନାହିଁ, ଏହା ତ ତା' କର୍ମର ସ୍ୱାଭାବିକ ପରିଣତି । ମାତ୍ର ଦଣ୍ଡ ଦେବା ! ଦଣ୍ଡ ଦେବା ! ତୁମର ତ ଦଣ୍ଡ ଦେବାର କୌଣସି ଅଧିକାର ନାହିଁ । ତୁମେ କ'ଣ ଭଗବାନ୍ ହୋଇଗଲ କି ? ତୁମକୁ ଦଣ୍ଡ ଦେବାର ଅଧିକାର କିଏ ଦେଲା ? ତୁମ କର୍ମ ଲାଗି ତା'ହେଲେ ପିଲାମାନେ ତୁମକୁ ବି ଦଣ୍ଡ ଦେଇ ପାରିବେ । ତୁମେ ନିଜେ କ'ଣ ଏକେବାରେ ତ୍ରୁଟିଶୂନ୍ୟ ? ତୁମେ କ'ଣ ଜାଣ କେଉଁଟା ଖରାପ ଏବଂ କେଉଁଟା ଭଲ ? କେବଳ ଭଗବାନ୍ ଏସବୁ କଥା ଜାଣନ୍ତି । ଭଗବାନଙ୍କର ଦଣ୍ଡ ଦେବାର ଅଧିକାର ଅଛି ।

(CWM - Vol. 12, P. 380)

(କ୍ରମଶଃ)

❑❑❑

# ପ୍ରତିଭୂ ସେ ଦିବ୍ୟଜନନୀର

## ଧର୍ମ କୁମାର ଶତପଥୀ

''ଚେତନାର ଦିଗ୍‌ବଳୟ'' ଆଲୋକିତ କରି
ଆସିବ ଆସିବ ହେଲାଣି
ସୁନାର ସୂର୍ଯ୍ୟଟିଏ –
ଯା' ତେଜୀୟାନ କିରଣ ପରଶେ
ମାତୃବାଣୀର ମାତୃମନ୍ତ୍ରେ ମନ୍ତ୍ରିତ କରିବ ମାଟିରୁ ଆକାଶ
ଅସତ୍‌ରୁ ସତ୍ ଆଉ ଜଡ଼ରୁ ଚେତନ !

ମନ ତଳର ସକଳ ସଂକୀର୍ଣ୍ଣତା,
ଯେତେ ରୁଦ୍ଧ କୋଠରିର ଦ୍ୱାର
ସବୁ ହୋଇ ଯିବରେ ମୁକୁଳା,
ପଶି ଆସିବ ଦିବ୍ୟଚେତନାର ସୁଗନ୍ଧବୋଳା
ହାବୁକା ହାବୁକା ପବନ,
ଏ ଚାରୁ ଅଙ୍ଗ-ପ୍ରତ୍ୟଙ୍ଗ ହୋଇଯିବ ପୁଲକ ପଖଳା !!

ରୂପାନ୍ତର ଯୋଗ ବଳେ
ମାଆ ଓ ପ୍ରଭୁ ଶ୍ରୀଅରବିନ୍ଦଙ୍କ ତପସ୍ୟାର ଫଳ
ପ୍ରତ୍ୟକ୍ଷରେ ଏ ମରତେ ଆସିବ ଓହ୍ଲାଇ,
ଏ ରୁକ୍ଷ, ଊଷର ଭୂମି ପରେ
ଅଙ୍କୁରିବ କଅଁଳିଆ ଦୂବଘାସ କେତେ
ପାରିଜାତ ପୁଷ୍ପମୟ ହୋଇଯିବ
ଏ ନୁଖୁରା ଭୂଇଁ !!

ସେ ସକାଶେ 'ନବପ୍ରକାଶ'ଟି
ଆସୁଛି ପ୍ରତିଭୂ ସାଜି ଦିବ୍ୟଜନନୀର
କହିଯିବ ମାତୃପ୍ରେମୀ ସନ୍ତାନରେ ତା'ର –

''ଜାଗିଉଠ ହେ ଅମୃତ ଶିଶୁ
ଦିବ୍ୟଜନନୀଙ୍କ ପାଇଁ କରିଯାଅ କାର୍ଯ୍ୟ,
ଚେତନା ଲୋଚନ ଫେଇ, ହେଇ ଦେଖ
ବୁଡି ସାରିଛି ବିଗତ ଦିନର ସେ ସୂର୍ଯ୍ୟ !!
ଅରାତି କୁଳର ଦର୍ପ ହୋଇଛି ତ ଚୂର୍ଣ୍ଣ,
ଯୋଗସିଦ୍ଧ ତନୁରେ ତନୁରେ
ଅଲିଭା ଅସରା ସେଇ ଦିବ୍ୟଭାଷା
ମନପ୍ରାଣ-ଚେତନାରେ ହେଉଛି ଉତ୍କୀର୍ଣ୍ଣ ।'' ❑



ଭାରତର ଅମର ଗାଥା :

# ଶ୍ରୀକୃଷ୍ଣ କାହାଣୀ (୨)

## କଂସାସୁରର ବର୍ବରତା

## ମନୋଜ ଦାସ

(**କାହାଣୀ ଏ ଯାବତ୍ :** ଯମୁନା ତଟବର୍ତ୍ତୀ ମଥୁରାର ନିର୍ମମ ଦାନବ ପ୍ରକୃତିର ରାଜା କଂସ ଦିନେ ଉତ୍ତମ ମିଜାଜରେ ଥିଲା । ସମ୍ପର୍କୀୟା ଭଉଣୀ ଦେବକୀ ବିଭା ହୋଇ ବରପାତ୍ର ବସୁଦେବଙ୍କ ସହ ରଥ ଯୋଗେ ଯାଉଥିଲେ ଶ୍ୱଶୁରାଳୟ । ହଠାତ୍ କଂସ ନିଜେ ସାରଥି ଆସନରେ ବସିଗଲା । ଶୋଭାଯାତ୍ରା ଆଗେଇ ଚାଲିଥିଲା । ଆକସ୍ମିକ ଶୁଭିଲା ଆକାଶବାଣୀ : ଦେବକୀର ଅଷ୍ଟମ ସନ୍ତାନ କଂସର ନିଧନ ସାଧନ କରିବ ! ଅବିଳମ୍ବ କଂସ ତରବାରି ଉଠାଇଲା – ଦେବକୀକୁ ହତ୍ୟା କରିବା ମାନସରେ ।)

''କ୍ଷାନ୍ତ ହୁଅ ମହାରାଜ, କ୍ଷାନ୍ତ ହୁଅ !'' ଏ ଆର୍ତ୍ତ ଅନୁରୋଧ ଶୁଭିଲା ଶତେକ କଣ୍ଠରୁ । ଦେବକୀଙ୍କ କେଶ ଆକର୍ଷଣ କରି କଂସ ତା'ର ଶାଣିତ ତରବାରି ଉଦ୍ୟତ କରିଥାଏ । ଆକାଶ ବ୍ୟାପୀ ମେଘମାଳା ଘୋଟି ଆସିଥିବା ସତ୍ତ୍ୱେ ଘନ ଘନ ବିଜୁଳି ଆଲୁଅରେ ଯେଉଁମାନେ ସେ ଭୟାବହ ଦୃଶ୍ୟ ଦେଖି ପାରିଥିଲେ, ସେମାନଙ୍କ ଭିତରୁ କେହି କେହି ଚେତା ହରାଇଲେ ।

ବିଜୁଳି ଆଲୁଅକୁ ଅନୁସରଣ କରିଥାଏ କାନ ଅତଡ଼ା ପଡ଼ିଲା ଭଳି ଘଡ଼ ଘଡ଼ି ଶବ୍ଦ । କିନ୍ତୁ ତାକୁ ମଧ୍ୟ ବଳିଗଲା ଗୋଟାଏ ଗର୍ଜନ । ସେ ଗର୍ଜନ କଂସର । ସେ ଦେବକୀଙ୍କ ବର ବସୁଦେବଙ୍କୁ ଧମକ ଦେଉଥିଲା । କାରଣ ବସୁଦେବ କଂସର ଡାହାଣ ହାତକୁ କ୍ଷିପ୍ର ଗତିରେ ଧରିପକାଇଥିଲେ – ତା'ର ତରବାରି ଦେବକୀଙ୍କୁ ସ୍ପର୍ଶ କରିବା ପୂର୍ବରୁ ।

''ଯେଉଁ ନାରୀ ଗର୍ଭରୁ ଜନ୍ମନେବ ମୋର ନିଧନକାରୀ, ତାକୁ ମୁଁ ବଞ୍ଚି ରହିବାକୁ ଦେବି ? ମୁଁ କ'ଣ ଏଡ଼ିକି ଓଲୁ ? ମୁଁ କ'ଣ ଏତିକି ବୁଝିପାରୁ ନାହିଁ ଯେ ମୂଳୁ ମାଇଲେ ଯିବ ସରି ?'' ବସୁଦେବଙ୍କୁ ପ୍ରଶ୍ନ କଲା କଂସ । କ୍ରୋଧରେ ସ୍ପନ୍ଦିତ ତା'ର କଣ୍ଠସ୍ୱର ।

''ରାଜନ୍ ! କେମିତି ତୁମେ ଭୁଲିଯାଉଛ ତୁମର ଧର୍ମ ? ଦୁର୍ବଳଙ୍କୁ, ନିଃସହାୟକୁ ରକ୍ଷା କରିବା ସିନା ରାଜାର କର୍ତ୍ତବ୍ୟ ! ବିପରୀତ ଆଚରଣ କରିବାକୁ ତୁମେ ଏଡ଼େ ବ୍ୟଗ୍ର ହେଉଛ କେମିତି ?'' ସାହସ ସଞ୍ଚୟ କରି ପ୍ରଶ୍ନ କଲେ ଜଣେ ବୃଦ୍ଧ ମନ୍ତ୍ରୀ ।

''ଚୋପ୍ ! ଦେଖୁଛି ଶିରୋପରି କେଶ ତୁମର ଶୁଭ୍ର ହେଲେ ମଧ୍ୟ ବୁଦ୍ଧିତକ କଞ୍ଚା ସବୁଜ ! ରାଜା ହେଉ ବା ଭିକ୍ଷୁ ହେଉ, ନିଜ ଜୀବନ ନିରାପଦ ରଖିବା କ'ଣ ଜଣକର ପ୍ରଥମ ଧର୍ମ ନୁହେଁ ?'' ବକ୍ର କଣ୍ଠରେ ଓଲଟା ପ୍ରଶ୍ନ କଲା କଂସ ।

''କଂସ ! ତୁମ ଧାରଣା ଭୁଲ୍ । ନିଜକୁ ନିରାପଦ ରଖିବା ପାଇଁ ଜଣେ ନିରୀହ, ନିଃସହାୟକୁ ହତ୍ୟା କରିବା କାହାରି ପ୍ରଥମ ଧର୍ମ ହୋଇ ନପାରେ । ଯିଏ ସେଭଳି କର୍ମ କରେ, ସିଏ ଖାଲି ନୃଶଂସ ନୁହେଁ, ଭୀରୁ ମଧ୍ୟ ।'' ଅଟକି ରହିଥିବା ଶୋଭାଯାତ୍ରା ଭିତରୁ ଚେତେଇ ଦେଲେ କୌଣସି ଜଣେ ବିବେକୀ ।

''ରାଜା ! ଟିକିଏ ଚିନ୍ତା କରି ଦେଖ ତୁମେ କିଭଳି ଦୃଷ୍ଟାନ୍ତ ରଖିବାକୁ ଯାଉଛ । ସହସ୍ର ନରନାରୀଙ୍କ ଆଗରେ ତୁମେ ହତ୍ୟା କରିବାକୁ ଯାଉଛ ଜଣେ ଅସହାୟା ନାରୀକୁ । ସେ ପୁଣି ତୁମ ଭଉଣୀ – କେଇ ମୁହୂର୍ତ୍ତ ଆଗରୁ ହୋଇଛି ତା'ର ପରିଣୟ । ଏହାର ପ୍ରତିକ୍ରିୟା କ'ଣ ହେବ ? ଇତିହାସ କହିବ କ'ଣ ?'' ପ୍ରଶ୍ନ କଲେ କେହି ଜଣେ ବରିଷ୍ଠ ଅମାତ୍ୟ ।

ତାକୁ ଆକ୍ଷେପ କଲା ଭଳି କଥା କହି କେହି ନିଜ ଜିଭ ସମେତ ନିଜ ଘରକୁ ଫେରିବ, ଅନ୍ୟ ବେଳେ ତାହା ସମ୍ଭବ ହୁଅନ୍ତା ନାହିଁ । କିନ୍ତୁ ବର୍ତ୍ତମାନ ଆପଣା ଜୀବନକୁ ନେଇ କଂସର ଉତ୍କଣ୍ଠା; ସମ୍ପୂର୍ଣ୍ଣ ଧ୍ୟାନ ତା'ର ଦେବକୀ ଉପରେ ।

''ଚୁପ୍ ରୁହ, ନହେଲେ ତୁମମାନଙ୍କର ବି ହେବ ଦେବକୀର ଦଶା !'' ଏହା କହି କଂସ ନିଜ ମଣିବନ୍ଧକୁ ଛଡ଼ାଇନେଲା ବସୁଦେବଙ୍କ ମୁଠାରୁ । ପୁନର୍ବାର ସେ ଉଞ୍ଚାଇଲା ତରବାରି । ତଡ଼ିତ୍ ବେଗରେ ବସୁଦେବ ଠିଆ ହୋଇ ପଡ଼ିଲେ କଂସ ଏବଂ ଦେବକୀଙ୍କ ମଝିରେ ।

''ଶୁଣ ବନ୍ଧୁ'', ସେ କହିଲେ ଗମ୍ଭୀର କଣ୍ଠରେ,

''ଅଧୈର୍ଯ୍ୟ ହୁଅନା । ଅଷ୍ଟମ ସନ୍ତାନ ବହୁ ଦୂରର କଥା । ମୁଁ ଶପଥ କରୁଛି, ଖାଲି ଅଷ୍ଟମ ନୁହେଁ, ତହିଁ ପୂର୍ବରୁ ଜନ୍ମ ନେବା ସାତ ସନ୍ତାନଙ୍କୁ ମଧ ମୁଁ ନିଜେ ଆଣି ତୁମକୁ ସମର୍ପି ଦେବି । ସେତେବେଳେ ତୁମେ ଯାହା ଉଚିତ ମନେ କରିବ ତାହାହିଁ କରିବ । ବର୍ତ୍ତମାନ ତୁମେ ଦେବକୀଙ୍କୁ ବଞ୍ଚି ରହିବାକୁ ଦିଅ । ଟିକିଏ ଭାବି ଦେଖ, ଶୂନ୍ୟରୁ ଯେଉଁ ଚେତାବନୀ ଶୁଣି ତୁମେ ଏମିତି ହିଂସ୍ର ହୋଇଉଠିଛ, ତାହା କୌଣସି ଦୁଷ୍ଟ ଶକ୍ତିର କଣ୍ଠସ୍ୱର ବି ତ ହୋଇଥାଇପାରେ ! ଧର ବର୍ତ୍ତମାନ ତୁମେ ଦେବକୀଙ୍କୁ ହତ୍ୟା କଲ ଏବଂ ପରେ ଜଣା ପଡ଼ିଲା ଯେ ସେ ଭବିଷ୍ୟତ୍ ବାଣୀ ମିଥ୍ୟା, ସେତେବେଳେ ତୁମେ ଆଉ ଦେବକୀଙ୍କୁ ଫେରି ପାଇବ କି ? କ୍ଷାନ୍ତ ହୁଅ । ଲୋକେ ଜାଣନ୍ତୁ ଯେ ତୁମେ ଜଣେ ବିବେକବାନ୍ ନରପତି ।''

କଂସ ରହିଗଲା । ରଥକୁ ଘେରିଥିବା ପୁରପରିଜନଙ୍କ ଅନୁରୋଧ ଏବଂ ବସୁଦେବଙ୍କ ପ୍ରତିଶ୍ରୁତି ତା' ଭିତରେ ସଞ୍ଚାର କଲା ଭରସା । ସେ ଅନାଇଲା ବିପୁଳ ନୀରବ ଜନତା ଆଡ଼େ । ଟିକିଏ ଆଗରୁ ସେମାନେ ଥିଲେ ତା' ପ୍ରଶଂସାରେ ଶତମୁଖ । ବର୍ତ୍ତମାନ ସେମାନଙ୍କ ବଦନସବୁରେ ସେ ଦେଖି ପାରୁଥିଲା ଆତଙ୍କ ମିଶ୍ରିତ ଘୃଣାଭାବ ।

ସେ ତରବାରି କୋଷଭୁକ୍ତ କଲା । ବସୁଦେବଙ୍କ ଉପରେ ତୀବ୍ର ତଥା ରୋଷଜର୍ଜର ଦୃଷ୍ଟି ନିବଦ୍ଧ ରଖି ସେ କହିଲା : ''କେହି କେହି କହନ୍ତି, ଧ୍ରୁବ ତାରା ଯେପରି କସ୍ମିନ୍ କାଳେ ତା'ର ଆସନ ପରିବର୍ତ୍ତନ କରେ ନାହିଁ, ତୁମେ ବସୁଦେବ ମଧ କଦାପି ତୁମ ପ୍ରତିଶ୍ରୁତିରୁ ଓହରି ଆସ ନାହିଁ । ତୁମେ ବର୍ତ୍ତମାନ ଯାହା ଘୋଷଣା କଲ, ତା'ର ସାକ୍ଷୀ ରହିଲେ ଆମର ସହସ୍ର ପ୍ରଜା । ରହିଲା ଏହି ସର୍ତ୍ତ, ଦେବକୀ ସନ୍ତାନଟିଏ ଜନ୍ମ ଦେବା ମାତ୍ରେ ତୁମେ ତାକୁ ଆଣି ମୋତେ ସମର୍ପଣ କରିଦେବ । ମୁଁ କିନ୍ତୁ ମୋ ପ୍ରତି ବିପଦର ସବୁ ପଥ ବୁଜି ଦେବାକୁ ଚାହେଁ । ବିବାହର ସବୁ ଉତ୍ସବ ଅନୁଷ୍ଠାନ ଶେଷ ହେବା ମାତ୍ରେ ତୁମେ ଦୁହେଁ ରହିବ ଆମ ପ୍ରାସାଦ ଭିତରେ – ବନ୍ଦୀ ଭାବରେ । ଯେଉଁ ଦିନ ମୋ ହାତରେ ନିହତ ହେବ ଦେବକୀର ଅଷ୍ଟମ ସନ୍ତାନ, ମୋର ପରମ ଶତ୍ରୁ, ସେହିଦିନ ଯାଇ ତୁମର ହେବ ମୁକ୍ତି ।''

କଂସ ରଥରୁ ଓହ୍ଲାଇ ଆସିଲା । ତା'ର ସବୁଠୁଁ ଆଜ୍ଞାବହ ଚରମାନଙ୍କୁ ଆଦେଶ ଦେଲା, ସେମାନେ ଯେପରି ନବଦମ୍ପତି ଉପରେ କଡ଼ା ଆଖି ରଖିବାରେ ତିଳେ ମଧ ହେଳା କରିବେ ନାହିଁ । ତା'ପରେ ପାତ୍ରମିତ୍ର ଗହଣରେ ସେ ନିଜ ନଅରକୁ ଅସ୍ଥିର ପଦପାତରେ ପ୍ରତ୍ୟାବର୍ତ୍ତନ କଲା ।

ବରକନ୍ୟାଙ୍କ ଶୋଭାଯାତ୍ରା ଆଗେଇ ଚାଲିଲା – କିନ୍ତୁ ଆକାଶରେ ଯେମିତି ଘୋଟି ରହି ଥାଏ କଳାମେଘ, ସେ ପରିବେଶକୁ ମଧ ସେମିତି ଆଚ୍ଛନ୍ନ କରିଥାଏ ବିଷାଦ ଏବଂ ବିସ୍ମୟ । କଂସର କ୍ରୂରତା କଥା ସଭିଏଁ ଜାଣିଥିଲେ । କିନ୍ତୁ ସେ ଏଡ଼େ ନିର୍ଲଜ୍ଜ ଓ ନିର୍ମମ ହୋଇପାରେ ବୋଲି କେହି କଳ୍ପନା କରି ନଥିଲେ । ବାଦ୍ୟ ସଂଗୀତ ସ୍ତବ୍ଧ ହୋଇଯାଇଥାଏ । ସଭିଏଁ ବାଟ ଚାଲୁଥିଲେ ନୀରବରେ । ରାଜକୁମାରୀ ଦେବକୀ ଏବଂ ତାଙ୍କ ସଖୀ ଓ ପରିଚାରକମାନଙ୍କ କୋହ ସହ ମିଶିଯାଉଥାଏ ଜନତାର ଦୀର୍ଘଶ୍ୱାସ ।

ଅବିଳମ୍ବେ କଂସ ତା' ଧମକକୁ କାର୍ଯ୍ୟରେ ପରିଣତ କଲା । ପ୍ରାସାଦ ପରିସର ଭିତରେ ଗୋଟାଏ ଘରେ ବନ୍ଦୀ ହୋଇ ରହିଲେ ବସୁଦେବ ଏବଂ ଦେବକୀ । ସେ ଘରକୁ ବେଷ୍ଟନ କରି ରହିଲେ ସତର୍କ ପ୍ରହରୀମାନେ ।

ଦିନ ବିତିଯାଉଥାଏ । କଂସର ମୁଖମଣ୍ଡଳରେ ସ୍ପଷ୍ଟରୁ ସ୍ପଷ୍ଟତର ହୋଇ ଫୁଟିଉଠୁଥାଏ ଅଧୈର୍ଯ୍ୟ ଓ ଅଶାନ୍ତିର ଲକ୍ଷଣ । ମୁଷ୍ଟିମେୟ କେତେ ଜଣ ତୋଷାମଦକାରୀ ଏବଂ ଧୂର୍ତ୍ତ ମନ୍ତ୍ରୀଙ୍କୁ ବାଦ୍ ଦେଲେ ଅନ୍ୟ ଅମାତ୍ୟମାନେ ତାକୁ ଏଡ଼ାଇ ଯାଉଥା'ନ୍ତି । ଯାହା ଉପରେ କଂସର କୌଣସି ସନ୍ଦେହ ହେଉଥାଏ, ତା' ପ୍ରତି ସେ କରୁଥାଏ କଠୋର ଦଣ୍ଡ ବିଧାନ । ସାଧୁ, ସନ୍ଥମାନେ ବି ତା' କୋପରୁ ବାଦ୍ ପଡୁ ନଥିଲେ । ତା'ର ସମସ୍ତ କର୍ମ, ରାଜ୍ୟଶାସନ ଚାଲୁଥିଲା ଗର୍ବ ଏବଂ ଅହମିକା ତଥା ଆଶଙ୍କା ଦ୍ୱାରା, ନୀତି ନିୟମ ବା ବିବେକ ଦ୍ୱାରା ନୁହେଁ ।

ଦିନେ ସନ୍ଧ୍ୟାରେ ପ୍ରାସାଦର ମୁଖ୍ୟ ପରିଚାରିକା ତାକୁ ଖବର ଦେଲା, ଦେବକୀଙ୍କ ପ୍ରସବ ମୁହୂର୍ତ୍ତ ଆସନ୍ନ । ସାରା ରାତି କଂସ ଆଖିକୁ ମୁହୂର୍ତ୍ତକ ପାଇଁ ମଧ ନିଦ ଆସିଲା ନାହିଁ । ଦେବକୀଙ୍କ ପ୍ରଥମ ସନ୍ତାନ କାହିଁକି, ପରବର୍ତ୍ତୀ ଛଅଟି ସନ୍ତାନଙ୍କଠାରୁ ମଧ ତା'ର କିଛି ଭୟ କରିବାର ନଥିଲା । ତଥାପି ସେ ରହିଲା ଉଦ୍‌ବିଗ୍ନ ଓ ଆଶଙ୍କାଗ୍ରସ୍ତ ।

ମଧ ରାତ୍ରରେ ପ୍ରହରୀ-ସର୍ଦାର ଆସି ଖବର ଦେଲା, ''ମହାରାଜ ! ଦେବକୀଙ୍କ କକ୍ଷ ମଧରୁ ନବଜାତ ସନ୍ତାନର କ୍ରନ୍ଦନ ଶୁଣିବାକୁ ମିଳିଲା ବର୍ତ୍ତମାନ ।''

''ଯାଅ । ସବୁ ପ୍ରହରୀ ଯେପରି ସତର୍କ ରହନ୍ତି ! ମୁଁ ଯାଇ ପହଞ୍ଚିବି ଯଥାଶୀଘ୍ର ।'' କଂସ ଦେଲା ନିର୍ଦ୍ଦେଶ ।

କିନ୍ତୁ କଂସ ସେ କାରାକକ୍ଷ ଯାଏ ଯିବା ଦରକାର ହେଲା ନାହିଁ । ସତ୍ୟନିଷ୍ଠ ବସୁଦେବ ଶିଶୁଟିକୁ କୋଳେଇ ନେଇଥିଲେ । ତା'ପରେ ତା'ର ସୁକୁମାର ମୁହଁଟି ପ୍ରତି ଦ୍ୱିତୀୟ ଥର ନ ଅନାଇ କକ୍ଷରୁ ବାହାରି ଆସିଥିଲେ ପ୍ରାଙ୍ଗଣ ଭିତରକୁ । କହିବା ବାହୁଲ୍ୟ ସେ ଯାଉଥିଲେ କଂସକୁ ଭେଟିବାକୁ । ବହୁ କଷ୍ଟରେ ଦୁଇଜଣ ଦାସୀଙ୍କ ଉପରେ ଭରାଦେଇ ଅର୍ଦ୍ଧଚେତନ ଅବସ୍ଥାରେ ତାଙ୍କୁ ଅନୁସରଣ କରୁଥିଲେ ଦେବକୀ । ପଛରେ ଥିଲେ ପ୍ରହରୀ ଓ ପ୍ରାସାଦର ଦାସଦାସୀବୃନ୍ଦ ।

ପ୍ରାଙ୍ଗଣ ମଝିରେ ପରସ୍ପର ମୁହାଁମୁହିଁ ହେଲେ କଂସ ଏବଂ ବସୁଦେବ ।

ବସୁଦେବଙ୍କ ସତ୍ୟପରାୟଣତା ସକାଶେ କଂସ ଯେତିକି ବିସ୍ମୟ ଅନୁଭବ କରୁଥିଲା, ସେହି ଅନୁପାତରେ ତାକୁ ଆତଙ୍କ ମଧ ଗ୍ରାସ କରୁଥିଲା । ସେ ଅନାଇ ରହିଲା ସେ ନବଜାତ ଶିଶୁ ଆଡ଼କୁ ।

''ଭାଇ କଂସ ! ହେଇଟି ଆମର ପ୍ରଥମ ସନ୍ତାନ । ତୁମକୁ ସମର୍ପି ଦେଲି । ବର୍ତ୍ତମାନ ତା' ଭାଗ୍ୟ ତୁମ ହାତରେ । ତାକୁ ଯେଉଁଠି ତୁମର ଦୟା, ସେଇଠାରେ ଆଶ୍ରୟ ଦିଅ !'' କହିଲେ ବସୁଦେବ ଏବଂ ଶିଶୁକୁ ଥୋଇ ଦେଲେ କଂସ ଆଗରେ ।

''ଭାଇ ମୋର !'' କଂସର ପାଦ ତଳେ ଲୋଟିଯାଇ କରୁଣ କଣ୍ଠରେ ନିବେଦନ କଲେ ଦେବକୀ, ''ଏହାକୁ ବଞ୍ଚି ରହିବାକୁ ଦିଅ । ତୁମରି ସେବାରେ ଇଏ ଜୀବନ ଉତ୍ସର୍ଗ କରିବ । ତୁମ ଭଳି ପ୍ରଚଣ୍ଡ ପ୍ରତାପୀ ରାଜାର କେଉଁ କ୍ଷତି ବା କରିପାରିବ ତୁମର ଏ ଅଧମ ଭଣଜା !''

ମୁହୂର୍ତ୍ତକ ପାଇଁ ଚୁପ୍ ରହି କହିଲା କଂସ, ''ବେଶ୍ ! ନେଇ ଯାଅ ଏହାକୁ ମୋ ସାମନାରୁ ।''

ଏଥର ଦେବକୀଙ୍କ ନୟନରୁ ଝରି ଆସିଲା ଆନନ୍ଦର ଅଶ୍ରୁ ।

''ତୁମେ କେଡ଼େ ମହତ୍, ଭାଇ ମୋର !'' ସେ କହିଲେ ଓ ଶିଶୁକୁ ଟୋଳି ନେଇ କାରାକକ୍ଷ ଭିତରକୁ ଚାଲିଗଲେ । ବସୁଦେବ ଏବଂ ଦାସଦାସୀଙ୍କ ମୁହଁରେ ଫୁଟି ଉଠିଲା ସ୍ୱସ୍ତିର ହସ ।

*

''ଏ ଧରାପୃଷ୍ଠରେ ଏଭଳି ଦୟାଳୁ ରାଜା ଆଉ କେବେ ଶାସନ କରିଥିଲେ ? ମୁଁ ଦୃଢ଼ କଣ୍ଠରେ କହିପାରେ, ନା-ନା-ନା !'' ସକାଳେ ରାଜସଭାରେ ଉଚ୍ଚ କଣ୍ଠରେ ଘୋଷଣା କଲା ଜଣେ ଅମାତ୍ୟ ।

''ଆମ ରାଜାଙ୍କ ଦୟାମାୟା ଉପରେ କୌଣସି କବିକୁ ଧରି ଆଣି ଲେଖାଇବା ଗୋଟାଏ କାବ୍ୟ !'' କହିଲା ଆଉ ଜଣେ ।

କିନ୍ତୁ ଜଣେ ମନ୍ତ୍ରୀ ଗମ୍ଭୀର ଭାବରେ ନିଜ ଦାଢ଼ି ଉପରେ ହାତ ବୁଲାଉଥାଏ । କଂସ ମତରେ ସେ ଖୁବ୍ ବିଜ୍ଞ । କାରଣ କଂସର ସବୁ ଦୁଷ୍କର୍ମକୁ ସେ ନୂଆ ନୂଆ ଯୁକ୍ତି ବନାଇ ସମର୍ଥନ କରୁଥାଏ ।

କଂସ ତା' ଆଡ଼େ ପ୍ରଶ୍ନବାଚୀ ଦୃଷ୍ଟି ନିକ୍ଷେପ କରନ୍ତେ ସେ କଣ୍ଠ ପରିଷ୍କାର କରି କହିଲା ''ଦୟାର ମାତ୍ରା ଟିକିଏ ଅତିରିକ୍ତ ହୋଇଗଲା ପରା ! ଦୈବବାଣୀ ଅଷ୍ଟମ ସନ୍ତାନ କଥା କହିଲା ଯେ, କିନ୍ତୁ ଦେବତାମାନଙ୍କୁ ବିଶ୍ୱାସ କ'ଣ ? ସେମାନେ ଦେବକୀଙ୍କ ଶେଷ ସନ୍ତାନଠୁଁ ପଛକୁ ଗଣି ପ୍ରଥମକୁ ଅଷ୍ଟମ ବୋଲି କହି ନାହାନ୍ତି, ଆମେ ଏ ବିଷୟରେ ନିଶ୍ଚିତ ହୋଇପାରିବା କି ? ଆମ ରାଜା ଯେ ଦେବକୀଙ୍କ ଜୀବନଟି ସେଦିନ ନେଉଁ ନେଉଁ ନେଲେ ନାହିଁ, ସେତକ ଦୟା କ'ଣ ଗୋଟାଏ କାବ୍ୟ ପାଇଁ ଯଥେଷ୍ଟ ନୁହେଁ ? କବିକୁ ବରାଦ କଲେ କ'ଣ ସେ ସେତିକି ଉପରେ ବୋଝାଏ ତାଳ ପତ୍ରର ସଦ୍‌ବ୍ୟବହାର କରିବ ନାହିଁ ?''

କଂସର ଚେତନା ଭିତରେ କ୍ଷଣକ ପାଇଁ ଢୁଳେଇ ପଡ଼ିଥିବା ପାଶବିକତା ହଠାତ୍ ଚେଇଁ ଉଠିଲା । ସେ ସିଂହାସନ ଛାଡ଼ି ଉଠି ପଡ଼ିଲା । ଗୋଟାଏ ବି ଶବ୍ଦ ବ୍ୟୟ ନକରି ସେ ପଶିଗଲା ନଅର ଭିତରକୁ । କ୍ଷିପ୍ର ପଦପାତରେ ଯାଇ ଉପନୀତ ହେଲା ଦେବକୀଙ୍କ ଶଯ୍ୟା ପାଖରେ ।

''ଭାଇ !'' ବୋଲି ଦେବକୀ ସମ୍ବୋଧନ କରିବା ବେଳକୁ ସେ ଶିଶୁଟିକୁ ତାଙ୍କ କୋଳରୁ ଛଡ଼ାଇ ନେଇ ସାରିଥାଏ ।

''ତୁମେ କ'ଣ କରୁଛ, ଭାଇ ?'' କରୁଣ କଣ୍ଠରେ ପ୍ରଶ୍ନ କରି ଦେବକୀ ଚେତା ହରାଇଲେ । କଂସ ବାହାରି ଆସିଲା ପ୍ରାଙ୍ଗଣ ଭିତରକୁ । ଠାଏଁ ରହିଥିଲା ଛୋଟ ବେଦୀଟିଏ ଭଳି ଖଣ୍ଡିଏ ଶିଳା । କ୍ରନ୍ଦନରତ ଶିଶୁର କୁନି କୁନି ଦୁଇ ପାଦ ଧରି ସେ ତାକୁ ଶୂନ୍ୟରେ ଥରେ ଘୂରାଇ କଚାଡ଼ି ଦେଲା ସେ ଶିଳା ଉପରେ ।

ଚିରତରେ ସ୍ତବ୍ଧ ହୋଇଗଲା ଶିଶୁ । ସ୍ତବ୍ଧ ରହିଲେ ସେ ଭୟାବହ କର୍ମର ଦର୍ଶକବୃନ୍ଦ ।

(କ୍ରମଶଃ)

❑❑❑

# ଶ୍ରୀଅରବିନ୍ଦଙ୍କ ପତ୍ର ସମ୍ପଦ

## (୪୨)

## ସାହାନା ଦେବୀ

**ସାହାନା :** ଆଚ୍ଛା ମା ମୋର, ତୁମ ମୁଖମଣ୍ଡଳରେ କେହି ଆଲୋକ, କେହି ଜ୍ୟୋତିଃ, ଆଉ କେହି କେତେ କ'ଣ ଦେଖନ୍ତି । ଏପରି ଦେଖିବାର କ୍ଷମତା ତ ସମସ୍ତଙ୍କର ନାହିଁ । ଥିଲେ ତ ସମସ୍ତେ ଦେଖିବାକୁ ପାଆନ୍ତେ । ତା'ହେଲେ କ'ଣ ଭଗବାନଙ୍କର ବିଶେଷ କୃପା ହେଲେ ଯାଇ ଏ ପ୍ରକାର ଦେଖିବାକୁ ମିଳେ ? ଅଥବା ଏଇ ପ୍ରକାର ଦୃଷ୍ଟି ନେଇ କେହି କେହି ଜନ୍ମ ହୋଇଥାଆନ୍ତି ? ଅବା ତୁମ ସମ୍ମୁଖରେ ବା ସଂସ୍ପର୍ଶରେ ଆସିଲେ ଏଇ ଦୃଷ୍ଟି କାହାରି କାହାରି ଆପେ ଆପେ ଖୋଲିଯାଏ ? ଅର୍ଥାତ୍ ତୁମେହିଁ ଖୋଲି ଦିଅ ?

**ଶ୍ରୀଅରବିନ୍ଦଙ୍କ ପତ୍ର :** ମାଆଙ୍କ ଚତୁଃପାର୍ଶ୍ୱରେ ସାଧାରଣତଃ ଲୋକମାନେ ଯାହା ଦେଖନ୍ତି ତାହା ହେଉଛି, ପ୍ରଥମତଃ ତାଙ୍କର ପ୍ରଭାମଣ୍ଡଳ (Aura) ବୋଲି ଆଜି କାଲି ଯାହା କୁହାଯାଇଥାଏ ତାହା ଏବଂ ଦ୍ୱିତୀୟତଃ ଆଲୋକର ଶକ୍ତିସମୂହ ଯାହା ତାଙ୍କ ମଧ୍ୟରୁ ବିଚ୍ଛୁରିତ ହୋଇଥାଏ । ଯେତେବେଳେ ସେ ଖୁବ୍ ଏକାଗ୍ର ଥାଆନ୍ତି, ଯେମିତି ଛାତ ଉପରେ ସେ ସର୍ବଦାହିଁ ସେପରି କରିଥାଆନ୍ତି (ସମସ୍ତଙ୍କର ଏହି aura ବା ପ୍ରଭାମଣ୍ଡଳ ଅଛି କିନ୍ତୁ ସାଧାରଣଭାବେ ତାହା କ୍ଷୀଣ ଏବଂ ଅନୁଜ୍ଜ୍ୱଳ, ମାଆଙ୍କର ପ୍ରଭାମଣ୍ଡଳରେ ଦେଖାଯାଏ ଆଲୋକ ଏବଂ ଶକ୍ତିର ପୂର୍ଣ୍ଣ ଲୀଳା) । ଲୋକମାନେ ସାଧାରଣତଃ ତାହା ଦେଖିବାକୁ ପାଆନ୍ତି ନାହିଁ, ତା'ର କାରଣ ହେଉଛି ଏହା ସୂକ୍ଷ୍ମ ଶରୀରର ଘଟଣା, ମୂଳ ବାସ୍ତବ ବିଷୟ ନୁହେଁ । ସେସବୁ ଦେଖାଯାଏ ମାତ୍ର ଦୁଇଟି ସର୍ତ୍ତ ଦ୍ୱାରା, ପ୍ରଥମତଃ ଯଦି ଯଥେଷ୍ଟ ପରିମାଣରେ ସୂକ୍ଷ୍ମଦୃଷ୍ଟିର ବିକାଶ ଘଟିଥାଏ, ଦ୍ୱିତୀୟତଃ ଯଦି ପ୍ରଭାମଣ୍ଡଳ ସ୍ୱତଃସ୍ଫୂର୍ତ୍ତଭାବେ ଏତେ ପ୍ରଜ୍ୱଳିତ ହୋଇଉଠେ ଯେ ସ୍ଥୂଳ ଜଡ଼ର ଆବରଣ ଯାହା ତାକୁ ଆବୃତ୍ତ କରି ରଖିଥାଏ, ତାକୁ ସେ ପ୍ରଭାବିତ କରେ । ଲୋକଙ୍କୁ ଦେଖାଇ ହେବା ନିମନ୍ତେ ଯେଉଁ ଧାରଣା ତାହା ନିଶ୍ଚିତ ମାଆଙ୍କର ନାହିଁ । ସେମାନେ ନିଜେହିଁ ଜଣକ ପରେ ଜଣେ, ମୋର ମନେ ହୁଏ ପ୍ରାୟ ୨୦ରୁ ୩୦ ଜଣ ବ୍ୟକ୍ତି ଆଶ୍ରମରେ ଏହା ଦେଖିବାକୁ ପାଇଛନ୍ତି । ସେମାନେ କେହି ଏମିତି ବିରାଟ ଯୋଗୀ ନୁହନ୍ତି; ତାଙ୍କ ଭିତରୁ କେତେଜଣ କେବଳ ମାତ୍ର ଯୋଗ ଆରମ୍ଭହିଁ କରିଛନ୍ତି । ଅବଶ୍ୟ ଏହା ସୂଚିତ କରେ ଯେ ଊର୍ଦ୍ଧ୍ୱଶକ୍ତି (ଅତିମାନସ ଶକ୍ତି କୁହ ଅବା ଅନ୍ୟ ଯାହା କିଛି କୁହ) ଜଡ଼ ଉପରେ ପ୍ରଭାବ ବିସ୍ତାର କରିବାକୁ ଆରମ୍ଭ କରିଛି ।

(୧୫.୧୧.୩୩)

**ସାହାନା :** ସମସ୍ତ କିଛିରୁ ଏଥର – ନିରାସକ୍ତ ହେବାର ଏକ ଇଚ୍ଛା, ଆସ୍ପୃହା ଆସିଛି ଶ୍ରୀଅରବିନ୍ଦ ଦେବଙ୍କର ତିନି, ଚାରି ଦିନ ପୂର୍ବରୁ ଲିଖିତ ପତ୍ରଟି ପାଇ – ''ଅନାସକ୍ତି ହେଉଛି ପ୍ରଥମ ରୀତି – ଶ୍ରୀମା ଏବଂ ମୁଁ ବହୁ ବର୍ଷ ଧରି ସ୍ୱେଚ୍ଛାପ୍ରଣୋଦିତ ଚରମ କଠୋରତା ମଧ୍ୟ ଦେଇ ଜୀବନ ଅତିକ୍ରମ କରିଛୁ ।'' – ମୋର ମଧ୍ୟ ସଂକଳ୍ପ ଆସିଛି ଯେକୌଣସି ପ୍ରକାରେ କୌଣସି ସୁଖ, ସୌଖୀନତା, କାମନା, ଅଭ୍ୟାସ ଏସବୁ ଯେପରି ଆଉ ଅନୁଭବ ନକରେ – ସର୍ବଦା ନିରାସକ୍ତ ହେବାର କଥାଟିକୁ ମନେ ରଖି ଚାଲିବି ଏଥର । ସଂକଳ୍ପ କରିବାକୁ ଇଚ୍ଛା ଜାଗ୍ରତ୍ ହେଉଛି ଯେ ୨୪ ତାରିଖରେ ଶ୍ରୀଅରବିନ୍ଦଙ୍କୁ ଦର୍ଶନ କରି ଆସି ନିରାସକ୍ତିର ନିୟମାବଳୀ ପଥରେ ନିଷ୍ଠାର ସହ ପାଦ ବଢ଼ାଇବାର ସାଧନାରେ ଯେପରି ଲମ୍ଫ ଦେଇପାରେ ।

**ଶ୍ରୀଅରବିନ୍ଦଙ୍କ ପତ୍ର :** ଯଦି ଏହା ଅସ୍ତିବାଚକ (Positive)ଭାବେ କରାଯାଏ, କେବଳ ମାତ୍ର ଏକ ନାସ୍ତିବାଚକ (Negative) ଭଙ୍ଗୀରେ ନୁହେଁ, ତାହାହେଲେ ଏହା ଅଗ୍ରଗତି ପଥରେ ହେବ ଏକ ବିରାଟ ପଦକ୍ଷେପ ।

୧୮.୧୧.୩୩

**ସାହାନା :** ମା ମୋର, ମୋର ସଂକଳ୍ପ ବିଷୟରେ ଶ୍ରୀଅରବିନ୍ଦ ଲେଖିଛନ୍ତି 'ପଜିଟିଭ୍'ଭାବେ କରିବା କଥା 'ନେଗେଟିଭ୍'ଭାବେ ନୁହେଁ । 'ପଜିଟିଭ୍'ଭାବେ କରିବା ଅର୍ଥ ମୁଁ ଠିକ୍ ବୁଝିପାରୁ ନାହିଁ, ଟିକିଏ ମୋତେ ବୁଝେଇ ଦେବେ କି, ମା ?

**ଶ୍ରୀଅରବିନ୍ଦଙ୍କ ପତ୍ର :** ''ନେଗେଟିଭ୍'' କହିଲେ ମୁଁ କହିବାକୁ ଚାହୁଁଛି,– ବାସନା ଏବଂ ଭ୍ରାନ୍ତ ଗତିବିଧି ଓ ଅହଂକାରକୁ

*(ଅବଶିଷ୍ଟାଂଶ ପୃଷ୍ଠା ୩୯ରେ ଦେଖନ୍ତୁ)*

# ନିରାମୟତାର ଶକ୍ତି ସଞ୍ଚାରକ – ମନ୍ତ୍ର

## (୧)



### ସୂର୍ଯ୍ୟକାନ୍ତି ମହାନ୍ତି



ଜଣେ ବ୍ୟକ୍ତି ପ୍ରାୟଶଃ ଭାବୁଥାଏ ଯେ ଏ ପୃଥିବୀର କୋଟି କୋଟି ଲୋକଙ୍କ ମଧ୍ୟରେ ସେ ଜଣେ ସାଧାରଣ ବ୍ୟକ୍ତି । ବହୁ ଲୋକଙ୍କଠାରୁ ପ୍ରଶଂସା ବା ସହଯୋଗ ନପାଇଲେ ଯେପରି ତା' ଜୀବନରେ ଗୁରୁତ୍ୱପୂର୍ଣ୍ଣ କିଛି ଘଟଣା ଘଟିବ ନାହିଁ ! ବାସ୍ତବରେ ଏହା ଆଦୌ ସେପରି ନୁହେଁ । ବ୍ୟକ୍ତି ଜଣକ ଧନୀ ହେଉ କି ନହେଉ, ଶିକ୍ଷିତ ହେଉ କି ନହେଉ, ସମାଜରେ ପ୍ରତିଷ୍ଠା, ପ୍ରତିପତ୍ତି ଥାଉ କି ନଥାଉ, ସେ ସହରୀ ହେଉ କି ମଫସଲୀ ହୋଇଥାଉ, ସେ ଇଚ୍ଛା କଲେ ଏ ପୃଥିବୀର କୋଟି କୋଟି ଲୋକଙ୍କର ଉପକାର ବା ସେବା କରିପାରିବ । ଏହା ଅସମ୍ଭବ ମନେ ହେଉଥିଲେ ମଧ୍ୟ ଏପରି ଘଟଣା ଘଟିଥାଏ । କିପରି ? କ'ଣ କୌଣସି ଅଲୌକିକ ଶକ୍ତି ବଳରେ ! ବାସ୍ତବରେ ଏହା ହୋଇଥାଏ ଅତି ସାଧାରଣ ଭାବରେ ।

ମନ ମଧ୍ୟରେ ମଣିଷ ଯାହା ଭାବେ, ସେଥିରୁ ସ୍ପନ୍ଦନ ସୃଷ୍ଟି ହୋଇ ମହାକାଶରେ ବିସ୍ତାରିତ ହୋଇଯାଏ । ଏହାର ଶକ୍ତି ତରଙ୍ଗ ବିଶ୍ୱବ୍ରହ୍ମାଣ୍ଡର ପ୍ରତ୍ୟେକ ରେଣୁରେ ବି ସ୍ପନ୍ଦିତ ହୋଇଥାଏ । ଯଦି ବ୍ୟକ୍ତିର ଚିନ୍ତାଧାରା ମହତ୍ ଓ ପବିତ୍ର ହୋଇଥାଏ, ଯଦି ସରଳତା, ଶୁଭେଚ୍ଛା, ନିଃସ୍ୱାର୍ଥପରତା, କୃତଜ୍ଞତା ଓ କରୁଣା ଆଦିରେ ତାହା ପୂର୍ଣ୍ଣ ଥାଏ, ସେହି ଭାବନାର ସ୍ପନ୍ଦନ କେବେ ବି ବିଲୀନ ହୋଇଯାଏ ନାହିଁ କି ନଷ୍ଟ ଅବା ଦୂଷିତ ହୋଇଯାଏ ନାହିଁ । ନିଜର ଅଜାଣତରେ ସେ ପ୍ରକ୍ଷେପିତ କରୁଥିବା ଏହି ଭାବନାକୁ ପୃଥିବୀର ଅନେକ ସହାନୁଭୂତିଶୀଳ ଲୋକ ଗ୍ରହଣ କରି ନେଇ ସେମାନେ ବି ସେହିପରି ସମାନ ଭାବନା ମହାକାଶକୁ ପ୍ରେରିତ କରିଥା'ନ୍ତି । ଏପରି ଭାବେ ଏକ ବିରାଟ ଶକ୍ତିକୁ ଗତିଶୀଳ କରାଇ ଜଣେ ସାଧାରଣ ବ୍ୟକ୍ତି ନୀଚ ଓ ସଂକୀର୍ଣ୍ଣ ଚିନ୍ତାଧାରା ସୃଷ୍ଟି କରୁଥିବା ସ୍ୱାର୍ଥପର ଲୋକଙ୍କୁ ସୂକ୍ଷ୍ମ ସ୍ତରରେ ଧରାଶାୟୀ କରିବାର କ୍ଷମତା ବହନ କରିଥାଏ । କାରଣ, ବିଶ୍ୱବ୍ରହ୍ମାଣ୍ଡର ଗୋପନ ତଥ୍ୟସବୁ ଶକ୍ତି (energy), ପୌନଃପୁନ୍ୟ (frequency) ଏବଂ କମ୍ପନ (vibration) ମଧ୍ୟରେହିଁ ନିହିତ ହୋଇ ରହିଥା'ନ୍ତି । ଏପରିକି ସମସ୍ତ ବସ୍ତୁ ହେଉଛି ଶବ୍ଦ ଏବଂ ଶବ୍ଦ ଏସବୁକୁ ସୃଷ୍ଟି କରିଥାଏ । ଅବଶ୍ୟ ମଣିଷର ଭୌତିକ ଶ୍ରବଣ ଶକ୍ତିର ବାହାରେହିଁ ଏସବୁ ହୋଇଥାଏ ।

ମନୁଷ୍ୟ ଏକ ଆଲୋକିତ ସତ୍ତା ଯାହା ଅଷ୍ଟମହାଭୂତରେ ନିର୍ମିତ । ଏମାନେ ହେଲେ – ସ୍ଥୂଳ ଜଗତର ପଞ୍ଚ ମହାଭୂତ, ଯଥା : ଆକାଶ, ବାୟୁ, ଅଗ୍ନି, ଜଳ ଓ ପୃଥିବୀ ଏବଂ ସୂକ୍ଷ୍ମ ଜଗତର ତିନି ମହାଭୂତ ଯଥା : ମନ, ବୁଦ୍ଧି ଓ ଅହଙ୍କାର । ପୁନଶ୍ଚ ମଣିଷର ମନ ହେଉଛି ସ୍ପନ୍ଦନର ପୌନଃପୁନିକତାର ଉତ୍ସ । ବାରଂବାର ଆବୃତ୍ତିଶୀଳ ହୋଇଥିବାରୁ ଏହା ମଧ୍ୟ ପ୍ରଚଣ୍ଡ ଶକ୍ତିର ଅଧିକାରୀ । ଏହାକୁ ସକାରାତ୍ମକ ଭାବରେ ପରିଚାଳିତ କରିବାକୁ ହେଲେ ପ୍ରତିଦିନ କିଛି ସମୟ ଧ୍ୟାନରେ ବସି ଶାନ୍ତି ରୂପକ ଭାବନାକୁ ଆହ୍ୱାନ କରିଆଣି ପ୍ରକ୍ଷେପିତ କରିବା ଆବଶ୍ୟକ । ତା'ହେଲେ ଏହାର ଶକ୍ତି କୋଟି କୋଟି ଆଲୋକ ବର୍ଷ ଦୂରତାରେ ବି ବିସ୍ତାରିତ ହୋଇ ସଂହତିପୂର୍ଣ୍ଣ ବଳୟ ସୃଷ୍ଟି କରିପାରିବ । ଯାହା ଫଳରେ ପୃଥିବୀପୃଷ୍ଠରେ ଏବଂ ନିଜ ଜୀବନରେ ନିରାମୟତା ଓ ଶାନ୍ତିର ପରିବେଶ ସୃଷ୍ଟି କରାଯାଇ ପାରିବ ।

ଆଧୁନିକ ବିଜ୍ଞାନ ଅନୁଯାୟୀ ମଣିଷ ଶରୀର ହେଉଛି ସ୍ପନ୍ଦିତ ହେଉଥିବା ପରମାଣବିକ କଣିକାର ଶୃଙ୍ଖଳିତ ପଦ୍ଧତି । ଏଣୁ ଧ୍ୱନି ସ୍ପନ୍ଦନରେ ମଣିଷ ହେଉଛି ଜୀବନ୍ତ ଗ୍ରାହକ ଓ ପ୍ରେରକ ମଧ୍ୟ । ଏହିପରି ଭାବରେ ସେ ଶବ୍ଦ ସ୍ପନ୍ଦନର ପୁନଃ ପୁନଃ ଆହ୍ୱାନ ଦ୍ୱାରା ନିଜ ଶରୀରକୁ ସୁସ୍ଥ ରଖିପାରେ । ଅବଶ୍ୟ ମନକୁ ସମ୍ପୂର୍ଣ୍ଣ ଠିକ୍ ପୌନଃପୁନ୍ୟରେ ପରିଚାଳିତ କରିବା ପାଇଁ ମନ୍ତ୍ର ଆବୃତ୍ତିର ଆବଶ୍ୟକତା ଅଛି । ମନ୍ତ୍ର ହେଉଛି ଏକ ଶବ୍ଦ ବା ଧ୍ୱନି ଯାହା ମନକୁ ତାହାର ବିକ୍ଷିପ୍ତ ଅବସ୍ଥାରୁ ମୁକ୍ତ କରି ଶାନ୍ତ ଅବସ୍ଥାକୁ ଫେରାଇ ଆଣିଥାଏ । ମନ୍ତ୍ରର ଅର୍ଥ ହେଉଛି ଶବ୍ଦର ଶକ୍ତିପୂର୍ଣ୍ଣ କମ୍ପନ, ଯାହା ମଣିଷକୁ ନିଜର ଆତ୍ମା ସହିତ ଏବଂ ବିଶ୍ୱବ୍ରହ୍ମାଣ୍ଡ ସହିତ ଏକୀଭୂତ କରିଥାଏ । ପୁନଶ୍ଚ, ଯାହା ମନକୁ ଧ୍ୟାନାଦିରେ କେନ୍ଦ୍ରିତ କରିବାରେ ଏକ ପ୍ରକୃଷ୍ଟ ସାଧନ ରୂପେ କାର୍ଯ୍ୟ କରିଥାଏ,

ତାହା ହେଲା ମନ୍ତ୍ର (ମନ୍+ତ୍ର) । ମନ୍ତ୍ର ଶବ୍ଦରେ ଥିବା 'ମନ୍' ଧାତୁଟି ମନ ଓ ତାହାର କ୍ରିୟାକଳାପକୁ ବୁଝାଏ ଏବଂ 'ତ୍ର'ର ଅର୍ଥ ତ୍ରାଣ କରିବା ବା ସଂସାର ବନ୍ଧନରୁ ମୁକ୍ତ ହେବା । ବାସ୍ତବରେ ମନ୍ତ୍ର ହେଉଛି ଏକ ଏକୀଭୂତ ଉଦ୍ଦୀପ୍ତ ଶକ୍ତି । ମହାସାଗରରୁ ଉତ୍‌ଥିତ ଜୁଆର ସହିତ ମନରୁ ଉତ୍ପନ୍ନ ହେଉଥିବା ଉଦ୍‌ବେଳିତ ଚିନ୍ତାରାଜିକୁ ତୁଳନା କରାଯାଇପାରେ । ତେବେ ମନର ଏହି ଉଦ୍‌ବେଳିତ ଅବସ୍ଥାକୁ ମନ୍ତ୍ରହିଁ ଶାନ୍ତ କରିପାରେ । ମନ୍ତ୍ରକୁ ଆତ୍ମାର ସୁସ୍ଥତା ନିମନ୍ତେ ଔଷଧ ବୋଲି କୁହାଯାଏ ।

ମନ୍ତ୍ର ହେଉଛି ପରିମାଣଥିବା ଦିଗବିହୀନ ଶକ୍ତି (Scalar energy), ଯାହା ଧ୍ୱନି ଉପରେ ଆଧାରିତ । ପୁନଶ୍ଚ, ମନ୍ତ୍ର ପିନିଅଲ୍ ଗ୍ରନ୍ଥିକୁ ଅନୁନାଦିତ ବା ପ୍ରତିଧ୍ୱନିତ କରି DNAରେ ତା'ର କାର୍ଯ୍ୟନିର୍ଘଣ୍ଟ ପ୍ରସ୍ତୁତ କରିଥାଏ । ଏଣୁ ଏହା ହେଉଛି ଏକ ଶକ୍ତିଶାଳୀ ତଥ୍ୟ ସମ୍ବଳିତ ତରଙ୍ଗ ବାହକ ।

ମନ୍ତ୍ର ଆବୃତ୍ତି ଯେଉଁ ଭାଷା ମାଧ୍ୟମରେ ହୋଇଥାଏ, ତାହାକୁ ଦିବ୍ୟଭାଷା କୁହାଯାଏ । ଏଥିପାଇଁ ସଂସ୍କୃତ ଭାଷା ଯୋଗ୍ୟ ବିବେଚିତ ହୋଇଛି । କାରଣ ଏହି ଭାଷା – ଧ୍ୱନି ଓ ସ୍ପନ୍ଦନ ଉପରେହିଁ ପର୍ଯ୍ୟବସିତ । ଏପରିକି ପ୍ରାୟ ସମସ୍ତ କ୍ୱାଣ୍ଟମ୍ (Quantum) ବୈଜ୍ଞାନିକ ସଂସ୍କୃତ ଭାଷା ଜାଣନ୍ତି । ମନ୍ତ୍ର ଆବୃତ୍ତି ଏବଂ ଧ୍ୟାନ ସମ୍ବନ୍ଧରେ ବହୁ ହଜାର ବର୍ଷ ପୂର୍ବରୁ ବେଦରେ ସଂସ୍କୃତ ଭାଷାର ଉଲ୍ଲେଖ ରହିଛି ।

ଆଧୁନିକ ବିଜ୍ଞାନ ଅନୁଯାୟୀ ସମଗ୍ର ବିଶ୍ୱ ହେଉଛି ଏକ ପ୍ରକାର ଶବ୍ଦ ବା ବିଭିନ୍ନ ଶବ୍ଦର ଏକ ଜଟିଳ ମିଶ୍ରଣ । ଅର୍ଥାତ୍ ସମଗ୍ର ବିଶ୍ୱ ହେଉଛି ବହୁ ଗୁଣିତ ମନ୍ତ୍ରର ଏକ ମିଶ୍ରଣ । ପୁନଶ୍ଚ ଶବ୍ଦ ତରଙ୍ଗ ସୃଷ୍ଟି କରେ ଚେତନା, ଆଲୋକ ଓ ବସ୍ତୁ । ଶବ୍ଦ ବ୍ୟବହାର କରି ଚିନ୍ତା କରିବା ବି ହୋଇଥାଏ । ଶବ୍ଦ ପାଇଁ ସ୍ଥାନ ଓ ସମୟର ପରିଚୟ କିଛି ନଥାଏ । ଅର୍ଥାତ୍ ଶବ୍ଦ ନିକଟରେ ସ୍ଥାନ ଓ ସମୟ ଅର୍ଥହୀନ । ଧ୍ୟାନ ସମୟରେ ମଣିଷ ଶବ୍ଦ ତରଙ୍ଗର ପାବଚ୍ଛ ଆରୋହଣ କରି ଉର୍ଦ୍ଧ୍ୱକୁ ଗତି କରିଥାଏ । ତେଣୁ ମଣିଷର ଚେତନାକୁ ଉର୍ଦ୍ଧ୍ୱମୁଖୀ କରିବା ପାଇଁ ଏବଂ ମନକୁ ଶାନ୍ତ କରିବା ପାଇଁ ମନ୍ତ୍ରର ଆବଶ୍ୟକତା ଥାଏ । ମନ୍ତ୍ର ମଣିଷ ଶରୀରକୁ ପରିବେଷ୍ଟିତ କରି ରହିଥିବା ସୂକ୍ଷ୍ମ ଜ୍ୟୋତିଃ (Aura)କୁ ବୃଦ୍ଧି କରେ, ଯାହା Kerlean Photography ଦ୍ୱାରା ପ୍ରମାଣିତ ହୋଇପାରିଛି ।

ମନ୍ତ୍ର ମଣିଷର ମସ୍ତିଷ୍କକୁ ଶାନ୍ତ କରାଇ ଶରୀରରେ ଏକ ଆରୋଗ୍ୟକାରୀ ଶକ୍ତିର ଇନ୍ଦ୍ରଜାଲ ସୃଷ୍ଟି କରେ । ପୁନଶ୍ଚ ମନୁଷ୍ୟ ମସ୍ତିଷ୍କରେ ଆଲଫା ତରଙ୍ଗ ୬ ହାର୍ଜରୁ ୮ ହାର୍ଜ (Hz) ବିନ୍ୟାସରେ ଅନୁନାଦିତ ହୁଏ (ହାର୍ଜର ଅର୍ଥ ପ୍ରତି ସେକେଣ୍ଡରେ ସ୍ପନ୍ଦନର ସଂଖ୍ୟା) ଏବଂ ପୃଥିବୀର ବୈଦ୍ୟୁତିକ ସ୍ପନ୍ଦନର ହାର ମଧ୍ୟ ୬ ହାର୍ଜରୁ ୮ ହାର୍ଜ । ଏହିପରି ଭାବରେ ମନୁଷ୍ୟ ଓ ପୃଥିବୀ – ଏ ଦୁହେଁ ସମାନ ପୌନଃପୁନ୍ୟରେ କାର୍ଯ୍ୟ କରନ୍ତି । ପୁରାତନ ଯୁଗରେ ଶବ୍ଦର ଯାନ୍ତ୍ରିକ କୌଶଳ ପ୍ରୟୋଗ କରି ପିରାମିଡ୍‌କୁ ବି ସ୍ଥାନାନ୍ତର କରାଯାଇ ପାରୁଥିଲା । ପୁନଶ୍ଚ ଶବ୍ଦର ବିଭିନ୍ନ ପୌନଃପୁନ୍ୟ ବ୍ୟବହାର କରି ଯୁଦ୍ଧ ବା ଅପରାଧକୁ ମଧ୍ୟ ବନ୍ଦ କରାଯାଇପାରେ । ଏଣୁ ମନ୍ତ୍ରର ସମ୍ପୂର୍ଣ୍ଣ ଠିକ୍ ବ୍ୟବହାର କରାଯାଇ ଶରୀର ଓ ମନକୁ ସୁସ୍ଥ ଏବଂ ପରିବେଶକୁ ଶାନ୍ତ କରାଯାଇପାରେ ।

ମନ ମଧ୍ୟରୁ କ୍ରୋଧ, ଅହଙ୍କାର, ଲୋଭ, ଈର୍ଷା, ହିଂସା ଆଦି ନିମ୍ନ ଚିନ୍ତାଧାରାଗୁଡ଼ିକୁ ଦୂର କରିବାର କ୍ଷମତା ମଧ୍ୟ ମନ୍ତ୍ରର ଅଛି । ତେବେ ପ୍ରତ୍ୟେକ ବ୍ୟକ୍ତିର ନିଜସ୍ୱ ସ୍ପନ୍ଦନର ହାର ଭିନ୍ନ ଭିନ୍ନ ହୋଇଥିବାରୁ ଅସୁସ୍ଥତା ସମୟରେ ଶବ୍ଦର ଭିନ୍ନ ଭିନ୍ନ ପୌନଃପୁନ୍ୟ ବ୍ୟବହାର କିଂବା ଭିନ୍ନ ଭିନ୍ନ ସ୍ପନ୍ଦିତ ଔଷଧ ତା'କୁ ସୁସ୍ଥ କରିଥାଏ । ଏହା ମନ ମଧ୍ୟରେ ସ୍ପନ୍ଦନ ସୃଷ୍ଟି କରି ୭୨୦୦୦ ପ୍ରାଣଶକ୍ତିର ଗତିପଥଗୁଡ଼ିକୁ ପରିଷ୍କାର କରିଦିଏ । ଏହି ଗତିପଥକୁ ଯୋଗରେ ନାଡ଼ି ବୋଲି କୁହାଯାଇଛି । ଏହି ନାଡ଼ିଗୁଡ଼ିକ ପରିଷ୍କାର ହେଲେ ଏଗୁଡ଼ିକ ମଣିଷ ଶରୀରରେ ଥିବା ସପ୍ତଶକ୍ତି କେନ୍ଦ୍ର ବା ସପ୍ତଚକ୍ର ସହିତ ସଂଯୋଜିତ ହୋଇଥା'ନ୍ତି । ସାଧାରଣତଃ ମନ୍ତ୍ର ଆବୃତ୍ତି କଲେ ମନର ସମସ୍ତ ମଇଳା ଧୋଇ ହୋଇଯାଇ ପରିଷ୍କାର ହୋଇଯାଏ । ଫଳରେ ଶରୀରର କୌଣସି ଅଙ୍ଗରେ ରୋଗ ସୃଷ୍ଟି ହେବାର ସମ୍ଭାବନା ରହେ ନାହିଁ । ଏମିତି ବି ହୋଇଥାଏ ଯେ ମନ୍ତ୍ର ବିନା କେବଳ ଏକାଗ୍ରତା ବା ଧ୍ୟାନରେ ସୁଫଳ କମ୍ ମିଳେ ।

ମନ୍ତ୍ର ଦ୍ୱାରା ଶରୀରରେ ଏକ୍ସରେର ପ୍ରୟୋଗ ଦ୍ୱାରା ନଷ୍ଟ ହୋଇ ଯାଇଥିବା କ୍ରୋମୋଜମ୍‌ଗୁଡ଼ିକର ବି ମରାମତି କରାଯାଇପାରେ । ଏହି କଥାଟି ଭାରତୀୟ ଋଷିମାନେ ୧୨,୦୦୦ ବର୍ଷ ପୂର୍ବରୁ ଜାଣିଥିଲେ । ସେହିପରି ମନ୍ତ୍ର ସ୍ପନ୍ଦନର ପ୍ରୟୋଗ କରି DNAର କାର୍ଯ୍ୟ ଶୃଙ୍ଖଳିତ କରାଯାଇପାରେ । DNAର ଅସୀମ ସମ୍ଭାବନାକୁ ଶରୀରର ପ୍ରତ୍ୟେକ କୋଷ ସମଗ୍ର ଜୀବନକାଳ ମଧ୍ୟରେ ଧରି ରଖିପାରେ । ଏଣୁ ମଣିଷର ସକାରାତ୍ମକ ଓ ନକାରାତ୍ମକ ଭାବନା DNAକୁ ଭିନ୍ନ ଭିନ୍ନ ଭାବରେ ପ୍ରଭାବିତ କରିଥାଏ । ସକାରାତ୍ମକ ଭାବନା ସମ୍ପନ୍ନ

ଜଣେ ବ୍ୟକ୍ତିର ସ୍ପନ୍ଦନର ହାର +୧୦ ହାର୍ଜରେ ପହଞ୍ଚିବା ବେଳେ ନକାରାତ୍ମକ ଭାବନା −୧୫ ହାର୍ଜରେ ପତିତ କରାଇଥାଏ । ଏହା ଜଣା ପଡ଼ିଥିଲା ୱାଶିଂଟନ୍‌ର Cheneyଠାରେ ଥିବା Tainio of Tainio Technology ନାମକ ଏକ କମ୍ପାନୀର 'Bio-frequency of humans and foods' ପରୀକ୍ଷାଗାରରେ ପରୀକ୍ଷା କରିବା ଫଳରେ ।

ମଣିଷ ପ୍ରଥମେ ନିଜ ଉପରେ ବିଶ୍ୱାସ ରଖି ସକାରାତ୍ମକ ଭାବରେ ବଞ୍ଚିବା ଦରକାର । ଜଣେ ସୁସ୍ଥ ଏବଂ ଶାନ୍ତିପୂର୍ଣ୍ଣ ଜୀବନ ଯାପନ କରିବାକୁ ଇଚ୍ଛା କଲେ ମନ୍ତ୍ର ଶକ୍ତିର ଉପକାରିତା ଜାଣିବା ଦରକାର ଏବଂ ନିଜ ଜୀବନରେ ତାକୁ ପ୍ରୟୋଗ କରିବା ଆବଶ୍ୟକ । ଶ୍ରୀଅରବିନ୍ଦ ତାଙ୍କର ଭକ୍ତମାନଙ୍କୁ ଏକ ଶକ୍ତିଶାଳୀ ମନ୍ତ୍ର ପ୍ରଦାନ କରିଯାଇଛନ୍ତି । ତାହା ହେଉଛି, ''ଓଁ ଆନନ୍ଦମୟି, ଚୈତନ୍ୟମୟି, ସତ୍ୟମୟି ପରମେ'' । ଏହି ମନ୍ତ୍ର ଆବୃତ୍ତି କରି ଜଣେ ସାଧକ ନିଜ ଭାବନା, ଚେତନା ଓ ପରିବେଶରେ ସୁସ୍ଥତା, ଶାନ୍ତି ଓ ସଂହତିର ବଳୟ ସୃଷ୍ଟି କରିପାରେ । ଏହିପରି ଭାବରେ ମନ୍ତ୍ରରେ ଥିବା ଶବ୍ଦର ଏବଂ ଏହାର ସ୍ପନ୍ଦନର ପୌନଃପୁନିକତାର ଶକ୍ତି ଏ ବିଶ୍ୱବ୍ରହ୍ମାଣ୍ଡର ଗୁପ୍ତ ରହସ୍ୟକୁ ଧାରଣ କରିଛି ।

(କ୍ରମଶଃ) ❑

---

*(ପୃଷ୍ଠା ୩୬ର ଅବଶିଷ୍ଟାଂଶ)*

କେବଳ ଦବାଇ ରଖିବା, 'ପଜିଟିଭ୍' (ସଦର୍ଥକ) କହିଲେ ଏହି ସମସ୍ତ ଅଂଶରେ ଊର୍ଦ୍ଧ୍ୱରୁ ଆଲୋକ, ଶାନ୍ତି ଏବଂ ଶୁଚିତା ଅବତରଣ କରାଇବା । ଏ କଥା ମୁଁ କହୁ ନାହିଁ ଯେ ଏଇସବୁ ଜିନିଷ ପରିବର୍ଜନ କରିବାକୁ ହେବ ନାହିଁ – କିନ୍ତୁ ପରିବର୍ଜନରେ କେବଳ ସମସ୍ତ ଶକ୍ତି ଯେପରି ପ୍ରଯୁକ୍ତ ହୋଇ ନରହେ । ସେମାନଙ୍କ ସ୍ଥାନରେ ଊର୍ଦ୍ଧ୍ୱତର ଚେତନାକୁ ନିଶ୍ଚିତ ରୂପେ ସ୍ଥାପିତ କରିବା ଦିଗରେ ମଧ୍ୟ ଏହି ଶକ୍ତିକୁ ମାଧ୍ୟମ କରିବାକୁ ହେବ । ଏଇ ଚେତନା ଯେତେହିଁ ଅବତରଣ କରିବ ପରିବର୍ଜନ କରିବା ସେତେହିଁ ସହଜ ହୋଇ ଉଠିବ ।

(୧୯.୧୧.୩୩)

**ସାହାନା :** ମା, ମୁଁ କେବଳ 'ଏଥିରୁ' ଅବା 'ସେଥିରୁ' ନୁହେଁ, ଯାହା କିଛି ଭଗବାନ୍ ନୁହେଁ ସେଇସବୁରୁ ଚାହେଁ ନିରାସକ୍ତ ହେବାକୁ । ଏଇ ପଥରେ ବର୍ତ୍ତମାନ ଯେପରି ଅଗ୍ରସର ହୋଇପାରେ ।

**ଶ୍ରୀଅରବିନ୍ଦଙ୍କ ପତ୍ର :** ହଁ, ଯାହାକିଛି ଭଗବାନ୍ ନୁହେଁ ସେସବୁରୁ ନିରାସକ୍ତ ଏବଂ ଯାହା କିଛି ଭଗବାନ୍ ସେସବୁର ବିକାଶ ।

(୨୧.୧୧.୩୩)

(କ୍ରମଶଃ)

ଅନୁବାଦ : ଶୁଭ୍ରା ଦାସ ❑

---

ଯଦି ତୁମେ ଅସୁସ୍ଥତାରୁ ଆରୋଗ୍ୟଲାଭ କରିବାକୁ ଚାହୁଁଛ, ସେଥିଲାଗି ରହିଛି ଦୁଇଟି ସର୍ତ୍ତ । ପ୍ରଥମେ ତୁମକୁ ଭୟ-ବିରହିତ, ସମ୍ପୂର୍ଣ୍ଣ ଭୟ-ବିରହିତ ହେବାକୁ ପଡ଼ିବ । ଦ୍ୱିତୀୟରେ ଭଗବାନଙ୍କ ସୁରକ୍ଷା ଉପରେ ଥିବ ତୁମର ଏକ ପରିପୂର୍ଣ୍ଣ ବିଶ୍ୱାସ । ଏହି ଦୁଇଟି କଥା ଏକାନ୍ତ ଆବଶ୍ୟକ ।

ଅସୁସ୍ଥତା କ୍ଷେତ୍ରରେ ଆଧୁନିକ ଔଷଧ ଅଣୁ, ଜୀବାଣୁ ସଂକ୍ରମଣ ଉପରେ ବିଶେଷ ଗୁରୁତ୍ୱ ଆରୋପ କରେ ଓ ଏହାର ଅନୁଶାସନୋକ୍ତି ହେଉଛି – ଅଣୁ ଜୀବାଣୁମାନଙ୍କୁ ବିନାଶ କର, ଅସୁସ୍ଥତା ଦୂର ହୋଇଯିବ । ଅଧିକାଂଶ କ୍ଷେତ୍ରରେ ଏହାହିଁ ଘଟିଥାଏ । କିନ୍ତୁ ଆମ ମତରେ ଅସୁସ୍ଥତାର ରହିଛି ଅନ୍ୟ ଗଭୀରତର କାରଣ । ଆମ ମତରେ ଏହା ଏକ ସୂକ୍ଷ୍ମତର ଆନ୍ତର ବିଶୃଙ୍ଖଳାର ବାହ୍ୟ ପରିପ୍ରକାଶ ମାତ୍ର । ଯଦି ତୁମେ ସେହି ବିଶୃଙ୍ଖଳିତ ଅଂଶଟିରେ ପହଞ୍ଚି ତା' ଉପରେ କାର୍ଯ୍ୟ ନ କରିପାର ତେବେ ତୁମେ ଅସୁସ୍ଥତାରୁ ମୁକ୍ତ ହୋଇ ପାରିବ ନାହିଁ କିଂବା ତା'ର ପୁନରାକ୍ରମଣକୁ ରୋକି ପାରିବ ନାହିଁ ।

– ଶ୍ରୀମା

# ଜାପାନରେ ଶ୍ରୀମାଙ୍କ ଆଗମନୀର
# ଶତବାର୍ଷିକୀ ସମ୍ବତ୍ସର ପାଳନ
## ଜ୍ୟୋତ୍ସ୍ନା ପଟ୍ଟନାୟକ

ଶହେ ବର୍ଷ ତଳେ ଜୁନ୍ ମାସ ୭ ତାରିଖ ୧୯୧୬ ମସିହାରେ ଦିବ୍ୟଜନନୀ ଶ୍ରୀମା ସୂର୍ଯ୍ୟୋଦୟର ଦେଶ ଜାପାନ (Nippon) ଭ୍ରମଣରେ ଯାଇଥିଲେ । ଏକ ବର୍ଷ ଜାପାନ ରାଜଧାନୀ ଟୋକିଓ ଓ ତିନିବର୍ଷ ତା'ର ସାଂସ୍କୃତିକ ରାଜଧାନୀ କିଓଟୋରେ ଅବସ୍ଥାନ କରିଥିଲେ । ୧୯୨୦ରେ ଶ୍ରୀଅରବିନ୍ଦ ଆଶ୍ରମରେ ଯୋଗଦେବା ପୂର୍ବରୁ ମା'ଙ୍କର ଏହି ଜାପାନଗସ୍ତ ବହନ କରିଥିଲା ତାଙ୍କ ଆତ୍ମାର ଅଦ୍ୱିତୀୟ ଯାତ୍ରାର ମହାନ୍ ସ୍ୱାକ୍ଷର । ଜୁନ୍ ୭ ତାରିଖ ୨୦୧୬ଠାରୁ ଜୁନ୍ ୬ ତାରିଖ ୨୦୧୭ ଯାଏଁ ମା'ଙ୍କ ଆଗମନୀର ଶତବାର୍ଷିକୀ ସମ୍ବତ୍ସର ପାଳନ ହେବା କଥା ସରକାରୀ କାର୍ଯ୍ୟରେ ଜାପାନ ଗସ୍ତରେ ଥିବା ମୋ ଜ୍ୱାଇଁ ସଂଯୋଗ, ଝିଅ ସୃଜନୀ ଓ ମୁଁ ଚିନ୍ତା କରୁଥିଲୁ କିପରି ଟୋକିଓରେ ଏହି ଉତ୍ସବ ପାଳିତ ହୋଇପାରିବ । ମଧୁମୟୀ ଜନନୀଙ୍କ ଅପାର କୃପା ବଳରେ ଟୋକିଓରେ ଶ୍ରୀମାଶ୍ରୀଅରବିନ୍ଦ ଦର୍ଶନ ସମ୍ବଳିତ ଏହି କାର୍ଯ୍ୟକ୍ରମ ମାର୍ଚ୍ଚ ୨୬ ତାରିଖ ୨୦୧୭ ମସିହାରେ ଆୟୋଜନ କରିବା ସମ୍ଭବପର ହୋଇପାରିଲା । ଉପର୍ଯ୍ୟୁକ୍ତ କାର୍ଯ୍ୟକ୍ରମ ସମ୍ପର୍କରେ ଦୁଇପଦ ଉଲ୍ଲେଖ କରିବା ପାଇଁ ଏହି କ୍ଷୁଦ୍ର ଲେଖାଟିର ଅବତାରଣା ।

ଜାପାନ ସମ୍ପର୍କରେ ଶ୍ରୀମା ଅନେକ ସୁନ୍ଦର ବିଷୟ ଉଲ୍ଲେଖ କରିଛନ୍ତି ଯାହାକୁ ପଢ଼ିଲେ ଅନ୍ତର ଆନନ୍ଦରେ ଭରିଉଠେ । ଜାପାନୀମାନଙ୍କ କଳାପ୍ରୀତି, ସୌନ୍ଦର୍ଯ୍ୟବୋଧ, ରୁଚିପୂର୍ଣ୍ଣ ଫୁଲସଜ୍ଜା, ଦେଶପ୍ରେମ, କର୍ମପ୍ରବଣତା, ଶିଶୁମାନଙ୍କ ପ୍ରତି ଆଦର, ଯତ୍ନ ଓ ସମ୍ମାନ, ମା'ମାନଙ୍କର ଗଭୀର କର୍ତ୍ତବ୍ୟବୋଧ, ପିଲାମାନଙ୍କ ମଧ୍ୟରେ ସାହସ, ଆତ୍ମବିଶ୍ୱାସ, ବିଦ୍ୟାନୁରାଗ ଓ ସୌନ୍ଦର୍ଯ୍ୟବୋଧ ସୃଷ୍ଟି କରିବା ଇତ୍ୟାଦି ସୁଗୁଣ ଯୋଗୁଁ କ୍ଷୁଦ୍ର ଜାପାନ ଦେଶକୁ ସମଗ୍ର ପୃଥିବୀରେ ଏକ ଅତି ଉନ୍ନତ ଓ ସମୃଦ୍ଧିଶାଳୀ ଦେଶରୂପେ ପରିଗଣିତ କରାଯାଇଛି ।

ଜାପାନ ଦେଶର ମୁଖ୍ୟ ଆକର୍ଷଣ ଚେରୀ ଫୁଲର ସ୍ୱର୍ଗୀୟ ସୌନ୍ଦର୍ଯ୍ୟ, ସୁମେଡ଼ା ନଦୀ, ବିଭିନ୍ନ ସୁଦୃଶ୍ୟ କେନାଲ । ପ୍ରାୟ ରାସ୍ତାଘାଟ ଉଭୟ ପାର୍ଶ୍ୱରେ ଅତ୍ୟନ୍ତ ଆକର୍ଷଣୀୟ ଭାବେ ଚେରୀ ବୃକ୍ଷରାଜି ରୋପିତ ହୋଇଛି । ଧଳା ଓ ଗୋଲାପୀ ରଙ୍ଗର ପୁଷ୍ପରାଜିରେ ଭରା ସମ୍ପୂର୍ଣ୍ଣ ପତ୍ରବିହୀନ ଏହି ବୃକ୍ଷଗୁଡ଼ିକର ବସନ୍ତକାଳୀନ ଦୃଶ୍ୟ ଅତୀବ ମନୋରମ । ଶ୍ରୀମା ତାଙ୍କ **''ଧ୍ୟାନ ଓ ପ୍ରାର୍ଥନା''** ପୁସ୍ତକଟିରେ ଚେରୀ ବୃକ୍ଷ ସମ୍ପର୍କରେ ଗଭୀର ଅର୍ଥବୋଧକ ସୁନ୍ଦର ପ୍ରାର୍ଥନାଟିଏ ଲେଖିଛନ୍ତି ଏପ୍ରିଲ ୭ ତାରିଖ ୧୯୧୭ ମସିହାରେ ଯେତେବେଳେ ସେ କିଓଟୋରେ ଅବସ୍ଥାନ କରୁଥିଲେ । ତାଙ୍କ ପ୍ରାର୍ଥନାଟି କବିତ୍ୱପୂର୍ଣ୍ଣ ଭାବ ଓ ଆତ୍ମାର ଉପଲବ୍ଧିରେ ଋଦ୍ଧିମନ୍ତ । ଚେରୀ ବୃକ୍ଷର ଆତ୍ମା ଓ ଚେରୀ ପୁଷ୍ପରାଜି ସହିତ ଏକାକାର ହୋଇ ସେ ଅନୁଭବ କରୁଛନ୍ତି ଯେପରି ସ୍ୱୟଂ ପରମେଶ୍ୱର ଏହି ପୁଷ୍ପ ସମ୍ଭାର ମାଧ୍ୟମରେ ନଭୋମଣ୍ଡଳ ଉଦ୍ଦେଶ୍ୟରେ ସୁନ୍ଦର ପ୍ରାର୍ଥନାଟିଏ ନିବେଦନ କରୁଛନ୍ତି ଏବଂ ଚେରୀବୃକ୍ଷର ଚେତନା, ଏକ ଗଭୀର ପ୍ରଶାନ୍ତି ଓ ଅତୁଳନୀୟ ଶକ୍ତିର ଧାରା ଯେପରି ତାଙ୍କ ଶିରାପ୍ରଶିରାରେ ପ୍ରବାହିତ ହେଉଛି ।

ସୃଜନୀ ଓ ସଂଯୋଗ (ଉଭୟେ ନୂଆଦିଲ୍ଲୀରେ ଆଡ଼ିସନାଲ୍ ଆୟକର କମିଶନର ରୂପେ ଅବସ୍ଥାପିତ) ଚେରୀଫୁଲର ଅପରୂପ ସୌନ୍ଦର୍ଯ୍ୟ ଉପଭୋଗ କରିବା ପାଇଁ ଆମକୁ ଟୋକିଓ ନିମନ୍ତ୍ରଣ କଲେ । ଜାପାନ ପରିଦର୍ଶନ କରିବା ପାଇଁ ମୋ ମନରେ ଅସୁମାରି ଆଗ୍ରହ ଉଙ୍କି ମାରୁଥିଲା, କିନ୍ତୁ ବହୁ ବାଧାବିଘ୍ନର ପ୍ରାଚୀର ଯଥା ସ୍ୱାମୀଙ୍କ ଅସୁସ୍ଥତା ଇତ୍ୟାଦି ସମ୍ମୁଖରେ ଦଣ୍ଡାୟମାନ ରହିଥିଲା । ଯାହା ହେଉ ମାର୍ଚ୍ଚ ୨୫ ତାରିଖ ୨୦୧୭ରେ ମୁଁ ଓ ମୋର ଅସୁସ୍ଥ ସ୍ୱାମୀ ଦିଲ୍ଲୀରୁ ଟୋକିଓ ଅଭିମୁଖେ ଯାତ୍ରା କଲୁ । ମୁଁ ସର୍ବଦା ମା'ଙ୍କୁ ଡାକି କହୁଥାଏ, ''ମା, ଆମେ ଅପଦାର୍ଥ, ଶକ୍ତିହୀନ, ନିର୍ବୋଧ, ଆମେ କିଛି ଜାଣିନୁ । ତୁମେହିଁ ଆମକୁ କାଖେଇ କୋଳେଇ ନେଇଯାଅ'' । ମା'ଙ୍କ ଅହେତୁକୀ କୃପା ବଳରେ ମାର୍ଚ୍ଚ ମାସ ୨୬ ତାରିଖର ସୁନ୍ଦର ସକାଳେ ଚକିତ ଓ ପୁଲକିତ ହୋଇ ଚାହିଁ ରହିଛୁ, ହଠାତ୍ ଦେଖିଲା ବେଳକୁ ଆମେ ଟୋକିଓରେ !

ସୃଜନୀ ଓ ସଂଯୋଗ ଶୁଣିବାକୁ ପାଇଲେ ଟୋକିଓସ୍ଥିତ ଭାରତ ଆବିଷ୍କାର ସମିତି (Discover India Club)

ତରଫରୁ ବିଶ୍ୱକବି ରବୀନ୍ଦ୍ରନାଥଙ୍କ ଜାପାନ ଆଗମନୀର ଶତବାର୍ଷିକୀ ଉତ୍ସବ ୨୦୧୭ ମସିହାରେ ପାଳିତ ହୋଇ ଯାଇଛି । (ଜାପାନର କାମାକୁରା ସହରର ବୁଦ୍ଧଙ୍କ ସବୁଜ ରଙ୍ଗର ପ୍ରସିଦ୍ଧ ବ୍ରୋଞ୍ଜ ମୂର୍ତ୍ତି ସମ୍ମୁଖରେ ମା, ତାଙ୍କ ସ୍ୱାମୀ ଓ ରବୀନ୍ଦ୍ରନାଥଙ୍କ ସହିତ ମିଳିତ ଗୋଟିଏ ଫଟୋ ଦେଖିବାକୁ ପାଇଲୁ ।) ସେହି କ୍ଲବର ନିର୍ଦ୍ଦେଶକ ଶ୍ରୀ ସାତୋସାନ୍‌ଙ୍କ ସହ ସେମାନେ ଯୋଗାଯୋଗ କରି ଶ୍ରୀମାଙ୍କ ଜାପାନ ଆଗମନୀର ଶତବାର୍ଷିକୀ ଉତ୍ସବ ପାଳନ କରିବା ପାଇଁ ଅନୁରୋଧ କଲେ । ଶ୍ରୀଯୁକ୍ତ ସାତୋ ସଙ୍ଗେ ସଙ୍ଗେ ଆନନ୍ଦରେ ସମ୍ମତି ପ୍ରଦାନ କଲେ; ନେଟ୍‌ରୁ ମା'ଙ୍କ ଜୀବନୀ ଓ କାର୍ଯ୍ୟାବଳୀ ସମ୍ପର୍କରେ ତଥ୍ୟ ସଂଗ୍ରହ କରି ସୃଜନୀ କ୍ଷୁଦ୍ର ପ୍ରବନ୍ଧଟିଏ ଇ-ମେଲ୍ ମାଧ୍ୟମରେ କ୍ଲବର ସଭ୍ୟସଭ୍ୟାମାନଙ୍କୁ ପ୍ରେରଣ କଲା । ଉପର୍ଯ୍ୟୁକ୍ତ ଉତ୍ସବରେ ଅତିଥି ହିସାବରେ ଆଶ୍ରମରୁ ବିଶିଷ୍ଟ ସାଧକମାନଙ୍କୁ ନିମନ୍ତ୍ରଣ କରିବା ପାଇଁ ବିଚାର କରୁଥିଲୁ, କିନ୍ତୁ ତାହା ସମ୍ଭବ ହୋଇପାରିଲା ନାହିଁ । କ୍ଲବର ନିର୍ଦ୍ଦେଶକ ଜାଣିବାକୁ ପାଇଲେ ଶ୍ରୀଅରବିନ୍ଦଙ୍କ ରଚନାବଳୀ ଉପରେ ମୁଁ ପିଏଚ୍. ଡି. ଡିଗ୍ରୀ ହାସଲ କରିଛି । ତେଣୁ ସେ ମୋର ନାମ ମୁଖ୍ୟ ଅତିଥି ଓ ସୃଜନୀର ନାମ ସମ୍ମାନିତ ଅତିଥି ଭାବେ ରଖି କାର୍ଯ୍ୟକ୍ରମ ପ୍ରସ୍ତୁତ କରିଦେଲେ : ମାର୍ଚ୍ଚ ୨୬ ତାରିଖ (ରବିବାର) ଅପରାହ୍ଣ ତିନିଟା ସମୟରେ କ୍ଲବ ପରିସର ମଧ୍ୟରେ ସମ୍ବତ୍ସର ଉତ୍ସବ ପାଳିତ ହେବ । ଦୁଇଟି ନିବନ୍ଧ ଲେଖି ପଠାଇବା ପାଇଁ ସେ ଆମକୁ ଅନୁରୋଧ କଲେ । ସୃଜନୀ ''The Mother and Japan'' ଓ ମୁଁ ''The Mother's Vision and the New Age'' ଶୀର୍ଷକ ପ୍ରବନ୍ଧ ପ୍ରସ୍ତୁତ କରି ପଠାଇଲୁ । ସେଗୁଡ଼ିକ ପଢ଼ି ଶ୍ରୀଯୁକ୍ତ ସାତୋ ବହୁତ ଖୁସି ହେଲେ ।

ମାର୍ଚ୍ଚ ୨୬ ତାରିଖ ଠିକ୍ ୩ଟା (ଅପରାହ୍ଣ)ରେ ସଭା କାର୍ଯ୍ୟ ଆରମ୍ଭ ହେଲା । କ୍ଲବର ନିର୍ଦ୍ଦେଶକ ଶୁଦ୍ଧ ହିନ୍ଦୀ ଭାଷାରେ ଚମତ୍କାର ସ୍ୱାଗତ ଭାଷଣ ପ୍ରଦାନ କଲେ । ଏହି ଆଲୋଚନାଚକ୍ରରେ ପ୍ରବନ୍ଧ ଦୁଇଟି ପଠନ ପରେ ମା'ଙ୍କ ଜୀବନୀ ଓ କାର୍ଯ୍ୟାବଳୀ, ଜାପାନ ସମ୍ପର୍କରେ ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ଦର୍ଶନ ଇତ୍ୟାଦି ବିଷୟ ଆଲୋଚନାର ପରିସର ମଧ୍ୟକୁ ଆସିଥିଲା ।

ଶ୍ରୀଯୁକ୍ତ ସାତୋ ପ୍ରଶ୍ନ କରିଥିଲେ : ''ଭାରତଠାରୁ ଜାପାନୀମାନେ କେଉଁ ବିଷୟ ଶିକ୍ଷା କରିପାରିବେ ସେ ସମ୍ପର୍କରେ ଆମକୁ କିଛି କୁହନ୍ତୁ ।''

ଜାପାନୀମାନଙ୍କର ନମ୍ରତା ଓ ଜିଜ୍ଞାସା ଆମକୁ ମୁଗ୍ଧ କରିଥିଲା । ଯଥାର୍ଥ ଉତ୍ତର ରଖିବାକୁ ଯଥାସାଧ୍ୟ ପ୍ରୟାସ କରିଥିଲୁ ।

ଉତ୍ତର : ଭାରତୀୟ ସଂସ୍କୃତିର ମୁଖ୍ୟ ବିଷୟବସ୍ତୁ ହେଲା ଆଧ୍ୟାତ୍ମିକତା (spirituality) । ଏ ସମ୍ପର୍କରେ ମା'ଙ୍କ ଦୃଢ଼ୋକ୍ତି ପ୍ରଣିଧାନଯୋଗ୍ୟ : ''ଭାରତ ସମସ୍ତ ଜଗତର ଗୁରୁ । ପୃଥିବୀର ଭବିଷ୍ୟତ୍ ରୂପରେଖ ଭାରତ ଉପରେ ନିର୍ଭର କରେ । ଭାରତହିଁ ଜୀବନ୍ତ ଆତ୍ମା, ଭାରତ ସମଗ୍ର ଜଗତରେ ଆଧ୍ୟାତ୍ମିକ ଜ୍ଞାନ ଉତାରି ଆଣିଛି ।''

ଭାରତର ଆଧ୍ୟାତ୍ମିକ ଜ୍ଞାନ ସଂସାର ଓ ଜୀବନକୁ ପରିତ୍ୟାଗ ନକରି ତାହାକୁ ସୁନ୍ଦର ଓ ପରିପୂର୍ଣ୍ଣ କରି ଗଢ଼ି ତୋଳିବା । ଏହି ଜ୍ଞାନ ମନ, ପ୍ରାଣ, ଶରୀର, ଅହଂ ଓ ଅହଂକାରର ସମସ୍ତ ସଂକୀର୍ଣ୍ଣତାର ଊର୍ଦ୍ଧ୍ୱରେ ସ୍ଥିତ ଏକ ସୁନ୍ଦର, ସମ୍ବେଦନଶୀଳ ବିଶ୍ୱଗତ ଚେତନା ।

ଅହଂ ଓ ସ୍ୱାର୍ଥର ଊର୍ଦ୍ଧ୍ୱରେ ଅଧିଷ୍ଠିତ ଆଧ୍ୟାତ୍ମିକ ଚେତନାର ସ୍ୱାକ୍ଷର ବହନ କରୁଥିବା ଲିଓ ଟଲ୍‌ଷ୍ଟୟଙ୍କର ଏକ କାହାଣୀ ମନେପଡ଼େ –

ବର୍ଷାଜଳର ଧାରଟିଏ ବହିଯାଉଛି । ଦୁଇଟି ଛୋଟ ବାଳିକା ବର୍ଷାଜଳ ଧାରର ଉଭୟ ପାର୍ଶ୍ୱରେ ହସି ହସି ଦୌଡ଼ୁଛନ୍ତି । ଜନ୍ମଦିନରେ ଜଣେ ନୂଆ ଫ୍ରକ୍‌ଟିଏ ପିନ୍ଧିଛି । ଅନ୍ୟ ଜଣକ ଭୁଲ୍‌ବଶତଃ ତା' ଉପରେ କାଦୁଅ ପାଣିର ଛିଟିକା ପକାଇ ଦେଇଛି । ପ୍ରଥମ ଝିଅଟି ଉଚ୍ଚସ୍ୱରରେ କାନ୍ଦିଉଠିବା ଫଳରେ ସେମାନଙ୍କ ମା'ମାନେ ଦୌଡ଼ି ଆସି ଝଗଡ଼ା ଆରମ୍ଭ କରି ଦେଇଛନ୍ତି । ଆଖପାଖର ବ୍ୟକ୍ତିମାନେ କନ୍ଦଳରେ ଭାଗ ମଧ୍ୟ ନେଇଛନ୍ତି । ଏହି ଅଶାନ୍ତ ପରିବେଶ ମଧ୍ୟରେ କିଛି ସମୟ ପରେ ଦେଖାଯାଇଛି ପିଲା ଦୁଇଟି ପୁଣି ଜଳଧାରର ଦୁଇ ପାଖରେ ହସି ହସି ଖେଳରେ ମାତିଛନ୍ତି । ମାତ୍ର ଅନ୍ୟମାନେ ପୂର୍ବପରି ଝଗଡ଼ାରେ ବ୍ୟାପୃତ ! ଏହି ସରଳ ନିଷ୍ପାପ ବାଳିକା ଦୁଇଟି ସତରେ କି ସୁନ୍ଦର ଆଧ୍ୟାତ୍ମିକ ଚେତନାରେ ପରିପୁଷ୍ଟ !

ଜର୍ମାନୀ ଦାର୍ଶନିକ ମାକ୍ସ ମୁଲର୍ (Max Mueller) ଭାରତବର୍ଷର ଉତ୍କର୍ଷତାର ଉଚ୍ଛ୍ୱସିତ ପ୍ରଶଂସା କରି ତାକୁ ଏକ ଭୂସ୍ୱର୍ଗ ରୂପେ ବର୍ଣ୍ଣନା କରିଛନ୍ତି :

''If I were to look over the whole world to find out the country which is most richly endowed with all the wealth, power and

beauty, in some parts a very paradise upon the earth, I would point to India.''

ଶ୍ରୀଅରବିନ୍ଦ ଉଦାତ୍ତ କଣ୍ଠରେ ଭାରତର ଗୌରବ ଗାନ କରି କହିଛନ୍ତି ଯେ ଭାରତ ହେଉଛି : ''ଜ୍ଞାନ, ପ୍ରେମ ଓ ଶକ୍ତିର ଆଧାର'', ''ବଳଶାଳୀ ପରାକ୍ରମୀ ଉନ୍ନତଚେତା ଆର୍ଯ୍ୟଜାତି'', ''ଜଗତଶ୍ରେଷ୍ଠ ଭାରତଜାତି'', ''ସମଗ୍ର ବିଶ୍ୱର ଭାର ସ୍କନ୍ଧରେ ବହନ କରି ଭାରତ ଜନନୀ ଉଠୁଅଛି''। ଭାରତର ଆଧ୍ୟାତ୍ମିକ ଜ୍ଞାନ ସମଗ୍ର ବିଶ୍ୱରେ ବିରଳ ଯାହା ବିଶ୍ୱବାସୀ ଭାରତଠାରୁ ଶିକ୍ଷା କରିପାରନ୍ତି ।

ଆତ୍ମା ବା ଚୈତ୍ୟପୁରୁଷ (ଶ୍ରୀଅରବିନ୍ଦ ଯାହାକୁ ସତ୍ତାର ଚତୁର୍ଥଭୂମି ବା 4th dimension ବୋଲି କହିଛନ୍ତି) ହେଲା ମନୁଷ୍ୟର ଅସଲ ସ୍ୱରୂପ, ଦିବ୍ୟ-ଭଗବତ୍ ଅଂଶ ଯାହା ଆମ ଭିତରର ସମସ୍ତ ଶକ୍ତି, ସାମର୍ଥ୍ୟ, ଜ୍ଞାନ, ସୌନ୍ଦର୍ଯ୍ୟ, ସଂଗତି ଓ ଆନନ୍ଦର ଚିରନ୍ତନ ଉତ୍ସ । ଯେପରି ଭାସମାନ ତୁଷାର ଗିରି (iceberg)ର ଦଶ ପ୍ରତିଶତ ବାହାରକୁ ଦୃଶ୍ୟମାନ୍ ହେଉଥାଏ ଓ ନବେ ପ୍ରତିଶତ ଜଳ ଭିତରେ ବୁଡ଼ି ରହିଥାଏ, ସେହିପରି ଆମ ଅନ୍ତରାତ୍ମା ବା ଚୈତ୍ୟପୁରୁଷ ତାଙ୍କର ସମସ୍ତ ବୈଭବ ସହ ଆମ ଅନ୍ତରରେ ଲୁକ୍କାୟିତ ଭାବେ ରହିଛନ୍ତି । ଏହା ମାଧ୍ୟମରେ ମନୁଷ୍ୟ ସମସ୍ତଙ୍କ ମଧ୍ୟରେ ଏକ ଆତ୍ମାକୁ ସନ୍ଦର୍ଶନ କରିଥାଏ ।

ଭାରତର ଆଧ୍ୟାତ୍ମିକ ଜ୍ଞାନ ବଳରେ ସେ ସର୍ବତ୍ର ସତ୍ୟ, ଶାନ୍ତି ଓ ସଂଗତିର ପତାକା ଉଡ଼ାଇ ମାନବୈକ୍ୟ ଓ ସାର୍ବଜନୀନ ଭ୍ରାତୃତ୍ୱକୁ ସୁନ୍ଦର ରୂପରେଖ ଦେଇପାରେ । ଏହି ଜ୍ଞାନର ମୂଳମନ୍ତ୍ର ''ବସୁଧୈବ କୁଟୁମ୍ବକମ୍'' (ସମଗ୍ର ବିଶ୍ୱ ଏକ ପରିବାରଭୁକ୍ତ) ମଧ୍ୟରେହିଁ ରହିଛି ସମଗ୍ର ମାନବସମାଜର ସମସ୍ତ ସମସ୍ୟାର ସମାଧାନର ସୂତ୍ର ।

ସମସ୍ତ ଆଧ୍ୟାତ୍ମିକ ମୂଲ୍ୟବୋଧର ମନ୍ଦାକିନୀଧାରା ଏହି ଭାରତ ଜାତିର ଶିରାପ୍ରଶିରାରେ ପ୍ରବାହିତ । ମା'ଙ୍କ ଭାଷାରେ, ''ଆଧ୍ୟାତ୍ମିକ ମୂଲ୍ୟବୋଧ ପ୍ରତି ସମ୍ମାନ, ଆନୁଗତ୍ୟ ଏହି ଜାତି ମଧ୍ୟରେ ଅନ୍ତର୍ନିହିତ ହୋଇ ରହିଛି ।'' ବିଡ଼ମ୍ବନା ଏହି ଯେ ଆମ ସଂସ୍କୃତି, ପରମ୍ପରା, ଜ୍ଞାନ ଓ ମୂଲ୍ୟବୋଧକୁ ଆମେ ଭୁଲିଯାଇଛୁ, ନିଜକୁ ଭୁଲିଛୁ ଓ ପତନ ମାର୍ଗରେ ପାଦ ଥାପିଛୁ । ଏହି ପରିପ୍ରେକ୍ଷୀରେ ସ୍ୱାମୀ ବିବେକାନନ୍ଦଙ୍କ ବାଣୀ ପ୍ରଣିଧାନଯୋଗ୍ୟ : ''ଉତ୍ତିଷ୍ଠତ ଜାଗ୍ରତ'' ।

ପ୍ରଶାନ୍ତିର ଭୂଖଣ୍ଡ ଭାରତବର୍ଷର ଇତିହାସ ପରଖିଲେ ଜାଣିହୁଏ ଭାରତ କୌଣସି ଦେଶ ବିରୋଧରେ କସ୍ମିନ୍‌କାଳେ ଯୁଦ୍ଧଘୋଷଣା କରି ନାହିଁ । ଯଦି କୌଣସି ପରିସ୍ଥିତିରେ ସେ ଯୁଦ୍ଧାସ୍ତ୍ର ଧାରଣ କରିଛି, ତାହା କେବଳ ଆତ୍ମ-ରକ୍ଷା ପାଇଁ ଉଦ୍ଦିଷ୍ଟ । ଇଂଲଣ୍ଡରେ ଚଉଦବର୍ଷ ରହଣି ପରେ ୧୮୯୩ ମସିହାରେ ଶ୍ରୀଅରବିନ୍ଦ ଯେତେବେଳେ ଭାରତ ଅଭିମୁଖେ ଯାତ୍ରା କରନ୍ତି ସୁ-ଉଚ୍ଚ ତୁଷାରାଚ୍ଛନ୍ନ ହିମାଳୟ ପର୍ବତମାଳା ଓ କଳକଳ ନାଦରେ ଦକ୍ଷିଣ ସାଗର ଦିଗେ ପ୍ରବାହିତ ଗଙ୍ଗାମାତାଙ୍କ ଆହ୍ୱାନକୁ ଏଡ଼ାଇ ନପାରି, ବମ୍ବେର ଆପୋଲୋ ବନ୍ଦରରେ ପଦାର୍ପଣ କଲାମାତ୍ରେ ସେ ଅନୁଭବ କରନ୍ତି ତାଙ୍କ ସତ୍ତା ମଧ୍ୟରେ ଏକ ଗଭୀର ପ୍ରଶାନ୍ତି ଓ ନିଶ୍ଚଳତାର ଜ୍ୟୋତିଃ ଅବତରଣ କରିଛି, ଯାହା ସାରାଜୀବନ ତାଙ୍କର ସାଥୀ ହୋଇ ରହିଛି । ଶ୍ରୀଅରବିନ୍ଦଙ୍କ ସହ ସାକ୍ଷାତ୍‌ବେଳେ ଶ୍ରୀ ରବୀନ୍ଦ୍ରନାଥ ତାଙ୍କ ଚକ୍ଷୁ ଯୁଗଳରେ ଏହି ପ୍ରଶାନ୍ତି ଓ ଜ୍ୟୋତିଃର ଉଭାସକୁ ଦେଖିବାକୁ ପାଇଛନ୍ତି ଓ ସ୍ପଷ୍ଟ ବୁଝିଛନ୍ତି ଏହି ମହାପୁରୁଷହିଁ ମାନବସମାଜର ଦିବ୍ୟନିୟତିର ଦ୍ରଷ୍ଟା ଓ ସ୍ରଷ୍ଟା । ଏକ ସୁନ୍ଦର କବିତାଟିଏ ତାଙ୍କ ଉଦ୍ଦେଶ୍ୟରେ ରଚନା କରି ସେ ଲେଖିଛନ୍ତି : ''ହେ ଅରବିନ୍ଦ ! ରବୀନ୍ଦ୍ରର ଘେନ ପ୍ରଣାମ !'' ଭାରତର ମୁନିଋଷି ଓ ଯୋଗେଶ୍ୱର ଶ୍ରୀଅରବିନ୍ଦଙ୍କଠାରୁ ସମଗ୍ର ମାନବସମାଜ ଏହି ପ୍ରଶାନ୍ତି ଓ 'ସ୍ଥିତପ୍ରଜ୍ଞ'ଭାବ ଶିକ୍ଷା କରିପାରନ୍ତି ଯାହା ସେମାନଙ୍କୁ ତାଙ୍କ ମାନସିକ ଚାପ ଓ ଦୁଃଖଯନ୍ତ୍ରଣାରୁ ମୁକ୍ତ କରି ପ୍ରଶାନ୍ତ ଓ ନିରାମୟ ରଖି ପାରିବ ।

ଭାରତର ଆଧ୍ୟାତ୍ମିକ ପରମ୍ପରାରେ ସମର୍ପଣ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥାଏ । **ଗୀତା**ରେ ସମର୍ପଣ ସମ୍ପର୍କରେ ଉଲ୍ଲେଖ ରହିଛି :

''ସର୍ବଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ,
ଅହଂତ୍ୱାଂ ସର୍ବ ପାପେଭ୍ୟୋ ମୋକ୍ଷୟିଷ୍ୟାମି ମା ଶୁଚଃ ।''
(ଅଷ୍ଟାଦଶ ଅଧ୍ୟାୟ, ଶ୍ଳୋକ - *୬୬*)

ସମର୍ପଣର ମଧୁର ଅନୁଭୂତି ଭାରତୀୟ ଆଧ୍ୟାତ୍ମିକ ପରମ୍ପରାରୁ ବିଦେଶୀମାନେ ସାଉଁଟି ପାରନ୍ତି । ପାଶ୍ଚାତ୍ୟ ଦେଶରେ ବ୍ୟକ୍ତିକୈନ୍ଦ୍ରିକଭାବ (individualism) ସର୍ବଦା ବଜାୟ ରଖିବାକୁ ଶୈଶବକାଳରୁ ପିଲାମାନଙ୍କୁ ତାଲିମ ଦିଆ ଯାଇଥାଏ । ସମର୍ପଣ ଦ୍ୱାରା ମନୁଷ୍ୟର ବ୍ୟକ୍ତିତ୍ୱ (individuality) ହ୍ରାସ ହୋଇଥାଏ ବୋଲି ସେମାନଙ୍କର ବଦ୍ଧମୂଳ ଧାରଣା । ମା କୁହନ୍ତି, ବ୍ୟକ୍ତି ପ୍ରଥମେ ବ୍ୟକ୍ତିତ୍ୱର ବିକାଶ ଲାଭ କଲାପରେ ନିଜକୁ ଉଚ୍ଚତମ ସତ୍ତା ନିକଟରେ ସମର୍ପିତ କରିଥାଏ । ସମର୍ପଣ ଦ୍ୱାରା ବ୍ୟକ୍ତିତ୍ୱ

ବ୍ୟାହତ ହୁଏ ନାହିଁ, ବରଂ ଏହା ଦିବ୍ୟଜ୍ୟୋତିଃର ଉଦ୍ଭାସରେ ଜ୍ୟୋତିର୍ମୟ ହୋଇଉଠେ । ଯେପରି ଏକ କ୍ଷୁଦ୍ର ଜଳବିନ୍ଦୁର ଅସ୍ତିତ୍ୱ ବିରାଟ ବିଶ୍ୱରେ ହଜିଯାଇଥାଏ, କିନ୍ତୁ ସାଗର ସହିତ ମିଳିତ ହେଲେ ତାହା ସାଗରର ମହାନତା (immensity)କୁ ପ୍ରାପ୍ତ କରିଥାଏ । ସମର୍ପଣ ଦ୍ୱାରା ଭକ୍ତି, ଭରସା ଓ ଆତ୍ମବିଶ୍ୱାସ ବୃଦ୍ଧି ହୋଇଥାଏ । ବ୍ୟକ୍ତି ମାନସିକ ଦୁଶ୍ଚିନ୍ତା ଓ ଅହମିକାରୁ ମୁକ୍ତ ହୋଇଥାଏ । କର୍ମକୁ ଅର୍ପଣ କରିବା ଦ୍ୱାରା କର୍ମଜନିତ କ୍ଲାନ୍ତି ଦୂର ହୋଇଥାଏ । ମା'ଙ୍କ ବାଣୀ ଏଠାରେ ଉଦ୍ଧୃତ କରାଯାଇପାରେ : "The best way to work without getting tired is to offer the work you do (whatever work it is) to the Divine..."

(CWM, Vol. 14, p. 315)

'ପୂର୍ଣ୍ଣଯୋଗ'ରେ ମନୁଷ୍ୟର ସମଗ୍ର ସତ୍ତା ସମର୍ପିତ ହୋଇଥାଏ ଭଗବାନଙ୍କ ନିକଟରେ । ସମସ୍ତ ଭାବନା, ଗତିବୃତ୍ତି, ବୋଧ, ଉପଲବ୍ଧି, ଚରିତ୍ର ଓ କର୍ମସକଳ, ଏପରିକି ସମସ୍ତ ବାହ୍ୟ କ୍ରିୟା ଯଥା ଭୋଜନ, ସ୍ନାନ ଇତ୍ୟାଦି ମା'ଙ୍କୁ ସାଥିରେ ନେଇ କରିବାକୁ ହୁଏ । ସେତେବେଳେ ମା'ଙ୍କ ଭାଷାରେ, ''ଆମ ସତ୍ତାରେ ବିଭେଦ ପରିବର୍ତ୍ତେ ଆସିଥାଏ ଐକ୍ୟ ଭାବ ଓ ସର୍ବାଙ୍ଗୀଣ ରୂପାନ୍ତର'' ।

ମନ, ପ୍ରାଣ, ଶରୀର ଓ ଆତ୍ମାର ସଙ୍ଗତି ଭାରତୀୟ ସଂସ୍କୃତିରେ ଅନ୍ତର୍ନିହିତ ହୋଇ ରହିଛି । ଶ୍ରୀଅରବିନ୍ଦ ସ୍ୱରଚିତ 'Foundations of Indian Culture' ପୁସ୍ତକରେ ଉଲ୍ଲେଖ କରିଛନ୍ତି : ''Greatness of a culture depends upon the extent to which harmony is struck between the body, mind and spirit and Indian culture knows the key to this kind of harmony.''

ସତ୍ତାର ସଙ୍ଗତି ହାସଲ କରିବାର କଳା ବିଦେଶୀମାନେ ଭାରତଠାରୁ ଶିକ୍ଷା କରିପାରନ୍ତି । ମନ, ପ୍ରାଣ, ଶରୀର ଓ ଆତ୍ମାର ସଙ୍ଗତି ଲାଭ କରିବାରେହିଁ ରହିଛି ବ୍ୟକ୍ତି ଜୀବନର ସାର୍ଥକତା ଓ ମାନବସମାଜର ମୁକ୍ତି । ନିୟମିତ ଯୋଗାସନ, ସଚେତନତାର ଅଭ୍ୟାସ, ଆସ୍ପୃହା, ପ୍ରତ୍ୟାଖ୍ୟାନ ଓ ସମର୍ପଣ ଦ୍ୱାରା ମାନବ ନିଜସତ୍ତାରେ ସଙ୍ଗତି ଲାଭ କରିପାରେ ।

ମିଃ ସାତୋ – ସତ୍ତାର ଚତୁର୍ଥ ଭୂମି ବା Fourth dimension ଲାଭ କରିବା ଅତ୍ୟନ୍ତ ଦୁରୂହ ବ୍ୟାପାର ମନେ ହେଉଛି ।

ଉତ୍ତର : ହଁ, ଏହି କାର୍ଯ୍ୟ ଅତ୍ୟନ୍ତ ଦୁରୂହ ନିଶ୍ଚୟ । କିନ୍ତୁ କଥାରେ ଅଛି, କଷ୍ଟ କଲେ କୃଷ୍ଣ ମିଳନ୍ତି । ବ୍ୟକ୍ତିଗତ ପ୍ରୟାସ, ନିଷ୍ଠା ଓ ଭଗବତ୍ କୃପା ଦ୍ୱାରା ଏହା ସହଜ ହୋଇଥାଏ ।

ଶ୍ରୀମା ଶ୍ରୀଅରବିନ୍ଦଙ୍କ ମତରେ ମନୁଷ୍ୟ ଏକ କ୍ଷୁଦ୍ରଜୀବ ବା ମେଷ ଶାବକ ନୁହେଁ ସେ ସିଂହଛୁଆ । ତା' ଭିତରେ ଦେବତ୍ୱର ଅସୀମ ସମ୍ଭାବନା ସକଳ ଲୁକ୍କାୟିତ ହୋଇ ରହିଛି । ସଂକୀର୍ଣ୍ଣ ଚେତନାରୁ ଉନ୍ନୀତ ହୋଇ ସେ ଆକାଶ ଓ ସାଗର ଭଳି ନିଜକୁ ସଂପ୍ରସାରିତ କରିପାରେ ଓ ଆତ୍ମଜ୍ଞାନ ଲାଭ କରିପାରେ ।

ଶ୍ରୀଅରବିନ୍ଦ କୌଣସି ନୂତନ ଧର୍ମର ପ୍ରତିଷ୍ଠାପାଇଁ ପ୍ରୟାସ କରି ନାହାନ୍ତି । ତାଙ୍କର ମୁଖ୍ୟ ଉଦ୍ଦେଶ୍ୟ ମନୁଷ୍ୟର ଅନ୍ତଶ୍ଚେତନାର ଅଗ୍ରଗତି (inner self-development) ଓ ମାନୁଷୀ ପ୍ରକୃତିର ରୂପାନ୍ତର । ଅନ୍ୟାନ୍ୟ ଯୋଗ ଆତ୍ମାର ଉପଲବ୍ଧିରେ ଶେଷ ହୋଇଥାଏ ମାତ୍ର ଶ୍ରୀଅରବିନ୍ଦଙ୍କ ଯୋଗରେ ଆତ୍ମଜ୍ଞାନ ଲାଭ ପରେହିଁ ମନ, ପ୍ରାଣ, ଶରୀରକୁ ଅତିମାନସ ଶକ୍ତିଦ୍ୱାରା ଦିବ୍ୟ ଚିନ୍ମୟ ତତ୍ତ୍ୱରେ ରୂପାନ୍ତରିତ କରାଯାଏ । ଯେପରି କଦାକାର ଶଅଁବାଳୁଆ ଏକ ସୁନ୍ଦର ପ୍ରଜାପତିରେ ରୂପାନ୍ତରିତ ହୋଇଥାଏ । ଦିବ୍ୟଜନନୀ ଶ୍ରୀମାଙ୍କର ଏହି ଧରାଧାମରେ ଅବତରଣ ଯୋଗୁଁହିଁ ଏହି ଦୁରୂହ ରୂପାନ୍ତର କାର୍ଯ୍ୟ ଆଜି ସହଜସାଧ୍ୟ ହୋଇଛି । ଭଗବାନ୍ ଓ ମନୁଷ୍ୟ ମଧ୍ୟରେ ଯେଉଁ ଦିବ୍ୟ-ସେତୁ ନିର୍ମିତ ହୋଇଛି ମା'ହିଁ ତା'ର ମୁଖ୍ୟ ବିନ୍ଧାଣି, ଆମର ଭୂମିକା କେବଳ କ୍ଷୁଦ୍ର ଗୁଣ୍ଡୁଚି ମୂଷାର ଭୂମିକା !

ସଭାସାଙ୍ଗ ହେଲାପରେ ଏକ ନୈଶ ଭୋଜିରେ ଆମେ ଯୋଗ ଦେଇଥିଲୁ । ଟୋକିଓର ''ଭାରତ ଅନ୍ୱେଷଣ'' କ୍ଲବର ନିର୍ଦ୍ଦେଶକ ଶ୍ରୀଯୁକ୍ତ ସାତୋ ଓ ସମସ୍ତ ସଦସ୍ୟ ସଦସ୍ୟାମାନଙ୍କୁ ଆମ ଅନ୍ତରର ଗଭୀର କୃତଜ୍ଞତା ଜଣାଇଥିଲୁ । ମଧୁମୟୀ ଜନନୀଙ୍କ ଏ ଅଧମ ପ୍ରତି ଅହେତୁକୀ କୃପା ପାଇଁ ମନେ ମନେ ଅଶେଷ କୃତଜ୍ଞତା ଜଣାଉଥାଏ । ଦିବ୍ୟଜନନୀଙ୍କର ଜୟ ହେଉ ! ବନ୍ଦେ ମାତରଂ । ❑

# ଗଙ୍ଗାଧର

## (୫)

୧୯୪୫ ଆଡ଼କୁ ଗଙ୍ଗାଧରଙ୍କୁ ଘର ପରିବର୍ତ୍ତନ କରିବାକୁ ହେଲା – ଏଥର ତାଙ୍କୁ ନାନ୍‌ତାଇ ବାସଭବନର ଗୋଟିଏ କୋଠରି ମିଳିଥିଲା । ଏହି ବାସଭବନଟି ଆଶ୍ରମ ପ୍ଲେ-ଗ୍ରାଉଣ୍ଡର ପୂର୍ବପଟ ସାମନା ରାସ୍ତାର ଠିକ୍ ବିପରୀତ ପାର୍ଶ୍ୱରେ ଅବସ୍ଥିତ ଦ୍ୱିତଳ ପ୍ରାସାଦ । ଆମର ଅତୀତର କଳା, ସଂସ୍କୃତି ଓ ଭାସ୍କର୍ଯ୍ୟର ଏକ ନିଖୁଣ ନିଦର୍ଶନ ସ୍ୱରୂପ ସୁନ୍ଦର, ସମ୍ଭ୍ରାନ୍ତ, ଗରିମାମୟ, ପ୍ରଶସ୍ତ, ପୁରାତନ ପ୍ରାସାଦ : 'ନାନ୍‌ତାଇ ହାଉସ୍' । ଏହାର ଏକ କ୍ଷୁଦ୍ର କୋଠରିରେ ଗଙ୍ଗାଧର ରହିଲେ ।

ଏହି ପ୍ରାସାଦଟିର ନିଜସ୍ୱ ଇତିହାସ ଏବଂ ଏକ ବେଶ୍ ଚିତ୍ତାକର୍ଷକ କାହାଣୀ ରହିଛି । ଏହା ଅନେକ ରାଜନ୍ୟବର୍ଗଙ୍କୁ ଆଶ୍ରୟ ଦେଇଛି । ଅତୀତରେ ଶ୍ରୀମାଙ୍କର ଜଣେ ଆମେରିକୀୟ ସନ୍ତାନ 'ନିଷ୍ଠା' ଏଠାରେ ତାଙ୍କ ଜୀବନର ଅନ୍ତିମ ମୁହୂର୍ତ୍ତ ପର୍ଯ୍ୟନ୍ତ ବାସ କରିଥିଲେ । ସେ ଥିଲେ ତତ୍‌କାଳୀନ USAର ପ୍ରେସିଡେଣ୍ଟ ଉଇଲସନ୍‌ଙ୍କର କନ୍ୟା; ପ୍ରକୃତରେ ସେ ଥିଲେ ଏକ ଅସାଧାରଣ ନାରୀ । ମାରାତ୍ମକ ରୋଗ-ଯନ୍ତ୍ରଣାରେ ମର୍ମନ୍ତୁଦ ଭାବରେ କଷ୍ଟ ଭୋଗୁଥିବା ବେଳେ ସେ ସର୍ବୋତ୍କୃଷ୍ଟ ଚିକିତ୍ସା ସକାଶେ ତାଙ୍କର ଇଚ୍ଛାନୁସାରେ ପୃଥିବୀର ଯେକୌଣସି ପ୍ରାନ୍ତକୁ ଯାଇ ପାରିଥା'ନ୍ତେ । ସେ କିନ୍ତୁ ଏଇଠିହିଁ ଶାନ୍ତ ଭାବରେ ରହିଥିଲେ ଏବଂ କହୁଥିଲେ : 'ସେସବୁ ଜାଗାକୁ ଗଲେ ସେମାନେ ମୋର ଶରୀରର ବେଶ୍ ଯତ୍ନ ନିଅନ୍ତେ ସତ, କିନ୍ତୁ ମୋ ଆତ୍ମାର ଯତ୍ନ ସେଠାରେ କିଏ ନେବ ?'

ଏହାଙ୍କ ପରେ ଏହି ବାସଭବନରେ ବାସ କଲେ ହାଇଦର୍ ଅଲ୍ଲୀ – ପୁରାତନ ହାଇଦରାବାଦ ପ୍ରଦେଶର ନିଜାମ ରାଜ ପରିବାରର ବିଶିଷ୍ଟ ଗଣ୍ୟମାନ୍ୟ ବ୍ୟକ୍ତି । ତାଙ୍କ ସହିତ ଥିଲେ ତାଙ୍କର ସହଧର୍ମିଣୀ ଫରାସୀ-କନ୍ୟା ଏଲିସ୍, କନ୍ୟା ବିଲ୍‌କି ଓ ପୁତ୍ର ଅଦିଲ୍ ଏବଂ ତା'ର ଦୁଇଟି ପୋଷା କୁକୁର ।

ତା'ପରେ ଆସିଲେ ବେଙ୍ଗଲରୁ ସସ୍ତ୍ରୀକ ଶ୍ରୀଯୁକ୍ତ ସନତ୍ କୁମାର ବାନାର୍ଜୀ, ବ୍ରିଟିଶ-ଭାରତରୁ ଫରାସୀ ଭାରତକୁ ନିର୍ବାଚିତ ପୂର୍ବତନ-କନ୍‌ସୁଲ୍ ଜେନେରାଲ୍ । ଏହି ବାସଭବନରେ ତାଙ୍କର ତିରୋଧାନ ପରେ ମଧ୍ୟ ସମ୍ଭ୍ରାନ୍ତ ବଂଶଜା ତାଙ୍କର ସହଧର୍ମିଣୀ ଏହିଠାରେହିଁ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ ।

ପରବର୍ତ୍ତୀକାଳରେ, ୧୯୩୮ରେ ଦ୍ୱିତୀୟ ମହାଯୁଦ୍ଧ ସମୟରେ ଶ୍ରୀଅରବିନ୍ଦଙ୍କର ଦୁର୍ଘଟଣା ପରେ ତାଙ୍କର ପାର୍ଶ୍ୱଗ ସ୍ୱରୂପ ସେବାକାରିଗଣଙ୍କ ମଧ୍ୟରେ ଅନ୍ୟତମ, ମଧୁର ସ୍ୱଭାବର ବ୍ୟକ୍ତି ଡାକ୍ତର ସତ୍ୟେନ୍ ମଧ୍ୟ ଏହି ବାସଭବନରେ ରହିଥିଲେ ।...

ଅଧୁନା ଏହି ବାସଭବନର ଉପର ମହଲାରେ ରହିଛି ଆମ ପ୍ରତ୍ୟେକଙ୍କର ଅତ୍ୟନ୍ତ ପବିତ୍ର ଓ ଚିରସ୍ମରଣୀୟ ତଥା ଦ୍ରଷ୍ଟବ୍ୟ ପଦାର୍ଥ ସମୂହର ସଂଗ୍ରହାଳୟ, 'ଶ୍ରୀସ୍ମୃତି', ମାଶ୍ରୀଅରବିନ୍ଦଙ୍କର ବ୍ୟବହୃତ ଓ ସଂଗୃହୀତ ପଦାର୍ଥସବୁକୁ ସଯତ୍ନରେ ସାଇତି ରଖାଯାଇଥିବା ସଂଗ୍ରହାଳୟ । ଏବଂ ତଳ ମହଲାରେ ପୂର୍ବରୁ ରହିଆସୁଥିଲେ ମନୋଜ ଦାସଗୁପ୍ତଙ୍କ ପରିବାର, ଅର୍ଥାତ୍ ମାତାପିତା, ଦୁଇ ଭାଇ ଓ ତିନି ଭଉଣୀ । ଏବେ ରହୁଛନ୍ତି ମନୋଜ ଦାସଗୁପ୍ତ, ଆଶ୍ରମର ମ୍ୟାନେଜିଂ ଟ୍ରଷ୍ଟି ଓ ଶ୍ରୀଅରବିନ୍ଦ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ରର ରେଜିଷ୍ଟ୍ରାର ଏବଂ ଭଉଣୀ ଆରତି ଶିକ୍ଷାକେନ୍ଦ୍ରର ଜନୈକା ମୁଖ୍ୟା ।...

ଏବେ ଆମେ ସେଇ ୧୯୪୫କୁ ଫେରିଯିବା । ସେତେବେଳେ ଆମର ଏହି ଶିଶୁସୁଲଭ ସରଳ ଅମାୟିକ ତାମିଲ ଭଦ୍ରଲୋକ ଗଙ୍ଗାଧରଙ୍କୁ ଏହି ବାସଭବନରେ କେଉଁ ପ୍ରକୋଷ୍ଠଟିରେ ରହିବାକୁ ସୁଯୋଗ ଦିଆଯାଇଥିଲା ? ଏହାର ପଶ୍ଚାତ୍ ଭାଗରେ ଅର୍ଥାତ୍ ଦକ୍ଷିଣ-ପୂର୍ବ ପାର୍ଶ୍ୱରେ ଥିବା ଏକ ଛୋଟ କୋଠରିଟିରେ । ହାତପାଆନ୍ତା ଛାତତଳ, ଛୋଟ ଅଣ-ଓସାରିଆ ଦରଜା ଓ ଖିଡ଼ିକିଟିଏ । ଏଇଟି ବୋଧହୁଏ ଭଣ୍ଡାର ଘର ଥିଲା ବା ଅଦରକାରୀ ଆସବାବପତ୍ରସବୁକୁ ଗଦା କରି ରଖିବା ସକାଶେ ବା ଝାଡୁ ଇତ୍ୟାଦି ରଖିବା ସକାଶେ ବ୍ୟବହୃତ କରାହେଉଥିଲା । (କହିବା ବାହୁଲ୍ୟ ଯେ ଗଙ୍ଗାଧର ଏହି ଘରୁ ଅନ୍ୟତ୍ର ସ୍ଥାନାନ୍ତରିତ ହେବା ପରଠୁ ଏହାକୁ ଗୋଦାମ ଘର ରୂପେହିଁ ବ୍ୟବହୃତ କରାଗଲା ।) ଏବଂ ଏହି ଘରେ ଗଙ୍ଗାଧର ବେଶ୍ କିଛି ବର୍ଷ ଧରି ଆନନ୍ଦରେ ରହିଥିଲେ ।

ଗଙ୍ଗାଧରଙ୍କର ନିଜସ୍ୱ ଉକ୍ତିରେ : ''ମା'ଙ୍କ କୃପାରୁ ମୋତେ ପ୍ରାୟ ଛୋଟ ଘର ମିଳୁଥିଲା, ଯେପରି 'ଗଣପତି ହାଉସ'ରେ, ସେମିତି 'ନାନ୍‌ତାଇ ହାଉସ୍'ରେ । ଛୋଟ ଘର, ବାସଭବନର ଅନ୍ୟାନ୍ୟ ଘରଠାରୁ ସମ୍ପୂର୍ଣ୍ଣ ସ୍ୱତନ୍ତ୍ର ଏବଂ ବିଚ୍ଛିନ୍ନ ।

ଏହି ବାସଭବନରେ ରହୁଥିବା ବଡ଼ ବଡ଼ ସାଧକ-ସାଧିକାମାନଙ୍କଠାରୁ ଅଲଗା ହୋଇ ରହୁଥିଲି, ଏକେବାରେ ନିଆରା ।...

''ଥରେ, ଏଇ ଘର ଭିତରକୁ ମା ତାଙ୍କର ଅପୂର୍ବ ଦୃଷ୍ଟି ଢାଳି ଦେଇଥିଲେ ।... ସେତେବେଳେ ମା ପ୍ରତ୍ୟେକ ଅନ୍ତେବାସୀଙ୍କ ଘର ଦେଖିବାକୁ ଯାଉଥିଲେ । ସେଦିନ ଥିଲା ଏଇ ବାସଭବନରେ ବାସ କରୁଥିବା ସାଧିକା ଗୁଣାଙ୍କର ଜନ୍ମଦିନ । (ଯେତେଦୂର ସ୍ମରଣରେ ଆସେ ସେ ଏବେକାର ଆରତି-ଦି'ଙ୍କ ଘରେ ବା ମନୋଜ-ଦା'ଙ୍କ ଘରେ ବାସ କରୁଥିଲେ ।) ଗୁଣା ତାଙ୍କ ଜନ୍ମଦିନରେ ମା'ଙ୍କୁ ନିଜ ଘର ଦେଖାଇବାକୁ ପ୍ରାର୍ଥନା ଜଣାଇଥିଲେ । ତାଙ୍କ ଘରକୁ ଯିବାକୁ ହେଲେ ଶିଢ଼ି ପାହାଚ ଓ ମୋ ଘର ଭିତରେ ଥିବା ଅଣଓସାରିଆ ବାରଣ୍ଡା ବା ଅଳିନ୍ଦ ସଦୃଶ ରାସ୍ତା ଦେଇ ଯିବାକୁ ହେବ । ଆଉ ମୋ ଘର କବାଟଟି କେବଳ ବାହାରକୁ ଖୋଲି ହେଉଥାଏ, ମୁଁ କବାଟ ଖୋଲିଲେ ସେଇ ଅଣଓସାରିଆ ରାସ୍ତାଟି ଏକେବାରେ ବନ୍ଦ ହୋଇଯିବା ଉପରେ । ତେଣୁ ମୁଁ ପ୍ରାୟ କବାଟ ବନ୍ଦ କରି ଘର ଭିତରେ ରହୁଥାଏ; କାମକୁ ଗଲାବେଳେ କବାଟ ବାହାର ପଟରୁ ବନ୍ଦ କରି ଚାଲି ଯାଉଥାଏ ।

''ସେଦିନ ଗୁଣାଙ୍କ ଘରକୁ ମା ଆସିବେ । ମୋ ଘରକୁ ତ ଆଉ ମା ଆସିବେ ନାହିଁ, କିନ୍ତୁ ମୋ ଘର ସାମନା ଦେଇ ମା ନିଶ୍ଚୟ ଗୁଣା ଘରକୁ ଯିବେ । ତଥାପି କବାଟ ଖୋଲି ମା'ଙ୍କୁ ଦର୍ଶନ କରିବାର ଉପାୟ ନାହିଁ । ତେଣୁ ମୁଁ ଘର ସାମନା ବାରଣ୍ଡାକୁ ଭଲ କରି ପରିଷ୍କାର କରିଦେଲି । ଘର ଭିତର ପରିଷ୍କାର, ପରିଚ୍ଛନ୍ନ କରି ଆଲୁଅ ଜାଳି ଧୂପ ଲଗାଇ ଚୁପ୍‌ଚାପ୍ ମା'ଙ୍କୁ ସ୍ମରଣ କରି ବସିଥାଏ ।

''ସେଦିନ ମା'ଙ୍କ ସହିତ ପବିତ୍ର ଓ ଚିନ୍ମୟୀ ମଧ ଗୁଣାଙ୍କ ଘରକୁ ଆସୁଥିଲେ । ମା ମୋ ଘର ସାମନା ବାରଣ୍ଡାରେ, ମୋ କବାଟ ପାଖରେ ଅଟକି ପବିତ୍ରଙ୍କୁ ପଚାରିଲେ, 'ଏଇ ପାଖ ଘରେ ଦିନରେ ଆଲୁଅ ଜଳୁଛି ! ଏହା ଭିତରେ କ'ଣ ରହିଛି ?' ପବିତ୍ର କହିଲେ, 'ମା, ଏଇଠି ଗଙ୍ଗାଧର ରହେ ।' ମା : 'ଗଙ୍ଗାଧର କ'ଣ ଘର ଭିତରେ ନାହିଁ ?' ମୁଁ ତ ଘର ଭିତରେ ରହିଥିଲି, ତେଣୁ ମୁଁ କହିଉଠିଲି, 'ମା, ମୁଁ ଭିତରେ ଅଛି' – ଏତକ କହି ଧୀରେ, ଅତି ସନ୍ତର୍ପଣରେ କବାଟଟି ଖୋଲିଲି । ମା ଦୁଆର ମୁହଁରେହିଁ ଛିଡ଼ା ହୋଇଥିଲେ, ତାଙ୍କ ପାଦପଦ୍ମରେ ପ୍ରଣତି ଜଣାଇଲି । ମା ସେଇଠୁ କବାଟର ଚଉକାଠକୁ ଗୋଟିଏ ହାତରେ ଧରି ଗୋଟିଏ ପାଦ ମୋ ଘର ଚଟାଣରେ ରଖି ଘର ଭିତରର ସବୁକିଛି ଉପରେ ତାଙ୍କର ଦିବ୍ୟଦୃଷ୍ଟି ବୁଲାଇ ଆଣିଲେ ଆଉ ସଙ୍ଗେ ସଙ୍ଗେ କହିଉଠିଲେ, 'ଏତେ ଛୋଟ ଘର, ଏତେ ଛୋଟ ଘର ! ତୁମେ ଏହା ଭିତରେ ରହୁଛ କିପରି ? କେମିତି ତୁମେ କବାଟ ବନ୍ଦ କରି ଏହା ଭିତରେ ରହିପାରୁଛ ?' – 'ମା, ମୁଁ ଖୁସୀରେ ଅଛି, ମା । ମୁଁ ବେଶ୍ ଆନନ୍ଦରେ ରହିଛି । ମା ମୋର କୌଣସି ଅସୁବିଧା ହେଉନି !'...''

ଗଙ୍ଗାଧରଙ୍କ ଉପରେ ସ୍ନେହବୋଳା ଅନୁପମ ଦୃଷ୍ଟି ସହିତ ସମଗ୍ର ଘରଟିରେ ତାଙ୍କ ପାଦସ୍ପର୍ଶରେ ଆନନ୍ଦର ସୁରଧୁନୀ ପ୍ରବାହିତ କରାଇ ମା ଗୁଣାଙ୍କ ଘର ଆଡ଼କୁ ପାଦ ବଢ଼ାଇଲେ । ଗଙ୍ଗାଧରଙ୍କ ଉକ୍ତିରେ : 'ମୋ ଘରଟି 'ମା'ଙ୍କ ପାଦସ୍ପର୍ଶରେ ମୋ ପାଇଁ ହୋଇଉଠିଲା ରାଜପ୍ରାସାଦ ।'

ଗୁଣାଙ୍କ ଘର ପରିଦର୍ଶନ କରି ପବିତ୍ର ଓ ଚିନ୍ମୟୀଙ୍କ ସହିତ ମା 'ନାନ୍‌ତାଇ ହାଉସ୍'ର ଅଙ୍ଗନରେ ଚାଲି ଯାଉଥିବା ବେଳେ କିଞ୍ଚିତ୍ ପଶ୍ଚାତରେ ଗୁଣାଙ୍କ ସହିତ ତାଙ୍କ ସାଧକ-ସାଧିକା ବନ୍ଧୁଗଣ ପରସ୍ପର ଭିତରେ କୁହାକୁହି ହେଉଥିଲେ, 'ଏଇ ଗଙ୍ଗାଧରଟା କେଡ଼େ ବୋକା ! ଆଜି କେଡ଼େ ସୁବର୍ଣ୍ଣ ସୁଯୋଗଟିଏ ହରାଇଲା ? ମା'ଙ୍କୁ କହି କେଡ଼େ ସୁନ୍ଦର ଘରଟିଏ ପାଇ ପାରିଥା'ନ୍ତା !... ବିଚାରା !!'

ଗଙ୍ଗାଧର କିନ୍ତୁ ଏମାନଙ୍କ କିଞ୍ଚିତ୍ ପଶ୍ଚାତରେ ରହି ସେତେବେଳେ ଛଳ ଛଳ ନେତ୍ରରେ ଦୁଇ ହସ୍ତ ଯୋଡ଼ି ହୃଦୟଭରା ଭକ୍ତିରେ ମା'ଙ୍କର ସେହି ସ୍ନେହବୋଳା ଅନୁପମ ଚାହାଣିକୁ ଅନ୍ତର ଭିତରେ ଚିରଦିନ ସାଇତି ରଖିବାରେ ମଗ୍ନ ଥିଲେ । ସେତେବେଳେ ଉପରବର୍ଣ୍ଣିତ ଅନ୍ତେବାସିଗଣଙ୍କ କଥୋପକଥନ ତାଙ୍କ କାନରେ ନବାଜି ମା'ଙ୍କର ସେଇ କେଇପଦ କଥା ବାରବାର ଗୁଞ୍ଜରିତ ହୋଇ ଉଠୁଥିଲା ।

(କ୍ରମଶଃ)

ସଂଗ୍ରହ ଓ ଉପସ୍ଥାପନା : ଗୋପାଳଚନ୍ଦ୍ର ମାହାନା

❑❑❑

# ଆମ ସ୍ୱାସ୍ଥ୍ୟ

## (୨୫)

## ଭୋଲେଶ୍ୱର ଭୂୟାଁ

### ଖାଦ୍ୟ ଓ ଆମ ସ୍ୱାସ୍ଥ୍ୟ

ଆମ ସ୍ୱାସ୍ଥ୍ୟ ପାଇଁ ମା କୌଣସି ଏକ ନିର୍ଦ୍ଦିଷ୍ଟ ଖାଦ୍ୟର ତାଲିକା ଦେଇ ନାହାନ୍ତି । କାରଣ ବିଭିନ୍ନ ପ୍ରକାରର ଖାଦ୍ୟ ବିଭିନ୍ନ ବ୍ୟକ୍ତି ଉପରେ ସମାନ ଭାବରେ କାମ କରି ନଥାଏ । ଏହା ଜଣକ ପାଇଁ ଉପକାରୀ ହୋଇଥାଏ ତ ଅନ୍ୟ ଜଣକ ପାଇଁ କ୍ଷତିକାରକ ହୋଇଥାଏ । ବହୁ ଲୋକ ସର୍ଦ୍ଦି ବା କାଶ ହେଲେ ଦହି ବା କଦଳୀ ଖାଆନ୍ତି ନାହିଁ । କିନ୍ତୁ କେତେକଙ୍କ ପାଇଁ ଘୋଳ ଦହି ଔଷଧ ଭଳି କାମ କରିଥାଏ । ଏ ବିଷୟରେ ମା ନିଜେ କହୁଛନ୍ତି : ''ବିଭିନ୍ନ ଖାଦ୍ୟ ଓ ମସଲା ଇତ୍ୟାଦିର କ୍ରିୟା ବିଷୟରେ ମୁଁ ବହୁ ପରସ୍ପର ବିରୋଧିଖବର ଶୁଣିଛି, ଏବଂ ଶେଷରେ ମୋତେ ଯୁକ୍ତି ସଙ୍ଗତ ନିଷ୍ପତ୍ତି ନେବାକୁ ହେଲା – ଏହା ଏକ ବ୍ୟକ୍ତିଗତ ଘଟଣା । ତେଣୁ ଏ ବିଷୟରେ କୌଣସି ସାଧାରଣ ନିୟମ କରାଯାଇ ପାରିବ ନାହିଁ । ଏହାହିଁ ହେଲା (ଖାଦ୍ୟ ବିଷୟରେ) ମୋର ସହିଷ୍ଣୁତାର କାରଣ ।''

(CWM, Vol. 15, p. 269)

ଆମ ମାନସିକ ଧାରଣା ଆମ ଖାଦ୍ୟ ଉପରେ ପ୍ରଭାବ ବିସ୍ତାର କରିଥାଏ । ଯେଉଁ ମନୋଭାବ ନେଇ ଆମେ ଖାଦ୍ୟ ଖାଉ ତାହା ଆମ ଶରୀରରେ ସେହିଭଳି କାମ କରିଥାଏ । ମା ମଧ୍ୟ କହୁଛନ୍ତି : ''ଶରୀର ଉପରେ ଖାଦ୍ୟର କ୍ରିୟା ୯୦ ପ୍ରତିଶତ ଆମ ଚିନ୍ତା ଶକ୍ତି ଉପରେ ନିର୍ଭର କରେ ।''

(CWM, Vol. 15, p. 156)

ଶ୍ରୀଅରବିନ୍ଦ କହୁଛନ୍ତି : ''ମୁଁ କହିପାରେ ଖାଦ୍ୟର କ୍ରିୟା ନିର୍ଭର କରେ ଏହା ଭିତରେ ଥିବା ଉପାଦାନ ଅପେକ୍ଷା ଏହା ପଶ୍ଚାତରେ ବହନ କରି ଆଣିଥିବା ଗୂଢ଼ (Occult) ବାତାବରଣ ଉପରେ ।'' (SABCL-24, p. 1473-74)

ସେଥି ପାଇଁ ଦେଖାଯାଏ ମନ୍ଦିରର ପ୍ରସାଦ ଯଥାର୍ଥ ସ୍ୱାସ୍ଥ୍ୟକର ପରିବେଶରେ ତିଆରି ହୋଇ ନଥିଲେ ମଧ୍ୟ ଯେତେବେଳେ ଏହା ଦେବତାଙ୍କ ପାଖରେ ଭୋଗ ଲାଗିଯାଏ ଏହା ଭିତରେ ଏକ ଗୂଢ଼ ପ୍ରକ୍ରିୟା ଉତ୍ପନ୍ନ ହୁଏ, ଏବଂ ଏହାକୁ ସେବନ କରି ଭକ୍ତର ବିଭିନ୍ନ ରୋଗ ମଧ୍ୟ ଭଲ ହୋଇଯାଇଥାଏ । ଖାଦ୍ୟକୁ ପ୍ରସ୍ତୁତ କରୁଥିବା ବ୍ୟକ୍ତିର ଯଥାର୍ଥ ମନୋଭାବ ମଧ୍ୟ ଖାଦ୍ୟ ଭିତରେ ଏହିପରି ଏକ ସକାରାତ୍ମକ ସ୍ପନ୍ଦନ ସୃଷ୍ଟି କରିଥାଏ । ଏହାକୁ ଖାଇଲେ ଆମ ଭିତରେ ଏହି ଗୂଢ଼ ଶକ୍ତିର କ୍ରିୟା ଆରମ୍ଭ ହୋଇଥାଏ ।

ତେଣୁ ଆମ ମନରେ ଖାଦ୍ୟ ବିଷୟରେ ଥିବା ବିଭିନ୍ନ ଧାରଣା ମଧ୍ୟ ଠିକ୍ ନୁହେଁ । ଖାଦ୍ୟରେ ଥିବା ପ୍ରାଣର ବାସନା ଓ ଲୋଭ ମଧ୍ୟ ଆମ ଖାଦ୍ୟକୁ ଦୂଷିତ କରିଥାଏ ଓ ଆମର ସ୍ୱାସ୍ଥ୍ୟହାନି ହୋଇଥାଏ । ଏ ବିଷୟରେ ମା କହୁଛନ୍ତି : ''ମଣିଷ ଯେଉଁ ଖାଦ୍ୟ ଗ୍ରହଣ କରିଥାଏ ତାକୁ ବାଛିବା ପାଇଁ ଦୁଇଟି କଥା ରହିଛି, ପ୍ରଥମ କଥା ହେଲା ଶରୀରର ଯଥାର୍ଥ ଆବଶ୍ୟକତା, କହିବାକୁ ଗଲେ, ଯାହାକି ଶରୀରର ରକ୍ଷଣା-ବେକ୍ଷଣ ପାଇଁ ଦରକାର ହୋଇଥାଏ, ଯେଉଁ ଉପାଦାନ ଏହା ଭିତରେ ରାସାୟନିକ ପରିବର୍ତ୍ତନ (metabolism) ପାଇଁ ଦରକାର ହୋଇଥାଏ, ଯାହାକି ପୂର୍ଣ୍ଣ ରୂପେ ଏକ ସ୍ଥୂଳ ଉପାଦାନ ଏବଂ ଏହା ଶରୀର ପାଇଁ ଉପଯୋଗୀ ହୋଇଥାଏ – ଉଦାହରଣ ସ୍ୱରୂପ ଯଥାର୍ଥ ଖାଦ୍ୟ ଏବଂ ଏହାର ପରିମାଣ । କିନ୍ତୁ ଶରୀରର ଏହି ଯଥାର୍ଥ ଆବଶ୍ୟକତାଟି ସାଧାରଣତଃ ଆମର ଅନ୍ୟ ପ୍ରତିନିଧିର ଦାବିର ଚାପରେ ବୁଡ଼ି ରହିଥାଏ ଓ ନିଷ୍ପ୍ରଭ ହୋଇଥାଏ, ଯେଉଁ ପ୍ରତିନିଧିଗୁଡ଼ିକ ଯାହା ଶରୀରର କୌଣସି ଅଂଶ ବିଶେଷ ନୁହନ୍ତି – ତାହା ହେଲା (୧) ପ୍ରାଣିକ କାମନା ବାସନା (୨) ମାନସିକ ଭୁଲ୍ ଧାରଣା । ବାସ୍ତବରେ ଆମ ଖାଇବା ଟେବୁଲରେ ଯେଉଁ ତାଲିକା ମୁତାବକ ଖାଦ୍ୟ ସଜ୍ଜିତ କରି ରଖା ହୋଇଥାଏ ତାହାର ପ୍ରାୟ ୯୦ ପ୍ରତିଶତ ଏହିମାନଙ୍କର; ଯଦ୍ଦ୍ୱାରା ଏହି ଦୁଇ ପ୍ରତିନିଧିଙ୍କ ଦାବିର ପୂରଣ ସର୍ବଦା କରାହୋଇଥାଏ । ଖାଦ୍ୟ ଯେଉଁଥି ପାଇଁ ଖାଇବା କଥା ତାହାକୁ ଆମେ ପ୍ରଥମେ ନରଖି ଶେଷରେ ରଖିଥାଉ । ବର୍ତ୍ତମାନ ସମୟରେ ଶରୀର ହେଲା ମନ ଓ ପ୍ରାଣର ଦାସ, ଏହାକୁ ନିଜର ଦରକାରୀ ଖାଦ୍ୟର ପରିମାଣ ଓ ଗୁଣାତ୍ମକତାକୁ ନିଜକୁ ବାଛିବା ପାଇଁ ପ୍ରାୟ ସ୍ୱାଧୀନତା ଦିଆହୋଇ ନଥାଏ । ଏଥିପାଇଁ

ସର୍ବତ୍ର ଦେଖାଯାଏ ଶରୀରକୁ ତା'ର ଜୀବନକାଳରେ ବେଶୀ ସମୟ ରୋଗ ଓ ଅସୁସ୍ଥତାର କବଳରେ ପଡ଼ି କଷ୍ଟ ଭୋଗ କରିବାକୁ ପଡ଼ିଥାଏ ।''

(Sri Aurobindo and The Mother on Food, P. 2)

ଆଧୁନିକ ବିଜ୍ଞାନ ଖାଦ୍ୟକୁ ଛ'ଟି ଶ୍ରେଣୀରେ ବିଭକ୍ତ କରିଛି । ତାହା ହେଲା (୧) ଶର୍କରା ଜାତୀୟ ଖାଦ୍ୟ (carbohydrate), (୨) ସ୍ନେହସାର ଜାତୀୟ ଖାଦ୍ୟ (protein), (୩) ଚର୍ବି ଜାତୀୟ ଖାଦ୍ୟ (fats), (୪) ଖଣିଜ ଲବଣ (mineral), (୫) ଭିଟାମିନ୍ (vitamin) ଓ (୬) ତନ୍ତୁ ଜାତୀୟ ଖାଦ୍ୟ (Fibre) । ଖାଦ୍ୟ ବିଜ୍ଞାନ ପୁସ୍ତକ ମାନଙ୍କରେ ଏହିସବୁ ଉପାଦାନ କେଉଁ କେଉଁ ଖାଦ୍ୟରେ ଥାଏ ଏବଂ ଆମକୁ ଏହିସବୁ ଉପାଦାନ କେତେ ପରିମାଣରେ ଖାଇବାକୁ ହେବ ତା'ର ହିସାବ ଦିଆ ହୋଇଥାଏ । ଅର୍ଥାତ୍ ଖାଦ୍ୟ ବିଜ୍ଞାନକୁ ଆମେ ପୂରା ମାନସିକ ଧାରଣାରେ ପରିଣତ କରିସାରିଛୁ । ଏହିସବୁ ଧାରଣା ଯେ କେତେ ଦୂର ଠିକ୍ ଓ ଯଥାର୍ଥ ତା'ର ପ୍ରମାଣ ଆମେ ଦେଇପାରିବୁ ନାହିଁ । ଦେଖାଯାଏ ଗରିବ ମୂଲିଆ ଓ ମଜଦୁର ସାରାଦିନ ମାଟି କାଟି ଥାଏ ଏବଂ ଖାଇଲାବେଳେ ପଖାଳ ଭାତ ଓ ପିଆଜ ଖାଇ ସେ ଅଫୁରନ୍ତ ଶକ୍ତି ଲାଭ କରିଥାଏ ଓ ସେ ସୁସ୍ଥ-ସବଳ-ନୀରୋଗ ରହିଥାଏ । ଖାଦ୍ୟ ବିଜ୍ଞାନ ବିଷୟରେ ତା'ର କୌଣସି ଜ୍ଞାନ ନଥାଏ । ଅଥଚ ତଥା କଥିତ ସଭ୍ୟ ମଣିଷ ଖାଦ୍ୟ ବିଜ୍ଞାନ ଅନୁସାରେ କେତେ କ୍ୟାଲୋରୀ ଖାଦ୍ୟ ଖାଇବାକୁ ହେବ ତାହା ଦେଖି ଖାଦ୍ୟ ଖାଇଥାଏ । ସାରା ଦିନ ହୁଏତ ବ୍ୟାୟାମ, ଆସନ-ପ୍ରାଣାୟାମ ନକରି ଅଫିସରେ ବସି ବସି କାମ କରିଥାଏ । ଏପରି ଲୋକ ସୁସ୍ଥ ରହିବା ତ ଦୂରର କଥା, ଚିରଦିନ ନାନା ରୋଗ ଭୋଗ କରିଥାଆନ୍ତି ।

ପୁରାତନ ଯୁଗରେ ଆୟୁର୍ବେଦରେ ଖାଦ୍ୟକୁ କେବଳ ଦୁଇ ଭାଗରେ ବିଭକ୍ତ କରାଯାଇ ଥିଲା । ତାହା ହେଲା (୧) ଏସିଡ୍ ବା ଅମ୍ଳଜାତୀୟ ଖାଦ୍ୟ ଓ (୨) କ୍ଷାର ଜାତୀୟ ଖାଦ୍ୟ । ଅମ୍ଳଜାତୀୟ ଖାଦ୍ୟ ହେଲା ଭାତ, ରୁଟି, ଅଧିକ ସିଝା ଯାଇଥିବା ତରକାରି ତଥା ନାନା ଆମିଷ ଖାଦ୍ୟ ଇତ୍ୟାଦି । କ୍ଷାର ଜାତୀୟ ଖାଦ୍ୟ ହେଲା ଦୁଗ୍ଧ, ଦହି, ଫଳମୂଳ, ପନିପରିବା ଇତ୍ୟାଦି । ଏହି ଜ୍ଞାନ ପୂର୍ବକାଳର ମୁନି, ଋଷିଙ୍କର ଥିଲା । ସେମାନେ ଆଶ୍ରମର ଦୁଗ୍ଧ, ଦହି ଓ ଜଙ୍ଗଲର ଫଳମୂଳ ଖାଇ ସାଧନା କରୁଥିଲେ ଏବଂ ଦୀର୍ଘ ଦିନ ଜୀବିତ ରହି ପାରୁଥିଲେ । ପୂର୍ଣ୍ଣ ସୁସ୍ଥ, ସବଳ ରହିବା ପାଇଁ ୬୦ ପ୍ରତିଶତ କ୍ଷାର ଜାତୀୟ ଖାଦ୍ୟ ଓ ୪୦ ପ୍ରତିଶତ ଅମ୍ଳ ଜାତୀୟ ଖାଦ୍ୟ ଖାଇବା ଦରକାର ।

ଆଜିର ସଭ୍ୟ ସମାଜର ଖାଦ୍ୟକୁ ନିଆଯାଉ । ସେମାନଙ୍କ ଖାଦ୍ୟରେ ପ୍ରାୟ ୯୦ ପ୍ରତିଶତ ଅମ୍ଳ ଜାତୀୟ ଖାଦ୍ୟ ଓ ପ୍ରାୟ ୧୦ ପ୍ରତିଶତ କ୍ଷାର ଜାତୀୟ ଖାଦ୍ୟ ରହିଥାଏ । ସେମାନେ ବଜାରର ରସନାକୁ ତୃପ୍ତ କରୁଥିବା (ଜଙ୍କ୍) ଖାଦ୍ୟ ଖାଇ ଶରୀରରେ ଅଧିକ ଅମ୍ଳ ସୃଷ୍ଟି କରନ୍ତି । ତେଣୁ ଆଜି ଅଳ୍ପ ବୟସ୍କ ଯୁବକ ଯୁବତୀଙ୍କୁ ଅମ୍ଳରୋଗ, ଗ୍ୟାସ ଆଦି ରୋଗ ହୋଇଥାଏ ।

ବର୍ତ୍ତମାନ ପ୍ରଶ୍ନ ହେଲା ଆମେ ଆମ ସ୍ୱାସ୍ଥ୍ୟ ପାଇଁ କିପରି ଖାଦ୍ୟ ନିର୍ଦ୍ଧାରଣ କରିବୁ ? ଏହାର ପ୍ରଥମ କଥା ହେଲା ଜ୍ଞାନ । ଖାଦ୍ୟ ବିଜ୍ଞାନ ବିଷୟରେ ଆମର ସମସ୍ତ ଜ୍ଞାନ ଥିବା ଦରକାର । ପୁରାତନ ପଦ୍ଧତି ଓ ନୂତନ ପଦ୍ଧତି ଉଭୟ ବିଷୟରେ ଆମେ ଜ୍ଞାନ ଲାଭ କରିବୁ । ଯଦ୍ଦ୍ୱାରା ବିଭିନ୍ନ ଖାଦ୍ୟରେ ଥିବା ବିଭିନ୍ନ ଉପାଦାନ ବିଷୟରେ ଆମେ ଜାଣିପାରିବୁ । ଆଜିର ଜ୍ଞାନର ଗନ୍ତାଘର ଇଣ୍ଟରନେଟ୍‌ରେ ଆମେ ସମସ୍ତ ଦରକାରୀ ଜ୍ଞାନ ପାଇ ପାରିବୁ । ଖାଦ୍ୟରେ ଥିବା ବିଭିନ୍ନ ଉପାଦାନ ଆମ ଶରୀରରେ କିପରି କାମ କରିଥାଏ – ଏ ବିଷୟରେ ଜାଣିବା ପାଇଁ ଶରୀର ବିଜ୍ଞାନ ବିଷୟରେ ମଧ୍ୟ ଆମର ଜ୍ଞାନ ଥିବା ଦରକାର । ମା'ଙ୍କ କହିବା ମୁତାବକ ବିଭିନ୍ନ ଶରୀରରେ ବିଭିନ୍ନ ଖାଦ୍ୟ ଅଲଗା ଅଲଗା କ୍ରିୟା କରିଥାଏ । ସେଥିପାଇଁ ଏହି ଦୁଇ ବିଷୟରେ ଜ୍ଞାନ ଲାଭ କଲା ପରେ ଖାଦ୍ୟ ଆମ ଉପରେ କିପରି କ୍ରିୟା କରୁଛି ସେ ବିଷୟରେ ଜାଣିବାକୁ ହେବ । ଏଥିପାଇଁ ଦୀର୍ଘ ଦିନ ଅନୁଧ୍ୟାନ କରିବାକୁ ହେବ । ଫଳରେ ଶରୀର ପାଇଁ ପ୍ରୟୋଜନୀୟ ଖାଦ୍ୟ ବିଷୟରେ ବ୍ୟକ୍ତିର ଜ୍ଞାନ ହୋଇଥାଏ । କିନ୍ତୁ କେତେକ ବିଶେଷ ଖାଦ୍ୟ ଉପାଦାନ ରହିଛି ଯାହା ସମସ୍ତଙ୍କ ଶରୀରରେ ସମାନ କାମ କରିଥାଏ । ଯେପରି ଲେମ୍ବୁ, ହଳଦି, ତ୍ରିଫଳା ଇତ୍ୟାଦି । ଲେମ୍ବୁ ପାଟିରେ ଅମ୍ଳର ସ୍ୱାଦ ଦେଲେ ମଧ୍ୟ ଏହା ଶରୀରର ଅମ୍ଳନାଶକ ହୋଇଥାଏ । ଏହା ଏକ କ୍ଷାର ଜାତୀୟ ଖାଦ୍ୟ । ଯେଉଁମାନଙ୍କର ଏସିଡ଼ିଟି ହୋଇଥାଏ ସେମାନେ ଲେମ୍ବୁ ଖାଇଲେ ପେଟରେ ଜ୍ୱାଳା ହୋଇଥାଏ । ତଥାପି ତାଙ୍କ ପାଇଁ ଲେମ୍ବୁହିଁ ଔଷଧ । ପ୍ରଥମେ ମାତ୍ର କେତେ ଟୋପା ଲେମ୍ବୁରସ ପାଣିରେ ମିଶାଇ ସକାଳେ ଖାଇବାକୁ ହେବ । ପରେ ଏହାର ମାତ୍ରା ବଢ଼ାଇ ଅଧା ଲେମ୍ବୁ ପର୍ଯ୍ୟନ୍ତ ବଢ଼ା ଯିବ । ଏଥିରେ ଏସିଡ଼ିଟି ଥିଲେ ତାହା ଆରୋଗ୍ୟ ହେବ । ନଥିଲେ ଏସିଡ଼ିଟି

ରୋଗ ଆମକୁ କେବେ ବି ହେବ ନାହିଁ । ଗ୍ୟାସ୍ ପାଇଁ ମଧ୍ୟ ଲେମ୍ବୁହିଁ ପ୍ରଧାନ ଔଷଧ । ଆମେ ପରିମାଣରୁ ଅଧିକ ଖାଦ୍ୟ ଖାଇଲେ ତାକୁ ପାଚକରସ ଠିକ୍ ଭାବରେ ହଜମ କରିପାରେ ନାହିଁ । ଖାଦ୍ୟ ହଜମ ହେବା ପୂର୍ବରୁ ଏହା ପଚିବାକୁ ଆରମ୍ଭ କରେ । ଏହି ପଚା ଖାଦ୍ୟରୁ ଗ୍ୟାସ୍ ଉତ୍ପନ୍ନ ହୁଏ । ଖାଦ୍ୟ ପରିମାଣରୁ ବେଶୀ ଖାଇଲେ ଆମ ଶରୀରରେ ଯଥାର୍ଥ ପରିମାଣରେ ପାଚକରସ ନିସୃତ ହୁଏ ନାହିଁ । ଏହି ଦୁଇ କାରଣହିଁ ଗ୍ୟାସ ଉତ୍ପନ୍ନ କରିଥାଏ । ଆମର ପ୍ରଧାନ ଖାଦ୍ୟ ଭାତ ସହିତ କିଛି ଲେମ୍ବୁ ରସ ମିଶାଇ ଖାଇଲେ ତାହା ଖାଦ୍ୟକୁ ସଂରକ୍ଷଣ କରି ପଚିବାକୁ ଦେଇ ନଥାଏ । ତେଣୁ ଆମକୁ ସହଜରେ ଗ୍ୟାସ ହୋଇ ନଥାଏ ।

ସାଧାରଣତଃ ଲୋକଙ୍କର କୋଷ୍ଠବଦ୍ଧତା ହେଲା ଏକ ସାଧାରଣ ରୋଗ । ଏହାର ସହଜ ଉପାୟ ହେଲା ସକାଳେ ଉଠି ପ୍ରାୟ ଏକ ଲିଟର ଜଳରେ ଅଦ୍ଧ ଲେମ୍ବୁ ରସ ମିଶାଇ ପାନ କରିବା । ଏହା ଦ୍ୱାରା ମଳତ୍ୟାଗ ଲାଗି ତଲବ ଲାଗେ ଓ ୫ ମିନିଟ ଭିତରେ ପେଟ ପରିଷ୍କାର ହୋଇଯାଇଥାଏ । କିଛି ତନ୍ତୁ ଜାତୀୟ ଖାଦ୍ୟ ଖାଇଲେ ମଧ୍ୟ ପେଟ ପରିଷ୍କାର ହୋଇଥାଏ । କଞ୍ଚା ଅମୃତଭଣ୍ଡାର ସିଝା, ଭେଣ୍ଡି ସିଝା, ବିଭିନ୍ନ ବିନ୍ସ ସିଝା ଖାଇଲେ ଆମେ ଯଥାର୍ଥ ପରିମାଣର ତନ୍ତୁ ଖାଦ୍ୟ ସହିତ ଗ୍ରହଣ କରିଥାଉ । ଏହାଛଡ଼ା ବିଭିନ୍ନ ଶାଗ, ସାଲାଡ଼ ଆଦି ଖାଇଲେ ମଳ ତ୍ୟାଗର ସମସ୍ୟା ରହେ ନାହିଁ । ମଳତ୍ୟାଗ ପରିଷ୍କାର ପାଇଁ ସବୁଠାରୁ ଶ୍ରେଷ୍ଠ ଉପାୟ ହେଲା ତ୍ରିଫଳା ଚୂର୍ଣ୍ଣ (ହରିଡ଼ା, ବାହାଡ଼ା ଓ ଅଁଳାର ମିଶ୍ରିତ ଚୂର୍ଣ୍ଣ) । ଏହି ଚୂର୍ଣ୍ଣରୁ ଏକ ଚାମଚ ରାତିରେ ଶୋଇବା ସମୟରେ ଖାଇଲେ ଏହା ପେଟ ପରିଷ୍କାର କରିବା ସଙ୍ଗେ ସଙ୍ଗେ ଆମ ରକ୍ତକୁ ମଧ୍ୟ ଶୁଦ୍ଧ ରଖିଥାଏ । ଯାହା ଦ୍ୱାରା ଆମେ ବିଭିନ୍ନ ରୋଗ ଆକ୍ରମଣରୁ ରକ୍ଷା ପାଇଥାଉ ।

ହଳଦି ମଧ୍ୟ ଏକ ଜୀବାଣୁ ନାଶକ ଖାଦ୍ୟ । ଦୁଗ୍ଧ ସହିତ କିଛି ଦିନ ଏକ ଚାମଚ ହଳଦି ଗୁଣ୍ଡ ଖାଇଲେ ଆମ ପେଟରେ ଥିବା ନାନା ପ୍ରକାର ରୋଗ ଜୀବାଣୁ ନଷ୍ଟ ହୋଇଥାଏ । ଏପରିକି ପାକସ୍ଥଳୀ ଓ ଅନ୍ତନଳୀରେ ଘା' ହେଲେ ଏହି ଘା'ର ପାଚକରସ ଓ ଖାଦ୍ୟ ସହିତ ଘର୍ଷଣ ଫଳରେ ଆମ ପେଟ ଜ୍ୱାଳା କରେ । ହଳଦି ଖାଇଲେ ଏହି ସବୁ ପେଟ ଘା' (ulcer) ଭଲ ହୋଇଥାଏ ।

ବ୍ୟକ୍ତିର ହଜମ ଶକ୍ତି ବୃଦ୍ଧି ଓ କାଶ ସର୍ଦ୍ଦିକୁ ଉପଶମ କରିବା ପାଇଁ ଅଦା ଏକ ଅବ୍ୟର୍ଥ ଖାଦ୍ୟ । ସର୍ଦ୍ଦି ହେଲେ ଦୁଇଦିନ ଅଦା ଚା ଖାଇଲେ ସର୍ଦ୍ଦି ଭଲ ହୋଇଯାଇଥାଏ । କାଶ ହେଲେ ଏକ ଟୁକୁରା ଅଦା ମୁଖରେ ରଖିଲେ ଆମ ଗଳାକୁ ସୁସ୍ଥ ଓ ସବଳ ରଖେ ଓ କାଶ ଭଲ ହୋଇଯାଇଥାଏ ।

ଦାନ୍ତରେ ଖୁବ୍ ବ୍ୟଥା ହେଲେ ଗୋଟିଏ ଲବଙ୍ଗ ମୁଖରେ ରଖିଲେ ଦାନ୍ତ ବ୍ୟଥା ଭଲ ହୋଇଯାଇଥାଏ । ଏହିପରି ଅନେକ ଘରୋଇ ଚିକିତ୍ସା ରହିଛି ଯାହା କୌଣସି ଔଷଧ ନୁହେଁ । କେବଳ ଆମ ଖାଦ୍ୟରୁ ବାଛି ଶରୀର ପାଇଁ ଦରକାର ହେଉଥିବା ଉପାଦାନ ସେଥିରୁ ପାଇଥାଉ ଏବଂ ଏହା ଦ୍ୱାରା ଅସୁସ୍ଥତା ସହଜରେ ଦୂର ହୋଇଥାଏ । ଏପରିକି ବଡ଼ ବଡ଼ ରୋଗ ମଧ୍ୟ ଭଲ ହୋଇଥାଏ । ଉଦାହରଣସ୍ୱରୂପ ରକ୍ତଚାପ ରୋଗର ଆରୋଗ୍ୟ ପାଇଁ ଗୋଟିଏ କୋଳା ରଶୁଣ ଖାଇବାକୁ ପଡ଼ିଥାଏ । ରକ୍ତଚାପ ଓ ମଧୁମେହ ଉଭୟ ରୋଗ ପାଇଁ ମେଥି ଗୁଣ୍ଡ ବିଶେଷ କାମ କରିଥାଏ । ଏପରିକି ମୂତ୍ରାଶୟ (Kidney) ଓ ଲିଭର ଆଦିରେ ଜମିଥିବା ପଥରକୁ ମଧ୍ୟ କୋଳଥ ଡାଲି ଖାଇ ମିଳାଇ ଦିଆଯାଇପାରେ ।

ବିଶ୍ୱାସର ସହିତ ଯେକୌଣସି ବସ୍ତୁକୁ ଔଷଧ ରୂପେ ବ୍ୟବହାର କରି ବ୍ୟକ୍ତି ସମସ୍ତ ରୋଗ ଭଲ କରି ପାରିବ ।

(କ୍ରମଶଃ) ❑

ଏଠାରେ ତୁମକୁ ଅନ୍ୟସବୁକୁ ବାଦ୍ ଦେଇ କେବଳ ଭଗବାନଙ୍କ ଆଡ଼କୁ ଉନ୍ମୀଳିତ ହେବା ପାଇଁ ଓ କେବଳ ତାଙ୍କରି ଦିବ୍ୟଶକ୍ତିକୁ ଗ୍ରହଣ କରିବା ପାଇଁ ପରାମର୍ଶ ଦିଆଯାଉଛି ।

— ଶ୍ରୀମା

# ମୁକ୍ତ-ପ୍ରଗତି-ଭିତ୍ତିକ ଶିକ୍ଷା

*ପ୍ରଶ୍ନ : ମାଆ, ‘‘ମୁକ୍ତ ଅଗ୍ରଗତି’’ କହିଲେ ଆପଣ କ’ଣ ବୁଝନ୍ତି, ତାହାକୁ ଅଳ୍ପ କେତୋଟି ଶବ୍ଦରେ ବ୍ୟାଖ୍ୟା କରି କହିଦେବେ କି ?*

ଶ୍ରୀମା : ଯେଉଁ ଅଗ୍ରଗତି ଆତ୍ମା ଦ୍ୱାରା ପରିଚାଳିତ ହେଉଥିବ, ଯାହା କୌଣସି ଅଭ୍ୟସ୍ତତା, ଚିରାଚରିତତା ଅଥବା ପୂର୍ବନିର୍ଦ୍ଧାରିତ ଧାରଣାର ଅଧୀନ ହୋଇ ରହି ନଥିବ, ତାହାହିଁ ମୁକ୍ତ ଅଗ୍ରଗତି ।

(CWM. Vol. 12, p. 171)

*

ଏହି ଶିକ୍ଷାର ପୃଷ୍ଠଭୂମିରେ ଶ୍ରୀଅରବିନ୍ଦ ପୁରାତନ ଭାରତୀୟ ପରମ୍ପରାର ଅନୁସରଣରେ ଜାତୀୟ ଶିକ୍ଷାନୀତିର ମୁଖବନ୍ଧରେ ଲେଖିଛନ୍ତି :

‘‘ଭାରତ ସର୍ବଦା ବ୍ୟକ୍ତିଗତ ମନୁଷ୍ୟ ମଧ୍ୟରେ ଦେଖିଛି ଏକ ଆତ୍ମା, ମନ ଓ ଶରୀର ଦ୍ୱାରା ଆବୃତ ଦିବ୍ୟତ୍ୱର ଏକ ଅଂଶ, ପ୍ରକୃତି ମଧ୍ୟରେ ବିଶ୍ୱଗତ ସତ୍ତା ଓ ଆତ୍ମାର ଏକ ସଚେତନ ଅଭିବ୍ୟକ୍ତି । ମନୁଷ୍ୟ ମଧ୍ୟରେ ଭାରତ ସର୍ବଦା ଏକ ବୈଶିଷ୍ଟ୍ୟ ରକ୍ଷା କରିଛି ଏବଂ ମାନସିକ, ବୌଦ୍ଧିକ, ନୈତିକ, ଗତିଶୀଳ ଓ ବ୍ୟବହାରିକ, ସୌନ୍ଦର୍ଯ୍ୟଗତ, ସୁଖଭୋଗଗତ, ପ୍ରାଣିକ ଓ ଶାରୀରିକ ସତ୍ତାର ଅନୁଶୀଳନ କରିଛି, କିନ୍ତୁ ଏହିସବୁକୁ ସେ ଦେଖିଛି ଆତ୍ମାର ଶକ୍ତିସକଳରୂପେ ଯାହା ସେହିସବୁ ମଧ୍ୟଦେଇ ଅଭିବ୍ୟକ୍ତ ହୋଇଥାଏ ଏବଂ ସେସବୁର ବୃଦ୍ଧି ସହିତ ଅଭିବୃଦ୍ଧ ହୋଇଥାଏ ଏବଂ ତଥାପି ସେସବୁ ଆତ୍ମାର ସର୍ବସ୍ୱ ନୁହନ୍ତି, କାରଣ ଏହାର ଆରୋହଣର ସର୍ବୋଚ୍ଚ ଶିଖରରେ ଏହା ସେସବୁ ଅପେକ୍ଷା କିଛି ମହତ୍ତର ସ୍ତରକୁ ଉତ୍‌ଥିତ ହୋଇଥାଏ ଯାହା ହେଉଛି ଏକ ଆଧ୍ୟାତ୍ମିକ ସତ୍ତା ଏବଂ ଏହାରି ମଧ୍ୟରେହିଁ ଭାରତ ସର୍ବଦା ଆବିଷ୍କାର କରିଛି ମାନବ ଆତ୍ମାର ସର୍ବୋତ୍ତମ ଅଭିବ୍ୟକ୍ତି ଏବଂ ତାହାର ଚରମ ଦିବ୍ୟମନୁଷ୍ୟତ୍ୱ, ତାହାର ‘ପରମାର୍ଥ’ ଏବଂ ତାହାର ସର୍ବୋଚ୍ଚ ‘ପୁରୁଷାର୍ଥ’ । ଏବଂ ସେହିପରି ଭାରତ କେବେ ବି ଜାତି, ଦେଶ ବା ଲୋକସମୂହକୁ ବୁଝି ନାହିଁ ଏକ ସଂଗଠିତ ରାଷ୍ଟ୍ର ଭାବରେ ବା ଏକ ସୁସଜ୍ଜିତ ଲୋକସମାଜ ଭାବରେ ଯାହା ଜୀବନ-ସଂଗ୍ରାମ ଏବଂ ଜାତୀୟ ଅହଂର ସେବାରେ ଅନ୍ୟ ସବୁକିଛିକୁ ପ୍ରୟୋଗ କରିବା ନିମିତ୍ତ ସୁପ୍ରସ୍ତୁତ – ତାହା ହେଉଛି କେବଳ ଲୌହବର୍ମର ଛଦ୍ମବେଶ, ଯାହା ଜାତୀୟ ପୁରୁଷକୁ ଲୁକ୍‌କାୟିତ କରେ ଏବଂ ବିଭ୍ରାନ୍ତ କରେ,– କିନ୍ତୁ ଏକ ମହାନ୍ ସାମୂହିକ ଆତ୍ମା ଏବଂ ଜୀବନ ଯାହା ସମୂହ ମଧ୍ୟରେ ପ୍ରକାଶିତ ହୋଇଛି ଏବଂ ନିଜସ୍ୱ ଏକ ପ୍ରକୃତିକୁ ଏବଂ ସେହି ପ୍ରକୃତିର ଏକ ବିଧାନକୁ ଅଭିବ୍ୟକ୍ତ କରିଛି, ଯାହା ହେଉଛି ତାହାର ସ୍ୱଭାବ ଓ ସ୍ୱଧର୍ମ, ଏବଂ ଏହାର ବୁଦ୍ଧିଗତ, ସୌନ୍ଦର୍ଯ୍ୟଗତ, ନୀତିଗତ, ବ୍ୟବହାରିକ, ସାମାଜିକ ଏବଂ ରାଜନୈତିକ ରୂପ ଏବଂ ସଂସ୍କୃତିରେ ଯାହା ଏହାକୁ ମୂର୍ତ୍ତ କରେ । ଏବଂ ସମାନ ଭାବରେ ମାନବସମାଜ ସମ୍ବନ୍ଧେ ଆମର ସାଂସ୍କୃତିକ ଧାରଣା ହେବା ଆବଶ୍ୟକ, ମାନବଜାତି ମଧ୍ୟରେ ତାହାର ବିଶ୍ୱଗତ ଅଭିବ୍ୟକ୍ତିର ପ୍ରାଚୀନ ଦୃଷ୍ଟି ଅନୁସାରେ ଜୀବନ ଓ ମନ ମଧ୍ୟଦେଇ ବିକଶିତ ହେବା କିନ୍ତୁ ତାହା ସହିତ ରହିବ ଏକ ଅତ୍ୟୁଚ୍ଚ ଆଧ୍ୟାତ୍ମିକ ଲକ୍ଷ୍ୟ, – ଏହା ହେବ ଏକ ଆଧ୍ୟାତ୍ମିକ ଭାବ, ମାନବଜାତିର ଆତ୍ମା ଯାହା ଅଗ୍ରଗତି କରିବ ସଂଗ୍ରାମ ଓ ସଙ୍ଗତି ମଧ୍ୟରେ ଏକତ୍ୱ ଦିଗକୁ, ଏବଂ ତଦ୍ଦ୍ୱାରା ଏହା ଅଭିବୃଦ୍ଧି କରିବ ଏହାର ଅଭିଜ୍ଞତାକୁ, ଏହାର ବହୁଲୋକଙ୍କର ବିଚିତ୍ର ସଂସ୍କୃତି ଓ ଜୀବନ-ଉଦ୍ଦେଶ୍ୟର ମଧ୍ୟଦେଇ ଆବଶ୍ୟକ ବୈଚିତ୍ର୍ୟକୁ ବଜାୟ ରଖି, ବ୍ୟକ୍ତିଗତ ଶକ୍ତିର ବିକାଶ ଓ ତାହାର ଦିବ୍ୟତର ସତ୍ତା ଓ ଜୀବନ ଦିଗରେ ଅଗ୍ରଗତିର ମଧ୍ୟଦେଇ ପୂର୍ଣ୍ଣତା ନିମିତ୍ତ ସନ୍ଧାନ କରି; କିନ୍ତୁ ଧୀରେ ଧୀରେ ହେଲେ ମଧ୍ୟ ମାନବଜାତିର ଜୀବନରେ ପୂର୍ଣ୍ଣତା ଲାଭ କରିବାର ସାମର୍ଥ୍ୟକୁ ଅନୁଭବ କରି । ଏହା ଯେ ମନୁଷ୍ୟ ଜୀବନର ବା ଜାତୀୟ ସତ୍ତାର ବାସ୍ତବ ବିବରଣ, ଏଥିରେ ସନ୍ଦେହ କରାଯାଇପାରେ; କିନ୍ତୁ ଥରେ ଯଦି ଏହି ବର୍ଣ୍ଣନାକୁ ସତ୍ୟ ବୋଲି ସ୍ୱୀକାର କରାଯାଏ, ତେବେ ଏହା ସ୍ପଷ୍ଟ ହୋଇଉଠିବ ଯେ ତାହାହିଁ ହେବ ଏକମାତ୍ର ଯଥାର୍ଥ ଶିକ୍ଷା ଯାହାକି ବ୍ୟକ୍ତି ଏବଂ ଜାତିର ମନ ଓ ଶରୀରରେ ଆତ୍ମାର ଏହି ବାସ୍ତବ କାର୍ଯ୍ୟପଦ୍ଧତି ନିମିତ୍ତ ଏକ ମାଧ୍ୟମ । ତାହାହିଁ ସେହି ମୌଳିକ ସତ୍ୟ ଯାହାକୁ ଭିତ୍ତି କରି ଆମେ ସବୁକିଛିକୁ ଗଢ଼ିତୋଳିବା ଆବଶ୍ୟକ, ତାହାହିଁ ହେଉଛି କେନ୍ଦ୍ରୀୟ ଉଦ୍ଦେଶ୍ୟ ଏବଂ ପଥପ୍ରଦର୍ଶନକାରୀ ଆଦର୍ଶ । ଏହା ହେବ ଏପରି ଏକ ଶିକ୍ଷା,

ବ୍ୟକ୍ତି ନିମିତ୍ତ ଯାହାର କେନ୍ଦ୍ରୀୟ ଲକ୍ଷ୍ୟ ହେବ ଆତ୍ମା ଏବଂ ତାହାର ଶକ୍ତି ଓ ସମ୍ଭାବନାର ଅଭିବୃଦ୍ଧି; ଜାତି ନିମିତ୍ତ ଏହାର ପ୍ରଥମ ଉଦ୍ଦେଶ୍ୟ ହେବ ଜାତୀୟ ଆତ୍ମା ଓ ଏହାର ଧର୍ମର ସଂରକ୍ଷଣ, ଶକ୍ତିବର୍ଦ୍ଧନ ଓ ସମୃଦ୍ଧିସାଧନ ଏବଂ ଏହି ଉଭୟକୁ ମାନବଜାତିର ଜୀବନ ଏବଂ ଉର୍ଦ୍ଧ୍ୱଗାମୀ ମନ ଓ ଆତ୍ମାର ଶକ୍ତିଚୟ ମଧ୍ୟକୁ ଉତ୍‌ଥିତ କରିବା । ଏବଂ କୌଣସି ସମୟରେ ବି ଏହା ମନୁଷ୍ୟର ସର୍ବୋଚ୍ଚ ଲକ୍ଷ୍ୟ, ତାହାର ଆଧାତ୍ମିକ ସତ୍ତାର ଜାଗରଣ ଓ ବିକାଶ ନିମିତ୍ତ ଦୃଷ୍ଟିକୁ ହରାଇ ବସିବ ନାହିଁ ।''

(ଶିକ୍ଷା, ପୃଷ୍ଠା : ୨୦-୨୨)

*

ଶିକ୍ଷାର ଯଥାର୍ଥ ଉଦ୍ଦେଶ୍ୟଟିକୁ ଶ୍ରୀଅରବିନ୍ଦ 'ମାନବ-ଯୁଗଚକ୍ର' ପୁସ୍ତକର ନିମ୍ନୋକ୍ତ ଅନୁଚ୍ଛେଦଟିରେ ସୁନ୍ଦର ରୂପେ ବର୍ଣ୍ଣନା କରିଛନ୍ତି :

''...ମାତାପିତା ତଥା ଶିକ୍ଷକ ପ୍ରତ୍ୟେକ ମନୁଷ୍ୟ ଶିଶୁ ଯେପରି ନିଜେ ନିଜକୁ ଶିକ୍ଷା ଲାଗି ପ୍ରେରିତ କରିପାରିବ, ସେଥିଲାଗି ଶିଶୁ ଭିତରେ ଆବଶ୍ୟକ ସାମର୍ଥ୍ୟ ଆଣିଦେବେ ଓ ଶିଶୁକୁ ସେଥିଲାଗି ସାହାଯ୍ୟ କରିବେ । ଶିଶୁ ଯେପରି ସ୍ୱୟଂ-ପ୍ରେରିତ ହୋଇ ଆପଣାର ବୁଦ୍ଧିଗତ, ନୈତିକ ସୌନ୍ଦର୍ଯ୍ୟ-ବୋଧଗତ ତଥା ବ୍ୟବହାରିକ ସାମର୍ଥ୍ୟଗୁଡ଼ିକର ବିକାଶ କରିପାରିବ, ଏକ ଜୀବନଶାଳୀ ସତ୍ତା ପରି ମୁକ୍ତ ଓ ସ୍ୱଚ୍ଛନ୍ଦ ଭାବରେ ବଢ଼ିପାରିବ ଓ ମେଞ୍ଚାଏ କାଦୁଅ ପରି କୌଣସି ଏକ ଜୀବନହୀନ ବସ୍ତୁ ପରି ତାକୁ ଚପାଇ, ଦଳି କୌଣସି ଏକ ପୂର୍ବନିର୍ଦ୍ଦିଷ୍ଟ ଛାଞ୍ଚ ଦିଆଯିବାକୁ ଆଦୌ ଚେଷ୍ଟା କରାଯିବ ନାହିଁ ।... ସେମାନେ ସେଇଥିଲାଗିହିଁ ଶିଶୁକୁ ସାହାଯ୍ୟ କରିବେ ଓ ଶିଶୁ ଭିତରେ ଆବଶ୍ୟକ ସାମର୍ଥ୍ୟ ଆଣିଦେବେ । ଶିଶୁର ଆତ୍ମା କହିଲେ ଯଥାର୍ଥରେ କ'ଣ ବୁଝାଏ ଏବଂ ପିଲା ବା ବଡ଼ ମଣିଷ ଯାହା ହୋଇଥା'ନ୍ତୁ ପଛକେ, ପ୍ରତ୍ୟେକ କ୍ଷେତ୍ରରେ ତାକୁ ତା'ର ଗଭୀରତର ଆତ୍ମପରିଚୟଟି ଲାଭ କରିବାରେ ଅର୍ଥାତ୍ ତାହାର ଭିତରେ ରହିଥିବା ଚେତସ୍ ସତ୍ୟସତ୍ତାଟିର ଆବିଷ୍କାର କରିବାରେହିଁ ସହାୟତା କରିବାକୁ ଯେ ଶିକ୍ଷାର ଗୁପ୍ତ ଅସଲ କଥା ବୋଲି ଜାଣିବାକୁ ହେବ, ସେ କଥାଟି ଏପର୍ଯ୍ୟନ୍ତ ସଂପୂର୍ଣ୍ଣ ଭାବରେ ଅନୁଭୂତ ହୋଇ ନାହିଁ । ଏହି କଥାଟିକୁ ଯଦି ଆମେ ଆଗକୁ ଆସିବାକୁ ଅନୁମତି ଦେଉ ଏବଂ ଆହୁରି ଅଧିକ କରି କହିଲେ, 'ଆମ ସମ୍ମୁଖରେ ରହିଥିବା ଯାତ୍ରାର ନାୟକ' ରୂପେ ଯଦି ଆମେ ପୁରୋଭୂମିକୁ ଏହି ସତ୍ୟଟିର ଆବାହନ କରି ଆଣିପାରୁ, ତେବେ କେବଳ ତାହାହିଁ ଆମ ହାତରେ ରହିଥିବା ଶିକ୍ଷାର ଅଧିକାଂଶ ଦାୟିତ୍ୱକୁ ଆପେ ସମ୍ଭାଳି ନେଇ ପାରିବ ଏବଂ ମନୋମୟ ମନୁଷ୍ୟ ସତ୍ତାର ସାମର୍ଥ୍ୟକୁ ତା'ର ଅନ୍ତର୍ନିହିତ ସମ୍ଭାବନାଗୁଡ଼ିକର ଉପଲବ୍ଧି ଦିଗରେ ଅବଶ୍ୟ ବିକାଶ କରାଇ ଆଣିବ । ଜୀବନ ଆଉ ମଣିଷକୁ ଏବେ ଆମେ ସତେଅବା ଗୋଟିଏ ଯନ୍ତ୍ର ପରିହିଁ ଦେଖୁଛୁ ଏବଂ କେବଳ ବାହ୍ୟ ରୁଟିନ୍‌ର ଏକ ପଦ୍ଧତି ଦ୍ୱାରାହିଁ ଆମେ ସେସବୁର ସମ୍ମୁଖୀନ ହୋଇ ପାରୁଛୁ ଏବଂ ସେହି କାରଣରୁହିଁ ଆମେ ସେହି ଅନ୍ତର୍ନିହିତ ସମ୍ଭାବନାଗୁଡ଼ିକ ବିଷୟରେ କୌଣସି ଅନୁଭୂତି ଲାଭ କରିବାରେ କିଂବା ସେଗୁଡ଼ିକର କୌଣସି କଳ୍ପନା କରିପାରିବାରେ ମଧ୍ୟ ଏକାନ୍ତ ଅସମର୍ଥ ହୋଇ ରହିଛୁ । ବର୍ତ୍ତମାନ ଶିକ୍ଷାର ଯେଉଁସବୁ ନୂତନ ପଦ୍ଧତି ଉଦ୍‌ଭୂତ ହେବାକୁ ଆରମ୍ଭ କରୁଛି, ସେସବୁ ସେହି ସମ୍ଭାବନାଗୁଡ଼ିକର ସମ୍ମୁଖୀନ ହୋଇ ପାରିବା ଭଳି ଏକ ସିଧା ବାଟରେହିଁ ଅନୁସରଣ କରୁଛି । ଆମର ପ୍ରାଣଗତ ତଥା ଜଡ଼ମନର ପଶ୍ଚାତରେ ରହିଥିବା ଚୈତ୍ୟସତ୍ତାଟିକୁ ଅନ୍ତରଙ୍ଗ ଭାବରେ ସ୍ପର୍ଶ କରି ପାରିବା ଲାଗି ଯେଉଁ ପ୍ରୟାସ କରାଯାଉଛି ଏବଂ ତାହାରି ସମ୍ଭାବନାଗୁଡ଼ିକ ଉପରେ ଯେପରି କ୍ରମେ ଅଧିକରୁ ଅଧିକ ଆସ୍ଥା ସ୍ଥାପନ କରାଯାଉଛି, ତାହା ଆମକୁ ସେହି ଚରମ ପରିଚୟ ଲାଭ ଆଡ଼କୁ ଅବଶ୍ୟ ବାଟ ଦେଖାଇ ନେଇଯିବ; ଅନ୍ତଃସ୍ଥ ଭାବରେ ମନୁଷ୍ୟ ଯେ ଏକ ଆତ୍ମା ଓ ପରମ ଦିବ୍ୟସତ୍ତାର ଏକ ଚେତନାମୟ ଶକ୍ତି, ଏବଂ ଅନ୍ତର ଭିତରେ ବାସ କରୁଥିବା ଏହି ଯଥାର୍ଥ ମନୁଷ୍ୟଟିର ବିକାଶ ଓ ଉନ୍ମୋଚନ ଘଟାଇବା ଯେ ଶିକ୍ଷାର ଯଥାର୍ଥ ଉଦ୍ଦେଶ୍ୟ, ଆମେ କ୍ରମେ ଏହି ସତ୍ୟଟିର ଆବିଷ୍କାର କରିପାରିବା ।''

(ଶିକ୍ଷା ଓ ମାନବ-ଜୀବନର ଲକ୍ଷ୍ୟ, ପୃ. ୧୦୫-୧୦୬)

ଏହି ଦୃଷ୍ଟିକୋଣରୁ ବିଚାର କଲେ ଶିକ୍ଷାର ପ୍ରଧାନ ଉଦ୍ଦେଶ୍ୟ ହେଉଛି ବ୍ୟକ୍ତିର ଅନ୍ତରାତ୍ମାକୁ ସମ୍ମୁଖକୁ ଆସିବା ପାଇଁ ସାହାଯ୍ୟ କରିବା, ତାହାର କରଣଗୁଡ଼ିକ ଉପରେ ପ୍ରଭୁତ୍ୱ ପ୍ରତିଷ୍ଠା କରିବା, ଅନୁଭୂତି ଲାଭ କରି ଅଗ୍ରଗତି କରିବା ଓ ପରିଣାମରେ ଏହା ଜୀବନରେ ଯେଉଁ ଶକ୍ତିସବୁକୁ ପ୍ରୟୋଗ କରିବାକୁ ଚାହେଁ ସେସବୁକୁ ପ୍ରକାଶ କରିବା ।

ଛୋଟ ଶିଶୁଟିଠାରେ ମଧ୍ୟ ଆମକୁ ଏହି ଆତ୍ମାର ଉନ୍ମୀଳନ ପାଇଁ ପ୍ରୟାସ କରିବାକୁ ହେବ – ଶିଶୁର ବିକାଶୋନ୍ମୁଖୀ ଶରୀର, ପ୍ରାଣ, ମନର ଶିକ୍ଷା ସହ ସଚେତନ ଶିକ୍ଷକ ତା'ର ଆତ୍ମାର ବିକାଶ ପାଇଁ ପ୍ରଯତ୍ନଶୀଳ ହେବା

ବାଞ୍ଛନୀୟ । ତାହାକୁ ଯଥାର୍ଥ ସମ୍ମାନ ଦେଇ ତାହା ପ୍ରତି ଆସ୍ଥା ରଖିବା ଏବଂ ଏକଥା କେବେ ହେଲେ ଭୁଲିଯିବା ନାହିଁ ଯେ ତା'ର ଅବିକଶିତ ଶରୀର ଓ ଅପରିପକ୍ୱ ମନର ପଶ୍ଚାତ୍‌ରେ ଅଛି ଜୀବନ୍ତ ଜାଗ୍ରତ୍ ଚୈତ୍ୟସତ୍ତା । ଆମର ଏହି ପ୍ରକାର ମନୋଭାବ ପ୍ରତି ଶିଶୁର ଯେଉଁ ପ୍ରତିକ୍ରିୟା ପ୍ରକାଶ ପାଇବ ତାହା ଦେଖି ସେତେବେଳେ ଆମେ ଆଶ୍ଚର୍ଯ୍ୟ ହୋଇଯିବା । ଗୋଟିଏ ଆତ୍ମା ଭେଟିବ ଆଉ ଗୋଟିଏ ଆତ୍ମାକୁ ।

ସଂଗ୍ରହ ଓ ଉପସ୍ଥାପନା : ରମାକାନ୍ତ ସାହୁ ❑

## *ସୂକ୍ଷ୍ମ ଭାବାବେଗ ଓ ଅନୁଭବମାନେ ...*

ସମୁଦ୍ର ଭିତରେ ସ୍ୱର୍ଗୀୟ ସୌନ୍ଦର୍ଯ୍ୟଭରା ନିର୍ଜନ ଦ୍ୱୀପଟିଏ ଥିଲା । ଏକଦା ଏକ ଭିନ୍ନ ସ୍ୱାଦର ଅବସର ବିନୋଦନ ପାଇଁ **ସୂକ୍ଷ୍ମ ଭାବାବେଗ ଓ ଅନୁଭବମାନେ** ସେଠାରେ ଏକତ୍ରିତ ହେଲେ । ଆପଣାର ରୁଚି ଅନୁଯାୟୀ ସେମାନେ ବନ୍ଧୁ ନିର୍ବାଚନ ଓ କାର୍ଯ୍ୟକ୍ରମ ମଧ୍ୟ ଆରମ୍ଭ କରିଦେଲେ । ସବୁ ଭିତରେ ସେମାନଙ୍କର ସମୟ ସେଠାରେ ବେଶ୍ ଉପଭୋଗ୍ୟ ହୋଇଉଠିଲା । ହଠାତ୍ 'ସତର୍କତା' ଏକ ଆସନ୍ନ ଝଡ଼ର ସୂଚନା ପାଇଲା ଓ ସମସ୍ତଙ୍କୁ ଯଥାଶୀଘ୍ର ସେ ସ୍ଥାନ ପରିତ୍ୟାଗ କରିବାକୁ ପରାମର୍ଶ ଦେଲା ।

ସମସ୍ତେ ଯେତେ ଶୀଘ୍ର ସମ୍ଭବ ପ୍ରତ୍ୟାବର୍ତ୍ତନ ପାଇଁ ପ୍ରସ୍ତୁତ ହୋଇଉଠିଲେ । ଅଧିକାଂଶ ନିଜ ନିଜର କ୍ଷୁଦ୍ର ଜାହାଜଗୁଡ଼ିକ ପ୍ରସ୍ତୁତ କରି ତତ୍‌କ୍ଷଣାତ୍ ପ୍ରସ୍ଥାନ କଲେ ସେ ଦ୍ୱୀପଟିରୁ । କେବଳ 'ପ୍ରେମ'ହିଁ ମୋଟେ ତରବର ହେଉ ନଥିଲା । ତା'ର ଯେମିତି କେତେ କ'ଣ କରିବାର ଅଛି ! ହେଲେ ଝଡ଼ତୋଫାନ ହେବାର ନିଶ୍ଚିତ ପ୍ରତିଶ୍ରୁତି ନେଇ ଆକାଶକୁ ଛାଇଦେଲା କଳାହାଣ୍ଡିଆ ମେଘ – ନିଜର ନିରାପଦ ବାସସ୍ଥାନକୁ ଫେରିଯିବାକୁ ହେବ । 'ପ୍ରେମ' ଯେକୌଣସି ବନ୍ଧୁଙ୍କର ଜାହାଜରେ ଆଶ୍ରୟ ଟିକେ ପାଇଁ ସାହାଯ୍ୟ ଲୋଡୁଥାଏ । ପ୍ରଥମେ ବିଭବଶାଳୀ 'ସମ୍ପଦ'କୁ ଅନୁରୋଧ କରନ୍ତେ ସେ ଜଣାଇ ଦେଲା ଯେ ତା'ର କ୍ଷୁଦ୍ର ଜାହାଜଟି ବହୁମୂଲ୍ୟ ମଣିମାଣିକ୍ୟରେହିଁ ପୂର୍ଣ୍ଣ... ସ୍ଥାନ କାହିଁ 'ପ୍ରେମ'କୁ ନେବା ପାଇଁ ! ପରେ ସେ ବାଟ ଦେଇ ଗଲା ବିଳାସପୂର୍ଣ୍ଣ ଜାହାଜରେ 'ବଡ଼ିମା' । 'ପ୍ରେମ'ର ଆକୁଳ ମିନତି, ''ସାଥିରେ ଟିକେ ନେଇଯା' ମୋତେ 'ବଡ଼ିମା', ମୁଁ ଏଠି ଏକୁଟିଆ ଅଟକି ଯାଇଛି'' । ଉତ୍ତର ଦେଲା 'ବଡ଼ିମା', ''ମୋର ଏଇ ସୌଖୀନ ଜାହାଜଟି ତୋର କାଦୁଅ ବୋଳା ପାଦରେ ମଇଳା ହୋଇଯିବ । ମୁଁ ନେଇପାରିବି ନାହିଁ ତୋତେ'' । ତା'ପରେ ଆସିଲା ସାଧାରଣ ନୌକାଟିରେ 'ବିଷାଦ' । 'ପ୍ରେମ' ପଚାରିଲା, ''ହେ ବନ୍ଧୁ ! ନେଇପାରିବୁ କି ମୋତେ ତୋ ସାଥୀରେ'' ? ଖୁବ୍ ବିଷଣ୍ଣ ଭାବେ କହିଲା 'ବିଷାଦ', ''ମୁଁ ଖୁବ୍ ଦୁଃଖଗ୍ରସ୍ତ ଓ ସମ୍ପୂର୍ଣ୍ଣ ରୂପେ ଏକା ରହିବାକୁହିଁ ଚାହେଁ'' । ପରେ ପରେ ଆସୁଥିଲା ଏକ ଚାକଚକ୍ୟପୂର୍ଣ୍ଣ ଛୋଟ ଜାହାଜରେ 'ଖୁସି' । ଏତେ ଆମୋଦପ୍ରମୋଦ ଭିତରେ ସେ ବୁଡ଼ି ରହିଥିଲା ଯେ 'ପ୍ରେମ'ର ଆକୁଳ ନିବେଦନ ତା' କର୍ଣ୍ଣଗୋଚର ବି ହେଲା ନାହିଁ । ଏହି ସମୟରେ 'ପ୍ରେମ'ର ସମସ୍ତ ବିଷାଦର ଅବସାନ ଘଟାଇ ଗୋଟାଏ କଣ୍ଠସ୍ୱର ଶୁଭିଲା, ''ହେ 'ପ୍ରେମ', ଆସେ ମୋର ଏହି ଛୋଟ ଜାହାଜଟିକୁ । ମୁଁ ତୋତେ ନିରାପଦ ସ୍ଥାନକୁ ନେଇଯିବି ।'' କିଛି ସମୟ ପରେ ଭାବାବେଗମାନେ ପୁଣି ଏକତ୍ରିତ ହେଲେ ନିକଟବର୍ତ୍ତୀ ବେଳାଭୂମିରେ । ସେଠାରେ ହଠାତ୍ 'ପ୍ରେମ'ର 'ଜ୍ଞାନ' ସହ ସାକ୍ଷାତ୍ ହୋଇଗଲା । ପ୍ରେମ ପଚାରିଲା, ''କହି ପାରିବ 'ଜ୍ଞାନ' କେଉଁ ମହାନୁଭବ ମୋତେ ଏଇ ନିରାପଦ ଆଶ୍ରୟସ୍ଥଳୀରେ ଆଣି ପହଞ୍ଚାଇ ଦେଲେ ?'' ସ୍ମିତହାସ୍ୟ ସହ 'ଜ୍ଞାନ' ଜଣାଇଲା ଯେ,''ଓଃ, ସେ ହେଉଛି 'ସମୟ' । 'ସମୟ' କେବଳ ତୋର ମହତପଣିଆ ଓ ଗୁରୁ ଦାୟିତ୍ୱ ସମ୍ପର୍କରେ ଅବହିତ । ସେ ଜାଣେ **'' 'ପ୍ରେମ'ହିଁ କେବଳ ଏ ସୃଷ୍ଟିରେ ଶାନ୍ତି ଓ ଅବିମିଶ୍ର ଆନନ୍ଦ ଆଣିଦେବାକୁ ସକ୍ଷମ ।''**

(ଉତ୍ସ : 'ଇଣ୍ଟର୍ ନେଟ୍) ❑

# ସମର୍ପଣ

## ହୃଷୀକେଶ ପଣ୍ଡା

ନିଃସର୍ତ୍ତରେ ଆତ୍ମ-ସମର୍ପଣ କଲା ପରେ
ନିଜର ବୋଲି ଆଉ କିଛି ନଥାଏ
ସବୁକିଛି ଶୂନ୍ୟ ପାଲଟି ଯାଏ
ତାଙ୍କ ଅନୁରାଗର ଅଗଣାରେ
ଅଳୀକ ପ୍ରାର୍ଥନା ବି ଲାଗୁଥାଏ
ଗୋଟେ ଗୋଟେ ଛଦ୍ମ ଅହଂକାର,
ଧନ, ମାନ, ଯଶଃ, ପୌରୁଷ
ସବୁକିଛି ଅଜାଡ଼ି ଦେବା ପରେ
ସେସବୁରେ ତାଙ୍କରହିଁ ପୂର୍ଣ୍ଣ ଅଧିକାର ।

ତୁମର ଅସ୍ତିତ୍ୱ କେବଳ ବିଭୋର ହେବାରେ
ଠିକ୍ ଶେଫାଳିର ସ୍ମିତ ହସ ପରି



ତୁମର ପ୍ରାର୍ଥନା କେବଳ ଝରି ପଡ଼ିବାରେ
କାକରର ମୁକ୍ତାବିନ୍ଦୁ ପରି
ତୁମ କାମନାର କାଶତଣ୍ଡୀ ଫୁଲ
ଦୋହଲୁଥିବ ପବନରେ
ଅହରହ ତାଙ୍କରି ଇଚ୍ଛାରେ,
ତୁମେ ଝୁଲୁଥିବ ପ୍ରତିକ୍ଷଣ
ତନ୍ମୟର ତମାଳ ଲତାରେ
ଅନାହତ ବଂଶୀର ତାନରେ;
ଏହା ପରେ ତୁମେ ଆଉ
ତୁମର ହୋଇ ନଥିବ
ସାଜି ତାଙ୍କ ଇଚ୍ଛାର ନୈବେଦ୍ୟ
ପାଦ ତଳେ ଲୋଟି ସାରିଥିବ । ❑

# ନୂଆ ହେବାର ବେଳାରେ

## ଯଦୁନନ୍ଦନ ସାମଲ

ତୁମେ କେବେ କହିପାରିବନି
ମୁଁ ତୁମର ନୁହେଁ ବୋଲି,
କହିଲେ ମିଛୁଆ ହେବ;
କାରଣ, ମୁଁ ତୁମ ଶକ୍ତିର ଅଂଶ,
ଆତ୍ମାର ସ୍ଫୁଲିଙ୍ଗ ।

ମୁଁ ସିନା ଜାଣି ପାରୁ ନାହିଁ, ତୁମେ ତ ଜାଣିଛ !
ମୋ ନଜାଣିବା ପଣିଆର ଯୁଗଳ କାରଣ
ଗୋଟିଏ ମୋ ଅଜ୍ଞାନତା,
ଅନ୍ୟଟି ମୋ ପରିବେଶ, ପୁରାତନ ସ୍ଥିତି
ଏ ଯାଏ ଆସିଚି ଗଡ଼ି ଗଡ୍ଡଳିକା ପ୍ରାୟେ ।
— ନୂଆ କିଛି ହୋଇ ନାହିଁ ଏଯାଏ ଏଠାବେ,
ଯାହା ବା ହୋଇଛି, କେବଳ ପୁନରାବୃତ୍ତି



ପୁରୁଣା ଉପରେ ନୂଆ ରଙ୍ଗର ପ୍ରଲେପ...
ଏବେ କିନ୍ତୁ ପଡ଼ିଲାଣି ଜଣା
କାଳର ଅନନ୍ତ ଗର୍ଭେ ନୂଆ କିଛି ଅଛି
ନୂତନ ଚେତନା ରୂପେ ପ୍ରକାଶିତ ହେବା
ପାଇଁ ଅପେକ୍ଷା କରିଛି,
ସେଇ ନବ ଚେତନାର ନୂଆ ଏକ ବାର୍ତ୍ତା
ଖେଳିଲାଣି ପୃଥ୍ୱୀ ଚେତନାରେ,
ସମୟ ବି କହୁଛି ସେ କଥା ।
— ହେ ନବ ଚେତନା,
ଏ ବେଳାରେ ଘେନ ମୋ ପ୍ରାର୍ଥନା
ମୋ ଜୀବନ ସାଥେ ଏଇ ପୃଥ୍ୱୀ ଜୀବନରେ
ହୋଇଯାଅ ପୂର୍ଣ୍ଣ ପ୍ରକଟିତ
ଆପଣାର ନୂତନ ରୂପରେ । ❑

# ମହାନନ୍ଦର ପରିମାପ

## ଆର୍ତ୍ତତ୍ରାଣ ମିଶ୍ର

ନାସ୍ତିକବାଦୀ ଚାର୍ବାକ୍ ଋଷିଙ୍କର ଉପଦେଶ –

''ଯାବତ୍ ଜୀବେତ୍ ସୁଖଂ ଜୀବେତ୍,
ଋଣଂ କୃତ୍ୱା ଘୃତଂ ପିବେତ୍ ।''

ତାଙ୍କର ନାସ୍ତିକବାଦକୁ ଆମେ ଗ୍ରହଣ ନକଲେ ମଧ୍ୟ, ଏହା ନିଶ୍ଚୟ ଗ୍ରହଣ କରିବା ଯେ ଆମେ ଆମର ଜୀବନ ସୁଖରେ ବଞ୍ଚିବା, ଋଣ କରି ଘୃତପାନ କରି ରୋଗ ବ୍ୟାଧିରେ ପଡ଼ି ମୃତ୍ୟୁ ହେଉ ପଛକେ । ସୁଖ ସମସ୍ତଙ୍କର କାମ୍ୟ, ଜଗତର ସମସ୍ତ କ୍ରିୟାକଳାପ ଏହି ସୁଖର ସନ୍ଧାନରେ ବ୍ୟସ୍ତ । ବେଦ ଉପନିଷଦ୍‌ର ମୁନିଋଷିଗଣ ଏହି ସୁଖର ସନ୍ଧାନରେ ଯାଇ ସୃଷ୍ଟିର ମୂଳତତ୍ତ୍ୱ ବ୍ରହ୍ମକୁ ପାଇଛନ୍ତି, ଯାହା ହେଉଛି 'ଆନନ୍ଦ' । ସୃଷ୍ଟିର ମୂଳରେ ଏହି ଆନନ୍ଦର ଧାରା ପ୍ରବାହିତ ହେଉଥିବାରୁ ଏ ସୃଷ୍ଟି ତିଷ୍ଠିଛି । ଏହା ବିନା କେହି ବି ବଞ୍ଚିପାରିବେ ନାହିଁ । ତେଣୁ ମନୁଷ୍ୟ କେତେସବୁ ଉପାୟ କରି ଏହି ଆନନ୍ଦକୁ ପରିପୂର୍ଣ୍ଣ ଭାବରେ ଆସ୍ୱାଦନ କରିବାକୁ ଚେଷ୍ଟା କରୁଛି ! ବୃହତ୍ ଧନଶାଳୀ ରାଷ୍ଟ୍ର ଆମେରିକା ଉପରେ ଆଖି ପକାଇବା – ସେଠାରେ ଆନନ୍ଦ ପାଇବା ପାଇଁ କେତେ ଉପାୟ ହେଉଛି । ସେହି ଆନନ୍ଦଠାରୁ ମୁନିଋଷିମାନେ ଯେଉଁ ସ୍ୱର୍ଗୀୟ ଆନନ୍ଦ କଥା କହିଛନ୍ତି ସେ କ'ଣ ଆହୁରି ଅଧିକ ? କେତେ ଅଧିକ ? – ଏଇଟା ମନର ପ୍ରଶ୍ନ । କାରଣ ମନର ସ୍ୱଭାବକୁ କିଛି ବୁଝିବାକୁ ହେଲେ ତା'ର ଗୋଟିଏ ମାପ ଦରକାର । ତେଣୁ ଏହି ଆନନ୍ଦ ମଣିଷର ମାପ ଅନୁସାରେ କେତେ ଅଧିକ ଆନନ୍ଦ ? ତା'ର ଉତ୍ତର ଦେଇଛନ୍ତି ତୈତ୍ତିରୀୟ ଉପନିଷଦ୍‌ର ଋଷି ।

ସେ ଆରମ୍ଭ କଲେ – ନିଅନ୍ତୁ ଜଣେ ସୁନ୍ଦର ଯୁବକ, ବଳିଷ୍ଠ ସ୍ୱାସ୍ଥ୍ୟବାନ୍, ବିଦ୍ୱାନ୍, ସୁସ୍ୱଭାବ ବିଶିଷ୍ଟ, ଦୃଢ଼ ହୃଦୟବାନ୍ ଏବଂ ତାଙ୍କ ଭୋଗ ନିମନ୍ତେ ରହିଛି ବିଶାଳ ପୃଥିବୀର ସମସ୍ତ ଧନସମ୍ପତ୍ତି । ସେ ସେଥିରୁ ଯେଉଁ ଆନନ୍ଦ ଲାଭ କରିବେ ସେ ହେଉଛି ଗୋଟିଏ ମାନବୀୟ ଆନନ୍ଦ । ଏହି ମାନବୀୟ ଆନନ୍ଦର ଶହେଗୁଣ ଆନନ୍ଦ ଜଣେ ଗନ୍ଧର୍ବ ମନୁଷ୍ୟର । ତା'ର ଶହେଗୁଣ ଆନନ୍ଦ ଜଣେ ଦେବଗନ୍ଧର୍ବଙ୍କର । ଏହାର ଶହେଗୁଣ ଆନନ୍ଦ ଜଣେ ପିତୃ ଯେ ସ୍ୱର୍ଗରେ ଚିରନ୍ତନ ବାସ କରନ୍ତି । ଏହାର ଶହେଗୁଣ ଆନନ୍ଦ ଜଣେ ଦେବତା ଯେ ସ୍ୱର୍ଗରେହିଁ ଦେବତା ରୂପେ ଜାତ ହୋଇଛନ୍ତି । ଏହାର ଶହେଗୁଣ ଆନନ୍ଦ ଯେ କର୍ମ ବଳରେ ସ୍ୱର୍ଗର ଦେବତା ହୋଇଛନ୍ତି । ଏହାର ଶହେ ଗୁଣ ଆନନ୍ଦ ସେହି ଦେବତାଙ୍କର ଯେ ଚିରନ୍ତନ ସ୍ୱର୍ଗର ଦେବତା । ଏହାର ଶହେଗୁଣ ଆନନ୍ଦ ଦେବରାଜ ଇନ୍ଦ୍ରଙ୍କର । ଏହାର ଶହେଗୁଣ ଆନନ୍ଦ ଦେବ ଗୁରୁ ବୃହସ୍ପତିଙ୍କର । ଏହାର ଶହେ ଗୁଣ ଆନନ୍ଦ ପ୍ରଜାପତି ବ୍ରହ୍ମାଙ୍କର । ଏହାର ଶହେଗୁଣ ଆନନ୍ଦ ସ୍ୱୟଂ ବ୍ରହ୍ମାଙ୍କର । ବର୍ତ୍ତମାନ କଳ୍ପନା କରନ୍ତୁ ମାନବୀୟ ଆନନ୍ଦଠାରୁ ସ୍ୱର୍ଗୀୟ ଆନନ୍ଦ କେତେଗୁଣ ଅଧିକ !

ପୁରାଣରେ ଅଛି ମହାରାଜା ତ୍ରିଶଙ୍କୁ ସ୍ୱଦେହରେ ଏହି ସ୍ୱର୍ଗର ଆନନ୍ଦ ପାଇବାକୁ ଇଚ୍ଛାକଲେ । ବିଶ୍ୱାମିତ୍ର ତାଙ୍କର ତପସ୍ୟା ବଳରେ ତାଙ୍କୁ ସ୍ୱର୍ଗକୁ ଉଠାଇଲେ । କିନ୍ତୁ ସେ ଅଧା ବାଟରେ ରହିଗଲେ । କିନ୍ତୁ କଳିଯୁଗର ଶେଷ ଚରଣରେ ମହାଯୋଗୀ ଶ୍ରୀଅରବିନ୍ଦ ଓ ଶ୍ରୀମା ଏହି ପୃଥିବୀ ଉପରେ ଏହି ମହାନନ୍ଦର ଧାରା ଉତାରି ଆଣିଛନ୍ତି । ଯେତେବେଳେ ଏହି ମହାନନ୍ଦର ଧାରା ପରିପୂର୍ଣ୍ଣ ଭାବରେ ପୃଥିବୀ ଉପରେ ପ୍ରକଟିତ ହେବ ସେତେବେଳେ ଏହି ଆନନ୍ଦ ଉପଭୋଗ ନିମନ୍ତେ ଦେବତାମାନେ ମଧ୍ୟ ପୃଥିବୀ ଉପରେ ଦେହଧାରଣ କରିବେ – ଏକଥା କହିଛନ୍ତି ଶ୍ରୀମା ।

❑❑❑

# ଜିଜ୍ଞାସୁର ପୃଷ୍ଠା

***ପ୍ରଶ୍ନ :*** *ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ବ୍ୟକ୍ତିର କି ପ୍ରକାରର ଶିକ୍ଷାଦାନର ବ୍ୟବସ୍ଥା ହେବା ଉଚିତ ? ଶିକ୍ଷକମାନଙ୍କର ଭୂମିକା କ'ଣ ? କେଉଁ ଦୃଷ୍ଟି ସହ ପଢ଼ିଲେ, ପୂର୍ଣ୍ଣାଙ୍ଗ ଶିକ୍ଷାର ଲକ୍ଷ୍ୟ ପୂର୍ଣ୍ଣ ହେବ ? ପୂର୍ଣ୍ଣାଙ୍ଗ ଶିକ୍ଷାର ଅର୍ଥ, ସେଥିରେ ଶିକ୍ଷକମାନଙ୍କର ତଥା ଅଭିଭାବକମାନଙ୍କର ଭୂମିକା, ଏଇ ବିଷୟରେ ଆମମାନଙ୍କୁ କିଛି କୁହନ୍ତୁ ?*

**ଉତ୍ତର :** ବର୍ତ୍ତମାନ ଯେଉଁ ପ୍ରଚଳିତ ଶିକ୍ଷା ଓ ପୂର୍ଣ୍ଣାଙ୍ଗ ଶିକ୍ଷା ଏ ଭିତରେ ପ୍ରଭେଦ ହେଉଛି, ପ୍ରଚଳିତ ଶିକ୍ଷା ଛାତ୍ର-ଛାତ୍ରୀମାନଙ୍କୁ କୌଣସି ନିର୍ଦ୍ଦିଷ୍ଟ ଲକ୍ଷ୍ୟ ଦେଇପାରୁ ନାହିଁ । ଏ ଶିକ୍ଷା କେବଳ ବ୍ୟକ୍ତିକୁ ତା'ର ଚାହିଁବା ଅନୁସାରେ ସାହାଯ୍ୟ କରେ । ସେ ଯଦି ଇଞ୍ଜିନିୟର ହେବାକୁ ଚାହିଁବ ତେବେ ଏ ବିଦ୍ୟା ତାକୁ ସେଥିରେ ସାହାଯ୍ୟ କରିବ । ଯଦି ସେ ଡାକ୍ତର ହେବାକୁ ଚାହିଁବ ପ୍ରଚଳିତ ବିଦ୍ୟା ସେଥିରେ ତାକୁ ସାହାଯ୍ୟ କରିବ । ଏପରିକି ଯଦି ସେ ଚୋରି କରିବାକୁ ଚାହିଁବ, ସେ ବିଦ୍ୟା ତାକୁ ସାହାଯ୍ୟ କରିବ । କାରଣ ପ୍ରଚଳିତ ବିଦ୍ୟା କୌଣସି ସ୍ୱତନ୍ତ୍ର ଲକ୍ଷ୍ୟ ଦେଇପାରେ ନାହିଁ । ଇଚ୍ଛା ଅନୁସାରେ ଯେଉଁ କାର୍ଯ୍ୟ ଯିଏ କରିବାକୁ ଚାହିଁବ, ଏ ବିଦ୍ୟା ତାକୁ କେବଳ ସେହିଥିରେ ସାହାଯ୍ୟ କରିବ । କିନ୍ତୁ ଏହା କ'ଣ ଠିକ୍ ? ଏହା କ'ଣ ଉଚିତ ମନେ ହେଉଛି ? ଯଦି ଯୁକ୍ତିଯୁକ୍ତ ମନେ ହେଉ ନଥାଏ ତେବେ ପ୍ରଶ୍ନ କରନ୍ତୁ । ମୋର କହିବା କଥା ବର୍ତ୍ତମାନ ଯେଉଁ ପ୍ରଚଳିତ ଶିକ୍ଷା ବ୍ୟକ୍ତିକୁ ଏକ ନୂତନ ରାସ୍ତା ଦେଇପାରୁ ନାହିଁ, ଏକ ଯଥାର୍ଥ ରାସ୍ତା ଦେଇପାରୁ ନାହିଁ, ବ୍ୟକ୍ତି ସ୍ୱଭାବ ଯେପରି ଥିବ ଏ ବିଦ୍ୟା ତାକୁ ସେହିପରି ସାହାଯ୍ୟ କରିବ । କିନ୍ତୁ ପୂର୍ଣ୍ଣାଙ୍ଗ ଶିକ୍ଷାର ଲକ୍ଷ୍ୟ ହେଲା, ବ୍ୟକ୍ତିର ଯେଉଁ ଯଥାର୍ଥ ଲକ୍ଷ୍ୟ, ଯେଉଁ ଲକ୍ଷ୍ୟକୁ ସୃଷ୍ଟି ସର୍ଜନା ହେବା ଦିନଠାରୁ ମନୁଷ୍ୟ ଚାହିଁ ଆସୁଛି, କିନ୍ତୁ ତା'ର ପ୍ରଣାଳୀକୁ ଠିକ୍‌ଠିକ୍ ପାଇ ପାରୁ ନାହିଁ, ପୂର୍ଣ୍ଣାଙ୍ଗ ଶିକ୍ଷା ସେହି ଲକ୍ଷ୍ୟର ସନ୍ଧାନ ଦିଏ । ଏହାହିଁ ପ୍ରତ୍ୟେକ ବ୍ୟକ୍ତିର ଜୀବନର ଲକ୍ଷ୍ୟ, ଯେଉଁ ଲକ୍ଷ୍ୟ ସକାଶେ ଭଗବାନଙ୍କର ଏହି ସୃଷ୍ଟି, ଆଉ ଯେଉଁ ଲକ୍ଷ୍ୟ ଆଡ଼କୁ ପ୍ରତ୍ୟେକ ବ୍ୟକ୍ତି ଅଜ୍ଞାତରେ ଯାତ୍ରା କରୁଛନ୍ତି । ସେ ସକାଶେ ପୂର୍ଣ୍ଣାଙ୍ଗ ଶିକ୍ଷାର ଶିକ୍ଷକ, ଶିକ୍ଷୟିତ୍ରୀମାନଙ୍କୁ ପ୍ରଥମେ ଜୀବନର ଯଥାର୍ଥ ଲକ୍ଷ୍ୟ କ'ଣ ଜାଣିବାକୁ ହେବ । ଲକ୍ଷ୍ୟ ପ୍ରାପ୍ତି ସକାଶେ ସମସ୍ତ କର୍ମ କରିବାକୁ ହେବ । ପୂର୍ଣ୍ଣାଙ୍ଗ ଶିକ୍ଷା ଦେବାହିଁ ଶିକ୍ଷକମାନଙ୍କର ସାଧନା । ଯେମିତି ସାଧାରଣ ସ୍କୁଲରେ ଶିକ୍ଷକ, ଶିକ୍ଷୟିତ୍ରୀଙ୍କର ଦକ୍ଷତା ଥାଏ, ସେମାନେ ମାସକୁ କିଛି ଦରମା ପାଆନ୍ତି, ଆଉ ତାଙ୍କର କର୍ତ୍ତବ୍ୟ ହେଉଛି ପିଲାମାନଙ୍କୁ କିଛି ପଢ଼େଇବା, କିନ୍ତୁ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଯେଉଁ ଶିକ୍ଷକ, ଶିକ୍ଷୟିତ୍ରୀମାନେ ଅଛନ୍ତି, ସେମାନଙ୍କର ଉଦ୍ଦେଶ୍ୟ ହେଉଛି ଜୀବନର ଯଥାର୍ଥ ଲକ୍ଷ୍ୟକୁ ଜାଣିବା, ସେ ଲକ୍ଷ୍ୟକୁ ପ୍ରାପ୍ତି କରିବା ସକାଶେ ଯେତେ ପ୍ରକାର କର୍ମ, ସେ କର୍ମକୁ ସାଧନାଭାବେ କରି ସମର୍ପଣ କରିବା । ଆଉ ପିଲାମାନଙ୍କୁ ଯେତେବେଳେ ଶିକ୍ଷା ଦେବା, ସେମାନଙ୍କର ଯେଉଁ ସ୍ୱଭାବ ସେଇ ଅନୁସାରେ ତାଙ୍କୁ ଶିକ୍ଷା ପ୍ରଦାନ କରିବା । ତେଣୁ ସ୍ୱଭାବର ବିପରୀତ ଶିକ୍ଷା ଦେଲେ ପିଲା ଗ୍ରହଣ କରିପାରିବ ନାହିଁ । କିନ୍ତୁ ସାଧାରଣ ସ୍କୁଲରେ ଗୋଟିଏ ନିୟମ କରି ଦିଆଗଲା, ଏଇ ନିୟମ ଅନୁସାରେ ସମସ୍ତ ପିଲାମାନଙ୍କୁ ପଢ଼ାଇବେ, ଆଉ ପିଲା ଯଦି ପଢ଼ିଲା ଭଲ, ନଚେତ୍ ତାକୁ ବାଡ଼େଇବେ, ବାଡ଼େଇ କରି ତାକୁ ଭୟରେ ବ୍ୟତିବ୍ୟସ୍ତ କରାଇବେ । ଏଇ ନିୟମରେ ତାକୁ ଚାଲିବାକୁ ବାଧ୍ୟ କରାଯାଏ, କିନ୍ତୁ ମାରିବା ଦ୍ୱାରା ଯେ ପିଲାର କ'ଣ କ୍ଷତି ହୁଏ ସେକଥା ଏପର୍ଯ୍ୟନ୍ତ ଶିକ୍ଷା ବିଭାଗରେ ପ୍ରକାଶିତ ହୋଇ ନାହିଁ ।

ମାରିବା ଦ୍ୱାରା କ'ଣ ହୁଏନା, ପ୍ରଥମତଃ ପିଲାର ପ୍ରତିକ୍ରିୟା ହୁଏ ମାରିବା ପାଇଁ, କିନ୍ତୁ ପ୍ରତିକ୍ରିୟାକୁ କାର୍ଯ୍ୟରେ ପରିଣତ କରିବା ସକାଶେ ତା'ର ଶକ୍ତି ନଥାଏ । ପ୍ରତିକ୍ରିୟା ସୃଷ୍ଟି ହେବା ସତ୍ତ୍ୱେ ସେ ତାକୁ ଆଉ କ୍ରିୟାରେ ପରିଣତ କରେ ନାହିଁ । ମନେ କରନ୍ତୁ ଯେ ସେ ଆମ ବୟସର ବ୍ୟକ୍ତି ଯଦି ହୁଅନ୍ତା, ଆମେ ଯଦି ତାକୁ ମାରନ୍ତୁ ତେବେ ସେ ଆମକୁ ମାରନ୍ତା, କିନ୍ତୁ କମ୍ ଶକ୍ତି ଯୋଗୁଁ ସେ ଆମକୁ ମାରି ପାରେ ନାହିଁ । କିନ୍ତୁ ପ୍ରତିକ୍ରିୟା ସମାନ, ବୟସ୍କ ବ୍ୟକ୍ତିକୁ ମାରିବା ଦ୍ୱାରା ଯେଉଁ ପ୍ରତିକ୍ରିୟା ହୁଏ, ଛୋଟ ପିଲାମାନଙ୍କୁ ବି ମାରିବା ଦ୍ୱାରା ସେଇ ପ୍ରତିକ୍ରିୟା ହୁଏ । କିନ୍ତୁ ତା'ର ଯେଉଁ ପ୍ରତିକ୍ରିୟା ହୁଏ ଛୋଟ ଅବସ୍ଥାରେ ତାହା କାର୍ଯ୍ୟରେ ପରିଣତ ହୁଏ ନାହିଁ, ତା'ର ବୟସ ବୃଦ୍ଧି ସଙ୍ଗେ ସଙ୍ଗେ ସେ ପ୍ରତିକ୍ରିୟା ବଢ଼େ । ପିଲା ସମୟରେ ତା'ର ଯେମିତି ସଂସ୍କାର ହୁଏ, ତା'ର ଅବଚେତନା,

ନିଶ୍ଚେତନାରେ ସେଇଟା ରହିଯାଏ, ବୟସ ବୃଦ୍ଧି ସଙ୍ଗେ ସେ କ୍ରମଶଃ ବୁଝେ । ଯଦି ଗୋଟିଏ ଛୋଟ ପିଲା ଗୋଟିଏ ଖରାପ ସାଙ୍ଗ ସହିତ ରହେ, ଚୋର ସମ୍ପ୍ରଦାୟ ଅଥବା ଅନ୍ୟାନ୍ୟ ସେହିପରି ସମ୍ପ୍ରଦାୟରେ ରହେ, ତା'ର ସଂସ୍କାରରେ ସେହି ଜିନିଷଟି ରହେ, ତେଣୁ ସେ ବଡ଼ ହେଲେ ବି ସେହି କର୍ମ କରେ । ସେ ସକାଶେ ପିଲାମାନଙ୍କୁ ଉତ୍ତମ ବାତାବରଣରେ ରଖିବା ଉଚିତ । ଏଇ ଯେଉଁ ମାରିବା ଦ୍ୱାରା ପିଲାର ଲୋକସାନ ହୁଏ, କିନ୍ତୁ ଏଇଟାକୁ ମାତାପିତା ବି ବୁଝି ନାହାନ୍ତି । ସେ ବି ପିଲାଙ୍କୁ ମାରନ୍ତି, ଆଉ ପରମ୍ପରାକ୍ରମେ ଆମ ଶିକ୍ଷା କ୍ଷେତ୍ରରେ ଯାହା ରହିଛି ସେହିପରି । ଏହା ଦ୍ୱାରା ପିଲାର ବହୁତ କ୍ଷତି ହୁଏ । ବଡ଼ ହୋଇଗଲେ ମଧ୍ୟ ସେହି ଭାବଟି ଥାଏ । ବୟସ ବୃଦ୍ଧି ସଙ୍ଗେ ସଙ୍ଗେ ସ୍ୱଭାବଟି ମଧ୍ୟ ବଢ଼େ । ତା'ର ଯେଉଁ ପ୍ରତିକ୍ରିୟା ଥାଏ, ବୟସ ବୃଦ୍ଧି ସଙ୍ଗେ ସେ ପ୍ରତିକ୍ରିୟା ମଧ୍ୟ ବଢ଼େ । ତା'ର ସଂସ୍କାରଗତ ସେ ଜିନିଷଟି ହେବା ପାଇଁ ଯେତେବେଳେ ତା'ର ବୟସ ଯଥାର୍ଥ ଅବସ୍ଥାକୁ ପ୍ରାପ୍ତ ହୋଇଯାଏ ସେ ଜିନିଷ ବାହାରେ । ଯେତେବେଳେ ସ୍କୁଲରେ ପରୀକ୍ଷା ହେଉ, ଅନ୍ୟ କୌଣସି କାର୍ଯ୍ୟ ହେଲା ବା କଥାବାର୍ତ୍ତା ହେଉ, ତା'ର ମନ ମୁତାବକ ନହେଲେ ପ୍ରତିକ୍ରିୟା ସଙ୍ଗେ ସଙ୍ଗେ ହେବ । ସେ ଯାହା ବୁଝିଛି, ତା'ର ବିପରୀତ ହେଲେ ପ୍ରତିକ୍ରିୟା ହୁଏ । ଅବଚେତନା, ନିଶ୍ଚେତନା ଭିତରୁ ସେହି ପ୍ରତିକ୍ରିୟା ସବୁ ବାହାରେ । ଭବିଷ୍ୟତ୍ ଜୀବନ ସକାଶେ ପିଲାମାନଙ୍କୁ ମାରିବାର କାରଣ ହେଲା ସେ କ୍ଲାସରେ ଭଲ ପଢ଼େ ନାହିଁ, ଅନ୍ୟ ପିଲାମାନଙ୍କ ପଢ଼ାରେ କ୍ଷତି କରେ, କିନ୍ତୁ ଏ ଅନୁପାତରେ ମାରିବା ଦ୍ୱାରା ସେ ପିଲାର ଆହୁରି କ୍ଷତି ହୁଏ ।

ତେବେ ଏଭଳି ପିଲାମାନଙ୍କ ସଙ୍ଗରେ କିପରି ବ୍ୟବହାର କରିବ ? ସେ ତ ତା'ର ସ୍ୱଭାବ ଛାଡ଼ିବ ନାହିଁ । ତେବେ ତା'ର ଯେଉଁ ସ୍ୱଭାବ, ସେ ସ୍ୱଭାବ ଅନୁସାରେ ତା' ସଙ୍ଗରେ ବ୍ୟବହାର କରିବାକୁ ଶିକ୍ଷକଙ୍କୁ ଏକ କାମ କରିବାକୁ ହେବ । ଆବିଷ୍କାର କରିବାକୁ ହେବ ... କେଉଁ ପିଲା ସଙ୍ଗେ କିପରି ବ୍ୟବହାର କରିବାକୁ ହେବ, କାରଣ ସବୁ ପିଲାଙ୍କ ସ୍ୱଭାବ ସମାନ ନୁହେଁ ! କୌଣସି ପିଲାକୁ ବୁଝାଇ ଦେଲେ ସେ ବୁଝିଯିବ, ଅନ୍ୟ କୌଣସି ପିଲାକୁ ବୁଝାଇବାକୁ ଡେରି ଲାଗେ । ତା'ର ଯେଉଁ ସ୍ୱଭାବ, ସେଇ ସ୍ୱଭାବ ଅନୁସାରେ ତା' ସଙ୍ଗରେ କିପରି ବ୍ୟବହାର କରିବାକୁ ହେବ ଏହାହିଁ ଶିକ୍ଷକଙ୍କୁ ବାହାର କରିବାକୁ ହେବ । ଏହା କିପରି ବାହାର କରିପାରିବ ? ସେ (ଶିକ୍ଷକ) ଯଦି ଜୀବନର ଲକ୍ଷ୍ୟ ସମ୍ବନ୍ଧେ ସଚେତନ ରହିବ, ନିଜକୁ ସମର୍ପଣ କରିବ ମା'ଙ୍କ ପାଖରେ, ଯଥାର୍ଥ ସମସ୍ୟାର ସମାଧାନର ପ୍ରେରଣା ପାଇବାକୁ ନିଜ ଅନ୍ତରରୁ ଯଦି ସେ ଚେଷ୍ଟା କରିବ, ମା'ଙ୍କ ନାମଜପ କରିବ, ଅନ୍ତରରୁ ଯଦି ଚାହିଁବ 'ଏ ସମସ୍ୟା ଅଛି, ଏ ସମସ୍ୟାର ସମାଧାନ କିପରି କରିବ', ଯଦି ଇଚ୍ଛା କରିବ, ତେବେ ଅନ୍ତରରୁ ପ୍ରେରଣା ମିଳିବ । କେବଳ ପିଲାମାନଙ୍କ ସକାଶେ ନୁହେଁ, ପ୍ରତ୍ୟେକ ସମସ୍ୟାର ସମାଧାନ ନିମନ୍ତେ ଶିକ୍ଷକମାନଙ୍କୁ ଏ ଉପାୟ ବାହାର କରିବାକୁ ହେବ । ଘରେ ଯଦି କୌଣସି ସମସ୍ୟା ହେଲା, କଳିକଜିଆ ହେଉଛି, ସମସ୍ୟାର ସମାଧାନ ହୋଇପାରୁ ନାହିଁ, ଯଦି ବୁଦ୍ଧିରେ ସମସ୍ୟାର ସମାଧାନ ନଆସେ, ତେବେ କିପରି ସମସ୍ୟାର ସମାଧାନ ହେବ ? ଅନ୍ତରରୁ ପ୍ରେରଣା ପାଇବା ସକାଶେ ତେବେ ନାମଜପ କରନ୍ତୁ, ଏ ସମସ୍ୟାର ଯଥାର୍ଥ ସମାଧାନ ସକାଶେ ପ୍ରେରଣା ଚାହାନ୍ତୁ । ଏଇ ସକାଶେ ମୁଁ କହୁଛି ଯେ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଶିକ୍ଷକ, ଶିକ୍ଷୟିତ୍ରୀ ସାଧକ ନହେଲେ ଯଥାର୍ଥ ଶିକ୍ଷା ସମ୍ଭବ ହେବ ନାହିଁ ।

ବହୁତ ଉଚ୍ଚ ଅବସ୍ଥାକୁ ପ୍ରାପ୍ତ ହେଲେ ହୁଏତ ଏହା ହୋଇପାରେ, ତେବେ ସାଧାରଣ ଅବସ୍ଥାରେ କିପରି ଏହା ହୋଇପାରିବ, ଏ ପ୍ରଶ୍ନ ଉଠିପାରେ । ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଗଠନ ବର୍ତ୍ତମାନ ଯେଉଁ ଅବସ୍ଥାରେ ଅଛି, ସେଥିରେ ଯଦି ଆମେ ଚାହିଁବା ଯେ ସମ୍ପୂର୍ଣ୍ଣ ଜ୍ଞାନ ପ୍ରାପ୍ତ ଶିକ୍ଷକ ମିଳିବେ, ଅଭିଭାବକ ବି ସେହିପରି ମିଳିବେ, ଆଉ ପରିଚାଳକ ସେହିପରି ମିଳିବେ, ଏହା କିପରି ସମ୍ଭବ ହେବ ? ବର୍ତ୍ତମାନ ପ୍ରାରମ୍ଭିକ ଅବସ୍ଥା । ପ୍ରାରମ୍ଭିକ ଅବସ୍ଥାରେ ଆମେ ଯଦି ଲକ୍ଷ୍ୟକୁ ଆଗରେ ରଖି କରି ସେଥି ସକାଶେ ଚେଷ୍ଟା କରିବା, ତେବେ କ୍ରମଶଃ ଆମର ଉନ୍ନତି ହେବ, ତା' ସଙ୍ଗେ ସଙ୍ଗେ ଅଭିଭାବକମାନଙ୍କର ଉନ୍ନତି ହେବ, ପରିଚାଳକମାନଙ୍କର ମଧ୍ୟ ଉନ୍ନତି ହେବ । ଏହାର ଅର୍ଥ ଏହି ଯେ, ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଯିଏ ଶିକ୍ଷକ ଶିକ୍ଷୟିତ୍ରୀ ସେ ବି ଶିକ୍ଷାର୍ଥୀ, ଆଉ ଯେଉଁମାନେ ଛାତ୍ର ସେ ବି ଶିକ୍ଷାର୍ଥୀ, ଆଉ ଯେଉଁମାନେ ଅଭିଭାବକ ସେ ବି ଶିକ୍ଷାର୍ଥୀ, ଆଉ ଯେଉଁମାନେ ପରିଚାଳକ ସେମାନେ ବି ଶିକ୍ଷାର୍ଥୀ । ସମସ୍ତେ ଯଦି ଏହି ସତ୍ୟକୁ ଗ୍ରହଣ କରିବେ, ତେବେ ଏ ମାର୍ଗରେ ସମସ୍ତଙ୍କର ଉନ୍ନତି ହେବ । କାହିଁକି ନା ସେମାନଙ୍କର ତ କେବଳ ସନ୍ତାନମାନଙ୍କର ଉତ୍ତମ ଚରିତ୍ର ଗଠନ କରିବା ଗୋଟିଏ ସମସ୍ୟା ନୁହେଁ, ସେମାନଙ୍କର ଆଉ ଅନ୍ୟାନ୍ୟ ସମସ୍ୟା ରହିଛି । ଘରେ କଳି କଜିଆ ହେଉଛି,

ବାଦ ବିବାଦ ହେଉଛି । ତେବେ କାହିଁକି ବାଦ ବିବାଦ ହୁଏ, ଯେଉଁ ସକାଶେ କଳି ହୁଏ, ସେଇଟା ଠିକ୍ ଠିକ୍ ବୁଝିପାରିବେ ଯଦି ଜୀବନର ଏହି ଲକ୍ଷ୍ୟ ଗ୍ରହଣ କରିପାରିବେ । ଏହି ଲକ୍ଷ୍ୟ ଗ୍ରହଣ କଲେ, କିପରି ବ୍ୟବହାର କଲେ ପରିବାରରେ କଳି ହେବ ନାହିଁ, ଏହା ଜାଣି ପାରିବେ । ଯେଉଁମାନେ ପରିଚାଳକ, ସେମାନେ ବି ଯଦି ଏ ଲକ୍ଷ୍ୟ ଗ୍ରହଣ କରିବେ, ଯଥାର୍ଥ ଭାବରେ କିପରି ପରିଚାଳନା କରିବାକୁ ହେବ ତାହା ସେମାନେ ଜାଣି ପାରିବେ । ଏହିପରି ସମସ୍ତେ ଏଇ ମାର୍ଗରେ ଗତି କରିବେ । ସମସ୍ତଙ୍କୁ ଏଇ ଶିକ୍ଷା ମାଧମରେ ଅଗ୍ରସର ହେବାକୁ ହେବ । ଏଇ ହେଉଛି ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଲକ୍ଷ୍ୟ ।... ...

(*ଶ୍ରୀ ରାମକୃଷ୍ଣ ଦାସଙ୍କ ରଚନା ସଂଗ୍ରହ,* ତୃତୀୟ ଖଣ୍ଡ, ପୃଷ୍ଠା : ୧୬୮-୧୭୦)

**— ରାମକୃଷ୍ଣ ଦାସ**

❑❑❑

# ଆସ ସତ୍ୟକୁ ଖୋଜିବା

## ଦୀପ୍ତି ମିଶ୍ର

ଆସ ସତ୍ୟକୁ ଖୋଜିବା
ଏଇ ସକାଳର ସୁନେଲି ଖରାରେ
ମଧ୍ୟାହ୍ନର ପ୍ରଚଣ୍ଡ ରୌଦ୍ରରେ
ସାୟାହ୍ନର ଅସ୍ତାଚଳଗାମୀ
ରବି କିରଣରେ
ଆଉ ମଧ୍ୟରାତ୍ରିର ନିଶ୍ଚଳତାରେ
ଆସ ଆମେ ସତ୍ୟକୁ ଖୋଜିବା... (୧)

ଆସ ସତ୍ୟକୁ ଖୋଜିବା
ଆଦ୍ୟ ଆଷାଢ଼ର ବରଷା ଧାରାରେ
ଶ୍ରାବଣର ଝରଝର ଶବ୍ଦରେ
ନିଦାଘର ଧୁ ଧୁ ବାଲିରେ
ହାଡ଼ଭଙ୍ଗା ଶୀତର କାରୁଣ୍ୟରେ
ବସନ୍ତର ମଳୟ ସ୍ପର୍ଶରେ
ଆଉ ହେମନ୍ତ ରାତ୍ରିର ଟପ୍‌ଟପ୍
କାକର ଟୋପାରେ
ଆସ ଆମେ ସତ୍ୟକୁ ଖୋଜିବା... (୨)

ଆସ ସତ୍ୟକୁ ଖୋଜିବା
ଶୈଶବର ଚପଳତାରେ
ଯୌବନର ମାଦକତାରେ
ପ୍ରୌଢ଼ତ୍ୱର କର୍ମପ୍ରବଣତାରେ
ବାର୍ଦ୍ଧକ୍ୟର ଶିଥିଳତାରେ
ଜନ୍ମ ଆଉ ମୃତ୍ୟୁର
ମଧ୍ୟବର୍ତ୍ତୀ ଅବସ୍ଥାରେ
ଆସ ଆମେ ସତ୍ୟକୁ ଖୋଜିବା... (୩)

ଆସ ସତ୍ୟକୁ ଖୋଜିବା
ମିଥ୍ୟା ଛଳନାର ପୋଷାକକୁ ଫିଙ୍ଗି ଦେଇ
ଘରର ଝରକା କବାଟ ସବୁ ଖୋଲି ଦେଇ
ନିଷ୍ଠା ଆଉ ଏକାଗ୍ରତାରେ
ଶୁଦ୍ଧତା ଆଉ ସରଳତାରେ
ଏକ ନୂତନ ସୁନ୍ଦର ପୃଥିବୀ
ଗଢ଼ିବାର ସ୍ୱପ୍ନ ନେଇ
ଆସ ଆମେ ସତ୍ୟକୁ ଖୋଜିବା... (୪)



ଚେତନାର ଦିଗ୍‌ବଳୟ :

# ୨୦୧୭ ପାଇଁ ସୀତା ଓ ସକ୍ରେଟିସ୍‌ଙ୍କ ଚେତାବନୀ !

ବାଲ୍ମିକି ରାମାୟଣର ଅରଣ୍ୟକାଣ୍ଡରେ ଥିବା ଏକ କାହାଣୀର ତାତ୍ପର୍ଯ୍ୟ ଅପରିସୀମ । ବନବାସ କାଳର ପ୍ରଥମ ପର୍ଯ୍ୟାୟରେ ରାମ, ସୀତା ଓ ଲକ୍ଷ୍ମଣ ଦଣ୍ଡକାରଣ୍ୟରେ ମହାନ୍ ଋଷି ସୁତୀକ୍ଷ୍ଣଙ୍କ ଆତିଥ୍ୟ ଗ୍ରହଣ କରିଥିଲେ କିଛିଦିନ ନିମନ୍ତେ । ସେତେବେଳେ ଦଣ୍ଡକାରଣ୍ୟ ନିବାସୀ ଦଳ ଦଳ ମୁନି ଋଷି ଆସି ସେମାନଙ୍କ ଉପରେ ରାକ୍ଷସମାନେ କରୁଥିବା ଉପଦ୍ରବର ବର୍ଣ୍ଣନାକରି ପ୍ରତିକାର ସକାଶେ ନିବେଦନ କରନ୍ତେ ରାମ ତାଙ୍କର ଧନୁ ଏବଂ ତୂଣୀର ସ୍ପର୍ଶ କରି ରାକ୍ଷସ କୁଳକୁ ନିଧନ କରିବେ ବୋଲି ପ୍ରତିଶ୍ରୁତି ଦେଉଥିଲେ । ଋଷି ଏବଂ ରାମଙ୍କ ଭିତରେ ଏହିଭଳି ବାକ୍ୟର ଆଦାନପ୍ରଦାନ ହେଲା ବେଶ୍ କେତେ ଥର ।

ନୀରବରେ ସୀତା ତାହା ଲକ୍ଷ୍ୟ କରୁଥିଲେ । ସୁତୀକ୍ଷ୍ଣଙ୍କ ଆଶ୍ରମରୁ ବିଦାୟ ନେଇ ସେମାନେ ଯେତେବେଳେ ଯାତ୍ରା ପୁନରାରମ୍ଭ କଲେ, ସୀତା ରାମଙ୍କୁ ଶୁଣାଇଲେ ଏକ କାହାଣୀ : ଅରଣ୍ୟ ଭିତରେ ତପସ୍ୟାରତ ଥିଲେ ଜଣେ ତରୁଣ । ତାଙ୍କୁ ପରୀକ୍ଷା କରିବା ନିମନ୍ତେ ଜଣେ ଦେବତା ନିଜ ତରବାରି ଗୋଟିକ ତାଙ୍କ ଜିମା ଦେଇଗଲେ ଅସ୍ତ୍ରଟିର ସୁରକ୍ଷା ଆଳରେ । ତରୁଣ ତପସ୍ୱୀ ଦିନେ କୌତୂହଳୀ ହୋଇ ତରବାରିଟିକୁ ଗୋଟାଏ ଲତା ଉପରେ ପ୍ରୟୋଗ କଲେ; ଲତା ଛିନ୍ନ ହେଲା । ତା'ପରେ ସେ ତାକୁ ପ୍ରୟୋଗ କଲେ ଉଦ୍ଭିଦସବୁ ଉପରେ । ବେଶ୍ ଭଲ ଲାଗିଲା । କ୍ରମେ ସେ ତାକୁ ପ୍ରୟୋଗ କଲେ ପଶୁ ପକ୍ଷୀଙ୍କ ଉପରେ । ନିଶା ଲାଗିଗଲା । ସେ ତପସ୍ୟା ଭୁଲିଗଲେ । ପଶୁହତ୍ୟା କରିଚାଲିଲେ; ମୃତ୍ୟୁ ପରେ ହେଲେ ନର୍କବାସୀ !

ରାମଙ୍କୁ କାହାଣୀଟିର ମର୍ମ ବୁଝିବାକୁ ବିଳମ୍ବ ହୋଇ ନଥିବ : ପ୍ରତ୍ୟେକ ବସ୍ତୁର ସ୍ଥୂଳ ଶକ୍ତି ବାହାରେ ଏକ ଅଦୃଶ୍ୟ ଶକ୍ତି ରହିଥାଏ । ବସ୍ତୁର ବ୍ୟବହାରକାରୀକୁ ସେ ଶକ୍ତି ଖାଲି ପ୍ରଭାବିତ ନୁହେଁ, ଆୟତ୍ତ କରିନେଇପାରେ । ରାମ ବନବାସୀ; ରାକ୍ଷସମାନେ ତାଙ୍କର ଶତ୍ରୁତା କରି ନାହାନ୍ତି । ସେ ଋଷିମାନଙ୍କ ପ୍ରତି ହିଂସାଚରଣ କରୁଥିବା ନିର୍ଦ୍ଦିଷ୍ଟ ରାକ୍ଷସମାନଙ୍କୁ ସଂହାର କରିପାରନ୍ତି । କିନ୍ତୁ ରାକ୍ଷସକୁଳ ତାଙ୍କର ଶରବ୍ୟ ହେବା ଉଚିତ ନୁହେଁ । ସେ ସର୍ବଦା ଧନୁ ଓ ତୂଣୀର ନିଜ ସ୍କନ୍ଧଲଗ୍ନ କରି ନରଖିଲେ ଭଲ ହୁଅନ୍ତା । ସେ ଅସ୍ତ୍ରହିଁ ହୁଏତ ତାଙ୍କୁ ପ୍ରଭାବିତ କରୁଛି !

ଯେଉଁ ଗୂଢ଼ ମନସ୍ତାତ୍ତ୍ୱିକ ପ୍ରଜ୍ଞାର ପରିଚୟ ଦେଇଥିଲେ ଦେବୀ ସୀତା, ଆମେ ଆଜି ମଧ୍ୟ ସେ ପ୍ରଜ୍ଞାଠୁଁ ବହୁ ବହୁ ଦୂରରେ । କେହି କେହି ମନୀଷୀ ଅବଶ୍ୟ ସେ ସତ୍ୟ ଅନୁଭବ କରିଛନ୍ତି । ବର୍ଟ୍ରାଣ୍ଡ ରସେଲ୍ ଅଧ୍ୟାତ୍ମବାଦୀ ନଥିଲେ, ଥିଲେ ଅଜ୍ଞେୟବାଦୀ ବା Agnostic; କିନ୍ତୁ ସେ ତତ୍କାଳୀନ ପରମାଣୁ ଅସ୍ତ୍ର ନିର୍ମାଣରତ ଦେଶମୁଖ୍ୟମାନଙ୍କୁ ଏକାଧିକ ଥର ଏହି ମର୍ମରେ ଚେତାବନୀ ଦେଇଥିଲେ : ତୁମେ ଯେତିକି ଯେତିକି ଅଧିକ ସଂଖ୍ୟାରେ ସେ ମାରାତ୍ମକ ବସ୍ତୁମାନ ନିଜ ନିଜ ସୁରକ୍ଷିତ ଗୋଦାମ ଘରେ ଗଚ୍ଛିତ ରଖୁଥିବ, ସେସବୁ ବସ୍ତୁ-ନିହିତ ପ୍ରଭାବ ତୁମକୁ ତୁମ ଅବଚେତନରେ ପ୍ରବର୍ତ୍ତାଇ ଚାଲିଥିବ ସେସବୁକୁ ପ୍ରୟୋଗ କରିବା ନିମନ୍ତେ । ତୁମେ ତାକୁ ଦିନେ ଯନ୍ତ୍ରଚାଳିତବତ୍ ବ୍ୟବହାର କରିପକାଇପାର !

ଆଜି ଯନ୍ତ୍ରଚାଳିତବତ୍ ଆଚରଣ କରୁଛନ୍ତି ଅସଂଖ୍ୟ ତରୁଣତରୁଣୀ – ବୈଦ୍ୟୁତିକ ଉପକରଣମାନଙ୍କ ପ୍ରଭାବରେ । ଗତ ସଂଖ୍ୟା ସକାଶେ ଏ ସ୍ତମ୍ଭ ଲେଖିବା ବେଳେ ଭାରତରେ ଗୋଟିଏ, ଯୋଡ଼ିଏ 'ନୀଳତିମି' କବଳିତ ଛାତ୍ରଙ୍କ ଆତ୍ମହତ୍ୟାର ସମ୍ବାଦ ପ୍ରକାଶ ପାଇଥିଲା । ଆଜି ଓଡ଼ିଶା ସମେତ ଭାରତବ୍ୟାପୀ ତାହା ଏକ ଭୟାବହ ତଥା ଲଜ୍ଜାଜନକ ବିପ୍ଲାତ ରୂପେ ଦେଖା ଦେଇଛି । ମନସ୍ତତ୍ତ୍ୱବିତ୍ ଓ ସମାଜତାତ୍ତ୍ୱିକ ଗବେଷକମାନେ ସମସ୍ୱରରେ ଏ ପାଇଁ ଅଭିଭାବକମାନଙ୍କୁହିଁ ମୁଖ୍ୟତଃ ଦାୟୀ କରୁଛନ୍ତି । ସେମାନେ ନିର୍ବିଚାରରେ ବାଳକ-ବାଳିକାମାନଙ୍କୁ ସେସବୁ ଉପକରଣରେ ନିମଜ୍ଜିତ ରହିବାକୁ ଛାଡ଼ି ଦେଉଛନ୍ତି । ଅଥଚ ଆଜି ବିକଳ୍ପ ଆକର୍ଷଣର ଅଭାବ ନାହିଁ । ସବୁ ସହର ନଗରରେ ପୁସ୍ତକମେଳାମାନ ଆୟୋଜିତ ହେଉଛି – ଯେଉଁ ପରମ୍ପରା ପୂର୍ବେ ନଥିଲା । ଆଜିକାଲି ବାଳକ-ବାଳିକାଙ୍କ ସକାଶେ ଶିକ୍ଷଣୀୟ ତଥା ଚିତ୍ତାକର୍ଷକ ବହିର ମଧ୍ୟ ବିଶେଷ ଅଭାବ ନାହିଁ । ନ୍ୟାସ୍‌ନାଲ୍ ବୁକ୍ ଟ୍ରଷ୍ଟ୍ ଭଳି ଜାତୀୟସ୍ତରର ପ୍ରତିଷ୍ଠାନର ପୁସ୍ତକ ପ୍ରଦର୍ଶନୀକୁ ପିଲାମାନଙ୍କୁ ନେଇଯାଆନ୍ତୁ; ସେମାନେ ନିଜେ ବହି ମନୋନୟନ କରନ୍ତୁ । ସେମାନଙ୍କୁ ଅଧିକ ପଢ଼ିବା

ପାଇଁ ଉତ୍ସାହ ଦିଅନ୍ତୁ – ବହିଟିଏ ପଢ଼ି ଶେଷ କରି ଆପଣଙ୍କୁ ସେ ସମ୍ପର୍କରେ ସେମାନଙ୍କ ମତାମତ ଶୁଣାଇବାର ସୁଯୋଗ ଦିଅନ୍ତୁ । ସେ ଦିଗରେ ସେମାନଙ୍କୁ ପୁରସ୍କାର ଦିଅନ୍ତୁ । ପ୍ରକୃତ କଥା ହେଲା, ସେମାନଙ୍କ ପାଇଁ ସମୟ ଦେବା ଆବଶ୍ୟକ ।

ଏକଦା ସକ୍ରେଟିସ୍ କହିଥିଲେ, ‘‘ମୁଁ ଯଦି ଏଥେନ୍ସର ସର୍ବୋଚ୍ଚ ସ୍ଥାନ ଆରୋହଣ କରି ପାରନ୍ତି, ତେବେ ମୋ କଣ୍ଠସ୍ୱର ସର୍ବୋଚ୍ଚ ସ୍ତରକୁ ନେଇ ଘୋଷଣା କରନ୍ତି, – ହେ ମୋର ନାଗରିକ ଭାଇମାନେ, ତୁମେମାନେ ଅଣନିଃଶ୍ୱାସୀ ହୋଇ ଅର୍ଥ ସଞ୍ଚୟ କରିବାରେ ଲାଗିପଡ଼ିଛ ଯେ, ଯେଉଁମାନେ ତୁମ ଅନ୍ତେ ସେ ଅର୍ଥ ଉପଭୋଗ କରିବେ, ସେମାନଙ୍କୁ ଭଲ ମଣିଷ କରିବାରେ ସମୟ ଦେଉ ନାହଁ କେଉଁ ବିବେକରେ ?’’

ଅଢ଼େଇ ହଜାର ବର୍ଷ ତଳର ଏ ବାର୍ତ୍ତା ସହ ଏକ ସାଂପ୍ରତିକ ସଂଳାପର ତୁଳନା କରନ୍ତୁ :

କ : ଆପଣ ଟିକିଏ ଆପଣଙ୍କ ପିଲାଙ୍କ ପ୍ରତି ଦୃଷ୍ଟିଦେଉ ନାହାନ୍ତି କାହିଁକି ?

ଖ : ଆରେ ଭାଇ, ବ୍ୟବସାୟରେ ପ୍ରତିଯୋଗିତା ଏଡ଼େ ପ୍ରବଳ, ସମୟ ନାହିଁ । ପୁଅ ପାଇଁ ତ ପୁଣି ସଞ୍ଚୟ କରିବାକୁ ପଡ଼ିବ !

କ : କିଛି ମନେ କରିବେ ନାହିଁ । ଆଜି ଯଦି ଆପଣଙ୍କ ପୁଅଟି ମୃତ୍ୟୁ ମୁଖରେ ପଡ଼ନ୍ତା ତେବେ ଆପଣଙ୍କ ସମସ୍ତ ସଞ୍ଚୟ ତା’ ପାଇଁ ଖର୍ଚ୍ଚ କରି ଦିଅନ୍ତେ ନା ନାହିଁ ?

ଖ : ସେଥିରେ ସନ୍ଦେହ କ’ଣ !

କ : ତେବେ ସଞ୍ଚୟ ସକାଶେ ଯେତିକି ସମୟ ଦେଉଛନ୍ତି, ତା’ର ଅର୍ଦ୍ଧେକ ସମୟ ଦେଇ ପୁଅଟିକୁ ତା’ ନୈତିକ ମୃତ୍ୟୁରୁ ରକ୍ଷା କରୁ ନାହାନ୍ତି କାହିଁକି ?

ପ୍ରଶ୍ନଟିରେ ‘ଖ’ ନିରୁତ୍ତର ରହିଲେ । ଉତ୍ତମ । ସେ ପ୍ରଶ୍ନଟିର ମୂଲ୍ୟ ଉପଲବ୍ଧି କଲେ । ବାକି ରହିଲା ତାଙ୍କ ଉପଲବ୍ଧିକୁ କାର୍ଯ୍ୟକାରୀ କରିବା ।

**– ମନୋଜ ଦାସ**

❑❑❑


*The best way to express one’s gratitude to the Divine is to feel simply happy.*

*23 April 1954* - The Mother

**Collected Works of The Mother – 17 Vols.**
**Rs. 2500 only** *(Till stocks last)*

**The Great Adventure – A Diary for All Times : Rs. 200 only**

**Savitri (Pocket - HB - 1972 Edition) : Rs. 200 only**

**The Mother by Sri Aurobindo *with the Mother’s comments***
(*Sri Aurobindo’s handwriting*) – **Rs. 50.00**

**Ideal Child, Ideal Parent, Ideal Teacher – (3 in 1) – Rs. 40.00**

**VAK** - ***The Spiritual Book Shop***, Pondicherry - 605 001
E-mail : vakbooks@gmail.com, Contact Person : S. Patnaik (+91 9489063512)

## ୬୭ତମ ସୁହୃଦ୍ ଶ୍ରମ ଶିବିର – ୨୦୧୭

ଆସନ୍ତା ଶୀତକାଳୀନ ସୁହୃଦ୍ ଶ୍ରମ ଶିବିର ୨୦୧୭ ଡିସେମ୍ବର ମାସ ୨୨ ତାରିଖରୁ ୩୧ ତାରିଖ ପର୍ଯ୍ୟନ୍ତ ଯାଜପୁର ଜିଲ୍ଲା ମାଳ ଆନନ୍ଦପୁର (ମାଳ ହାଟ) ସ୍ଥିତ 'ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଅନ୍ୱେଷଣ କେନ୍ଦ୍ର'ଠାରେ ଅନୁଷ୍ଠିତ ହେବ । ଶ୍ରମଦାନ ସହିତ ଶ୍ରୀଅରବିନ୍ଦଙ୍କ ରଚିତ 'ଦିବ୍ୟଜୀବନ' ଗ୍ରନ୍ଥଟି ଅଧ୍ୟୟନ କରାଯିବ । ଇଚ୍ଛୁକ ଶିବିରାର୍ଥୀମାନଙ୍କୁ ୨୧ ତାରିଖ ସନ୍ଧ୍ୟାରେ ପହଞ୍ଚିବାକୁ ଅନୁରୋଧ । ଏହି ଶିବିର ଲାଗି ଶିବିରାର୍ଥୀ ଦେୟ ଟ୧୦୦.୦୦ (ଏକଶତ ଟଙ୍କା) ରଖାଯାଇଛି ।

ଗମନାଗମନ ସୂଚନା : ଯେଉଁମାନେ ବ୍ରହ୍ମପୁର-ଭୁବନେଶ୍ୱର-କଟକ ଆଡୁ ଆସୁଥିବେ କିଂବା ବାରିପଦା-ବାଲେଶ୍ୱରରୁ ଆସୁଥିବେ ସେମାନେ ଟ୍ରେନ୍ ଯୋଗେ ଆସି 'ଯାଜପୁର ରୋଡ଼' ଷ୍ଟେସନରେ ଓହ୍ଲାଇବେ ଏବଂ ନିକଟସ୍ଥ ବସ୍‌ଷ୍ଟାଣ୍ଡରୁ ଯାଜପୁର ଟାଉନକୁ ଆସୁଥିବା ବସ୍ କିଂବା ଟ୍ରେକର ଯୋଗେ ଆସି ମାଳ ଆନନ୍ଦପୁର (ମାଳ ହାଟ) ଛକରେ ଓହ୍ଲାଇବେ । ଯେଉଁମାନେ ବସ୍ ଯୋଗେ ଉଭୟ ପଟୁ ଆସିବେ ସେମାନେ 'ପାଣିକୋଇଲି' ଛକରେ ଓହ୍ଲାଇ ଟ୍ରେକର, ଟାଟା ମ୍ୟାଜିକ୍ ବା ବସ୍ ଯୋଗେ ଆସି ଏହି ଛକରେ ଓହ୍ଲାଇ ରାସ୍ତାକଡ଼କୁ (ଡାହାଣ ପାର୍ଶ୍ୱରେ) ଲାଗିଥିବା ସ୍କୁଲକୁ ଆସି ପାରିବେ ।

ଅଧିକ ଜାଣିବା ନିମନ୍ତେ ନିମ୍ନରେ ପ୍ରଦତ୍ତ ଦୂରଭାଷ ନମ୍ବରଗୁଡ଼ିକ ମାଧ୍ୟମରେ ଯୋଗାଯୋଗ କରିପାରିବେ ।

ଡ. ସବିତା ଜେନା – ୯୪୩୭୪୯୪୩୩୮

ବିପିନ ବିହାରୀ ବାରିକ – ୯୪୩୮୭୩୪୯୭୫

There is no end to progress and every day one can learn to do better what one does.

– The Mother

*With best compliments from :*

**HARI ELECTRICAL WORKS**

Hariranjan Patnaik,

Megheswar Colony, 4500/2, Tankapani Road,

**BHUBANESWAR, ODISHA.**

tarika

## AYURVEDIC HERBAL REMEDIES

### Pimple / Acne Remover
Now, get rid of your stubborn pimples
and acne completely.
**Results visible in 8 days**. *(clinically proven)*

### Night oil for face
Removes marks and scars for a fair,
radiant, youthful skin.
Offsets the early formation of wrinkles.
*See a distinct improvement in skin tone and*
*texture within 3 to 4 weeks.*

### Daily Facial
**Sandal & Saffron Beauty Masks**
For a fair, glowing, radiant complexion.
Improves skin tone. Removes marks, scars.

### Hair Vitaliser oil
Controls hair loss and improves hair growth
*Regular use prevents hair thinning*
*and receding hair line*

### Gum oil
Quick relief from toothache, sensitive
teeth, receding gum, bleeding gum,
mouth ulcers, weak gum.
*Sure relief from multiple oral problems.*

### agni Pain relief oil
Fast relief from arthritis, joint and back pain,
spondylitis, muscle & tissue injury,muscular atrophy.
*Gives long term relief*

***100% Natural - Chemical free***

*Exported to over 16 countries including USA,*
*Germany, Italy, Australia etc.*

Bhubaneswar Contact
Phone/Whatsapp: 9937786512

Made in India by: Ayurlabs India
32 Lally Tollendal Street, Pondicherry 605001. Phone: 0413-2224935, 2339477
Email: office@ayurlabsindia.com, ayurlabs@gmail.com Website: www.ayurlabsindia.com

On this day, we take the decision to make a decisive step towards the victory of truth.

Each year that passes should be – and necessarily is – a new conquest.

Let a decisive step be taken this year towards His Victory.

13 January 1963 - The Mother

ଆମେ ଏହି ଦିବସଟିରେ ସତ୍ୟର ବିଜୟ ଆଡ଼କୁ ଏକ ମୀମାଂସକ ପଦକ୍ଷେପ ଗ୍ରହଣ କରିବାଲାଗି ନିଷ୍ପତ୍ତି କରିଥାଉ ।

ଅତିକ୍ରାନ୍ତ ହୋଇ ଯାଉଥିବା ପ୍ରତ୍ୟେକ ବର୍ଷ ଏକ ନୂତନ ବିଜୟ ହୋଇ ପାରିବା ଉଚିତ – ତାହା ସର୍ବଥା ତାହାହିଁ ହୋଇ ରହିଥାଏ ।

ତାଙ୍କରି ପରମ ବିଜୟ ଲାଗି ତୁମେ ଏହି ବର୍ଷ ଏକ ମୀମାଂସକ ପଦକ୍ଷେପ ଗ୍ରହଣ କର ।

୧୩ ଜାନୁଆରୀ ୧୯୬୩ – ଶ୍ରୀମା

**Vol. XLVIII, No. 10** **R.N.I. No. 18163/70.**
Navaprakash, October, 2017 Registered No. SSP/PY/51/2015-17
**Date of Posting : 7th, 8th of every month** **Licenced to Post without prepayment**
TN/PMG(CCR)/WPP-63/2015-17


## ବିଶେଷ ସୂଚନା

# ବେଦରହସ୍ୟ




ଶ୍ରୀଅରବିନ୍ଦଙ୍କ ରଚିତ 'The Secret of the Veda' (Part One) ପୁସ୍ତକର ଓଡ଼ିଆ ଅନୁବାଦ 'ବେଦରହସ୍ୟ' (ପ୍ରଥମ ଭାଗ) ପ୍ରକାଶ ପାଇଲା । ଶ୍ରୀଅରବିନ୍ଦଙ୍କ ଭାଷାରେ ''ଆମ ଆଧ୍ୟାତ୍ମିକ ଜ୍ଞାନର ଆଦି ଥିଲା ବେଦ; ତା'ର ଅନ୍ତରୂପେ ମଧ୍ୟ ରହିବ ବେଦ ।''

ଆଶାକରୁ ପୂର୍ଣ୍ଣଯୋଗରେ ଅନୁରାଗୀ ଜିଜ୍ଞାସୁ ପାଠକମାନେ ବେଦ ଆଧାରିତ ଏହି ଉପାଦେୟ ପୁସ୍ତକଟି ଅଧ୍ୟୟନ କରି ଉପକୃତ ହେବେ ।

୩୦୫ ପୃଷ୍ଠା ସମ୍ବଳିତ ଏହି ପୁସ୍ତକଟିର ମୂଲ୍ୟ : (ଟ. ୧୬୦/-) ରଖାଯାଇଛି ।

**ପ୍ରାପ୍ତିସ୍ଥାନ :**

**ନବଜ୍ୟୋତି କାର୍ଯ୍ୟାଳୟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ - ୬୦୫ ୦୦୨**
**ମାତୃଭବନ, ଶ୍ରୀଅରବିନ୍ଦ ମାର୍ଗ, କଟକ - ୭୫୩ ୦୧୩**

(ଯେଉଁମାନେ ଡାକ ଦ୍ୱାରା ଏହାକୁ ପାଇବାକୁ ଚାହାନ୍ତି ସେମାନେ ନବଜ୍ୟୋତି କାର୍ଯ୍ୟାଳୟ ଠିକଣାରେ ମନିଅଡ଼ର କରି ଟଙ୍କା ପଠାଇଲେ ସେମାନଙ୍କ ପାଖକୁ ଏହା Regd. Post ଯୋଗେ ପଠାଇ ଦିଆଯିବ ।)


Published by Manoj Das Gupta on behalf of Sri Aurobindo Ashram Trust for Navajyoti Publications, Sri Aurobindo Ashram, Pondicherry-605002 and Printed by Swadhin Chatterjee at Sri Aurobindo Ashram Press, Sri Aurobindo Ashram, Pondicherry - 605002, India.

Editor : Madhusudan Mishra

ପ୍ରତି ସଂଖ୍ୟା : ଟ. ୧୫.୦୦, ବାର୍ଷିକ ଚାନ୍ଦା : ଟ. ୧୫୦.୦୦, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ଟ. ୧୫୦୦.୦୦

**Single Copy : Rs. 15.00, Annual Subscription : Rs. 150.00, Life Member (20 years) : Rs. 1500.00**